# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୯/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, March 9/2021 | ★★★★★★

୪୭ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ସ୍ୱର୍ଣ୍ଣ ଜିତିଲେ ସ୍ୱସ୍ତି**
ନଭି ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ସିନିୟର ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ର ମହିଳା ୬୦ କିମି ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। **୧୬**

**୧୪** **ଏଲିଙ୍କ ସହ ରୋମାନ୍ସ କରିବେ ଆମିର**
ବଲିଉଡ୍ ଅଭିନେତା ଆମିର ଖାନ୍ ଏଥର ଅଭିନେତ୍ରୀ ଏଲି ଆବ୍ରମଙ୍କ ସହ ରୋମାନ୍ସ କରିବାକୁ ଯାଉଛନ୍ତି। ଏନେଇ ଏଲି ବହୁତ ଖୁସି।




# ନିଆଁ ନିୟନ୍ତ୍ରଣ ପାଇଁ ଟାସ୍କଫୋର୍ସ

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ରାଜ୍ୟବ୍ୟାପୀ ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବା କାର୍ଯ୍ୟରେ ଓଡ୍ରାଫ୍‌କୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟରେ ବନାଗ୍ନି ପରିଚାଳନା ପାଇଁ ୯ ଜଣିଆ ଟାସ୍କଫୋର୍ସ ଗଠନ କରାଯାଇଥିବା

- ଅଗ୍ନି ନିର୍ବାପନରେ ସାମିଲ ହେବ ଓଡ୍ରାଫ୍
- ପ୍ରତିଦିନ ସନ୍ଧ୍ୟା ୬ଟା ସୁଦ୍ଧା ରିପୋର୍ଟ ଦେବେ ଡିଏଫ୍‌ଓ
- କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ସାମିଲ କରାଯାଇ ନାହିଁ

ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ପ୍ରଧାନ ବନ ସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ ଟାସ୍କଫୋର୍ସର ଅଧ୍ୟକ୍ଷ ରହିଥିବା ବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ☞ପୃଷ୍ଠା-୪

## ‘ବିଶ୍ୱ ଆନ୍ଦୋଳନରେ ପରିଣତ ହେବ ମିଶନ ଶକ୍ତି’

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ମିଶନ ଶକ୍ତି ଏକ ବଡ଼ ସାମାଜିକ ଓ ଅର୍ଥନୈତିକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଗାଁ ଅର୍ଥନୀତିକୁ ଚଳଚଞ୍ଚଳ କରିପାରିଛି। ମିଶନ ଶକ୍ତି କେବଳ ଦେଶରେ ନୁହେଁ, ସାରା ବିଶ୍ୱରେ ସବୁଠାରୁ ବଡ଼ ଆନ୍ଦୋଳନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

ସୋମବାର ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ କହିଛନ୍ତି, ୨୦୦୧ ମାର୍ଚ୍ଚ ୮ ତାରିଖରେ ଲାଗିଥିବା ଗୋଟିଏ ଚାରା ଆଜି ମହାଦ୍ରୁମରେ ପରିଣତ ହୋଇଛି। ୮୦ ଲକ୍ଷ ମା'ମାନଙ୍କ ଆଶାର ବୃକ୍ଷ ହୋଇପାରିଛି। ଏହି ମହାଦ୍ରୁମର ପ୍ରତିଟି ପତ୍ରରେ ରହିଛି ଗୋଟିଏ ଗୋଟିଏ ସଫଳ କାହାଣୀ। ସେହି କାହାଣୀ ହେଉଛି ଆମର ମିଶନ ଶକ୍ତି। ମିଶନ ଶକ୍ତିର ଏ ସଫଳତା ଅଧିକରୁ ଅଧିକ ମା'ମାନଙ୍କୁ ପ୍ରେରଣା ଦେବ। ଏହା ଖୁବ୍‌ଶୀଘ୍ର ୧ କୋଟି ମହିଳାଙ୍କ ଏକ ବିରାଟ ଆନ୍ଦୋଳନରେ ପରିଣତ ହେବ। ଓଡ଼ିଶାରେ ଘରେ ଘରେ ସଶକ୍ତ ଓଡ଼ିଶାର ବାର୍ତ୍ତା ଦେବ। ମିଶନ ଶକ୍ତି ସ୍ୱତନ୍ତ୍ର ବିଭାଗ ନିଷ୍ପତ୍ତିକୁ ମା'ମାନେ ସ୍ୱାଗତ

**ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**



କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍‌ର ଆହ୍ୱାନ ବେଳେ ମା'ମାନେ ହିଁ ସରକାରଙ୍କ ମୁଖ୍ୟ ସହଯୋଗୀ ହୋଇ ମହାମାରୀ ମୁକାବିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମିଶନ ଶକ୍ତିର ମା'ମାନଙ୍କ ଠାରୁ ଆରମ୍ଭ କରି ଅଙ୍ଗନୱାଡି, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ସବୁଠାରୁ ଅଧିକ ଦାୟିତ୍ୱର ସହ କାମ କରିଛନ୍ତି। ପରିବାରକୁ ସଚେତନ ମଧ୍ୟ କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାର ସବୁବେଳେ ମିଶନ ଶକ୍ତିର ମା'ମାନଙ୍କ ପାଇଁ ନିଷ୍ଠାର ସହ କାମ କରୁଛନ୍ତି। ସେମାନଙ୍କ ☞ପୃଷ୍ଠା-୧୩



ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ ଅଞ୍ଚଳରେ ଲାଗିଥିବା ନିଆଁ।



## ଶିମିଳିପାଳର ୧,୪୨୮ ସ୍ଥାନରେ ନିଆଁ

- କିଛି ସ୍ଥାନରେ ଲୋକେ ଲଗାଇଛନ୍ତି: ଜଙ୍ଗଲ ମନ୍ତ୍ରୀ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ଓ ଲିଭାଇବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଆମ ରାଜ୍ୟରେ ସାଧାରଣତଃ ପ୍ରତ୍ୟେକ ବର୍ଷ ଫେବୃୟାରୀ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ‘ଅଗ୍ନି ଋତୁ’ ବୋଲି ବିବେଚନା କରାଯାଇଥାଏ। ବିଗତ କିଛିଦିନ ହେବ ଶିମିଳିପାଳ ସମେତ ରାଜ୍ୟର ବିଭିନ୍ନ ଜିଲାର ଜଙ୍ଗଲରେ ନିଆଁ ଲାଗିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗତ ୩୦ ଦିନ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ମୋଟ ୧,୪୨୮ ସ୍ଥାନ ତଥା ଫାୟାର ପଏଣ୍ଟରେ ନିଆଁ ଲାଗିଥିଲା। ଏ ସମସ୍ତ ଫାୟାର ପଏଣ୍ଟକୁ ଲିଭାଇବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ଉଚ୍ଚ ତାପମାତ୍ରା ସହ ଶୁଖିଲା ପାଗ ଯୋଗୁ ଏହି ଜଙ୍ଗଲରେ ନିଆଁ ଲାଗିବା ବୃଦ୍ଧି ପାଇଛି। କେତେକ ସ୍ଥାନରେ ଖଳପ୍ରକୃତିର ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ଜଙ୍ଗଲରେ ନିଆଁ ଲଗାଉଥିବା ନଜରକୁ ଆସିଛି। ସେମାନଙ୍କୁ ତୁରନ୍ତ ☞ପୃଷ୍ଠା-୪

## ସୌମେନ୍ଦ୍ର ନୂଆ ପୋଲିସ କମିଶନର

**ଏମ୍. ଅକ୍ଷୟ ଅଗ୍ନିଶମ ଡିଜି, ସୁଧାଂଶୁ ଷଡ଼ଙ୍ଗୀ ଓପିଏଚ୍‌ଡବ୍ଲ୍ୟୁସି ସିଏମ୍‌ଡି**

**ଭୁବନେଶ୍ୱର,୮।୩(ବ୍ୟୁରୋ)**

କଟକ-ଭୁବନେଶ୍ୱରର ପୋଲିସ କମିଶନର ହେଲେ ୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚ ଏଡିଜି ଭାବେ କାର୍ଯ୍ୟରତ ସୌମେନ୍ଦ୍ରଙ୍କୁ ନୂଆ ପଦ ମିଳିଛି। ତେବେ ଦେଢବର୍ଷ ଧରି ଟୁଇନ୍‌ସିଟି ପୋଲିସ କମିଶନର ଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ବଦଳି କରାଯାଇ ପୂର୍ବ ସ୍ଥାନକୁ ଫେରାଇ ନିଆଯାଇଛି। ତାଙ୍କୁ ଓଡ଼ିଶା ଷ୍ଟେଟ୍ ପୋଲିସ ☞ପୃଷ୍ଠା-୪



ସୌମେନ୍ଦ୍ର ପ୍ରିୟଦର୍ଶୀ



ଏମ୍. ଅକ୍ଷୟ




ସୁଧାଂଶୁ ଷଡ଼ଙ୍ଗୀ

## ଯୁକ୍ତ୨ ଫର୍ମ ପୂରଣ ଅବଧି ବୃଦ୍ଧି

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ଯୁକ୍ତ୨ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଫର୍ମ ପୂରଣର ଶେଷ ତାରିଖ ମାର୍ଚ୍ଚ ୩ ଥିବାବେଳେ ଅନେକ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଫର୍ମ ପୂରଣ ପାଇଁ ଆଉ ଦୁଇଦିନ ସମୟ ଦିଆଯାଇଛି। ଆସନ୍ତା ୯ ଓ ୧୦ ତାରିଖରେ ଛାତ୍ରୀଛାତ୍ରମାନେ ଫର୍ମ ଦାଖଲ କରିପାରିବେ। ଏଥିସହିତ ଏହି ଦୁଇଦିନ ମଧ୍ୟରେ ଫି' ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ତେବେ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ୩୫୦ଟଙ୍କା ଫାଇନ ଦେବାକୁ ପଡ଼ିବ। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ଶିକ୍ଷାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ ବୋଲି ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।





**ଆଜିର ସମ୍ପାଦକୀୟ**
**ବନାଗ୍ନି**

ଜେଇଇ ମେନ୍ ପରୀକ୍ଷା ଫଳ: ଗୌତମ ଦାଶ ଓଡ଼ିଶା ଟପ୍ପର୍ ........୫........


## କହୁଛନ୍ତି ନିୟନ୍ତ୍ରଣ ନାହିଁ, ଅଟକିଛି କେମିତି?



| ଦେଶ | ପେଟ୍ରୋଲ (ଲିଟର ପିଛା ଟଙ୍କାରେ) | ମୁଣ୍ଡ ପିଛା ଆୟ (ବାର୍ଷିକ ଟଙ୍କାରେ) |
|---|---|---|
| ଭାରତ | ୯୩ | ୧.୫୫ ଲକ୍ଷ |
| ପାକିସ୍ତାନ | ୫୨ | ୧.୧୨ ଲକ୍ଷ |
| ନେପାଳ | ୬୮ | ୭୯ ହଜାର |
| ଆଫଗାନିସ୍ତାନ | ୪୪ | ୩୯ ହଜାର |
| ଆମେରିକା | ୫୮ | ୪୮ ଲକ୍ଷ |
| କାନାଡା | ୮୨ | ୩୪ ଲକ୍ଷ |
| ବ୍ରିଟେନ | ୧୨୬ | ୩୧ ଲକ୍ଷ |
| ଭେନେଜୁଏଲା | ୧.୪୬ | ୯.୫୩ ଲକ୍ଷ |


**ଭୁବନେଶ୍ୱର/ନୂଆଦିଲ୍ଲୀ, ୮।୩(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଲୋକଙ୍କ ପକେଟ ଖାଲି କରିବାରେ ଲାଗିଛି। ଅନେକ ରାଜ୍ୟରେ ପୋଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହି ମୂଲ୍ୟ ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବଢ଼ୁଛି। ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରଦାମ ମଧ୍ୟ ଆକାଶ ଛୁଉଁଛି। ତେବେ ଲଗାତର ବଢ଼ି ବଢ଼ି ଚାଲିଥିବା ତେଲ ଦରରେ ସପ୍ତାହେ ହେଲା ହଠାତ୍ ବ୍ରେକ୍ ଲାଗିଯାଇଛି। ଫେବୃୟାରୀ ୯ରୁ ୨୦ ପର୍ଯ୍ୟନ୍ତ କ୍ରମାଗତ ୧୨ ଦିନ ଧରି ଇନ୍ଧନ ମୂଲ୍ୟ ବୃଦ୍ଧି ପାଇ ରେକର୍ଡ ସୃଷ୍ଟି କରିଥିଲା। ଫେବୃୟାରୀ ୨୭ରେ ପେଟ୍ରୋଲ ଲିଟର ପିଛା ୨୪ ଓ ଡିଜେଲ ଉପରେ ୧୬ ପଇସା ବୃଦ୍ଧି ଘଟିଥିଲା। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ୯୧.୯୦ ଟଙ୍କା ଓ ଡିଜେଲ ୮୮.୬୮ ଟଙ୍କାରେ ପହଞ୍ଚିଲା। ସେବେଠୁ ସପ୍ତାହେ ହେଲା ତେଲ ଦର ଅପରିବର୍ତ୍ତିତ ରହିଛି। ଆଗକୁ ବଢ଼ୁନି କି ପଛକୁ ଘୁଞ୍ଚୁନାହିଁ। ଫେବୃୟାରୀ ୨୬ରେ ଭାରତର ନିର୍ବାଚନ କମିଶନ (ଇସିଆଇ) ୪ ରାଜ୍ୟ ପଶ୍ଚିମବଙ୍ଗ, ☞ପୃଷ୍ଠା-୪


“ଏହି ପଲିସିରେ, ନିବେଶ ପୋର୍ଟଫୋଲିଓରେ ନିବେଶ ରିସ୍କ ପଲିସିଧାରକଙ୍କ ଦ୍ୱାରା ବହନ କରାଯିବ”

ସର୍ବପ୍ରଥମେ ଜୀବନ ବୀମା

ଏକକାଳୀନ ସଞ୍ଚୟ କରନ୍ତୁ... ଏବଂ ନିଜ ଜୀବନର ବିଭିନ୍ନ ଲକ୍ଷ୍ୟଗୁଡ଼ିକୁ ହାସଲ କରନ୍ତୁ




Plan No: 849 UIN:512L317V01

ଏକ ୟୁନିଟ୍ ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଂ, ଏକକ ପ୍ରିମିୟମ୍, ବ୍ୟକ୍ତିବିଶେଷ ଜୀବନ ବୀମା ପ୍ଲାନ୍

**ବାଛିବାର ସ୍ୱାଧୀନତା**
- ସଞ୍ଚୟ ପରିମାଣ: ଆପଣ ଏକକାଳୀନ ଟ.1 ଲକ୍ଷ ଭଳି ସ୍ୱଳ୍ପ ଅର୍ଥରାଶି କିମ୍ବା ଜୀବନର ବଡ଼ ଲକ୍ଷ୍ୟଗୁଡ଼ିକ ପାଇଁ ଅଧିକ ପରିମାଣର ନିବେଶ କରିପାରନ୍ତି
- 4 ଫଣ୍ଡ ବିକଳ୍ପ: ଆପଣ 4 ଫଣ୍ଡ ବିକଳ୍ପ ମଧ୍ୟରୁ ବାଛିପାରିବେ – ବଣ୍ଡ, ସିକ୍ୟୋର୍ଡ, ବାଲାନ୍ସଡ୍ ଏବଂ ଗ୍ରୋଥ୍
- ବିନା ମୂଲ୍ୟରେ ଫଣ୍ଡ ପରିବର୍ତ୍ତନ: ସର୍ବାଧିକ ରିଟର୍ନ ପାଇବା ପାଇଁ ଆପଣ ବର୍ଷରେ ଚାରିଥର ମୁକ୍ତ ଭାବେ ବିଭିନ୍ନ ଫଣ୍ଡ ବିକଳ୍ପରେ ନିଜ ଟଙ୍କାକୁ ସ୍ଥାନାନ୍ତରିତ କରାଇପାରିବେ
- ଆବଶ୍ୟକତା ସମୟରେ ଉଠାଣ କରନ୍ତୁ: ଆପଣ 5ମ ବର୍ଷ ପରଠାରୁ ଆଂଶିକ ଉଠାଣ କରିପାରିବେ
- ଲାଇଫ୍ କଭର୍ ବିକଳ୍ପ: ଲାଇଫ୍ କଭର୍ ପୈଠ କରିଥିବା ପ୍ରିମିୟମ୍‌ର 1.25 ଗୁଣ କିମ୍ବା 10 ଗୁଣ ହେବ ତାହା ବାଛନ୍ତୁ

**ପଲିସିର ଲାଭଗୁଡ଼ିକ:**
- ଗ୍ୟାରେଣ୍ଟି ସହ ମିଶାଣ: ୟୁନିଟ୍ ଫଣ୍ଡ ମୂଲ୍ୟ ସହିତ ଅତିରକ୍ତ ଗ୍ୟାରେଣ୍ଟିଯୁକ୍ତ ମିଶାଣ ଉପଭୋଗ କରନ୍ତୁ
- ପଲିସି ପରିପକ୍ୱତା: ୟୁନିଟ୍ ଫଣ୍ଡ ମୂଲ୍ୟ

**ନିଜର ଯୋଗ୍ୟତା ଯାଞ୍ଚ କରନ୍ତୁ:**
- ପ୍ରବେଶ ସମୟରେ ବୟସ: ସର୍ବନିମ୍ନ ବୟସ: 90 ଦିନ; ସର୍ବାଧିକ ବୟସ: 35 ବର୍ଷ/70 ବର୍ଷ (ବାଛିଥିବା ଲାଇଫ୍ କଭର୍ ଅନୁଯାୟୀ)
- ପରିପକ୍ୱତା ବୟସ: ସର୍ବନିମ୍ନ ବୟସ: 18 ବର୍ଷ; ସର୍ବାଧିକ ବୟସ: 50 ବର୍ଷ/85 ବର୍ଷ (ବାଛିଥିବା ଲାଇଫ୍ କଭର୍ ଅନୁଯାୟୀ)
- ପଲିସି ମିଆଦ: 10–25 ବର୍ଷ

*ସର୍ତ୍ତାବଳୀ ଲାଗୁ । ବିବରଣୀ ପାଇଁ ନିଜର ଏଜେଣ୍ଟ/ନିକଟତମ ଏଲ୍‌ଆଇସି ଶାଖା ସହ ଯୋଗାଯୋଗ କରନ୍ତୁ

ନିଜ ସହରର ନାମ 56767474ରେ SMS କରନ୍ତୁ
କଲ୍ ସେଣ୍ଟର ସେବା (022) 6827 6827 | ଏଲ୍‌ଆଇସି ମୋବାଇଲ୍ ଆପ୍ "MyLIC" ଡାଉନ୍‌ଲୋଡ୍ କରନ୍ତୁ
କିମ୍ବା www.licindia.in ଦେଖନ୍ତୁ | LIC India Forever

ୟୁନିଟ୍ ଲିଙ୍କ୍‌ଡ ବୀମା ପ୍ରଡକ୍ଟ ଚୁକ୍ତିର ପ୍ରଥମ ପାଞ୍ଚବର୍ଷ ଅବଧିରେ କୌଣସି ଲିକ୍ୱିଡିଟି ପ୍ରଦାନ କରି ନ ଥାଏ । ପଞ୍ଚମ ବର୍ଷ ସମାପ୍ତି ପର୍ଯ୍ୟନ୍ତ ପଲିସିଧାରକ ୟୁନିଟ୍ ଲିଙ୍କ୍‌ଡ ବୀମା ପ୍ରଡକ୍ଟରେ ନିବେଶ କରିଥିବା ଟଙ୍କାକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ସମର୍ପଣ/ଉଠାଣ କରିବାରେ ସକ୍ଷମ ହେବେ ନାହିଁ ।

ଆଶଙ୍କାଗତ ଦିଗ, ନିୟମ ଓ ସର୍ତ୍ତାବଳୀ ଉପରେ ଅଧିକ ବିବରଣୀ ପାଇଁ ବିକ୍ରୟ ଚୂଡ଼ାନ୍ତ କରିବା ପୂର୍ବରୁ ଦୟାକରି ବିକ୍ରୟ ସୂଚନା-ପୁସ୍ତିକା ପଢ଼ନ୍ତୁ।

ଜାଲ୍ ଫୋନ୍ କଲ୍ ଏବଂ କାଳ୍ପନିକ/ଠକାମିମୂଳକ ଅଫରଗୁଡ଼ିକ ପ୍ରତି ସାବଧାନ। ଆଇଆରଡିଏଆଇ ବୀମା ପଲିସି ବିକ୍ରୟ, ବୋନସ୍ ଘୋଷଣା କିମ୍ବା ପ୍ରିମିୟମ୍‌ର ନିବେଶ ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନୁହେଁ । ଏପରି ଫୋନ୍ କଲ୍ ପାଉଥିବା ବ୍ୟକ୍ତିଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।

LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA
IRDAI Regn No.: 512 ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/AR/19-20/39/OR

**୩୨ ଆତଙ୍କବାଦୀ ନିହତ**

ଆଫଗାନିସ୍ତାନ ସେନା କାର୍ଯ୍ୟାନୁଷ୍ଠାନରେ ଗତ ୨୪ ଘଣ୍ଟାରେ ୩୨ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟ ପକ୍ଷ ମଧରେ ସଂଘର୍ଷ, ଏୟାର ଷ୍ଟ୍ରାଇକ୍ ଯୋଗୁ ଆହୁରି ୨୩ ଆତଙ୍କବାଦୀ ଗୁରୁତର ହୋଇଛନ୍ତି। ଆଫଗାନ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ବଳ(ଏଏନ୍‌ଡିଏସ୍‌ଏଫ୍) ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଭର୍ତ୍ତି ବାହନକୁ ନଷ୍ଟ କରିଛି। ଆର୍ମିର ଇଞ୍ଜିନିୟରିଂ ଟିମ୍ ପକ୍ଷରୁ ୫୦ ରାଉଣ୍ଡ ଲ୍ୟାଣ୍ଡମାଇନ ଓ ଆଇଡିକୁ ଅକାମୀ କରାଯାଇଛି।



## ସଂକ୍ଷେପରେ

### ହାଜତରେ ସ୍ୟୁ ଚୀଙ୍କ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ

**ନେପିତାଓ, ୮।୩:** ଅଙ୍ଗ ସାନ୍ ସ୍ୟୁ ଚୀଙ୍କୁ ମ୍ୟାନମାର ସେନା ସରକାରରୁ ହଟାଇବା ପରେ ଏହା ପ୍ରତିବାଦରେ ଦୀର୍ଘ ଦିନ ହେଲା ସେଠାରେ ବିକ୍ଷୋଭ ଜାରି ରହିଛି। ଏପରି ସ୍ଥିତିରେ ପୋଲିସ ହେପାଜତରେ ଥିବା ସ୍ୟୁ ଚୀଙ୍କ ଦଳର ଜଣେ କାର୍ଯ୍ୟକର୍ତ୍ତା ଖିନ ମଙ୍ଗ୍ ଲଟ୍‌ଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ମଙ୍ଗ୍ ପିନ୍ଧିଥିବା ପୋଷାକ ରକ୍ତରେ ଭିଜିଥିବା ଦେଖାଯାଇଥିଲା। ସରକାର ଭାଙ୍ଗିବା ପୂର୍ବରୁ ପାର୍ଲାମେଣ୍ଟର ସଦସ୍ୟ ଥିବା ସିଥୁ ମଙ୍ଗ୍ ଏକ ଫେସ୍‌ବୁକ ପୋଷ୍ଟରେ କହିଛନ୍ତି, ଖିନଙ୍କୁ ଗତ ଶନିବାର ରାତିରେ ୟାଙ୍ଗନରୁ ପୋଲିସ ଉଠାଇ ନେଇଥିଲା। ଅନ୍ୟପକ୍ଷରେ ମ୍ୟାନ୍‌ମାର ସେନା ପକ୍ଷରୁ ଆନ୍ଦୋଳନକାରୀଙ୍କ ଉପରେ ବର୍ବରତା ଜାରି ରହିଛି। ସେନା କାର୍ଯ୍ୟାନୁଷ୍ଠାନରେ ଏବେ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିସାରିଲାଣି।

### ରାମମନ୍ଦିର ଚାନ୍ଦା ନ ଦେବାରୁ ଚାକିରି ଗଲା

**ବାଲିଆ (ୟୁପି),୮।୩:** ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଉତ୍ତରପ୍ରଦେଶର ଜଣେ ଶିକ୍ଷକ ଚାନ୍ଦା ଦେବାକୁ ମନା କରିବାରୁ ତାଙ୍କ ଚାକିରି ଯାଇଛି। ଯଶୱନ୍ତ ପ୍ରତାପ ସିଂ ବାଲିଆ ଜିଲାର ଜଗଦୀଶପୁରଠାରେ ଥିବା ଆର୍‌ଏସ୍‌ଏସ୍ ପରିଚାଳିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତା କରୁଥିଲେ। ରାମମନ୍ଦିର ନିର୍ମାଣ ଲାଗି ଚାନ୍ଦା ସଂଗ୍ରହ କରିବାକୁ ତାଙ୍କୁ ଏକ ରସିଦ୍ ବହି ଦିଆଯାଇଥିଲା। ସେ ୮୦,୦୦୦ ଟଙ୍କା ସଂଗ୍ରହ କରି ଜମା ଦେଇଥିଲେ। ଆର୍‌ଏସ୍‌ଏସ୍‌ର ଜିଲା ପ୍ରଚାରକ ସତ୍ୟେନ୍ଦ୍ର ଶିଶୁମନ୍ଦିରକୁ ଆସିଥିବାବେଳେ ହଜାରେ ଟଙ୍କା ଚାନ୍ଦା ଦେବା ପାଇଁ ଯଶୱନ୍ତଙ୍କ ଉପରେ ଚାପ ପକାଇଥିଲେ। ସେ ଦେବାକୁ ମନା କରିବାରୁ ସ୍କୁଲ୍ କର୍ତ୍ତୃପକ୍ଷ ତାଙ୍କୁ ଶିଶୁମନ୍ଦିରରୁ ବାହାର କରିଦେଇଥିଲେ। ତାଙ୍କର ୮ ମାସର ବେତନ ସ୍ଥଗିତ ରଖାଯାଇଥିବା ଯଶୱନ୍ତ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଯଶୱନ୍ତ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିବା ସ୍କୁଲ୍ ପ୍ରିନ୍ସିପାଲ କହିଛନ୍ତି।



## ଶିକ୍ଷକଙ୍କୁ ବିବାହ କଲେ ସ୍କଟ୍

**ୱାଶିଂଟନ୍, ୮।୩:** ଇ-କମର୍ସ କମ୍ପାନୀ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ପୂର୍ବତନ ସ୍ତ୍ରୀ ମାକେଞ୍ଜି ସ୍କଟ୍ ମାରିସ୍(୫୦) ପୁଣି ବିବାହ କରିଛନ୍ତି। ୫୩.୫ ବିଲିୟନ ଡଲାର ସମ୍ପତ୍ତି ଥିବା ବିଶ୍ୱର ୨୨ତମ ଧନୀ ସ୍କଟ୍ ବିଜ୍ଞାନ ଶିକ୍ଷକ ଡେନ୍ ଜିୱେଟଙ୍କ ହାତ ଧରିଛନ୍ତି। ଡେନ୍ ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କ ସମ୍ପତ୍ତିର ଅଧିକାଂଶ ଭାଗ ଚ୍ୟାରିଟିଙ୍କୁ ଦାନ କରିଦେବାକୁ ପୂର୍ବରୁ ସ୍କଟ୍ ଘୋଷଣା କରିଥିଲେ। ୨୦୧୯ରେ ସ୍କଟ୍ ଓ ବେଜୋସ୍‌ଙ୍କ ଛାଡ଼ପତ୍ର ହୋଇଥିଲା। ଗତ ବର୍ଷ ସ୍କଟ୍ ପ୍ରାୟ ୬ ବିଲିୟନ ଡଲାର ଦାନ କରି ଚର୍ଚ୍ଚାକୁ ଆସିଥିଲେ।

## ଛଟେଇ ହେଉଛନ୍ତି ଗର୍ଭବତୀ

ୱାଶିଂଟନ୍, ୮।୩

କରୋନା ମହାମାରୀ ଯୋଗୁ ଅନେକ ଦେଶରେ ଲିଙ୍ଗଗତ ଅସମାନତା ବୃଦ୍ଧି ପାଇଛି। ମହିଳା ହିଂସା ବଢ଼ିବା ସହ ମାତ୍ର ୩ ଚତୁର୍ଥାଂଶ ମହିଳାଙ୍କ ପାଖରେ ଆଇନଗତ ଅଧିକାର ରହିଛି ବୋଲି ବିଶ୍ୱ ବ୍ୟାଙ୍କର ପ୍ରମୁଖ ଅର୍ଥନୀତିଜ୍ଞ କାର୍‌ମେନ ରେନହାର୍ଟ କହିଛନ୍ତି। ପ୍ରାୟ ୪୦ରୁ ଅଧିକ ଦେଶରେ ଗର୍ଭବତୀ ହେବା କାରଣରୁ ମହିଳା ଛଟେଇର ସମ୍ମୁଖୀନ ହେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୋଭିଡ୍-୧୯ ପରଠାରୁ ଏହି ସମସ୍ୟା ବଢ଼ିଛି। ଏଥିସହ କରୋନା ଯୋଗୁ ଚଳିତ ଦଶକରେ ନାବାଳିକା ବିବାହ ସଂଖ୍ୟା ବୃଦ୍ଧି ପାଇ ୧ କୋଟିରୁ ଅଧିକ ହୋଇପାରେ ବୋଲି ୟୁନିସେଫ୍ ଏକ ରିପୋର୍ଟ ପ୍ରକାଶ କରିଛି।



# ପାର୍ଲାମେଣ୍ଟରେ ତେଲ ତାତି

ନୂଆଦିଲ୍ଲୀ,୮।୩ (ପି.ଟି.)

## ଉଭୟ ଗୃହ ମୁଲତବୀ

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ତୈଳ ଓ ରନ୍ଧନ ଗ୍ୟାସ୍ ଦର ବାରମ୍ବାର ବୃଦ୍ଧିକୁ ନେଇ ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ପୂର୍ବାହ୍ଣରେ ରାଜ୍ୟ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳଗୁଡ଼ିକ କ୍ରମାଗତ ତୈଳ ଦର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଉପରେ ଆଲୋଚନା ଦାବି କରିଥିଲେ। ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଥିବାବେଳେ ଭାରତରେ କ୍ରମାଗତ ଭାବେ ଦର ବଢ଼ିଚାଲିଛି। ତେଣୁ ଗୃହର ସମସ୍ତ କାର୍ଯ୍ୟକୁ ବନ୍ଦ ରଖି କେବଳ ତୈଳ ଓ ଗ୍ୟାସ୍ ଦର ସମ୍ପର୍କରେ ଆଲୋଚନା କରିବାକୁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ନୋଟିସ ଦେଇଥିଲେ। ପେଟ୍ରୋଲ ଦର ୧୦୦ ଟଙ୍କା ପାଖାପାଖି ହୋଇଥିବାବେଳେ ଡିଜେଲ ୮୦ ଟଙ୍କାରୁ



ମଲ୍ଲିକାର୍ଜୁନ ଖାର୍ଗେ

ଅଧିକ ରହିଛି। ଏଲ୍‌ପିଜି ଦର ମଧ୍ୟ ବୃଦ୍ଧି ପାଇଛି। ୨୦୧୪ ପରେ ପେଟ୍ରୋଲ ଦର ପାଖାପାଖି ୮୨୦ ପ୍ରତିଶତ ବଢ଼ିଥିବାବେଳେ ଏହା ଉପରେ ଉତ୍ପାଦ ଶୁଳ୍କ ୨୫୮ ପ୍ରତିଶତ ବୃଦ୍ଧି ପାଇଥିବା ଖାର୍ଗେ କହିଥିଲେ। ତୈଳ ଦର ବୃଦ୍ଧି ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ତେଣୁ ସବୁ କାର୍ଯ୍ୟକୁ ବନ୍ଦ ରଖି ତୈଳ ଦର ପ୍ରସଙ୍ଗରେ ଆଲୋଚନା ହେଉ ବୋଲି ଖାର୍ଗେ ଦାବି କରିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଏହାକୁ ଗ୍ରହଣ ନ କରିବାରୁ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଉପଯୁକ୍ତ ବିଲ୍ ଆଲୋଚନା ବେଳେ ତୈଳ ଦର ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଭେଙ୍କାୟା କହିଥିଲେ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗୃହ କାର୍ଯ୍ୟ ଚାଲି ନ ପାରିବାରୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଥିଲା। ୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ବନ୍ଦନା ଚଭନ ରାଜ୍ୟ ସଭାକୁ ୧୫ ମିନିଟ ଲେଖାଏ ଦୁଇଥର ଓ ପରେ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଲୋକ ସଭାରେ ମଧ୍ୟ ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଅପରାହ୍ଣ ୪ଟାରେ ଲୋକ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ତେଲ ଦର ବୃଦ୍ଧି ବିରୋଧରେ ସରକାରଙ୍କୁ ଘେରିଥିଲେ। ଗୃହକାର୍ଯ୍ୟ ଚାଲି ନ ପାରିବାରୁ ବାଚସ୍ପତି ପ୍ରଥମେ ୫ଟା ପର୍ଯ୍ୟନ୍ତ, ଏହା ପରେ ରାତି ୭ଟା ପର୍ଯ୍ୟନ୍ତ ଏବଂ ଶେଷରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁତଲବୀ ଘୋଷଣା କରିଥିଲେ।

## ନିର୍ବାଚନ ପୂର୍ବରୁ ଶେଷ ହୋଇପାରେ ଅଧିବେଶନ

ନୂଆଦିଲ୍ଲୀ,୮।୩ (ପି.ଟି.)

### ଆଜିଠୁ ପୂର୍ବାହ୍ଣ ୧୧ରୁ ଗୃହ କାର୍ଯ୍ୟ



ପାର୍ଲାମେଣ୍ଟର ବଜେଟ ଅଧିବେଶନ କାଟଛାଣ୍ଟ ହୋଇପାରେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମାର୍ଚ୍ଚ ୨୭ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଅଧିବେଶନ ଶେଷ ହୋଇପାରେ ବୋଲି ଜଣାପଡ଼ିଛି। ମଙ୍ଗଳବାରଠାରୁ ଉଭୟ ଗୃହ ସ୍ୱାଭାବିକ ଭାବେ ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହେବ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବାକୁ ପୂର୍ବରୁ ସ୍ଥିର ହୋଇଥିଲା। ତେବେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ କାଟଛାଣ୍ଟ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏସମ୍ପର୍କରେ ଗୃହରେ ବିଭିନ୍ନ ଦଳର ନେତାମାନଙ୍କ ସହ ଆଲୋଚନା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି।

କରୋନା ମହାମାରୀ କାରଣରୁ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ମୌସୁମୀ ଅଧିବେଶନଠାରୁ ଲୋକ ସଭା ଓ ରାଜ୍ୟ ସଭା ଅଧିବେଶନ ଅଲଗା ଅଲଗା ଶିଫ୍ଟରେ ହେଉଥିଲା। ଏଥର ଶୀତ ଅଧିବେଶନ ଡକାଯାଇ ନ ଥିଲା। ମଙ୍ଗଳବାରଠାରୁ ଏମ୍‌ପିମାନଙ୍କୁ କୋଭିଡ୍ ଟିକା ଦିଆଯିବାକୁ ଥିବାବେଳେ ଗୃହ କାର୍ଯ୍ୟସମୟ ସ୍ୱାଭାବିକ କରିବା ଲାଗି ସୋମବାର ନିଷ୍ପତ୍ତି ନିଆଯାଇଛି।

## ଦେଶ ମୋଦିଙ୍କ ନାମରେ ହେବା ଦୂର ନୁହେଁ

କୋଲକାତା,୮।୩ (ପି.ଟି.)

ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟା ଓ ଗୁଜବ ପ୍ରସାର କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥର ସମସ୍ତ ୨୯୪ ଆସନରେ ଲଢ଼େଇ ଦିଦି ବନାମ ଭାଜପା ହେବ ଏବଂ ସେ ତୃତୀୟ ଥର ପାଇଁ କ୍ଷମତାକୁ ଫେରିବେ ବୋଲି କହିଛନ୍ତି। ଷ୍ଟାଡିୟମକୁ ମୋଦି ନିଜ ନାମରେ ନାମିତ କରାଇଛନ୍ତି। କୋଭିଡ୍ ସାର୍ଟିଫିକେଟରେ ମୋଦିଙ୍କ ଫଟୋ ଛପାଯାଉଛି। ଦେଶକୁ ମୋଦି ଦିନେ ନିଜ ନାଁରେ ନାମିତ କରିଦେଇପାରନ୍ତି। ସେଦିନ ଆଉ ବେଶି ଦୂର ନୁହେଁ ବୋଲି ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି। ଭାଜପା ନେତାମାନେ କେବଳ ନିର୍ବାଚନ



ମମତା ବାନାର୍ଜୀ

ସମୟରେ ଆସି ମିଥ୍ୟା ପ୍ରଚାର କରୁଛନ୍ତି। ମୋଦି ମହିଳା ସୁରକ୍ଷା ସମ୍ପର୍କରେ କହୁଛନ୍ତି। ଭାଜପା ଶାସିତ ରାଜ୍ୟରେ ମହିଳାଙ୍କ ସ୍ଥିତି କ'ଣ ବୋଲି ଅନ୍ତର୍ଜାତୀୟ ମହିଳା ଦିବସରେ ଉଦ୍‌ବୋଧନ ଦେଇ ମମତା ପ୍ରଶ୍ନ କରିଥିଲେ।

### ଭାଜପାରେ ୫ ଟିଏମ୍‌ସି ବିଧାୟକ

ନୂଆଦିଲ୍ଲୀ,୮।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସିର ୫ ଜଣ ବିଧାୟକ ସୋମବାର ଦଳ ତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ସେହି ବିଧାୟକମାନେ ହେଲେ ସୋନାଲି ଗୁହା, ଶୀତଲ ସର୍ଦ୍ଦାର, ଦିପେନ୍ଦୁ ବିଶ୍ୱାସ, ରବୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଏବଂ ଜଟୁ ଲାହିରି। କୋଲକାତାରେ ଭାଜପା ପଶ୍ଚିମବଙ୍ଗ ସଭାପତି ଦିଲୀପ ଘୋଷ, ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଧରିଛନ୍ତି। ଏହା ବ୍ୟତୀତ ପୂର୍ବତନ ଟିଏମ୍‌ସି ନେତା ସରଳା ମୁର୍ମୁ ମଧ୍ୟ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଟିଏମ୍‌ସି ଆଗାମୀ ନିର୍ବାଚନ ଲାଗି ସରଳାଙ୍କୁ ହବିବ୍‌ପୁର ଆସନରୁ ପ୍ରାର୍ଥୀ କରିବାର ୩ ଦିନ ପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ଟିକେଟ ବାତିଲ କରିଦେଇଥିଲା। ଏଥିରେ କ୍ଷୁବ୍ଧ ହୋଇ ସରଳା ଭାଜପାରେ ଯୋଗଦେଇଛନ୍ତି। ୪ ଥର ବିଧାୟକ ଥିବା ସୋନାଲି ଏକଦା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଘନିଷ୍ଠ ଥିଲେ। ଏଥର ଟିଏମ୍‌ସି ଟିକେଟ ନ ପାଇବାରୁ ଭାଜପାରେ ଯୋଗଦେବା ପାଇଁ ଶନିବାର ଘୋଷଣା କରିଥିଲେ। ଅନୁରୂପ କାରଣରୁ ବରିଷ୍ଠ ନେତା ରବୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଏବଂ ଜଟୁ ଲାହିରି ଟିଏମ୍‌ସି ଛାଡ଼ିଛନ୍ତି।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଞ୍ଜାବ ଓ ହରିୟାଣାର ମହିଳାମାନେ ଦିଲ୍ଲୀର ଟିକ୍ରି ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ୫୦% କୋଟା ସୀମାର ସମୀକ୍ଷା ହେବ

ନୂଆଦିଲ୍ଲୀ,୮।୩ (ଆଇଏଏନ୍‌ଏସ୍)

ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ପାଇଁ ୧୯୯୨ରେ ସୁପ୍ରିମକୋର୍ଟର ୯ ଜଣିଆ ପୀଠ ରାୟ ଦେଇଥିଲେ। ପରବର୍ତ୍ତୀ ସାମ୍ବିଧାନିକ ସଂଶୋଧନ ଏବଂ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସଂରକ୍ଷଣ ସୀମାର ପୁନଃ ଅନୁଧ୍ୟାନ ହେବା ଆବଶ୍ୟକ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। କେନ୍ଦ୍ର ସରକାରଙ୍କ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) କୋଟା ସଂଶୋଧନକୁ ଦୃଷ୍ଟିରେ ରଖି ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରି ସେମାନଙ୍କର ମତାମତ ଲୋଡ଼ିଛନ୍ତି। ରାଜ୍ୟଗୁଡ଼ିକୁ ମତାମତ ରଖିବା ଲାଗି ସୁଯୋଗ ଦିଆଯାଇଥିବା ଖଣ୍ଡପୀଠରେ ଅନ୍ୟ ବିଚାରପତି ଏଲ୍. ନାଗେଶ୍ୱର ରାଓ, ଏସ୍. ଅବଦୁଲ ନାଜିର, ହେମନ୍ତ ଗୁପ୍ତା ଏବଂ ଏସ୍. ରବୀନ୍ଦ୍ର ଭଟ୍ଟ କହିଛନ୍ତି। ମରାଠା ସଂରକ୍ଷଣର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ



### ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ଦାଏର ହୋଇଥିଲା। ଏହି ପ୍ରସଙ୍ଗ କେବଳ ଗୋଟିଏ ଦେଶରେ ସୀମିତ ନାହିଁ। ତେଣୁ ଅନ୍ୟ ରାଜ୍ୟଗୁଡ଼ିକର ମତାମତ ଶୁଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ କହିଥିଲେ। ଇନ୍ଦ୍ର ସାହନିଙ୍କ ରାୟର ସମୀକ୍ଷା ପାଇଁ ଏହାକୁ ବୃହତ୍ତର ବେଞ୍ଚକୁ ପଠାଯିବା ସମ୍ଭାବନା ସମ୍ପର୍କରେ ଅଦାଲତ ବିଚାର କରିବେ। ମାର୍ଚ୍ଚ ୧୫ରୁ ଏହାର ଦୈନନ୍ଦିନ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

ମହାରାଷ୍ଟ୍ର ସରକାର ମରାଠାମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯଥାକ୍ରମେ ୧୨ ଏବଂ ୧୩ ପ୍ରତିଶତ ସଂରକ୍ଷଣକୁ ବମ୍ବେ ହାଇକୋର୍ଟ କାଏମ ରଖିବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ମରିବାକୁ ଚାହୁଁଥିଲେ ମେଘାନ

**ଲସ୍ ଏଞ୍ଜେଲ୍ସ, ୮।୩:** ପ୍ରିନ୍ସ ହ୍ୟାରିଙ୍କୁ ବିବାହ କରି ବ୍ରିଟେନ ରାଜ ପରିବାରର ସଦସ୍ୟ ହେବା ପରେ ମେଘାନ ମର୍କେଲଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରିକି ଅନେକ ଥର ସେ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଥିଲେ ବୋଲି ଆମେରିକାର ଏକ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ସାକ୍ଷାତ୍‌କାରରେ କହିଛନ୍ତି। ରାଜ ପରିବାରରେ ବର୍ଣ୍ଣବୈଷମ୍ୟ ଭେଦଭାବ ଥିବା ସେ ପ୍ରକାଶ କରିଛନ୍ତି। ସେ ଗର୍ଭବତୀ ଥିବାବେଳେ ତାଙ୍କ ଶିଶୁଙ୍କ ରଙ୍ଗ କିପରି ହେବ ସେ ନେଇ ପ୍ରଶ୍ନ କରାଯାଉଥିଲା। ଶୋ' ଉପସ୍ଥାପକ ଓପ୍ରାହ୍ ୱିନଫ୍ରିଙ୍କୁ ପ୍ରିନ୍ସ ହ୍ୟାରି ଓ ମେଘାନ ଦେଇଥିବା ସାକ୍ଷାତ୍‌କାରରେ ଅନେକ କଥା ସାମ୍ନାକୁ ଆସିଛି।

ମେଘାନ କହିଛନ୍ତି, ତାଙ୍କୁ ରାଜ



ପରିବାର ବିଷୟରେ ସେତିକି ଜଣାଥିଲା ଯେତିକି ହ୍ୟାରି ତାଙ୍କୁ ଜଣାଇଥିଲେ। ଲୋକଙ୍କ ଜାଣତରେ ଏହା ପରୀମାନଙ୍କ ଦୁନିଆ। କିନ୍ତୁ ସତ ଏହାଠାରୁ ବହୁ ଦୂରରେ। ମହାରାଣୀଙ୍କୁ ବ୍ୟକ୍ତିଗତ ଭାବେ ଦେଖା କରିବାକୁ ହେଲେ ମଧ୍ୟ ଔପଚାରିକତା ମାନିବାକୁ ପଡୁଥିଲା। ହ୍ୟାରିଙ୍କ ସହ ବିଧିବଦ୍ଧ ବିବାହର ୩ ଦିନ ପୂର୍ବରୁ ମେଘାନ ତାଙ୍କୁ ବାହା ହୋଇସାରିଥିଲେ ବୋଲି କହିଛନ୍ତି। ପ୍ୟାଲେସରେ ତାଙ୍କୁ ବନ୍ଦୀ ଭଳି ଜୀବନ କାଟିବାକୁ ପଡୁଥିଲା। କୌଣସି କାମ ଥିଲେ ମଧ୍ୟ ସେ ବାହାରକୁ ଯାଇପାରୁ ନ ଥିଲେ। ମନପସନ୍ଦର କାମ କରିବାକୁ ମନା କରାଯାଉଥିବାରୁ ଏକଲାପଣ ବଢ଼ିବାରେ ଲାଗିଥିଲା। ବାରମ୍ବାର

**ସାକ୍ଷାତ୍‌କାରରେ ମୁହଁ ଖୋଲିଲେ**
- ରାଜ ପରିବାରରେ ବର୍ଣ୍ଣବୈଷମ୍ୟତା
- ଜନ୍ମ ପୂର୍ବରୁ ଶିଶୁର ରଙ୍ଗକୁ ନେଇ ପ୍ରଶ୍ନ ଉଠିଥିଲା
- ବନ୍ଦୀ ଜୀବନ କାଟିବାକୁ ପଡୁଥିଲା
- ପ୍ରିନ୍ସ ଆଖ୍ୟାରୁ ଆର୍ଚ୍ଚୀ ବାଦ୍

ଆତ୍ମହତ୍ୟା କଥା ମନକୁ ଆସିବାରୁ ଏ ବାବଦରେ ମେଘାନ ପ୍ୟାଲେସର ମାନବ ସମ୍ବଳ ବିଭାଗର ସହାୟତା ମାଗିଥିଲେ। କିନ୍ତୁ ସେଠାରୁ ତାଙ୍କୁ କୌଣସି ସାହାଯ୍ୟ ମିଳି ନ ଥିଲା। ଗର୍ଭବତୀ ହେବା ପରେ ପ୍ରିନ୍ସଙ୍କ ପଦବୀ ଅପେକ୍ଷା ତାଙ୍କ ପୁଅର ସୁରକ୍ଷା ଚିନ୍ତା ତାଙ୍କୁ ଘାରିଥିଲା। ପ୍ରିନ୍ସ ହ୍ୟାରି ଓ ମେଘାନଙ୍କ ପୁଅ ଆର୍ଚ୍ଚୀଙ୍କୁ ପ୍ରିନ୍ସ ଉପାଧି ମିଳି ନ ଥିଲା। ଉପାଧି ଲୋଭ ନୁହେଁ ବରଂ ସୁରକ୍ଷା ଦୃଷ୍ଟିରୁ ଆର୍ଚ୍ଚୀଙ୍କୁ ପ୍ରିନ୍ସ ଆଖ୍ୟା ଦିଆଯିବା ଦରକାର ଥିଲା ବୋଲି ମେଘାନ କହିଛନ୍ତି। ରାଜ ପରିବାରରୁ ଅଲଗା ହେବା ପରେ ପୁଅଙ୍କୁ ସୁରକ୍ଷା ଯୋଗାଯିବ ନାହିଁ ବୋଲି ମେଘାନ ଚିନ୍ତିତ ଥିଲେ।

ହ୍ୟାରି ଓ ମେଘାନ ୨୦୧୮ରେ ୱିଣ୍ଡସର ପ୍ୟାଲେସ୍‌ରେ ବିବାହ କରିଥିଲେ। ୨୦୧୯ରେ ତାଙ୍କ ପୁଅ ଆର୍ଚ୍ଚୀ ଜନ୍ମ ହୋଇଥିଲା। ୨୦୨୦ ଜୁଲାଇରେ ମେଘାନଙ୍କ ଗର୍ଭପାତ ହୋଇଥିବା ଜଣାପଡିଥିଲା। ଏହି ଦମ୍ପତି ଏବେ ରାଜ ପରିବାର ଛାଡ଼ି ଆମେରିକାରେ ରହୁଛନ୍ତି। ଗତ ବର୍ଷ ପ୍ରାରମ୍ଭରେ ହ୍ୟାରି ତାଙ୍କ ସ୍ତ୍ରୀଙ୍କ ସହ ରାଜ ପରିବାରର ବରିଷ୍ଠ ସଦସ୍ୟ ପଦରୁ ସ୍ୱତଃ ବାହାରିଯିବା ଏବଂ ଅଲଗା ରହିବା ନେଇ ଘୋଷଣା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୭୫,୯୩,୧୪୩ | ୨୬,୦୭,୮୨୪ | ୯,୩୦,୮୬,୬୪୧ |
| ଭାରତ | ୧,୧୨,୪୪,୦୯୨ | ୧,୫୭,୯୬୪ | ୧,୦୮,୯୬,୯୭୫ |
| ଓଡ଼ିଶା | ୩,୩୭,୮୦୩ | ୧୯୧୭(+୫୩) | ୩,୩୫,୧୬୮ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ମା’ମାନଙ୍କଠାରେ ନେତୃତ୍ୱର ଚମକ ରହିଛି’



ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ।

- ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ
- ମୁଖ୍ୟମନ୍ତ୍ରୀଙ୍କ ପାଇଁ ଧନ୍ୟବାଦ ପ୍ରସ୍ତାବ ଆଣିଲା ବିଜୁ ମହିଳା ଜନତା ଦଳ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ମା’ ମାନେ ହେଉଛନ୍ତି ଜନ୍ମରୁ ନେତା। ଯିଏ ଘର ଓ ପିଲାଙ୍କ ଦାୟିତ୍ୱ ଠିକ୍ ଭାବେ ନେଇପାରୁଛି, ଦେଶ ଓ ସମାଜର ଦାୟିତ୍ୱ ନେବାରେ ତା’ ପାଇଁ କିଛି ଅସୁବିଧା ନାହିଁ। ପ୍ରତ୍ୟେକ ମା’ଙ୍କ ନିକଟରେ ନେତୃତ୍ୱର ଚମକ ରହିଛି। ଆମକୁ ତାଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାକୁ ହେବ। ଦେଶ ବିକାଶରେ ଏହି ଶକ୍ତିକୁ ବିନିଯୋଗ କରିବାକୁ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଜେଡି କାର୍ଯ୍ୟାଳୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମା’ମାନଙ୍କ ପାଇଁ ବିଧାନସଭା ଓ ପାର୍ଲାମେଣ୍ଟରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସକାଶେ ବିଜେଡି ଦାବି କରିଆସୁଛି। ଏହି ଦାବି ବିଷୟରେ ସାରା ଦେଶର ମା’ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛୁ। ଗତ ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ସିଟ୍‌ରେ ମା’ମାନଙ୍କୁ ଟିକେଟ ଦେଇଥିଲା। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ବିନା ସୁଧରେ ଋଣ ହେଉ କିମ୍ବା ୫ ହଜାର କୋଟି ଟଙ୍କାର ସରକାରୀ କାମ, ମା’ମାନଙ୍କ ପାଇଁ ୭ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା, ସେମାନଙ୍କ କଲ୍ୟାଣ ପାଇଁ ଜମି ଅଧିକାର, ସମ୍ପତ୍ତି ଅଧିକାର, ରାଶନ କାର୍ଡ, ଝିଅମାନଙ୍କ ପଢିବା ପାଇଁ ବୃତ୍ତି, ହଷ୍ଟେଲ, କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଆଦି ଅନେକ କାର୍ଯ୍ୟକ୍ରମ କରାଯାଉଛି। ସେମାନଙ୍କ କଲ୍ୟାଣ ଓ ଅଧିକାର ପାଇଁ ବିଜୁ ଜନତା ଦଳର ଲଢେଇ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିର ସବୁ କାର୍ଯ୍ୟକ୍ରମରେ ମା’ମାନେ ହିଁ ଫୋକସରେ ରହିଛନ୍ତି। ୯୦ ଦଶକରେ ମା’ମାନଙ୍କ ଅଧିକାର ପାଇଁ ବିଜୁବାବୁ ସାରା ଦେଶରେ ଏକ ଐତିହାସିକ ପଦକ୍ଷେପ ନେଇଥିଲେ। ତାକୁ ଆମେ ଆହୁରି ଆଗକୁ ନେଇ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛୁ। ମା’ମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ବିଜୁ ଜନତା ଦଳ ସମର୍ପିତ ହୋଇ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ତରଫରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୪ଟି ଧନ୍ୟବାଦ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଛି।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାମାନଙ୍କ ବିକାଶ, ଉନ୍ନତି, ପ୍ରଗତି, ସାମାଜିକ ନିରାପତ୍ତା, ଆର୍ଥିକ ସ୍ୱାବଲମ୍ବନତା, ରାଜନୈତିକ ସ୍ୱୀକୃତି ପ୍ରଦାନ ପୂର୍ବକ ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଭାରତବର୍ଷରେ ଉଦାହରଣ ସୃଷ୍ଟି କରିଛନ୍ତି। ସେହିପରି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ନିମନ୍ତେ ଲୋକ ସଭା ଓ ବିଧାନସଭାରେ ସଂରକ୍ଷଣ ଦାବି ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ସ୍ୱରୂପ ୩୩ ପ୍ରତିଶତ ଆସନ ମହିଳାଙ୍କୁ ଲୋକ ସଭାରେ ପ୍ରଦାନ କରି ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ଭାରତବର୍ଷର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିଛନ୍ତି।

ମହିଳା ସଶକ୍ତୀକରଣ ଯାତ୍ରାକୁ ଆହୁରି ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ନାମରେ ନୂତନ ବିଭାଗ ଗଠନକୁ ମାନ୍ୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ତୃଣମୂଳ ସ୍ତରରୁ ମହିଳା ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ବିଭାଗ ସେତୁ ଭଳି କାମ କରିବ।

ଓଡ଼ିଶାର ପ୍ରଗତିକୁ ଆହୁରି ଦ୍ୱିଗୁଣିତ କରି ସୁଦୂରପ୍ରସାରୀ କରିବା ପାଇଁ ୫-ଟି ଓ ଲୋକାଯୁକ୍ତ ଭଳି ଅନେକ ପ୍ରଶାସନିକ ସଂସ୍କାର ବ୍ୟବସ୍ଥା କରିଛନ୍ତି। ଦୁର୍ନୀତିକୁ ଜିରୋ ଟଲରାନ୍ସ ଓ ତଦନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଲାଞ୍ଚୁଆ ଅଫିସରମାନଙ୍କୁ ଚାକିରିରୁ ବିଦା କରି ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ନୂତନ ଦିଗ ଦେବାରେ ସଫଳ ହୋଇଛନ୍ତି। ସାଧାରଣ ଲୋକେ ସରକାରୀସେବାକୁ ହାତପାହାନ୍ତାରେ ପାଇ ପାରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ଓଡ଼ିଶାର ପରିଚୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିପାରିଛି। ବିଶ୍ୱବାସୀଙ୍କ ପାଖରେ ଓଡ଼ିଶା ମଡେଲ ରାଜ୍ୟର ଖ୍ୟାତି ଅର୍ଜନ କରିପାରିଛି। କୋଭିଡ୍-୧୯ ମହାମାରୀ ବିପର୍ଯ୍ୟୟର ପଦଧ୍ୱନି ଆଗରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାକ୍ ଆକଳନ ଜନସାଧାରଣଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବା ସହ ଏଥିପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରୋନା ମହାମାରୀକୁ ପ୍ରତିହତ କରି ପାରିଛି। ଓଡ଼ିଶାର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଜାତିସଂଘ ଦ୍ୱାରା ସମ୍ମାନିତ ହୋଇ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି।

ସେହି ମହାନ୍ ଜନନାୟକ ସୁସ୍ଥ, ନିର୍ମଳ, ଭାବମୂର୍ତ୍ତିସମ୍ପନ୍ନ, ଦକ୍ଷ, ଓଡ଼ିଶାବାସୀଙ୍କ ହୃଦୟର ଅତି ପ୍ରିୟ ନେତା, ୫ଥର ସଫଳ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶାର ଅଗଣିତ ଭଉଣୀମାନଙ୍କ ତରଫରୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ‘୨୧ ବର୍ଷରେ ମା, ଭଉଣୀଙ୍କୁ ସୁରକ୍ଷା ଦେବାରେ ବିଜେଡି ବିଫଳ’

ଭୁବନେଶ୍ୱର,୮।୩(ବ୍ୟୁରୋ)



ଅନ୍ତର୍ଜାତୀୟ ମହିଳା ଦିବସରେ ବିଜେଡି ବିରୋଧରେ ଭାଜପାର ଶୋଭାଯାତ୍ରା।

ଗତ ୨୧ବର୍ଷ ଶାସନ କାଳରେ ରାଜ୍ୟରେ କେତେଜଣ ମହିଳାଙ୍କ କୋଳ ଖାଲି ହୋଇଛି ଏବଂ କେତେ ନାବାଳିକା ବଳାତ୍କାର ଓ ହତ୍ୟାର ଶିକାର ହୋଇଛନ୍ତି। ଦାଦନ ଖଟିବାକୁ କେତେ ଲକ୍ଷ ଓଡ଼ିଆ ବାହାରକୁ ଯାଇଛନ୍ତି ଏବଂ ଏହି କାରଣରୁ କେତେ ମା’ଙ୍କ ଆଖିରୁ ଲୁହ ଝରୁଛି, ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଦଳୀୟ ଆଧାରରେ ହୋଇଛି ନା ସାଧାରଣ ମହିଳାଙ୍କୁ ନେଇ ଗଠନ ହୋଇଛି, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ଲକ୍ଷ୍ୟ କେବଳ ଭୋଟବ୍ୟାଙ୍କ ନୁହେଁ କି ବୋଲି ଏମିତି କେତେକ ପ୍ରଶ୍ନ ପଚାରି ଶାସକ ବିଜେଡିକୁ ଭାଜପା ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଟାର୍ଗେଟ କରିଛନ୍ତି।

ଭାଜପା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସରେ ସ୍ମୃତି କହିଛନ୍ତି, ଦୀର୍ଘ ୨୧ ବର୍ଷର ଶାସନ ପରେ ମଧ୍ୟ ବିଜେଡି ରାଜ୍ୟର ମା’ ଓ ଭଉଣୀଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଛି। ତଥାପି ଓଡ଼ିଶା ମା’ ଓ ଭଉଣୀ ମାଗୁଛନ୍ତି ତାଙ୍କ ସମ୍ମାନ ଓ ସ୍ୱାଭିମାନ। ଏଭଳିଭାବେ ବସି ରହିଲେ ଆସନ୍ତା ଦିନରେ ବିଜେଡି ସରକାରକୁ ବଙ୍ଗୋପସାଗରରେ ଫୋପାଡ଼ିଦେବାକୁ ଜନସାଧାରଣ ପଛେଇବେ ନାହିଁ ବୋଲି ସ୍ମୃତି କହିଛନ୍ତି। ଅନ୍ୟପଟେ ମହାମାରୀ ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ଗୁରୁତ୍ୱ ଦେଇ ମାଗଣା ରୋଷେଇ ଗ୍ୟାସ୍ ବଣ୍ଟନ କରିଥିଲେ। ଏପରିକି ଚଳିତ ଆର୍ଥିକ ବର୍ଷ ବଜେଟରେ ମାଗଣ ଗ୍ୟାସ୍ ବଣ୍ଟନ ପାଇଁ ଅର୍ଥ ବରାଦ କରିଛନ୍ତି। ବିଶ୍ୱ ମହିଳା ଦିବସ ଅବସରରେ ମହିଳା ମୋର୍ଚ୍ଚା ତରଫରୁ ଏକ ପଦଯାତ୍ରା ରାଜ୍ୟ କାର୍ଯ୍ୟାଳୟରୁ ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯାଇଥିଲା ଏହି ଅବସରରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି।

# ବିଶ୍ୱ ମହିଳା ଦିବସରେ କପଡ଼ା ବାନ୍ଧି କଂଗ୍ରେସର ପ୍ରତିବାଦ



ଲୋୟର ପିଏମ୍‌ଜିରେ ମୁହଁରେ କପଡ଼ା ବାନ୍ଧି ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ବିଶ୍ୱ ମହିଳା ଦିବସ ଅବସରରେ ସୋମବାର ଲୋୟର ପିଏମ୍‌ଜି ଠାରେ ମହିଳା କଂଗ୍ରେସ ପକ୍ଷରୁ କଳାଦିବସ ପାଳନ ସହ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ମହିଳା କଂଗ୍ରେସ କର୍ମୀ ମୁହଁରେ କଳା କପଡ଼ା ବାନ୍ଧି ପ୍ରତିବାଦ କରିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, କଂଗ୍ରେସ ସର୍ବଦା ମହିଳାମାନଙ୍କ ବିକାଶ ପାଇଁ କାର୍ଯ୍ୟ କରି ଆସିଛି। ମହିଳାଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆରମ୍ଭକରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ପ୍ରଭୃତି ପଦବୀରେ କଂଗ୍ରେସ ମହିଳାମାନଙ୍କୁ ଅବସ୍ଥାପିତ କରିଛି। ବିଜେଡି ସରକାର ସର୍ବଦା ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି ବୋଲି ଡିଣ୍ଡିମ ପିଟୁଛି ଏବଂ ଗାଁକୁ କାମ- ମା’କୁ ସମ୍ମାନର ନାରା ଦେଇ ଚାଲିଛି। ଭାଜପା ସମର୍ଥିତ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ସବୁ କ୍ଷେତ୍ରରେ ବିଜେଡି ପାର୍ଲାମେଣ୍ଟରେ ସମର୍ଥନ କରି ଆସିଛି। ରାଜ୍ୟ ସରକାରଙ୍କର ଯଦି ଓଡ଼ିଶାର ମା’ଭଉଣୀଙ୍କ ପ୍ରତି ପ୍ରକୃତରେ ଦରଦ ଓ ଆନ୍ତରିକତା ଥାଏ ତେବେ ବିଜେଡି ପକ୍ଷରୁ ଭାଜପା ଉପରେ ଚାପ ପକାଇ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍‌କୁ ପାରିତ କରିବାକୁ ଉଦ୍ୟମ କରନ୍ତୁ। ଏହି କଳାଦିବସ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଛନ୍ତି, ଦେଶ ଓ ରାଜ୍ୟରେ ବର୍ତ୍ତମାନ ମହିଳାମାନେ ଅସୁରକ୍ଷିତ। ନାରୀ ନିର୍ଯାତନା ବଢ଼ିଚାଲିଛି। ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ କଳାଦିବସ ପାଳନ କରାଯାଇଥିଲା।






**ଆଜିର ମନ୍ତବ୍ୟ**

"କଂଗ୍ରେସରେ ଥିଲେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀ ହୋଇପାରିଥାନ୍ତେ। ଏବେ ସେ ଭାଜପାର ଜଣେ ପଛଧାଡ଼ିର ନେତା।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ନିଆଁ ନିୟନ୍ତ୍ରଣ...

(ଭାରପ୍ରାପ୍ତ) ଜିତେନ୍ଦ୍ର କୁମାର ସଦସ୍ୟ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଶଶୀ ପଲ୍, ଡେରାଡୁନ୍ ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ମହାନିର୍ଦ୍ଦେଶକ ପଙ୍କଜ ଅଗ୍ରୱାଲ, ଡେରାଡୁନସ୍ଥିତ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ଫରେଷ୍ଟ୍ରି ରିସର୍ଚ୍ଚ ଆଣ୍ଡ୍ ଏଜୁକେସନ ମହାନିର୍ଦ୍ଦେଶକଙ୍କ ପ୍ରତିନିଧି, ହାଇଦ୍ରାବାଦ ନ୍ୟାଶନାଲ ରିମୋଟ୍ ସେନ୍ସିଂ ସେଣ୍ଟରର ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ, ଓର୍‌ସାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ. ମଲ୍ଲିକ୍, ଓଡ଼ିଶା ଏନ୍‌ଭାଇରନ୍‌ମେଣ୍ଟ ସୋସାଇଟିର ସମ୍ପାଦକ ଜେ.କେ. ପାଣିଗ୍ରାହୀ ଓ ବାରିପଦାର ବିଜୟ ଅଗ୍ରୱାଲ ଏହାର ସଦସ୍ୟ ରହିଛନ୍ତି। ବନାଗ୍ନି ଘଟଣାବଳୀ, ଏଗୁଡ଼ିକର କାରଣ ଓ ତୁରନ୍ତ ଅଗ୍ନିନିର୍ବାପନର ସମୀକ୍ଷା, ପ୍ରଚଳିତ ଥିବା ଅଗ୍ନିନିର୍ବାପକ ପ୍ରୋଟୋକଲ ଓ ଜିଓମାଟ୍ରିକ୍ସ ଆଧାରିତ ଅଗ୍ନି ସୂଚନା ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଉପରେ ଟାସ୍କଫୋର୍ସ ପ୍ରସ୍ତାବ ଦେବ। ସେହିପରି ବନାଗ୍ନି ପରିଚାଳନା ଓ ପ୍ରତିରୋଧ କ୍ଷେତ୍ରରେ ଅଧିକରୁ ଅଧିକ ଗୋଷ୍ଠୀ ସମ୍ପୃକ୍ତି ପାଇଁ ପ୍ରସ୍ତାବ, ପ୍ରଭାବିତ ଅଞ୍ଚଳରେ ବନ୍ୟପ୍ରାଣୀ ଓ ଜୈବ ବିବିଧତାରେ କ୍ଷୟକ୍ଷତି ଆକଳନ ଓ ଏହି ସମସ୍ୟାର ସମୁଚିତ ସମାଧାନ ପାଇଁ ପ୍ରସ୍ତାବ ଦେବା ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ ହେବ ବୋଲି ମନ୍ତ୍ରୀ ଆରୁଖ ସୂଚନା ଦେଇଛନ୍ତି। ସେହିପରି ଜଙ୍ଗଲ ନିଆଁ ସ୍ଥିତି ସମ୍ପର୍କରେ ଡିଏଫ୍‌ଓମାନେ ପ୍ରତିଦିନ ସନ୍ଧ୍ୟା ୬ଟା ସୁଦ୍ଧା ରିପୋର୍ଟ ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଟାସ୍କଫୋର୍ସ ଗଠନକୁ ନେଇ ଉଠିଲାଣି ଅନେକ ପ୍ରଶ୍ନ। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ସମସ୍ତଙ୍କୁ ଭୁଆଁ ବୁଲାଇବା ପାଇଁ ରାଜ୍ୟ ସରକାର ଏଭଳି ଏକ ପ୍ରହସନ କରିଛନ୍ତି। କ୍ଷେତ୍ରକୁ ଯାଇ କାର୍ଯ୍ୟ କରୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କିମ୍ବା ପରିବେଶବିତ୍‌ଙ୍କୁ ସାମିଲ କରାଯାଇ ନାହିଁ। ମୁଖ୍ୟତଃ ଆଦିବାସୀଙ୍କ ପାଇଁ ଯେଉଁ ସଂସ୍ଥା କାର୍ଯ୍ୟ କରୁଛି, ସେମାନଙ୍କୁ ଏଥିରେ ସାମିଲ କରିବାର ଆବଶ୍ୟକ ରହିଥିଲା। କାରଣ ଜଙ୍ଗଲ ସହିତ ଆଦିବାସୀମାନେ ଜଡ଼ିତ ଥାଆନ୍ତି। ସେହି ସଂସ୍ଥା ସେମାନଙ୍କ ସମସ୍ୟା ଓ ସମାଧାନର ବାଟ ଫିଟାଇ ପାରିଥାନ୍ତେ। ସହରରେ ବସି ହ୍ୱାଟ୍ସଆପ୍‌ରେ କାର୍ଯ୍ୟ କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା କୌଣସି ସମସ୍ୟାର ସମାଧାନ ହେବନାହିଁ। କେବଳ ପଦକ୍ଷେପ ନେଉଛୁ ବୋଲି ଭେଳିକି ଦେଖାଇବା ପାଇଁ ବିଭାଗ ଏକ କଭର ଅପରେଶନ କରିଛି। ପୂର୍ବରୁ ବନାଗ୍ନି ପରିଚାଳନା ପାଇଁ ହୋଇଥିବା ଏସ୍‌ଓପିକୁ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଯଦି ଏସ୍‌ଓପିକୁ ଠିକ୍‌ରେ କାର୍ଯ୍ୟ କରାଯିବ ତା'ହେଲେ ଏହି ଟାସ୍କଫୋର୍ସର କିଛି ଆବଶ୍ୟକ ନାହିଁ ବୋଲି ବିଶ୍ୱଜିତ୍ କହିଛନ୍ତି।

ବନ ବିଭାଗର ସୂଚନାନୁସାରେ, ବନାଗ୍ନି ନିରାକରଣ ଓ ପରିଚାଳନା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଏସ୍‌ଓପି ଗତ ୩ବର୍ଷରେ ପ୍ରଭାବଶାଳୀ ଭାବେ ବନାଗ୍ନି ସଂଖ୍ୟା ହ୍ରାସ ଘଟାଇବାରେ ସକ୍ଷମ ହୋଇଛି। ୨୦୧୭ରେ ୩୬,୮୨୭ ସଂଖ୍ୟକ ବନାଗ୍ନି ଘଟଣା ଦୃଷ୍ଟିଗୋଚର ହୋଇଥିବାବେଳେ ୨୦୧୮ରେ ୩୧,୬୮୩, ୨୦୧୯ରେ ୧୯,୬୮୭ ଏବଂ ୨୦୨୦ରେ ୧୧,୦୮୮ ଘଟଣା ନଜରକୁ ଆସିଥିଲା। ରାଜ୍ୟରେ ଏବେ ଉଚ୍ଚସ୍ତରୀୟ ତଦାରଖ ମାଧ୍ୟମରେ ୬ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଜଙ୍ଗଲ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ବନାଗ୍ନି ତଦାରଖ ସେଲ୍ କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ବନାଗ୍ନି ଘଟଣା ଉପରେ ନଜର ରଖିଛନ୍ତି। ଏହାବ୍ୟତୀତ ୧୩,୫୦୦ରୁ ଅଧିକ ବନ ସୁରକ୍ଷା ସମିତି, ଯୁଗ୍ମ ବନ ପରିଚାଳନା କମିଟି, ଇଡିସିକୁ ବନାଗ୍ନି ପ୍ରତିରୋଧ ଏବଂ ନିର୍ବାପନ କାର୍ଯ୍ୟରେ ସଂଶ୍ଳିଷ୍ଟ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି।

### ଶିମିଳିପାଳର ୧,୪୨୮...

ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ଶିମିଳିପାଳ ଅଞ୍ଚଳରେ ୧,୧୭୫ ଜଣ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇ ନିଆଁକୁ ଆୟତ୍ତ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ୨୧୫ ଅଗ୍ନିନିର୍ବାପନ ଯନ୍ତ୍ର ଯୋଗାଇ ଦିଆଯାଇଛି। ୩୦୦ ସ୍ଥାନରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରି ସଚେତନତା ସୃଷ୍ଟି କରାଯାଉଛି। ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଅଗ୍ନି ରୋକିବା ଏବଂ ଏହାକୁ ବ୍ୟାପିବାକୁ ନ ଦେବା ଉଦ୍ଦେଶ୍ୟରେ ୩,୫୯୧ କିଲୋମିଟର ଫାୟାର ଲାଇନ୍ ସୃଷ୍ଟି କରାଯାଇଛି ଏବଂ ୪୦ଟି ନିଆଁ ଲିଭା ଗାଡ଼ି ବ୍ୟବହାର କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ 'ଅଗ୍ନି ଋତୁ' ଆରମ୍ଭ ହେବା ପୂର୍ବରୁ ଅଗ୍ନି ନିୟନ୍ତ୍ରଣ ପାଇଁ ଶିମିଳିପାଳ ଅଞ୍ଚଳରେ ୨ କୋଟି ୧୪ ଲକ୍ଷ ଟଙ୍କା ଦିଆଯାଇଛି। ଗତ ୩ତାରିଖ ଦିନ ଅତିରିକ୍ତ ମ୍ୟାନ୍ ପାୱାର ଓ ଯନ୍ତ୍ରାଦି ପାଇଁ ୧୪ ଲକ୍ଷ ଟଙ୍କା ଦିଆଯାଇଛି। ଅଗ୍ନି ନିର୍ବାପନ ପାଇଁ ସମୁଦାୟ ୨ କୋଟି ୨୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୭ ଜଣ ସହ ବନ ସଂରକ୍ଷକ (ଏସିଏଫ୍)ଙ୍କୁ ଏଥିପାଇଁ ଶିମିଳିପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି। ଶିମିଳିପାଳ ଜଙ୍ଗଲରେ ନିଆଁ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ବାହାର ଜଙ୍ଗଲରେ ନିଆଁ ସୀମିତ ରହିଛି। ତେଣୁ କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଏହାଦ୍ୱାରା ପ୍ରଭାବିତ ହୋଇପାରି ନାହାନ୍ତି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### କହୁଛନ୍ତି ନିୟନ୍ତ୍ରଣ ନାହିଁ,...

ତାମିଲନାଡୁ, ଆସାମ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ସମ୍ଭବତଃ ଏଇଥିପାଇଁ ତେଲ ଦର ବଢୁନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଲ ଉପରେ ଆମ ନିୟନ୍ତ୍ରଣ ନାହିଁ ବୋଲି କେନ୍ଦ୍ର ସରକାର ଯେତେ ସଫେଇ ଦେଲେ ମଧ୍ୟ ତାହା ବିଶ୍ୱାସଯୋଗ୍ୟ ନ ହେବା ପଛରେ ଥିବା କାରଣଟି ଏହିପରି। ୨୦୨୦ ବିହାର ବିଧାନସଭା ନିର୍ବାଚନ ବେଳେ ସେପ୍ଟେମ୍ବର ୨୨ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ତେଲ ଦର ବଢ଼ି ନ ଥିଲା। ୨୦୨୦ ଦିଲ୍ଲୀ ବିଧାନସଭା ଭୋଟ ସମୟରେ ଜାନୁୟାରୀ ୧ରେ ପେଟ୍ରୋଲ ଲିଟର ୭୫.୧୪ ଟଙ୍କା ଥିଲା, ଯାହାକି ୧୧ ତାରିଖରେ ୭୧.୯୪ ଟଙ୍କାକୁ ଖସିଯାଇଥିଲା। ଏହା ପୂର୍ବରୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ବେଳେ ନଭେମ୍ବର ୩୦ରେ ପେଟ୍ରୋଲ ଲିଟର ପିଛା ୭୪.୮୬ ଟଙ୍କାରେ ବିକ୍ରି ହେଉଥିଲା। ଡିସେମ୍ବର ୨୫ ବେଳକୁ ଏହା ୭୪.୬୩ ଟଙ୍କାକୁ ହ୍ରାସ ପାଇଥିଲା। ସେହିବର୍ଷ ଅକ୍ଟୋବର ୨ରୁ ୨୫ ତାରିଖ ମଧ୍ୟରେ ପେଟ୍ରୋଲ ୭୪.୬୧ ଟଙ୍କାରୁ ୭୩.୦୬ ଟଙ୍କାକୁ ହ୍ରାସ ପାଇବା ପଛରେ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନକୁ କାରଣ ଭାବେ ଦେଖାଯାଇଥିଲା। ୨୦୧୯ରେ ସାଧାରଣ ନିର୍ବାଚନ ହୋଇଥିଲା। ସେହି ସମୟରେ ଏପ୍ରିଲ ୬ ତାରିଖରେ ପେଟ୍ରୋଲ ଲିଟର ୭୨.୯୧ ଟଙ୍କା ଥିବାବେଳେ ମେ' ୨୨ ବେଳକୁ ଏହା ୭୧.୧୭ ଟଙ୍କାକୁ ଖସିଯାଇଥିଲା। ତେଣୁ ନିର୍ବାଚନ ବେଳେ ତେଲ ଦର ନ ବଢ଼ିବା ଆକସ୍ମିକ ସଂଯୋଗ ନା କେନ୍ଦ୍ର ସରକାର ଭାଜପାକୁ ଫାଇଦା ଦେବା ପାଇଁ ଜାଣିଶୁଣି ଏପରି କରାଉଛନ୍ତି ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।

୨୦୨୧ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ବେଳେ ଦିଲ୍ଲୀ ସୀମାରେ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀମାନଙ୍କୁ ଖୁସି କରିବାକୁ ଯାଇ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ (ଏଆଇଡିସି) ଘୋଷଣା କରିଥିଲେ। ପେଟ୍ରୋଲ ଉପରେ ୨.୫ ଟଙ୍କା ଓ ଡିଜେଲ ଉପରେ ୪ ଟଙ୍କା ଲାଗୁ କରି ସରକାର ଯୁକ୍ତି ବାଢ଼ିଥିଲେ ଯେ ଉପଭୋକ୍ତାଙ୍କ ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ତୈଳ ବିପଣନ କମ୍ପାନୀଗୁଡ଼ିକ ସହ କଥା ହୋଇ ଆମେ ତା'ର ବ୍ୟବସ୍ଥା କରିବୁ। ସେତେବେଳେ ଦିଲ୍ଲୀରେ ପେଟ୍ରୋଲ ଲିଟର ୮୬.୩୦ ଓ ଡିଜେଲ ୭୬.୪୮ ଟଙ୍କା ଥିଲା, ଯାହାକି ବର୍ତ୍ତମାନ ଯଥାକ୍ରମେ ୯୧.୧୭ ଏବଂ ୮୧.୪୭ ଛୁଇଁଛି। ମୁମ୍ବାଇରେ ଉଭୟ ଇନ୍ଧନ ୯୭.୫୭ ଏବଂ ୮୮.୬୦ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଏପ୍ରିଲ ୨୯ରେ ବିଧାନସଭା ନିର୍ବାଚନ ଶେଷ ହେଉଥିବାରୁ ଏହି ସମୟ ମଧ୍ୟରେ ତେଲ ଦର ବୃଦ୍ଧି ଘଟି ନ ପାରେ ବୋଲି ସମୀକ୍ଷକମାନେ କହୁଛନ୍ତି।

ଅନ୍ୟପକ୍ଷେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ବା ଅଶୋଧିତ ତେଲର ମୂଲ୍ୟ ସାମ୍ପ୍ରତି ବଢ଼ୁଥିବାରୁ ପେଟ୍ରୋଲ ଓ ଡିଜେଲ ଆଗକୁ ଆହୁରି ମହଙ୍ଗା ହୋଇପାରେ। ଆକାଶଛୁଆଁ ତେଲ ଦରକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଅତିରିକ୍ତ ଟିକସ ତୁରନ୍ତ ହଟାନ୍ତୁ ବୋଲି ବିରୋଧୀ ଦାବି କରୁଛନ୍ତି। ଫଳରେ ମୋଦି ସରକାର ଉପରେ ଏକ୍ସାଇଜ୍ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ପ୍ରତ୍ୟାହାର ଚାପ ବଢ଼ିବାରେ ଲାଗିଛି। ତେବେ ଅର୍ଥ ଓ ତୈଳ ମନ୍ତ୍ରଣାଳୟ ମଧ୍ୟରେ ଏନେଇ ଚାଲିଥିବା ବିଚାରବିମର୍ଶ ଉପରେ ସହମତି ପ୍ରକାଶ ପାଇପାରି ନାହିଁ। ଫଳରେ ଭାରତୀୟ ଉପଭୋକ୍ତାଙ୍କୁ ଏତେଶୀଘ୍ର ଆଶ୍ୱସ୍ତି ମିଳି ନ ପାରେ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୦.୪୪ ଡଲାର ରହିଛି। ଏହା ଆହୁରି ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସରକାରଙ୍କ ମତରେ ରାଜସ୍ୱ ସଂଗ୍ରହ ୧୪.୫% ହ୍ରାସ ପାଇଥିବାବେଳେ ଖର୍ଚ୍ଚ ୩୪.୫% ବଢ଼ିଛି। ଭାରତର ଋଣ-ମୋଟ ଘରୋଇ ଉତ୍ପାଦ(ଜିଡିପି) ଅନୁପାତ ୮୭%ରେ ଥିବାବେଳେ କେନ୍ଦ୍ର ଏକୁଟିଆ ଆଶ୍ୱସ୍ତି ଦେଇପାରିବ ନାହିଁ। ତେଣୁ ରାଜ୍ୟ ସରକାରମାନେ ଟିକସ ହ୍ରାସ କରିବା ଉଚିତ ବୋଲି କେନ୍ଦ୍ର କହୁଛି। ସେପଟେ ରାଜ୍ୟ ସରକାରମାନଙ୍କ ହାତ ମଧ୍ୟ ବାନ୍ଧି ହୋଇଯାଇଛି। ପ୍ରତି ୧୦୦ ଟଙ୍କା ତେଲ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ଡିଲର କମିଶନ ଯୋଡ଼ିଲେ ୬୫ ଟଙ୍କା ହେଉଛି। ଏଥିରୁ ୩୭ ଟଙ୍କା କେନ୍ଦ୍ର ପାଉଛି ଓ ୨୩ ଟଙ୍କା ଉପରେ ରାଜ୍ୟର ଅଧିକାର ରହିଛି। କରୋନା ଲକ୍‌ଡାଉନ୍ ସମୟରେ ଅନ୍ତର୍ଜାତୀୟ ବଜାରରେ ତେଲର ବେସିକ୍ ପ୍ରାଇସ୍ ଅତି ତଳକୁ (୨ ଦଶନ୍ଧିରେ ସର୍ବନିମ୍ନ) ଖସି ବ୍ୟାରେଲ ପିଛା ୨୦ ଡଲାରରେ ପହଞ୍ଚିଥିଲା। ସେତେବେଳେ ଲୋକେ ତେଲ ଦର କମିବ ବୋଲି ଆଶା କରିଥିଲେ। କିନ୍ତୁ ୨୦୨୦ ମାର୍ଚ୍ଚରୁ ମେ' ମାସ ମଧ୍ୟରେ କେନ୍ଦ୍ର ସରକାର ୨ଟି କିସ୍ତିରେ ପେଟ୍ରୋଲ ଉପରେ ୧୩ ଓ ଡିଜେଲ ଲିଟର ପିଛା ୧୬ ଟଙ୍କା ଉତ୍ପାଦ ଶୁଳ୍କ ବଢ଼ାଇଥିଲେ। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଶସ୍ତା ଥାଇ ମଧ୍ୟ ଭାରତରେ ବଢ଼ି ବଢ଼ି ଚାଲିଥିଲା। ଏବେ ମୂଳ ମୂଲ୍ୟରେ ୮୦% ବୃଦ୍ଧି ଘଟି ବ୍ୟାରେଲ ପ୍ରତି ୬୭ ଡଲାର ଉପରେ ଥିବାରୁ ତେଲ ମହଙ୍ଗା ହୋଇଛି।

### କିପରି ଶସ୍ତା ହୋଇପାରିବ

ପେଟ୍ରୋଲ, ଡିଜେଲ ମୂଲ୍ୟ ବୋଝ ହ୍ରାସ କରିବା ପାଇଁ ବିଶେଷଜ୍ଞମାନେ କେତେକ ଉପାୟ ବତାଇଛନ୍ତି। ପ୍ରଥମତଃ ତେଲ ଉପରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ପଡ଼ିବ। ଦ୍ୱିତୀୟରେ ଏଲ୍‌ପିଜି ଭଳି ପେଟ୍ରୋଲ ଓ ଡିଜେଲରେ ସବ୍‌ସିଡି ଦିଆଯାଉ। ଅବଶ୍ୟ ଏଲପିଜି ଉପରେ ଦିଆଯାଉଥିବା ସବ୍‌ସିଡି ଅତି ନଗଣ୍ୟ ରହିଛି। ତୃତୀୟ ବିକଳ୍ପ ହେଉଛି ତେଲକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନକୁ ଅଣାଯାଉ। କିନ୍ତୁ ଏହା ଏକ ରାଜନୈତିକ ପ୍ରସଙ୍ଗ। କାରଣ ରାଜ୍ୟ ସରକାରମାନେ ଗୋଟିଏ ସର୍ତ୍ତରେ ଜିଏସ୍‌ଟି ବିଲ୍ ଉପରେ ରାଜି ହୋଇଥିଲେ। ତାହା ହେଉଛି ମଦ ଓ ତେଲକୁ ଜିଏସ୍‌ଟି ପରିସର ବାହାରେ ରଖାଯିବ। ୨୦୧୭ ଜୁଲାଇ ୧ରୁ ପ୍ରଚଳିତ ଜିଏସ୍‌ଟିର ୪ ସ୍ଲାବ୍ ମଧ୍ୟରୁ ସବୁଠୁ ଉଚ୍ଚ ହାର ହେଉଛି ୨୮%। ଏସ୍‌ବିଆଇ ଅର୍ଥନୀତିଜ୍ଞମାନଙ୍କ ମତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ କର ପ୍ରତ୍ୟାହାର କରି ତେଲ ଉପରେ ଜିଏସ୍‌ଟି ଲାଗୁ କରିବା ଉଚିତ। ଏପରି କରାଗଲେ ସାରା ଦେଶରେ ଇନ୍ଧନର ମୂଲ୍ୟ ସମାନ ରହିବ। ପେଟ୍ରୋଲ ୭୫ ଓ ଡିଜେଲ ୬୮ ଟଙ୍କାରେ ମିଳିପାରିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ କେବଳ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାନି ହେବ, ଯାହାକି ଜିଡିପିର ୦.୪% ।

ଇତିମଧ୍ୟରେ ରାଜସ୍ଥାନ, ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀ ଓ ମେଘାଳୟ ତେଲ ଉପରୁ ମୂଲ୍ୟ ଯୁକ୍ତ ଟିକସ (ଭାଟ୍) କମାଇ ଲୋକଙ୍କୁ କିଛି କିଛି ଆଶ୍ୱସ୍ତି ଦେଇଛନ୍ତି। ରାଜସ୍ଥାନ ଜାନୁୟାରୀ ୨୯ରେ ଭାଟ୍‌କୁ ୩୮% ରୁ ୩୬% କରିଛି। ଆସାମ ଫେବୃୟାରୀ ୧୨ରେ ୫ ଟଙ୍କା ଟିକସ କମ୍ କରିଥିବାବେଳେ ମେଘାଳୟ ସବୁଠୁ ବେଶି ସୁବିଧା ଦେଇଛି। ସେଠାକାର ସରକାର ପେଟ୍ରୋଲ ଉପରେ ୭.୪୦ ଓ ଡିଜେଲ ଉପରେ ୭.୧୦ ଟଙ୍କା କମ୍ କରିଛନ୍ତି। ସଂଗୃହୀତ ଟିକସ ଅର୍ଥରୁ ବିକାଶ କାର୍ଯ୍ୟ କରାଯାଉଥିବାରୁ କେନ୍ଦ୍ର କିମ୍ବା ସବୁ ରାଜ୍ୟ ଏହାକୁ ହଟାଇ ପାରୁନାହାନ୍ତି। କେତେଜଣ ବିଶେଷଜ୍ଞଙ୍କ ମତ ହେଉଛି, ଭାରତ ତେଲ ପାଇଁ ନିଜସ୍ୱ ଷ୍ଟ୍ରାଟେଜିକ୍ ରିଜର୍ଭ ଭଣ୍ଡାର ବଢ଼ାଇବା ଉଚିତ। ବର୍ତ୍ତମାନ ଦେଶରେ ସମ୍ପୂର୍ଣ୍ଣ ଭାବେ ତେଲ ଆମଦାନୀ ବନ୍ଦ ହୋଇଗଲେ ନିଜସ୍ୱ ଭଣ୍ଡାରରେ ଥିବା ତେଲ ମାତ୍ର ୧୦ ଦିନ ମଧ୍ୟରେ ଶେଷ ହୋଇଯିବ। ତେଣୁ ସରକାର ଏହି ଅବଧିକୁ ଅନ୍ୟୂନ ୯୦ ଦିନକୁ ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଷ୍ଟ୍ରାଟେଜିକ୍ ରିଜର୍ଭ ଜରୁରୀ ପରିସ୍ଥିତି ପାଇଁ ଉଦ୍ଦିଷ୍ଟ। କିନ୍ତୁ ଅନ୍ତର୍ଜାତୀୟ ବଜାରରେ ବିଭ୍ରାଟ କିମ୍ବା ଯୁଦ୍ଧ କାରଣରୁ ତେଲ ଦରରେ ନିଆଁ ଲାଗିଲେ ଭଣ୍ଡାରରେ ଗଚ୍ଛିତ ତେଲକୁ ବ୍ୟବହାର କରାଯାଇ ପାରିବ। ବିଶ୍ୱରେ ସବୁଠୁ ବଡ଼ ଭଣ୍ଡାର ଆମେରିକା ପାଖରେ ରହିଛି। ଆମେରିକା ଓ ଚାଇନା ପରେ ଭାରତ ହେଉଛି ତୃତୀୟ ବୃହତ୍ ତେଲ ଆମଦାନିକାରୀ ଦେଶ। ଭାରତରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଆବଶ୍ୟକତାଠାରୁ ବହୁତ କମ୍ ଅଛି। ଏଥିପାଇଁ ଗତ ବର୍ଷ ଭାରତକୁ ୮୫% ପେଟ୍ରୋଲିୟମ ଉତ୍ପାଦ ବିଦେଶରୁ ଆମଦାନୀ କରିବାକୁ ପଡ଼ିଥିଲା।

### ସୌମେନ୍ଦ୍ର ନୂଆ...

ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ସିଏମ୍‌ଡି ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ଓପିଏଚ୍‌ଡବ୍ଲ୍ୟୁସି ସିଏମ୍‌ଡି ଥିବା ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଏମ୍. ଅକ୍ଷୟଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଜି ଭାବେ ବଦଳି କରାଯାଇଛି। ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି ପୋଲିସ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ହେବାପରେ ଅଗ୍ନିଶମ ଡିଜି ପଦ ଖାଲି ପଡିଥିଲା। ତେଣୁ କେନ୍ଦ୍ରୀୟ ଡେପୁଟେଶନରୁ ଫେରି ଓପିଏଚ୍‌ଡବ୍ଲ୍ୟୁସି ସିଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ଏମ୍. ଅକ୍ଷୟଙ୍କୁ ଉକ୍ତ ପଦରେ ଅବସ୍ଥାପିତ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ ନୂଆ ପଦ ଓ ନୂଆ ଦାୟିତ୍ୱ ସଂକ୍ରାନ୍ତରେ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଟୁଇନ୍‌ସିଟି ପୋଲିସ କମିଶନର ଭାବେ କାର୍ଯ୍ୟ କରିବା ବଡ଼ ଆହ୍ୱାନ। ଏହା ଏକ ଚ୍ୟାଲେଞ୍ଜିଂ କାମ। ସରକାର ଏଥିପାଇଁ ମୋ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ଏଭଳି ଏକ ବଡ଼ ଦାୟିତ୍ୱ ଦେଇଥିବାରୁ ମୁଁ ମୋର ସର୍ବୋତ୍ତମ ସେବା ଦେବାକୁ ଯଥାସମ୍ଭବ ଚେଷ୍ଟା କରିବି। ଦୁଇ ସହରରେ ପୋଲିସ ସେବାରେ ମାନବୃଦ୍ଧି କରିବାକୁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରିୟଦର୍ଶୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚତୁର୍ଥଭାବକୁ ଚାରୋଟି ଗ୍ରହ ଦେଖୁଥିବାରୁ ପିଲାମାନଙ୍କ ଦାବି ମୁତାବକ ଜିନିଷ ସେମାନଙ୍କର ଆନନ୍ଦ ବର୍ଦ୍ଧନ କରିବ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଆପଣଙ୍କ କାମରେ ସାହାଯ୍ୟ କରିବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କାମରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** – ଆଜିର କର୍ମକ୍ଷେତ୍ରରେ ରବି ଓ ଶୁକ୍ରଙ୍କ ପ୍ରଭାବରୁ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଅଷ୍ଟମ ଚନ୍ଦ୍ର ହେତୁ ଯାହା କରନ୍ତୁ ନା କାହିଁକି, ମନରେ ଟେନ୍ସନ ଲାଗି ରହିବ। ଆକସ୍ମିକ ଅର୍ଥ ଖର୍ଚ୍ଚ ଯୋଗୁ ଚିନ୍ତା ବଢ଼ିଯାଇପାରେ। ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** – ଦୁଃସ୍ଥାନସ୍ଥ ଗ୍ରହମାନେ ଆପଣଙ୍କ ଆର୍ଥିକସ୍ଥିତିକୁ ମଜଭୁତ ଓ ମନକୁ ଉତ୍ସାହିତ କରିବେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜି ପାରନ୍ତି, ଯାହା କି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଚିନ୍ତା କରୁଥିବା କାମରେ ସଫଳତା ଆଜି ଅପରାହ୍ନରେ ପାଇବେ।

**କର୍କଟ** – ଆଜି ବ୍ୟୟାଧିପ ଚନ୍ଦ୍ର ରାଶିରେ ଥିବାରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ରହିପାରିବେ ନାହିଁ। ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** – ରାହୁ ଯୁକ୍ତ ମଙ୍ଗଳ କର୍ମକ୍ଷେତ୍ରରେ ଥିବାରୁ ମନରେ ସାହସ ବାନ୍ଧି କୌଣସି କାମ କଲେ ସଫଳତା ପାଇବେ। ଯେତେଯାହା କଲେ ମଧ୍ୟ ଆତ୍ମୀୟଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଏକାସଙ୍ଗରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା** – ବୃହସ୍ପତି ନୀଚ ରାଶିରେ ଥିବାରୁ ପାରିବାରିକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ଅଫିସରେ ଅଧସ୍ତନ କର୍ମଚାରୀଙ୍କ ସହ ସାଧାରଣ କଥାରେ ବିତର୍କ ସୃଷ୍ଟି ହେବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** – ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅଧିକାଂଶ ସମୟ ଅସ୍ଥିର ମନ କାରଣରୁ ପରିବାରରେ ଝଡ଼ ଉଠିପାରେ। ମାନସିକ ଅଶାନ୍ତି କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିବେ।

**ବିଛା** – ରାଶିରେ ମୁଣ୍ଡବିହୀନ ଗ୍ରହ କେତୁ ଅବସ୍ଥାନ କରିଥିବାରୁ ଅନ୍ୟ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଧାର କରଜ କରି ଆବଶ୍ୟକତା ଚଳାଇ ନେବାକୁ ବାଧହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅର୍ଥ ସମ୍ପର୍କକୁ ନେଇ ତର୍କର ସମ୍ମୁଖୀନ ହେବେ।

**ଧନୁ** – ମୁଖଭାବରେ ବୁଧ ସମେତ ଚାରୋଟି ଗ୍ରହ ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାରକୁ ରୁକ୍ଷ କରିଦେଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଗତିକରିବେ। ମୂଳା ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – ଆପଣଙ୍କ ରାଶିରେ ଚତୁଃଗ୍ରହଜନିତ ରାଜଯୋଗ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅଜେୟ ହେବେ। ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନଙ୍କଠାରୁ ଯଥାସମ୍ଭବ ସତର୍କ ରୁହନ୍ତୁ।

**କୁମ୍ଭ** – ଆପଣଙ୍କ ରାଶିରେ ବାଧକଗ୍ରହ ଶୁକ୍ର ଥିବାରୁ ଆଜି ଯେଉଁ କାମ କରିବେ ବିଫଳ ଆଶଙ୍କା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** – ଆଜି କର୍ମାଧିପ ନୀଚସ୍ଥ ହେତୁ ଈର୍ଷାପରାୟଣ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢା ଓ ଜମିଜମା କାରବାରରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ସର୍ବସମ୍ମତ ପଞ୍ଚୋଦ୍ଧାର ଏକାଦଶୀ ମଙ୍ଗଳବାର, ମାର୍ଚ୍ଚ-୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୨୫ମି. ଗତେ ଘ.୧୦.୪୬ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୩.୨୯ମି. ଗତେ ଘ.୦୫.୦୩ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୨୨ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

real estate

**SALE**

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୂପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136. D-69385

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

New 2BHK flat sale at Srusti Mansion apartment Sundarpada, Jatni mainroad side @30lakhs. 9937097791. D-70802

Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085. D-70808

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70431

Newly constructed B+4F+4R building few 3BHK flats for sale near new Govt. Colony, Press Chhaka, Sainik School, prime location genuine buyer ony. Contact 10-12AM, Mobile-9437101841. D-20173

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

Independent two storied house 6BHK at Jagmohan Nagar, Bhubaneswar. Contact owner- 9437439331 (No brokers). D-70807

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648. D-20177

## GENERAL

**SALE**

Vietnam koi, Singhi, Rupchanda, Pangasius fish seeds available for biofloc fish farming. Contact: 6370797535. D-20108

to-let

4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997

ପିପିଲି ଥାନା ନିକଟ ପୁରୁଣା ଷ୍ଟେଟ୍ ବ୍ୟାଙ୍କସ୍ଥିତ Anima Complexରେ ଘରଭଡ଼ା ଦିଆଯିବ। ଯୋଗାଯୋଗ-9668502525. D-69976

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Swarna SPA newly open positively health benefits with expert therapist. 9556978408. D-70551

Zen SPA positively health benefits with experts therapeutic genuinely massage. 7205084157. D-70554

## AFFIDAVIT

By virtue of an affidavit before Notary, Cuttack, I, Kirtiraj Nanda, S/o- Jeetendra Kumar Nanda, At/ Po- Odagaon, P.S.- Odagaon, Nayagarh declare that I want to change my name from "Kirtiraj Nanda" to "Kirrttiraj Nanda" for all future purposes. D-20159

I, Kishore Das, S/o- Upendra Das, At-Poilo, Po-Bhagabatpur, Kendrapara, Pin-754208, ODISHA, changed my name as KISHOR DAS. D-20154

## LEGAL NOTICE

ଜେ.ଏମ୍.ଏଫ୍.ସି. କୋର୍ଟ. କଣ୍ଟାବାଞ୍ଜି
ସି.ଏମ୍.ସି. ୪୩/୨୦୧୫,
ମାୟାବତୀ କୁମ୍ଭାର
.........ପକ୍ଷ/ ଅର୍ଜିଦାର
ବନାମ
ହେମନ୍ତ ବିଭାର
.......ବିପକ୍ଷ
ଶ୍ରୀ ହେମନ୍ତ ବିଭାର, ଗ୍ରା.ପ. କାର୍ଯ୍ୟ ନିର୍ବାହୀ ଅଧିକାରୀ

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି କି, ଆପଣଙ୍କ ବିରୁଦ୍ଧରେ ସି.ଏମ୍.ସି. ୪୩/୨୦୧୫ ଅନୁଯାୟୀ ଅର୍ଜିଦାର ମାୟାବତୀ କୁମ୍ଭାର ଖୋରାକି ଦାବି ମୋକଦ୍ଦମା ଦାଏର କରିଛନ୍ତି। ଆପଣଙ୍କ କାର୍ଯ୍ୟରତ ଠିକଣା ଅନିର୍ଦ୍ଦିଷ୍ଟ ଯୋଗୁଁ କୋର୍ଟରେ ହାଜର ହୋଇ ଜବାବୀ ଦାଖଲ କରିବା ସକାଶେ ନୋଟିସ ପାଇବାରେ ବିଫଳ ହେଉଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଆସନ୍ତା ୧୬।୦୩।୨୧ ତାରିଖ ଦିନ ଆପଣ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ନହେଲେ ଅର୍ଜିଦାରଙ୍କ ସପକ୍ଷରେ ଏକତରଫା ଶୁଣାଣି ହେବ ଧ-୨୦୧୭୬

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ଶ୍ରଦ୍ଧାଞ୍ଜଳି (ରିଦ୍ଧି)**
ଭୁବନପୁର, ବାଲିଅନ୍ତା
ତୋର ଦୀର୍ଘ ନିରାମୟ ଜୀବନ କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ଜେଜେ: ଭୀମସେନ, ଜେଜେମା: ହାରାମଣୀ, ଅଜା, ଆଈ, ମାମୁ: ବଡ଼ବାପା, ବଡ଼ମାଆ, ଦାଦା ଓ ପରିବାରବର୍ଗ।
ଧ-୪୬୨୯୮

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ରେଲୱେ ବିଲ୍ଡିଂରେ ଅଗ୍ନିକାଣ୍ଡ: ୭ ମୃତ**

**କୋଲକାତା:** ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ଥିବା ଇଷ୍ଟର୍ନ ରେଲୱେ ଅଫିସ୍ ବିଲ୍ଡିଂରେ ସୋମବାର ସନ୍ଧ୍ୟାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ରାଥମିକ ସୂଚନା ଅନୁସାରେ ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୪ ଅଗ୍ନିଶମ ଅଧିକାରୀ, ୨ ରେଲୱେ ପ୍ରୋଟେକଶନ ଫୋର୍ସ (ଆରପିଏଫ୍) ଯବାନ ଏବଂ ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରହିଥିବା ଅଗ୍ନି ନିର୍ବାପକ ବିଭାଗ ମନ୍ତ୍ରୀ ସୁଜିତ ବୋଷ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାର ଅନୁଧ୍ୟାନ କରୁଥିବା ବୋଷ କହିଛନ୍ତି।

# ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର, ୮।୩(ବ୍ୟୁରୋ):** ସମୟ ସହ ତାଳ ଦେଇ ଯୁବଗୋଷ୍ଠୀ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ପୂର୍ବପୁରୁଷଙ୍କ ବିଷୟରେ ଜାଣିବା ଆବଶ୍ୟକ। ଏହିସବୁ ଘଟଣାବଳୀକୁ ବହୁଳ ଭାବେ ପ୍ରଚାର କରାଯିବା ଦରକାର। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ପରିଚାଳନା କରିଥିବା କମ୍ ଜଣାଶୁଣା ମହାପୁରୁଷଙ୍କ ବିଷୟକୁ ମଧ ଲୋକଲୋଚନକୁ ଆଣିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ୭୫ ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ପ୍ରସ୍ତୁତି ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେଇଛନ୍ତି। ଏଥିସହିତ ଦେଶ ବାହାରେ ମଧ ବହୁ ଘଟଣା ଘଟିଛି, ସେଗୁଡିକୁ ମଧ ଏଥିରେ ସାମିଲ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆନ୍ତରିକତାର ସହ ଜାତିରପିତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଭାରତୀୟ ସମ୍ବିଧାନରେ ସାମିଲ ହୋଇଥିବା ଭାରତ ସ୍ୱାଧୀନତାର ମୂଳମନ୍ତ୍ରର ମୂଲ୍ୟବୋଧକୁ ପ୍ରଚାର କରିବାର ଆବଶ୍ୟକତା ରହିଛି। ନ୍ୟାୟ ଓ ସମାନତା ଯାହାକି ସ୍ୱାଧୀନତାର ମୂଳମନ୍ତ୍ର ଥିଲା ତାହା ବର୍ତ୍ତମାନ ସମୟରେ ମଧ ପୁନଃ ପ୍ରଚାରିତ ହେବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ୭୫ ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ଉତ୍ସବରେ ସମସ୍ତ ଭାରତୀୟ ଏବଂ ବିଶ୍ୱର କୋଣଅନୁକୋଣରେ ରହୁଥିବା ଭାରତୀୟମାନେ ଯେପରି ଯୋଡିହେବେ ସେ ନେଇ ସମସ୍ତ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ସ୍ୱାଧୀନତା ଦିବସ ପାଳନ ସମାରୋହ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ଏଥିପାଇଁ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ପାଣି ପାଇଁ ମହିଳାଙ୍କ ଚକାଜାମ୍

**ବସ୍ତା, ୮।୩ (ଡି.ଏନ.ଏ.)**

ସମଗ୍ର ଦେଶ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବା ବେଳେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଜୁଣବଳଦା ଗ୍ରାମର ମହିଳାମାନେ ପାଣି ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ୬୦ନଂ. ଜାତୀୟ ରାଜପଥର ଗୁଡିଖାଲଠାରେ ସୋମବାର ଦୀର୍ଘ ୩ଘଣ୍ଟା ଧରି ମହିଳାମାନେ ଖରାରେ ଚକାଜାମ୍ କରିବା ଯୋଗୁ ଦୁଇପଟେ ଯାନବାହନଗୁଡିକ ଅଟକି ରହିଥିଲା। ବସ୍ତା ପୋଲିସ, ଆରଡବ୍ଲ୍ୟୁଏସଏସ ଜେଇ ବିନୋଦ ଦାସ, ସରପଞ୍ଚ ସୁନୀଲ ସେନାପତି ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ମହିଳାମାନେ ଧାରଣାରୁ ହଟିଥିଲେ।

କୁଳିଦା ପଞ୍ଚାୟତ ଅଧୀନ ଜୁଣବଳଦା ଗ୍ରାମର ୨ଟି ୱାର୍ଡବାସୀ ଦୀର୍ଘମାସ ଧରି ପିଇବା ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ ଏହି ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ରହିବା ସହ ସରକାରୀ ଟ୍ୟୁବୱେଲ ୪ ମାସ ହେଲା ପାଣି ବାହାରୁନି। ଫଳରେ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ସେମାନେ କୁଳିଦା ସରପଞ୍ଚଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିଲାନି। ଫଳରେ ସେମାନେ ବାଧ ହୋଇ ରାସ୍ତାରେ ଗରା, ବାଲ୍‌ଟି ରଖି ଅବରୋଧ କରିଥିଲେ। ଏଥିଯୋଗୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡିଥିଲା। ଏନେଇ ବିଭାଗୀୟ ଜେ.ଇ. ଦାସ କହିଛନ୍ତି, ରବିଋତୁରେ ଧାନଚାଷ ପାଇଁ ଏଲଆଇ ପଏଣ୍ଟ ଓ ଘରୋଇ ସେଲୋ ଚାଲୁଥିବାରୁ ଭୂତଳ ଜଳସ୍ତର କମିଛି। ଏଥିଯୋଗୁ ବିଭିନ୍ନ ଟ୍ୟୁବୱେଲର ଜଳସ୍ତର ୮୦ଫୁଟରୁ ୧୨୦ଫୁଟକୁ ଖସିଯାଇଛି। ଏସବୁ ଟ୍ୟୁବୱେଲରେ ଅଧିକ ପାଇପ ଲଗାଇ ସଚଳ କରାଯିବା ସହ ପାନୀୟଜଳ ପ୍ରକଳ୍ପକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

**୩ ଘଣ୍ଟା ଧରି ଅବରୋଧ କଲେ ଜାତୀୟ ରାଜପଥ**



ମହିଳାମାନେ ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

# ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ଉଦ୍ୟମ

**ବିଶ୍ୱ ମହିଳା ଦିବସରେ ଆଲୋଡ଼ନ**

- ଅଭିଯୁକ୍ତମାନଙ୍କ ସହ ଲଢ଼ି ଖସିଆସିଲେ ପୀଡ଼ିତା
- ୪ ଅଭିଯୁକ୍ତ ଗିରଫ, ଆଜି ହେବ ଡାକ୍ତରୀ ମାଇନା

**କାଳିଆପାଣି,୮।୩(ଡି.ଏନ୍.ଏ.)**

ସୋମବାର ବିଶ୍ୱ ମହିଳା ଦିବସ ସମାରୋହ ଖୁବ୍ ଧୁମ୍‌ଧାମରେ ପାଳନ ହେଉଥିବା ବେଳେ ସୁକିନ୍ଦା ନିକଟ ଭିମଟଙ୍ଗର ଗ୍ରାମ ନିକଟ ବୁଦ୍ଦୁବୁଦିଆ ଜଙ୍ଗଲରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଆଦିବାସୀ ନାବାଳିକାଙ୍କୁ ୪ଜଣ ଯୁବକ ଗଣବଳାତ୍କାର ଉଦ୍ୟମ କରିଛନ୍ତି। ଏ ସଂକ୍ରାନ୍ତରେ କାଳିଆପାଣି ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଟାଟାହଟିଂ ତାରେଣୀ ମାର୍କେଟରେ ରହୁଥିବା ଧାମନଗର ଥାନା ଦଶରଥପୁର ଗ୍ରାମର ସନ୍ତୋଷ କୁମାର ପୃଷ୍ଟି (୩୧) ଓ ରବି ନାଏକ(୨୦), ମଲ୍ଲାରସାହିର ସିଲୁ ମହାନ୍ତ(୨୦), କାଟେପୁର୍ତ୍ତି ନଗରର ସତ୍ୟବ୍ରତ ବେହେରା(୨୦)।

ସୂଚନା ଅନୁଯାୟୀ, ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ କଲରଙ୍ଗୀ ଗ୍ରାମର ଜଣେ ନାବାଳକଙ୍କ ସହ ଡୁବୁରୀ ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ଏକ ବସ୍‌ରେ ବ୍ରାହ୍ମଣୀପାଳରୁ ଆସି ଟାଟା ବଜାରରେ ସୋମବାର ଅପରାହ୍ଣରେ ଓହ୍ଲାଇଥିଲେ। ସେମାନେ ଟାଟା ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରୁ ଚାଓମିନ ଖାଇ ଟମ୍‌କା-ମଙ୍ଗଳପୁର ଖଣି ରାସ୍ତାରେ ଚାଲି ଚାଲି କଲରଙ୍ଗୀ ଗ୍ରାମକୁ ଯାଉଥିଲେ। ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେମାନେ ଭିମଟାଙ୍ଗର ଗ୍ରାମ ପରେ କଲରଙ୍ଗୀ ଡାବା ଛକକୁ ଏକ ପାଦଚଲା ଗଳି ରାସ୍ତାରେ ଯାଇଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଭୟ ଶୀଘ୍ର ଶୀଘ୍ର ଚାଲିଥିଲେ। ଏହି ସମୟରେ ଅଚାନକ ୨ ମୋଟର ସାଇକେଲରେ ୪ ଜଣ ଯୁବକ ଆସି ସେମାନଙ୍କ ଆଗରେ ଅଟକିଥିଲେ। ନାବାଳକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ୪ଜଣ ଯୁବକଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ମାତ୍ର ସେହି ଯୁବକମାନେ ନାବାଳକଙ୍କୁ ଆକ୍ରମଣ କରିବା ସହ ୨ଜଣ ଯୁବକ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। କୌଶଳକ୍ରମେ ନାବାଳକ ଜଣକ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏହି ସୁଯୋଗରେ ସମ୍ପୃକ୍ତ ଯୁବକମାନେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ନାବାଳିକା ଖୁବ୍ ସାହସର ସହିତ ସେମାନଙ୍କ ସହିତ ଲଢ଼ି ଇଜ୍ଜତ ରକ୍ଷା ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ। ଶେଷରେ ନାବାଳିକା ସେହି ବୁଦ୍ଦୁବୁଦିଆ ଜଙ୍ଗଲରୁ ମୁଖ୍ୟ ରାସ୍ତାକୁ ଚାଲି ଆସି ବଡ଼ପାଟିରେ ଚିତ୍କାର କରିବାରୁ କେତେଜଣ ଲୋକ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ନାବାଳିକାଙ୍କୁ ଉଦ୍ଧାର କରି କାଳିଆପାଣି ଥାନାକୁ ଖବର ଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ରାମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କଠାରୁ ଖସି ପଳାଇଥିବା ନାବାଳକଙ୍କ ବୟାନ ଅନୁଯାୟୀ ପୋଲିସ ସମ୍ପୃକ୍ତ ୪ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କ ଅଭିଯୋଗ କ୍ରମେ କାଳିଆପାଣି ଥାନାରେ ଏକ ମାମଲା (ନଂ. ୨୪/୨୧) ପୋକ୍‌ସୋ ଆଇନ ଅନୁଯାୟୀ ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ମଙ୍ଗଳବାର ଡାକ୍ତରୀମାଇନା କରାଯିବା ପରେ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଗୌତମ ଦାସ ଓଡ଼ିଶା ଟପ୍ପର

**ଜେଇଇ ମେନ୍ ପରୀକ୍ଷା ଫଳ**

**୬ଜଣଙ୍କ ଶତ ପ୍ରତିଶତ ଫଳାଫଳ**

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍‌ର ପେପର-୧(ବିଇ/ବିଟେକ୍) ଫଳାଫଳ ସୋମବାର ପ୍ରକାଶ ପାଇଛି। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀୟାଲ ନିଶଙ୍କ ଘୋଷଣା କରିବା ସହିତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୬ଜଣ ପରୀକ୍ଷାର୍ଥୀ ଶତ ପ୍ରତିଶତ ରେଜଲ୍ଟ କରିଛନ୍ତି। ସେମାନେ ହେଲେ ଦିଲ୍ଲୀର ପ୍ରଭାର କଟରିଆ ଓ ରଞ୍ଜିମ ପ୍ରବଳ ଦାସ, ରାଜସ୍ଥାନର ସକେତ୍ ଝା, ଚଣ୍ଡିଗଡ଼ର ଗୁରମିତ୍ ସିଂ, ମହାରାଷ୍ଟ୍ରର ସିଦ୍ଧାନ୍ତ ମୁଖାର୍ଜୀ ଓ ଗୁଜରାଟର ଅନନ୍ତ କ୍ରିଷ୍ଣା କିଡ଼ାମ୍ବୀ। ତେବେ ଓଡ଼ିଶାର ଗୌତମ ଦାସ ୯୯.୯୯ ପର୍ସେଣ୍ଟାଇଲ ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ଗୌତମ ହେଉଛନ୍ତି ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର। ସେ ଗଣିତ ଓ ଫିଜିକ୍ସରେ ୧୦୦ରୁ ୧୦୦ ନମ୍ବର ରଖିଥିବାବେଳେ କେମେଷ୍ଟ୍ରିରେ ୧୦୦ରୁ ୯୦ ନମ୍ବର ରଖିଛନ୍ତି।

ଏହି ସଫଳତା ସମ୍ପର୍କରେ ଗୌତମ କହିଛନ୍ତି, ଦିନକୁ ପ୍ରାୟ ୮ଘଣ୍ଟା ପରିଶ୍ରମ କରୁଥିଲି। ଏଥର ପରୀକ୍ଷା ପ୍ରଶ୍ନ ବେଶି କଷ୍ଟ ନ ଥିଲା। କେମେଷ୍ଟ୍ରି ପେପର ଅଧିକ ଟ୍ରିକି ରହିଥିଲା। ସ୍କୁଲ ହେଉ କି କୋଚିଂ ସେଣ୍ଟର, ଯେଉଁଠି ବି ପଢ଼ିଲେ ମଧ ନିଜେ ପରିଶ୍ରମ ନ କଲେ ଭଲ ରେଜଲ୍ଟ ହେବ ନାହିଁ। ତେଣୁ ସବୁପିଲା ଯେତେ ସମ୍ଭବ ଅଧିକ ସମୟ ପାଠ ପଢ଼ନ୍ତୁ। ଭବିଷ୍ୟତରେ ଆଇଆଇଟି ବମ୍ବେରେ ପଢ଼ିବାକୁ ଆଶା ରଖିଥିବା ଗୌତମ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ସଫଳତା ପାଇଁ ସେ ମା', ବାପା, ସ୍କୁଲ ଶିକ୍ଷକ ଓ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨୪ରୁ ୨୬ ମଧ୍ୟରେ ଏହି ପରୀକ୍ଷା ହୋଇଥିଲା। ୧୦ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ କରାଯାଇଥିବାରୁ ଏନ୍‌ଟିଏର ଏହା ବଡ଼ ସଫଳତା ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଟୁଇଟ୍ କରି ପ୍ରକାଶ କରିଛନ୍ତି। ଏଥର ୬,୨୦,୯୭୮ଜଣ ପରୀକ୍ଷା ଦେଇଥିଲେ। ୩୩୧ଟି ସହରରେ ମୋଟ ୮୨୮ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଭାରତ ବାହାରେ କଲମ୍ବୋ, ଦୋହା, ଦୁବାଇ, କାଠମାଣ୍ଡୁ, ମସ୍କାଟ, ରିୟାଧ, ଶାରଜା, ସିଙ୍ଗାପୁର ଓ କୁଏତ୍ ଆଦି ସହରରେ ବି ପରୀକ୍ଷା ହୋଇଥିଲା। ପୂର୍ବରୁ ଏହି ପରୀକ୍ଷା ୩ଟି ଭାଷାରେ ହେଉଥିବାବେଳେ ଚଳିତବର୍ଷ ପ୍ରଥମଥର ପାଇଁ ଇଂଲିଶ, ହିନ୍ଦୀ, ଗୁଜରାଟୀ, ଅସମିଆ, ବଙ୍ଗଳା, କନ୍ନଡ଼, ମାଲାୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ ଆଦି ୧୩ ଭାଷାରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର https://jeemain.nta.nic.in ୱେବ୍‌ସାଇଟ୍‌କୁ ଯାଇ ପରୀକ୍ଷାଫଳ ସହ ଅଧିକ ତଥ୍ୟ ପାଇପାରିବେ।



ଗୌତମ ଦାସ

# କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ: ୩ ବଗିରେ ନିଆଁ

**ରାୟଗଡ଼ା ଅଫିସ,୮।୩:** ଛତିଶଗଡ଼ର କିରାଣ୍ଡୁଲରୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଟ୍ରେନ୍‌ଟି ରାୟଗଡ଼ା ଜିଲା ଲାଡା ଷ୍ଟେଶନ ନିକଟରେ ପହଞ୍ଚିବାବେଳେ ପ୍ରଥମେ ୨୬ ନମ୍ବର ବଗିରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଏହାପରେ ଟ୍ରେନ୍ ଷ୍ଟେଶନରେ ଅଟକିଥିଲା। ତେବେ ନିଆଁ ଗୋଟିଏ ବଗିରୁ ୩ଟି ବଗିକୁ ବ୍ୟାପିଯାଇଥିଲା। ଖବର ପାଇ ରାୟଗଡ଼ା ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ନିଆଁ ଲିଭା ଜାରି ରହିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

# ଲକ୍ଷ୍ୟ ହାସଲ ପାଇଁ ମାର୍ଗଦର୍ଶନ ଲୋଡ଼ା



**କରୋନା ମହାମାରୀ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିଛି। ଡିଜିଟାଲ ଉପାୟରେ ଶିକ୍ଷା ପଦ୍ଧତି ବିକଶିତ ହେବା ସହ ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ସବୁ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ବନ୍ଦ ଥିବାବେଳେ ପିଲାଙ୍କୁ ଅନ୍‌ଲାଇନ୍ କ୍ଲାସ୍ ଜରିଆରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଗୁଣାତ୍ମକ ଶିକ୍ଷା ଯୋଗାଇଥିଲା। ଲକ୍‌ଡାଉନ୍ ବେଳେ ସମ୍ପୂର୍ଣ୍ଣ ଡିଜିଟାଲ ହେବାରେ ଓଡ଼ିଶାରେ ଏହା ପ୍ରଥମ ଇନ୍‌ଷ୍ଟିଚ୍ୟୁଟ୍ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ କହନ୍ତି ଜିନ୍ଦଗୀ ଫାଉଣ୍ଡେଶନ୍ ଏବଂ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅଜୟ ବାହାଦୁର ସିଂ।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**➥ଅନ୍‌ଲାଇନ୍ ଶିକ୍ଷାଦାନର ମୁଖ୍ୟ ସମସ୍ୟା କ'ଣ?**

ଆର୍ଥିକ ଅସ୍ୱଚ୍ଛଳ ବର୍ଗର ପିଲାଙ୍କ ଲାଗି ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦେବା କଷ୍ଟକର ହୋଇଥାଏ। ଅନେକଙ୍କ ପାଇଁ ସ୍ମାର୍ଟଫୋନ୍ ପାଇବା ସହଜ ହୁଏନି। ଗ୍ରାମାଞ୍ଚଳରେ ଉପଯୁକ୍ତ ନେଟୱର୍କ ମିଳିବାରେ ବି ସମସ୍ୟା ହୁଏ। ଜିନ୍ଦଗୀ ଫାଉଣ୍ଡେଶନ୍‌ର ଜଣେ ଛାତ୍ରଙ୍କୁ ଆମେ ଏକ ସ୍ମାର୍ଟଫୋନ୍ ଦେବାକୁ ଚେଷ୍ଟା କଲୁ। କିନ୍ତୁ ତାଙ୍କ ବାପାଙ୍କ ନମ୍ବର କାମ କରୁ ନ ଥିବାରୁ ତାଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଏପରି କି ସେ ଫୋନ୍ ରିଚାର୍ଜ ବି କରିପାରି ନ ଥିଲେ। ତେବେ ଈଶ୍ୱରଙ୍କ କରୁଣାରୁ ସେ କଠିନ ପରିଶ୍ରମ କରି ସଫଳ ହୋଇପାରିଛନ୍ତି।

**➥ଶିକ୍ଷାଦାନ ପାଇଁ କେଉଁଟି ଭଲ ମାଧ୍ୟମ, ଅନ୍‌ଲାଇନ୍ ନା ଅଫ୍‌ଲାଇନ୍?**

ଦେଖନ୍ତୁ, ଅଫ୍‌ଲାଇନ୍ ଶିକ୍ଷାଦାନର ବିକଳ୍ପ ବାଛିବା ଅସମ୍ଭବ। ଶ୍ରେଣୀଗୃହରେ ଶିକ୍ଷାଦାନ ହେଲେ ଏହା ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ମନୋନିବେଶ କରିବା ଦିଗରେ ସହାୟକ ହୋଇଥାଏ। ଅଫ୍‌ଲାଇନ୍ କ୍ଲାସ୍‌ରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଆଖିକୁ ଚାହିଁଦେଇ ସେମାନେ ବିଷୟଟିକୁ କେତେ ବୁଝିପାରୁଛନ୍ତି ବା ଗ୍ରହଣ କରୁଛନ୍ତି ତାହା ଜାଣିଦିଅନ୍ତି। ଅନ୍‌ଲାଇନ୍ କ୍ଲାସ ଏବଂ ଶ୍ରେଣୀଗୃହରେ ଶିକ୍ଷାଦାନର ଦୁଇଟି ବ୍ୟବସ୍ଥା ଏକସାଙ୍ଗେ ରହିପାରେ। ତେବେ ଅଫ୍‌ଲାଇନ୍ ଶିକ୍ଷାଦାନ ଉତ୍କୃଷ୍ଟ ବୋଲି ମୋର ବ୍ୟକ୍ତିଗତ ମତ।

**➥ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବା ଦିଗରେ କିପରି ସହଯୋଗ କରୁଛନ୍ତି?**

ଛାତ୍ରଛାତ୍ରୀମାନେ ଭଲ କରିବା ଲାଗି ସେମାନଙ୍କୁ ପ୍ରେରଣା ଦିଆଯିବା ଉଚିତ। ଆକାଶ ଇନ୍‌ଷ୍ଟିଚ୍ୟୁଟ ନିଜ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ଲାଗି ଖୁବ୍ ଚମତ୍କାର ପଦକ୍ଷେପ ନେଇଛି। ଆମ ପିଲାମାନେ କନ୍‌ସେପ୍ଟ ଅଫ୍ ଫିଜିକ୍ସର ଲେଖକ ପ୍ରଫେସର ଏଚ୍.ସି. ବର୍ମା, ସୁପର ୩୦ ପ୍ରତିଷ୍ଠାତା ଆନନ୍ଦ କୁମାର, ଗୁଗଲ ବୟ କୌଟିଲ୍ୟ ପଣ୍ଡିତଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରୁଛନ୍ତି।

**➥ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଉପରେ ଆପଣଙ୍କ ମନ୍ତବ୍ୟ କ'ଣ?**

ଓଡ଼ିଶାର ଛାତ୍ରୀଛାତ୍ରମାନେ ବେଶ୍ ମାର୍ଜିତ। ସେମାନେ କଠିନ ପରିଶ୍ରମୀ, ଶୃଙ୍ଖଳିତ ଓ ଭଦ୍ର। ପୂର୍ବରୁ ଓଡ଼ିଶାର ଅଧିକାଂଶ ଛାତ୍ର କେବଳ ରାଜ୍ୟସ୍ତରୀୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଚିନ୍ତା କରୁଥିଲେ। ଏବେ ଆମେ ସେମାନଙ୍କୁ ଜାତୀୟସ୍ତରୀୟ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ସଫଳ ହେବାକୁ ଉତ୍ସାହିତ କରୁଛୁ। ଜିପ୍‌ମେର, ଏମ୍‌ସ, ଜେଇଇ ଆଦି ପରୀକ୍ଷାରେ ସଫଳ ହେବାକୁ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛୁ। ଆମେ ଓଡ଼ିଶାରୁ ଜିପ୍‌ମେରରେ ସର୍ବଭାରତୀୟ ସ୍ତରରେ ୧ ନମ୍ବର ସହ ଏମ୍‌ସରେ ଚତୁର୍ଥ ଓ ଷଷ୍ଠ ର୍‍ୟାଙ୍କ ପାଇବାରେ ସଫଳ ହୋଇଛୁ। ଆମର ୩ ଜଣ ଛାତ୍ରୀଛାତ୍ର ଜେଇଇ-ମେନ୍‌ରେ ପ୍ରଥମ ଶହେ ଜଣଙ୍କ ମଧ୍ୟରେ ଆସିଛନ୍ତି। ଏଠାକାର ପିଲା ବିଦେଶରେ ମଧ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି।

**➥ମେଡିକାଲ ଏବଂ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ କି ପରାମର୍ଶ ଦେବେ?**

ଏକାଗ୍ରତା ସହ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଲକ୍ଷ୍ୟ କଷ୍ଟସାଧ ନୁହେଁ। ପ୍ରତିଯୋଗିତା ତୀବ୍ର ହେବା ସହ ଛାତ୍ରୀଛାତ୍ରଙ୍କୁ ସମୟୋପଯୋଗୀ ଆହ୍ୱାନର ସଫଳ ମୁକାବିଲା ପାଇଁ ପ୍ରସ୍ତୁତ କରିବାକୁ ଆମ ପାଠ୍ୟ ଉପକରଣ ଏବଂ ପାଠ୍ୟକ୍ରମ ବିକଶିତ କରିଚାଲିଛୁ। ସେମାନେ ଯେପରି କୌଣସି ପ୍ରତିଯୋଗିତା ଲାଗି ବିବ୍ରତ ନ ହୋଇ ଶିକ୍ଷା ପ୍ରତି ଧ୍ୟାନ ଦିଅନ୍ତି ଏବଂ ବିଷୟରେ ଦକ୍ଷତା ହାସଲ କରନ୍ତି, ସେ ଦିଗରେ ଆମ ଶିକ୍ଷକମାନେ ଯତ୍ନଶୀଳ।

# ସତେଜ କାରବାର ପୁଣି ଫେରିଛି



**ବ୍ୟବସାୟ ପ୍ରବହମାନ ଜଳ ସଦୃଶ। ନଦୀରେ ପାଣି କମ୍ ବେଶି ହେବା ଭଳି ବ୍ୟବସାୟ ମଧ ଅନେକ ଉତ୍‌ଥାନ ଓ ପତନ ଦେଇ ଗତି କରିଥାଏ। କରୋନା କିଛି ସମୟ ବ୍ୟବସାୟିକ ଭଟ୍ଟାର କାରଣ ସାଜିଥିଲେ ହେଁ ସକାରାତ୍ମକ ଭାବେ ଗ୍ରହଣ କଲେ ଏହା ଏକ ଚ୍ୟାଲେଞ୍ଜ। କାରଣ ଶୁଖିଯାଉଥିବା ନଈପାଣି ଆମକୁ ଅଧିକ ସମୟ ବିଚଳିତ କରି ନ ଥାଏ। ମହାମାରୀକୁ ଆହ୍ୱାନ ରୂପେ ଧରିନେଇ ବ୍ୟବସାୟକୁ ଆଗେଇ ନେବା ପ୍ରତ୍ୟେକ ପ୍ରତିଷ୍ଠାନର ଲକ୍ଷ୍ୟ ହେବା ଉଚିତ। ଧରିତ୍ରୀ ସହ ସାକ୍ଷାତ୍‌କାର ବେଳେ ଏମିତି ଅନୁଭୂତି ବାଣ୍ଟିଛନ୍ତି ଓଡ଼ିଶା ରେଡିମେଡ୍ ଗାର୍ମେଣ୍ଟ ଜଗତର ପ୍ରତିଷ୍ଠିତ ବ୍ରାଣ୍ଡ୍ ଜୟରାମ ଲେଙ୍କା ଆଣ୍ଡ ସନ୍ସ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଲେଙ୍କା।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**➥କୋଭିଡ୍ ଚ୍ୟାଲେଞ୍ଜକୁ କେମିତି ସାମ୍ନା କରିଛନ୍ତି?**

ସଦା ଜାଗ୍ରତ ରହିବା ପ୍ରତ୍ୟେକ ପ୍ରହରୀର ଉତ୍ତମ କାର୍ଯ୍ୟ। ପ୍ରତି ମୁହୂର୍ତ୍ତରେ ବ୍ୟବସାୟକୁ ଆଗକୁ ବଢାଇ ନେବା ଆମ ଲକ୍ଷ୍ୟ। କାରଣ ଏହି ବ୍ୟବସାୟିକ ଅନୁଷ୍ଠାନ କେବଳ ଜଣଙ୍କର ନୁହେଁ, ବରଂ ଅନେକଙ୍କର। ଏହି ଉଦ୍ଦେଶ୍ୟକୁ ନଜରରେ ରଖି ସ୍ଥିର ମନରେ ଅଧିକରୁ ଅଧିକ ସଜାଗ ରହି ଚ୍ୟାଲେଞ୍ଜ ସାମ୍ନା କରିବାକୁ ସକ୍ଷମ ହେଲୁ।

**➥ଅନ୍‌ଲକ୍ ପରେ ଗ୍ରାହକଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖୁଛନ୍ତି କି?**

କିଛିଟା ଦୁଃଖ କିଛିଟା ଅକୁହା କଥା ଏବଂ ଅନେକ ଆଶା ନିରାଶାରେ ପରିଣତ ହେବାର ଛିଟା ଦେଖିଛୁ। ଗ୍ରାହକ ଆମ ପରିବାର ସଦୃଶ। ସେମାନଙ୍କ ସହ ସୁସମ୍ପର୍କ ଓ ଉତ୍ତମ ବ୍ୟବହାର ଉତ୍ସାହିତ କରିଛି। କୋଭିଡ୍‌ର ପ୍ରଭାବ ବଜାର ଉପରେ ରହିଲେ ମଧ ଏହା କାରବାରକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରି ପାରିନାହିଁ କି ପାରିବ ନାହିଁ। କିଛି କ୍ଷଣ ସହର ବଜାର ଅନ୍ଧକାର ମଧ୍ୟରେ ରହିଲା। ଏହାସତ୍ତ୍ୱେ ସତେଜ କାରବାର ପୁଣି ଥରେ ଫେରିଛି। ଏଥିସହ ଜୟରାମ ଲେଙ୍କା ନିଜ ସମ୍ଭାବନାମୟ ସ୍ୱପ୍ନକୁ ସାକାର କରିବ।

**➥ସରକାରଙ୍କଠାରୁ କିଭଳି ସହାୟତା ଆଶା କରୁଛନ୍ତି?**

କୋଭିଡ୍-୧୯ କେବଳ ଆମ ରାଜ୍ୟ କି ଦେଶକୁ ନୁହେଁ, ସାରା ବିଶ୍ୱକୁ କବଳିତ କରିଥିଲା। କିନ୍ତୁ ଆମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଚିତ ପଦକ୍ଷେପ ଯୋଗୁ ବିଶେଷ ପ୍ରାଦୁର୍ଭାବ ଦେଖାଇ ପାରିଲା ନାହିଁ। ଅନୁଷ୍ଠାନର ସୁରକ୍ଷା ହିଁ ଆମ ନିମନ୍ତେ ଯଥେଷ୍ଟ ଥିଲା ଏବଂ ଏହା ଆଗକୁ ମଧ ରହିବ। ପ୍ରତ୍ୟେକ କାର୍ଯ୍ୟର ଉତ୍ତମତା, ସମ୍ପର୍କ, ଅନୁଧ୍ୟାନ ଓ ସହଯୋଗ ଉନ୍ନତିର ଏକ ପରିମାପକ ମାତ୍ର।

**➥ଜୟରାମ ଲେଙ୍କାକୁ ଅନ୍ୟମାନଙ୍କଠାରୁ କିଭଳି ସ୍ୱତନ୍ତ୍ର ବୋଲି ବିଚାର କରୁଛନ୍ତି?**

ଜୟରାମ ଲେଙ୍କା ବିଶ୍ୱାସ କରେ ତା'ର ଇଚ୍ଛାର ପୂର୍ଣ୍ଣତା ମାନେ ସଫଳତା। ଏହି ଅନୁଷ୍ଠାନ ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାହକଙ୍କ ଲାଗି ଉଦାହରଣ ପାଲଟିଛି। ସମୟ ସହ ତାଳ ଦେଇ ଜୟରାମ ଲେଙ୍କା ଯେଭଳି ଭାବେ ନିଜକୁ ପ୍ରତିପାଦନ କରିପାରିଛି କିମ୍ବା କରୁଛି ତାହା କେବଳ ଗ୍ରାହକଙ୍କ ଭଲ ପାଇବା, ସ୍ନେହ ଏବଂ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି। ଓଡ଼ିଶାର ପ୍ରତ୍ୟେକ ସହରରେ ଜୟରାମ ଲେଙ୍କାଙ୍କର ସାନ୍ନିଧ୍ୟ ପ୍ରତିପାଦନ କରିବା ଆମ ଲକ୍ଷ୍ୟ। ସବୁଠି ଗ୍ରାହକଙ୍କୁ ସେବା ଦେଇ ସେମାନଙ୍କ ଆଶୀର୍ବାଦର ପାତ୍ର ହେବା ପାଇଁ ଆମେ ବ୍ୟଗ୍ର।

**➥ଜୟରାମ ଲେଙ୍କା ଷ୍ଟୋର ଯାତ୍ରାକୁ କେମିତି ଦେଖନ୍ତି?**

ଜୟରାମ ଲେଙ୍କା ଆଗକୁ ଏକ ସ୍ୱପ୍ନଭରା ଓଡ଼ିଶା ମାଟିରେ ଅନେକ ସମ୍ଭାବନା ଦେଖୁଛି। ସମସ୍ତଙ୍କ ସହଯୋଗରେ କିଛି ନୂଆ କରିଦେବାଇବାକୁ ଆଗ୍ରହ ରହିଛି।

**➥ଏହି ବ୍ୟବସାୟରେ ନ ଥିଲେ କ'ଣ ହୋଇଥାନ୍ତେ?**

ଆମର ପ୍ରତ୍ୟେକ ରକ୍ତବିନ୍ଦୁରେ ଜୟରାମ ଲେଙ୍କା ତଥା ଏହି ପ୍ରତିଷ୍ଠାନର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଭାବ ଜଡ଼ିତ। ଅନେକ ଅସାମାନ୍ୟ ଲକ୍ଷ୍ୟ ଏବଂ କଠିନ ଚଲାପଥ। ଶ୍ରୀ ରବି ଲେଙ୍କାଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଆଗେଇ ଚାଲିଛୁ।

**➥ଇ-କମର୍ସ ଏବେ ଦ୍ରୁତଗତିରେ ବଢ଼ିଚାଲିଛି। ଏଭଳି ସ୍ଥିତିରେ ଅଫ୍‌ଲାଇନ୍ କ୍ରୟ ନେଇ ଗ୍ରାହକଙ୍କୁ କ'ଣ କହିବେ?**

ଅନେକଙ୍କ ମତରେ 'ଯୋ ଦିଖତା ହେ ୱହି ବିକତା ହେ'। ମାତ୍ର କିଣିବା ପ୍ରୟୋଜନକୁ ବିଚାର କଲେ ଦୂରରୁ ଦେଖିବା ଏବଂ ନିକଟରୁ ସ୍ପର୍ଶ କରିବା ମଧ୍ୟରେ ଅନେକ ଅନ୍ତର ରହିଥାଏ। ବହୁ ସମୟରେ ଦୂରରେ ଥିବା ଜିନିଷକୁ ଆପଣେଇ ପଶ୍ଚାତାପ କରିବାର ଉଦାହରଣ ଅନେକ ରହିଛି। ଜୟରାମ ଲେଙ୍କାକୁ ପ୍ରତ୍ୟେକ ଗ୍ରାହକ ଜାଣନ୍ତି। ସ୍ପର୍ଶ, କଥୋପକଥନ, ଅନୁଧ୍ୟାନ ଏବଂ ବିଶ୍ୱାସରେ ପଶ୍ଚାତାପ ନ ଥାଏ।

> କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। –ଶ୍ରୀମା

# ବନାଗ୍ନି

ବ୍ରାଜିଲର ଆମାଜନ ଜଙ୍ଗଲକୁ ବିଶ୍ୱର ଫୁସ୍‌ଫୁସ୍ କୁହାଯାଇଥାଏ। ବିଡ଼ମ୍ବନାର ବିଷୟ ଯେ, ଆମାଜନରେ ଭୟଙ୍କର ନିଆଁ ଦୁଇ ବର୍ଷ ହେଲା ଲଗାତର ଜଳିଆସୁଛି। ଏହା ସେଠାକାର ବନ୍ୟପ୍ରାଣୀ ଓ ଜୈବମଣ୍ଡଳକୁ ଘୋର କ୍ଷତି ପହଞ୍ଚାଇ ଚାଲିଛି। ଏବେ ମଧ୍ୟ ସେହି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ। ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଏହି ନିଆଁ ୨୦୧୯ ତୁଳନାରେ ୨୦୨୦ରେ ୨୮ ପ୍ରତିଶତ ବଢ଼ିଥିଲା। ସେହିପରି ଏଭଳି ଭୟଙ୍କର ନିଆଁ ଅଷ୍ଟ୍ରେଲିଆରେ ବ୍ୟାପକ କ୍ଷତି ଘଟାଇଥିଲା। ବିଶେଷକରି ୩୦୦ କୋଟି ଜନ୍ତୁଙ୍କ ଜୀବନ ଯାଇଥିଲା କିମ୍ବା ସ୍ଥାନଚ୍ୟୁତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଓଡ଼ିଶାର ଶିମିଳିପାଳ ଭାରତର ଅନ୍ୟତମ ସବୁଜ ଜଙ୍ଗଲସମ୍ପଦ ଭାବେ ଜଣାଶୁଣା ଥିବାବେଳେ ତାହା ଏବେ ହୁତୁହୁତୁ ହୋଇ ଜଳୁଛି। ଏତେବଡ଼ ବିଶାଳ ଜଙ୍ଗଲରେ ଦୁଇ ସପ୍ତାହ ଧରି ନିଆଁ ଲାଗିବାରୁ ବନ ସମ୍ପଦ କ୍ଷତିଗ୍ରସ୍ତ ହେବା ସହ ଅନେକ ବଣୁଆ ଜନ୍ତୁଙ୍କ ପ୍ରାଣହାନି ଘଟିଲାଣି। ନିଆଁ ଲିଭାଇବା ସକାଶେ ବନ ବିଭାଗ ପଦକ୍ଷେପ ନେଉଥିବା କହୁଥିଲେ ମଧ୍ୟ ସ୍ଥିତିରେ ପରିବର୍ତ୍ତନ ଆସିପାରି ନାହିଁ। ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ ଦେଶବ୍ୟାପୀ ୧,୫୨୨ ଜଙ୍ଗଲ ଜଳୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଏବେ ୯୧୮ରେ ପହଞ୍ଚିଲାଣି। ବାଲେଶ୍ୱରର କୁଲଡିହା, ଢେଙ୍କାନାଳର କପିଳାସ, ଅନୁଗୋଳର ହଣ୍ଡପା ରେଞ୍ଜ, ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ପାଲଲହଡ଼ା, କଳାହାଣ୍ଡିର ଜୁନାଗଡ଼ ରେଞ୍ଜ, ବୌଦ୍ଧର କନ୍ଧମାଳ, ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳକୁ ମିଶାଇ ରାଜ୍ୟର ୩୦ ଜିଲା ମଧ୍ୟରୁ ପ୍ରାୟ ୨୬ ଜିଲାରେ ଜଙ୍ଗଲ ନିଆଁ ଅସହ୍ୟ ସ୍ଥିତି ସୃଷ୍ଟି କଲାଣି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ତଥ୍ୟ ଅନୁଯାୟୀ ଗତ ଦୁଇ ଦିନ ମଧ୍ୟରେ ଓଡ଼ିଶାରେ ୩୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିବା ଜଙ୍ଗଲ ସମ୍ପଦ ପ୍ରତି ବିପଦ ସୃଷ୍ଟି କରିଛି।

ଶିମିଳିପାଳରେ ନିଆଁ ଲାଗିବା ବିଷୟ ୩ ମାର୍ଚ୍ଚରେ ରାଷ୍ଟ୍ର ହେବା ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ବିଭାଗୀୟ ବରିଷ୍ଠ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିଲେ। ଏପଟେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଲାଗି ଏକ ୯ ଜଣିଆ ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିରେ ଡେରାଡୁନ୍ ଓ ହାଇଦ୍ରାବାଦର ୩ ବିଶେଷଜ୍ଞ ଅଛନ୍ତି। ଏମାନେ ଜଙ୍ଗଲ ନିଆଁର କାରଣ ଓ ନିରାକରଣ ନେଇ ସମୀକ୍ଷା କରିବେ ବୋଲି କୁହାଯାଇଛି। ଓଡ୍ରାଫ୍ ଟିମ୍‌କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯିବ ବୋଲି ରାଜ୍ୟ ସରକାର କହିଛନ୍ତି।

ବନାଗ୍ନିକୁ ରୋକିବା ଏକ ଜଟିଳ ବ୍ୟାପାର। ଏଥିରେ ବିଭିନ୍ନ ପ୍ରକାର ପ୍ରଚେଷ୍ଟା, ବିଶେଷଜ୍ଞଙ୍କ ସହ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନ ଏବଂ ପୂର୍ବର ବୈଜ୍ଞାନିକ ତଥା ବାସ୍ତବ ଅଭିଜ୍ଞତାକୁ ପାଥେୟକରି ଆଗକୁ ବଢ଼ିବାକୁ ପଡ଼େ। ଉଦାହରଣ ସ୍ୱରୂପ, କେତେକ କ୍ଷେତ୍ରରେ କଣ୍ଟ୍ରୋଲ୍‌ଡ ବର୍ନିଂ ବା ନିୟନ୍ତ୍ରିତ ବନାଗ୍ନି ସୃଷ୍ଟି କରିବାକୁ ଯାଇ ନିଆଁ ଲଗାଇ ବନବିଭାଗ କରିଡର ସୃଷ୍ଟିକରେ, ଯେଉଁଥିରେ ନିଆଁ ଅପରପାର୍ଶ୍ୱର କରିଡରକୁ ଯାଇପାରେ ନାହିଁ। ଅର୍ଥାତ୍ ଘଞ୍ଚ ଅଞ୍ଚଳରେ ଏକ ବ୍ୟବଧାନ ବା ଗ୍ୟାପ୍ ସୃଷ୍ଟି ହୋଇଯାଏ।

ଜଙ୍ଗଲ ଜଳିବା ନେଇ ଅନେକ କାରଣ ରହିଛି। ବିଶେଷଜ୍ଞଙ୍କ ମତରେ ଶିକାରୀମାନେ ଜଙ୍ଗଲ ଭିତରକୁ ଯାଇ ବୁଲିବା ବେଳେ ବିଡି କିମ୍ବା ସିଗାରେଟ୍ ଖାଇ ଜଳୁଥିବା ଅବଶିଷ୍ଟାଂଶ ଫୋପାଡ଼ି ଦେଇ ଆସିଥାଆନ୍ତି। ଆଉ କେତେକେ ଉଦ୍ଦେଶ୍ୟମୂଳକ ଭାବେ ଅଙ୍ଗାର ସଂଗ୍ରହ କରିବାକୁ ଯାଇ ନିଆଁ ଲଗାଇ ଦେଉଛନ୍ତି। ଏହାଦ୍ୱାରା ଶିକାରୀଙ୍କୁ ଦୁଇ ପ୍ରକାର ଲାଭ ହେଉଛି। ଗୋଟିଏ ପଟେ ନିଆଁ ଲାଗିଯାଉଥିବାରୁ ବନ୍ୟଜନ୍ତୁମାନେ ଆରପଟକୁ ପ୍ରାଣ ବିକଳରେ ଦୌଡ଼ି ଆସିଥାଆନ୍ତି। ଏହାର ସୁଯୋଗ ନେଇ ଶିକାରୀ ତା' ଲକ୍ଷ୍ୟ ହାସଲ କରିଥାଏ। ସେହିପରି କେନ୍ଦୁପତ୍ର ମୂଳିକୁ ଉଚ୍ଛେଦ କରାଗଲେ ସେହି ସ୍ଥାନରୁ ନୂଆ ଗଛ ଉଠିଥାଏ। କୁହାଯାଉଛି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାରୁ ସରକାରୀ କର୍ମଚାରୀ ଏଥିସକାଶେ ନିଆଁକୁ ସହଜ ମାଧ୍ୟମ କରୁଛନ୍ତି। ବିଶେଷଜ୍ଞଙ୍କ ମତରେ ଓଡ଼ିଶା ଜଙ୍ଗଲରେ ଖରାଦିନେ ନିଆଁ ଲାଗିବା ସହଜ ହେଉଥିବାରୁ ଘଞ୍ଚ ବଣରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଘାସ କଟାଯାଇଥାଏ। ହେଲେ ସେଭଳି ଆଗୁଆ ପଦକ୍ଷେପ ନିଆଯାଉ ନ ଥିବାରୁ ଜଙ୍ଗଲ ନିଆଁକୁ କରାୟତ୍ତ କରିବା କଷ୍ଟକର ହୋଇପଡୁଛି। ଓଡ଼ିଶାରେ ଚଳିତବର୍ଷ ତାପମାତ୍ରା ପୂର୍ବବର୍ଷ ଅପେକ୍ଷା ଫେବୃଆରୀ-ମାର୍ଚ୍ଚରେ ବୃଦ୍ଧି ପାଇଛି। ଏଥିସହିତ ଶୀତ ଋତୁ ଗଲା ପରେ ବର୍ଷା ହୋଇ ନ ଥିବା ହେତୁ ଜଙ୍ଗଲ ଶୁଖିଲା ରହିଆସିଛି। ଫଳରେ ଏହା ବନାଗ୍ନିକୁ ବଢ଼ିବାରେ ଖୋରାକ ଯୋଗାଇଛି।

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଦିନକୁ ଦିନ ବଢ଼ିବାରେ ଲାଗୁଥିବାରୁ ବନାଗ୍ନିର ପ୍ରଭାବ ମଣିଷ ଉପରେ ଅଧିକ ପଡ଼ିବ। କୋଭିଡ୍-୧୯ ଭଳି ଶ୍ୱାସକ୍ରିୟାଜନିତ ରୋଗକୁ ବନାଗ୍ନି ପରି ସ୍ଥିତି ଅଧିକ ମାରାତ୍ମକ କରିଦେବାର ଆଶଙ୍କା ମଧ୍ୟ ରହିଛି। ବନାଗ୍ନି କେବଳ ଯେ ପରିବେଶ, ବନ୍ୟଜନ୍ତୁ, ଜଙ୍ଗଲ ସମ୍ପଦ ପାଇଁ ବିପଦ ତାହା ନୁହେଁ, ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। ଏଭଳି ସ୍ଥଳେ ବହୁବିଧ ପଦକ୍ଷେପ ସହ ନିରନ୍ତର ଉଦ୍ୟମ ନିତାନ୍ତ ଜରୁରୀ। ଟାସ୍କଫୋର୍ସ ଗଢ଼ି କିଛିଦିନ ପାଇଁ ତଥ୍ୟ ସଂଗ୍ରହରେ ଲାଗିପଡ଼ିଲେ ସମସ୍ୟାର ସମାଧାନ ମିଳିପାରିବ ନାହିଁ। ଅନ୍ୟସବୁ ଦେଶରେ ଏଭଳି ସମସ୍ୟାର ପ୍ରତିକାର କିଭଳି କରାଯାଇଛି, ତାହା ଅନୁଧ୍ୟାନ କରି ସେଥିରୁ ଓଡ଼ିଶାରେ କେଉଁ ପଦ୍ଧତିସବୁ ଆପଣାଯାଇ ପାରିବ ସେ ଦିଗରେ ଅଭିଯାନ ହେବା ଦରକାର।

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୬

- ସୌରମଣ୍ଡଳରେ ପୃଥିବୀଠାରୁ ସବୁଠାରୁ ଦୂରରେ ଥିବା ପ୍ଲୁଟୋ ଗ୍ରହର ସମ୍ପୂର୍ଣ୍ଣ ଫଟୋ ପ୍ରଥମଥର ପାଇଁ 'ହବଲ ମହାକାଶ ଟେଲିସ୍କୋପ୍' ଦ୍ୱାରା ଉତ୍ତୋଳନ କରାଯାଇପାରିଥିବା ନାସା ପକ୍ଷରୁ କୁହାଯାଇଛି।
- ମୁମ୍ବାଇର ସିଅନ ଅଞ୍ଚଳରେ ଥିବା ଏକ ୫ ମହଲାବିଶିଷ୍ଟ ବୃହତ୍ କୋଠା ଭୁଶୁଡ଼ି ୧୪ ମୃତ।
- କୃଷିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଘୋଷିତ କୃଷିନୀତିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | | | | | | | | | A |
| 5 | | | | | | | | | A | 8 | 1 | | | E |
| | | 0 | | E | | | | | 7 | C | 3 | 6 | 8 | |
| 2 | | | | | | 7 | | | E | | 6 | | 9 | |
| C | | | | | | | 2 | | | 5 | | 4 | | D |
| D | | | | | 6 | | 4 | E | | A | | | 5 | 3 |
| | | | | 0 | 1 | | | | | | 5 | 9 | | B |
| | | | D | 2 | | | | | | 7 | | 8 | | C |
| 9 | | | | | | 8 | | | 0 | | B | D | | 2 |
| 8 | | | | | 4 | C | | 5 | 6 | | 9 | | 1 | |
| 4 | | | | | D | 5 | C | 9 | | 6 | | | | |
| | | | | A | | | | 4 | 3 | | | B | | |
| 0 | | 2 | | B | 9 | 3 | | | | 1 | | C | | |
| 7 | 5 | | 1 | | C | | | | | | | | | 4 |
| 6 | 8 | | | | | A | B | | | 9 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 5 | A | 7 | 2 | 4 | B | C | 0 | 8 | E | 9 | 1 | 6 | D |
| 0 | B | D | C | 5 | E | 1 | 4 | 9 | 6 | 3 | A | 8 | 7 | 2 |
| E | 1 | 6 | D | B | A | 8 | 7 | 3 | 2 | 0 | 5 | C | 9 | 4 |
| 7 | 4 | 9 | 1 | 6 | 8 | 5 | A | 2 | D | C | B | E | 0 | 3 |
| C | 2 | 8 | 9 | 0 | 3 | D | E | 6 | 1 | 7 | 4 | A | B | 5 |
| 4 | C | 2 | 5 | 3 | 7 | E | 8 | D | 0 | 9 | 1 | 6 | A | B |
| A | E | 1 | 4 | C | 6 | 9 | 3 | B | 7 | 5 | 2 | 0 | D | 8 |
| 8 | 7 | 0 | B | 9 | D | A | 5 | 1 | C | 6 | 3 | 4 | 2 | E |
| B | 6 | 3 | A | 8 | 2 | 7 | 0 | C | 4 | D | E | 5 | 1 | 9 |
| D | 9 | 5 | E | 1 | 0 | 6 | 2 | 4 | A | B | 8 | 7 | 3 | C |
| 2 | 8 | B | 0 | 4 | C | 3 | 1 | 7 | E | A | D | 9 | 5 | 6 |
| 6 | A | 7 | 8 | D | B | 2 | 9 | E | 5 | 4 | 0 | 3 | C | 1 |
| 9 | 0 | 4 | 3 | E | 5 | C | D | A | B | 1 | 6 | 2 | 8 | 7 |
| 5 | 3 | C | 6 | A | 1 | 4 | B | 8 | 9 | 2 | 7 | D | E | 0 |
| 1 | D | E | 2 | 7 | 9 | 0 | 6 | 5 | 3 | 8 | C | B | 4 | A |

ଗତକାଲିର ଉତ୍ତର

# ମୃତ୍ୟୁପଥରେ ନଦୀ



ବିଚିତ୍ର ବିଶ୍ୱାଳ

ଖରାଦିନେ ଟୋପାଏ ପାଣି ପାଇଁ ବ୍ୟସ୍ତ ହେଉଥିବା ଆମ ଦେଶ ବର୍ଷାର ଆରମ୍ଭରେ ପାଣିର ବହୁଳତାରେ ଚିତ୍କାର କରୁଥିବାର ଆମେ ଦେଖୁଛେ। ଖରାଦିନେ ଶୂନ୍ୟଗର୍ଭା ଥିବା ନଦୀଗୁଡ଼ିକ ବର୍ଷାଦିନେ ଅସମ୍ଭବ ଭାବେ ଫୁଲି ଉଠୁଛନ୍ତି। ମରୁଡ଼ିର ଶିକାର ହେବା ପରେ ପରେ ଲୋକମାନଙ୍କୁ ପୁଣି ବନ୍ୟାର ଦାଉ ସହିବାକୁ ପଡୁଛି। ଅନେକ ଧନ ଜୀବନ ନଷ୍ଟ ହେଉଛି। ଏପରି ପରିସ୍ଥିତି ପ୍ରାୟ ପ୍ରତି ବର୍ଷ ହେଉଥିବା ଦେଖିବାକୁ ମିଳୁଛି। ଖରାଦିନେ ଜଳାଭାବ ସହ ମରୁଡି ଜନିତ ଦୁଃଖ ମଧ୍ୟ ବଢିବାରେ ଲାଗିଛି। ଆମ ରାଜ୍ୟ ଓଡ଼ିଶାରେ ଆମେ ଗତ କିଛିବର୍ଷ ହେବ ଏପରି ପରିସ୍ଥିତିକୁ ଅଙ୍ଗେ ଲିଭାଉଛନ୍ତି। ଲୋକମାନେ ପାଣି ପାଇଁ ହାହାକାର ହେଉଛନ୍ତି। ଏହା ଏକପ୍ରକାର ବିଡ଼ମ୍ବନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏସବୁ କେବଳ ପ୍ରାକୃତିକ କାରଣରୁ ହେଉନାହିଁ। ଏହା ପଛରେ ଆମର ତ୍ରୁଟିପୂର୍ଣ୍ଣ ନଦୀ ପରିଚାଳନା ହିଁ ଦାୟୀ।

ଆମ ଦେଶରେ ନଦୀର ଅଭାବ ନାହିଁ। ଆମେ ଜାଣିଛେ ଯେ, ବର୍ଷାପାଣିକୁ ଯଦି ନଦୀ ବାଟ ଦେଇ ଆମେ ସମୁଦ୍ର ମଧ୍ୟକୁ ଛାଡ଼ିଦେବା ତେବେ ପୁନଶ୍ଚ ଖରାଦିନେ ପାଣିର ଅଭାବ ହେବ ହିଁ ହେବ। ଖରାଦିନେ ଆମେ ଯେଉଁ ଜଳସଙ୍କଟର ସମ୍ମୁଖୀନ ହେଉଛେ ସେଥିପାଇଁ ଏହା ମଧ୍ୟ ଦାୟୀ। ବର୍ଷା କେବଳ ପୃଥିବୀକୁ ଶୀତଳତା ନେଇ ଆସେନି, ବର୍ଷା ଆମ ପାଇଁ ସମୃଦ୍ଧି ଓ ସଂପନ୍ନତା ନେଇ ବି ଆସେ। କିନ୍ତୁ ଆମକୁ ସେହି ବର୍ଷାକୁ ତଥା ବର୍ଷାଜଳକୁ ଅତ୍ୟନ୍ତ ସାବଧାନତାର ସହିତ ବ୍ୟବହାର କରିବାକୁ ହେବ। ମଣିଷ ସମାଜ ପାଇଁ ଏତେ ସବୁ ସମୃଦ୍ଧି ନେଇ ଆସୁଥିବା ବର୍ଷାରେ ମଣିଷ ସମାଜର ବିପତ୍ତି ବି ଲୁଚି ରହିଛି। ସଂପ୍ରତି ପରିସ୍ଥିତି ଏପରି ହୋଇଛି ଯେ, ଯଦି କେବେ ଟିକେ ଅଧିକ ବର୍ଷା ହେଉଛି, ଦିନେ ଦୁଇଦିନ ଭିତରେ ନଦୀ ସବୁ ଫୁଲି ଉଠୁଛି ଓ ପରିଣାମ ସ୍ୱରୂପ ତାହା ପ୍ରଳୟଙ୍କରୀ ବନ୍ୟାର ରୂପ ନେଉଛି। କାରଣ ଆମ ଦେଶର ନଦୀର ଗର୍ଭଗୁଡ଼ିକ ପ୍ରାୟତଃ ପୋତି ହୋଇପଡ଼ିଲାଣି। ସାମାନ୍ୟ ବି ଅଧିକ ବର୍ଷା ଜଳକୁ ତାହା ଆଉ ରଖିପାରୁ ନାହିଁ। ଆମ ଦେଶର ଭିନ୍ନ ଭିନ୍ନ ସହରଗୁଡ଼ିକରେ ପ୍ରତି ବର୍ଷ ହେଉଥିବା ବନ୍ୟାର ଘଟଣାରୁ ଆମେ ତଥାପି ବି କିଛି ଶିକ୍ଷା ଲାଭ କରୁଥିବା ପରି ଜଣାପଡୁନାହିଁ। ୨୦୧୫ରେ ଚେନ୍ନାଇ ସହରରେ ଯେଉଁ ବଡ଼ ବନ୍ୟା ହୋଇଥିଲା ଓ ଲୋକମାନଙ୍କ ଘରେ ପାଣି ପଶି ଯାଇଥିଲା ତା'ର ଏକମାତ୍ର କାରଣ ହେଉଛି, ସହରର ଲୋକମାନେ ନଦୀ ଗର୍ଭକୁ ଅଳିଆ ଆବର୍ଜନାରେ ଭରି ଦେଇଥିଲେ ଓ ସାମାନ୍ୟ ଅଧିକ ବର୍ଷା ହେବାରୁ ନଦୀ ଗର୍ଭରେ ପାଣି ଜାଗା ଧରିଲା ନାହିଁ ଓ ପାଣି ଲୋକଙ୍କ ଘରେ ପଶିଲା। ବାଣିଜ୍ୟ ନଗରୀ ମୁମ୍ବାଇ ତ ଏବେ ବନ୍ୟାର ନଗରୀ ଭାବେ ପରିଗଣିତ ହେଲାଣି। ପ୍ରତିବର୍ଷ ବର୍ଷାଦିନେ ବନ୍ୟା ମୁମ୍ବାଇବାସୀଙ୍କ ପାଇଁ ଏକ ନିୟମିତ ସମସ୍ୟାରେ ପରିଣତ ହେଲାଣି। ଏହାର କାରଣ ବି ସମାନ। ମୁମ୍ବାଇବାସୀ ପ୍ରତିଯୋଗିତାର ସହ ତାଙ୍କ ଚାରିପଟେ ଥିବା ନଦୀ ଗୁଡ଼ିକୁ ପୋତିବାରେ ଲାଗିଛନ୍ତି। ରାଜଧାନୀ ଦିଲ୍ଲୀ ବି ଏହି ସମସ୍ୟାରୁ ମୁକ୍ତ ନୁହେଁ। ଦିଲ୍ଲୀର ଯମୁନା ନଦୀରେ ପ୍ରତି ଦିନ ଟନ୍ ଟନ୍ ଆବର୍ଜନା ପଡୁଛି ଓ ଦିନକୁ ଦିନ ଯମୁନା ପୋତି ହେବାରେ ଲାଗୁଛି। ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଦିଲ୍ଲୀ ମେଟ୍ରୋ ସମେତ ଅନେକ ଅନୁଷ୍ଠାନକୁ ଏଥିନେଇ ଚେତେଇବା ସତ୍ତ୍ୱେ ବି ପରିସ୍ଥିତିରେ ସୁଧାର ହେଉଥିବାର ଦେଖାଯାଉନାହିଁ। ନିର୍ମାଣ କାମରୁ ବାହାରୁଥିବା ମାଟି ଓ ଅନ୍ୟାନ୍ୟ ଆବର୍ଜନାକୁ ଯମୁନା ନଦୀରେ ପକେଇବା ସାଧାରଣ ଘଟଣା ହୋଇଗଲାଣି। ନଦୀଗର୍ଭ ପୋତିହେବା ଦ୍ୱାରା କେବଳ ମଣିଷ ନୁହନ୍ତି, ପଶୁପକ୍ଷୀମାନେ ବି ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ମୁଖ୍ୟତଃ ଖରାଦିନେ ଏହା ଭୟଙ୍କର ହେଉଛି।

ଆମେ ସମସ୍ତେ ଜାଣିଛେ ଯେ, ସମଗ୍ର ଦେଶରେ ଆବର୍ଜନା ପ୍ରଚୁର ପରିମାଣରେ ବଢୁଛି ଓ ଆବର୍ଜନାକୁ ପକେଇବାର ସ୍ଥାନ ନିଅଣ୍ଟ ପଡୁଛି। ସାରା ଦେଶରେ ସମସ୍ତ ପ୍ରକାର ଆବର୍ଜନାକୁ ନଦୀ ମଧ୍ୟକୁ ଛାଡ଼ି ଦିଆଯାଉଛି। ନଦୀ ସବୁ ପୋତି ହୋଇପଡ଼ିବାର ଏହା ହିଁ ପ୍ରମୁଖ କାରଣ। ନଦୀଗୁଡ଼ିକର ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କୁପ୍ରଭାବ ପଡ଼ିବ ମଣିଷ ସମାଜ ଉପରେ। ସଂପ୍ରତି ଆମ ନଦୀଗୁଡ଼ିକ ସାମ୍ନାରେ ତିନୋଟି ମୁଖ୍ୟ ସମସ୍ୟା ଦେଖାଦେଉଛି। କମ୍ ପାଣି, ପୋତି ହୋଇପଡୁଥିବା ନଦୀଗର୍ଭ ଓ ପ୍ରଦୂଷଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତରେ ଭୀଷଣ ଅନିୟମିତତା ଦେଖାଦେଉଛି। ଯେତିକି ଦିନ ଧରି ଓ ଯେତିକି ପରିମାଣର ବର୍ଷା ହେବା କଥା ସେତିକି ଦିନ ଓ ସେତିକି ପରିମାଣର ବର୍ଷା ହେଉନାହିଁ। କେଉଁଠି ପ୍ରଚୁର ବର୍ଷା ହେଉଛି ତ କେଉଁଠି ବହୁତ କମ୍ ବର୍ଷା ହେଉଛି। ଏସବୁ ପରିସ୍ଥିତି ନଦୀ ପାଇଁ ଅସ୍ତିତ୍ୱର ସଙ୍କଟ ଠିଆ କରିଛି। ବ୍ରହ୍ମପୁତ୍ର, ଗଙ୍ଗା, ମହାନଦୀ ଓ ବ୍ରାହ୍ମଣୀ ଆଦି ବଡ଼ ନଦୀଗୁଡ଼ିକ ରାସ୍ତାରେ ପ୍ରଚୁର ବର୍ଷା ହେଉଛି ଓ ଏଥିରେ ସର୍ବନିମ୍ନ ପ୍ରବାହ ୪.୭ ଲକ୍ଷ ଘନମିଟର ପ୍ରତି ବର୍ଗ କିଲୋମିଟର ହେଉଛି। କୃଷ୍ଣା, ସିନ୍ଧୁ, ତାପ୍ତି, ନର୍ମଦା ଓ ଗୋଦାବରୀ ଆଦି ନଦୀଗୁଡ଼ିକ ରାସ୍ତାରେ କମ୍ ବର୍ଷା ହେଉଛି ଓ ଏଥିରେ ଜଳ ପ୍ରବାହ ୨.୬ ଲକ୍ଷ ଘନମିଟର ପ୍ରତି ବର୍ଗ କିଲୋମିଟର ହେଉଛି। କମ୍ପାନୀଗୁଡ଼ିକୁ ପାଣି, ଜଳସେଚନ, ବଡ଼ ବନ୍ଧ ନିର୍ମାଣ ଆଦି ଯୋଗୁ ନଦୀର ପ୍ରାକୃତିକ ସ୍ୱରୂପ ବିଗିଡ଼ିବାରେ ଲାଗୁଛି ଓ ପରିଣାମ ସ୍ୱରୂପ ନଦୀରେ ପାଣି କମ୍ ରହୁଛି। ଭାରତୀୟ ନଦୀଗୁଡ଼ିକରେ ପ୍ରତି ବର୍ଷ ୧୬୪୫ ଘନ କିଲୋଲିଟର ପାଣି ପ୍ରବାହିତ ହୁଏ, ଯାହା ସାରା ବିଶ୍ୱର ୪.୪୪ ପ୍ରତିଶତ। ଜଳ ସମ୍ପଦ କ୍ଷେତ୍ରରେ ଭାରତବର୍ଷ ସାରା ବିଶ୍ୱରେ ଅଧିକ ସମୃଦ୍ଧ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ସମୁଦାୟ ପାଣିର ୫୦ ପ୍ରତିଶତରୁ ଅଧିକ ବର୍ଷାଋତୁ ତିନି ମାସରେ ସମୁଦ୍ରକୁ ଚାଲିଯାଉଛି ଓ ନଦୀ ଶୁଖିଲା ପଡୁଛି। ଜଙ୍ଗଲ ଧ୍ୱଂସ, ଖଣି ଖନନ, ବିସ୍ଫୋଟକ ଆଦିର ବ୍ୟବହାର ଯୋଗୁ ଅନେକ ପ୍ରକାର ଆବର୍ଜନା ଯାଇ ନଦୀରେ ମିଶୁଛି। ତେଣୁ ନଦୀର ଗର୍ଭ ପୋତି ହେଉଛି। ବେଳେବେଳେ ନଦୀ ମରିଯାଉଛି ନଚେତ୍ ତା'ର ଗତିପଥ ବଦଳି ଯାଉଛି। କଳ କାରଖାନାର ଆବର୍ଜନା, ଘରର ଆବର୍ଜନା, ଜମିରେ ବ୍ୟବହାର ହେଉଥିବା ବିଷାକ୍ତ ରାସାୟନିକର ଅବଶିଷ୍ଟାଂଶ ଆଦି ଯୋଗୁ ନଦୀର ପବିତ୍ର ଜଳ ମଧ୍ୟ ଦ୍ରୁତ ଗତିରେ ବିଷାକ୍ତ ହେବାରେ ଲାଗୁଛି।

ଆଜି ଆମ ଦେଶର ୭୦ ପ୍ରତିଶତ ନଦୀ ପ୍ରଦୂଷିତ ଓ ମୃତ୍ୟୁ ପଥରେ। ଗୁଜରାଟର ଅମଲାଖେଡ଼ି, ସାବରମତୀ ଓ ଖାରୀ, ହରିୟାଣାର ମାରକଣ୍ଡା, ମଧ୍ୟପ୍ରଦେଶର ଖାନ୍, ଉତ୍ତର ପ୍ରଦେଶର କାଲୀ ଓ ହିଣ୍ଡନ, ଆନ୍ଧ୍ରପ୍ରଦେଶର ମୁଂସୀ, ଦିଲ୍ଲୀର ଯମୁନା ଓ ମହାରାଷ୍ଟ୍ରର ଭୀମା ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ୧୦ଟି ନଦୀ। ପରିସ୍ଥିତି ଏପରି ହୋଇଛି ଯେ, ଆମ ଦେଶର ୨୭ଟି ନଦୀ, ନଦୀର ମାନକ ପୂରଣ କରୁନାହାନ୍ତି। ଏତଦ୍‌ବ୍ୟତୀତ ଗଙ୍ଗା ହେଉ କି ଯମୁନା, ମହାନଦୀ ହେଉ କି ଗୋଦାବରୀ, କୃଷ୍ଣା, କାବେରୀ, ବ୍ରହ୍ମପୁତ୍ର, ଝେଲମ୍, ସତଲେଜ, ରାବୀ ଆଦି ସମସ୍ତ ନଦୀ ସଂପ୍ରତି ପ୍ରଦୂଷିତ ଓ ନିଜ ଅସ୍ତିତ୍ୱର ସଙ୍କଟରେ। ଗତ ପଚାଶ ବର୍ଷ ମଧ୍ୟରେ ଅନିୟନ୍ତ୍ରିତ ବିକାଶ, ଔଦ୍ୟୋଗୀକରଣ ଆଦି ଯୋଗୁ ମଣିଷର ଭାବନାରେ ବହୁତ ପରିବର୍ତ୍ତନ ଆସିଛି। ଅତି ପବିତ୍ର ଭାବେ ଦେଖାଯାଉଥିବା ଏହି ସବୁ ନଦୀର ଜଳକୁ ଆଜି ପବିତ୍ର ନୁହେଁ କେବଳ ଏକ ସଂସାଧନ ଭାବେ ଦେଖାଯାଉଛି ଓ ତାକୁ କେତେ ଅଧିକ ଶୋଷଣ କରିହେବ ସେହି ବ୍ୟବସ୍ଥା ଚାଲୁଛି। ଆମେ ଭୁଲିଯିବା ଉଚିତ ନୁହେଁ ଯେ, ନଦୀ ଉପରେ ସଙ୍କଟ କେବଳ ନଦୀର ସଙ୍କଟ ନୁହେଁ। ଏହା ସମଗ୍ର ମାନବ ସମାଜ ଓ ଜୀବଜଗତ ଉପରେ ସଙ୍କଟ। କାରଣ ନଦୀ ସହିତ ଜଙ୍ଗଲ, ପାହାଡ଼, ଜୀବଜନ୍ତୁ, ଜନଜୀବନ ଆଦି ଅତି ଗଭୀର ଭାବେ ଜଡ଼ିତ। ତେଣୁ ନଦୀଗୁଡ଼ିକୁ ଉପଯୁକ୍ତ ଭାବେ ପରିଚାଳନା କରି ତାଙ୍କ ଅସ୍ତିତ୍ୱର ସୁରକ୍ଷା କରିବାକୁ ପଡ଼ିବ ଓ ଫଳସ୍ୱରୂପ ଏହା ମାନବ ସମାଜ ପାଇଁ ବରଦାୟକ ସାବ୍ୟସ୍ତ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
bichitrabiswal@gmail.com

# ସାଧାରଣରୁ ଅସାଧାରଣ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ତିନି ଜଣ ବିଖ୍ୟାତ ବ୍ୟକ୍ତି। ଶକୁନ୍ତଳା ଦେବୀ (୧୯୨୯-୨୦୧୩), ଆଇନ୍‌ଷ୍ଟାଇନ (୧୮୭୯-୧୯୫୫) ଓ ଆଚାର୍ଯ୍ୟ ରଜନୀଶ (ବହୁ ପରିଚିତ ନାମ ଓଶୋ, ୧୯୩୧-୧୯୯୦)। ଇନ୍ଦ୍ରିୟାତୀତ ସନ୍ଦେଶ ସଂପର୍କରେ ସେମାନଙ୍କ ମତ ଏଠାରେ ପ୍ରଣିଧାନ କରାଯାଇଛି।

ଆମ ଶରୀରରେ ୫ଟି ଜ୍ଞାନେନ୍ଦ୍ରିୟ ଅଛି। ଏହି ପାଞ୍ଚଟି ଜ୍ଞାନ ସହାୟକ ଇନ୍ଦ୍ରିୟମାନ ହେଲେ: ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍। କିନ୍ତୁ ବେଳେବେଳେ ହଠାତ୍ ସ୍ୱତଃସ୍ଫୂର୍ତ୍ତ ଭାବେ ଆମେ ବୁଝିପାରିବା ଭଳି ସନ୍ଦେଶ ଆମେ ପ୍ରାପ୍ତ ହେଉ। ଏମିତି ମନକୁ ମନ ଆମକୁ ଅନୁପ୍ରେରିତ କରୁଥିବା ସନ୍ଦେଶକୁ ଆମେ ଅତୀନ୍ଦ୍ରିୟ ଅନୁଭୂତିରେ ପର୍ଯ୍ୟାୟଭୁକ୍ତ କରିଥାଉ। ଇନ୍ଦ୍ରିୟର ଅଗୋଚରରେ ଘଟୁଥିବା ଏମିତି ଅନ୍ତଃଜ୍ଞାନ ସମସ୍ତ ସଚେତନ ବ୍ୟକ୍ତି ବିଭିନ୍ନ ମାତ୍ରାରେ ନିଜ ଜୀବନରେ ଲକ୍ଷ୍ୟ କରିଥା'ନ୍ତି।

ଏହି ପୃଷ୍ଠଭୂମିରେ କିଛି ସୁପ୍ରତିଷ୍ଠିତ ବ୍ୟକ୍ତିଙ୍କ ମତାମତ ତଥା ସେମାନଙ୍କ ଜୀବନଯାତ୍ରା ଉପରେ ଉକ୍ତ ପ୍ରତ୍ୟକ୍ଷ ବୋଧର ପ୍ରଭାବ ବିଚାର୍ଯ୍ୟ।

ବାଙ୍ଗାଲୋରର ଏକ କନ୍ନଡ଼ ବ୍ରାହ୍ମଣ ପରିବାରରେ ଜନ୍ମିତା ଶକୁନ୍ତଳାଙ୍କ ବାପା ମୁଖ୍ୟତଃ ସର୍କସମାନଙ୍କରେ ଯାଦୁକର-ବୃତ୍ତିରେ ନିୟୋଜିତ ଥିଲେ। ସେ ଶକୁନ୍ତଳାଙ୍କଠାରେ ଗଣିତ ଓ ସଂଖ୍ୟାଖେଳରେ ଅଭୂତପୂର୍ବ ଦକ୍ଷତା ଥିବା ଜାଣିପାରିଲେ। ସେତେବେଳକୁ ତାଙ୍କ କନ୍ୟାଙ୍କ ବୟସ ମୋଟେ ତିନିବର୍ଷ ଥିଲା। ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ଭାବି ସେ ନିଜେ ସର୍କସ ବୃତ୍ତିରୁ ବିଦାୟ ନେଲେ ଓ ଝିଅକୁ ତାସ୍ ଦ୍ୱାରା ନୂତନ କୌଶଳ ମାନ ଉପସ୍ଥାପନ କରି ଅର୍ଥ-ଉପାର୍ଜନ ସକାଶେ ରାସ୍ତାକଡ଼ରେ ପଥପ୍ରାନ୍ତ ପ୍ରଦର୍ଶନୀମାନ ଆୟୋଜନ କଲେ। ଏମିତି ପୃଷ୍ଠଭୂମିରେ କୌଣସି ବିଦ୍ୟାଳୟରେ ନାମ ଲେଖାଇ ରୀତିମତ ପାଠ ପଢ଼ିବା ସୁଯୋଗରୁ ଶକୁନ୍ତଳା ବଞ୍ଚିତା ହେଲେ। ତାଙ୍କୁ ମୋଟେ ଛଅବର୍ଷ ହୋଇଥିବା ବେଳେ ସେ ମହୀଶୂର ବିଶ୍ୱବିଦ୍ୟାଳୟରେ ପାଟୀଗଣିତରେ ତାଙ୍କ ଆଶ୍ଚର୍ଯ୍ୟଜନକ ଦକ୍ଷତାର ଦୃଢ଼ ପ୍ରମାଣ ଦେଇ ଉପସ୍ଥିତ ସୁଧୀଗଣଙ୍କ ପ୍ରଶଂସାଭାଜନ ହୋଇଥିଲେ। ଏହି ବିଚକ୍ଷଣତା ଯୋଗୁ ୧୫ ବର୍ଷୀୟା ଶକୁନ୍ତଳା ୧୯୪୪ରେ ଲଣ୍ଡନ ଯାତ୍ରା କରିବା ସୌଭାଗ୍ୟ ପ୍ରାପ୍ତ ହେଲେ।

ପାଟୀଗଣିତର ଜଟିଳ ଗୁଣନଭିତ୍ତିକ ପ୍ରଶ୍ନାବଳୀ ସେ ମାନସାଙ୍କ ପରି ତୁରନ୍ତ ସଠିକ୍ ଉତ୍ତର ଦେଇ ପାରୁଥିଲେ। ଏହି ଅପ୍ରମିତ ପ୍ରତିଭା ପାଇଁ ତାଙ୍କୁ ଯଥାର୍ଥରେ ମଣିଷ-କମ୍ପ୍ୟୁଟର (ହ୍ୟୁମାନ କମ୍ପ୍ୟୁଟର), ମାଥ୍-ଭିଜ୍ ଇତ୍ୟାଦି ଆଖ୍ୟା ଦିଆଯାଇଥିଲା।

ସେ ନିଜ ପ୍ରତିଭାର ପରିଚୟ ଦେବାକୁ ୧୯୫୦ରେ ୟୁରୋପର ବିଭିନ୍ନ ଦେଶ ସମେତ ୧୯୭୬ରେ ନ୍ୟୁୟର୍କ ସିଟି ଭ୍ରମଣ କରିଥିଲେ। ତେବେ ୧୯୮୮ରେ ବେର୍କଲେର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଏଜୁକେସନାଲ ସାଇକୋଲୋଜିର ପ୍ରଫେସର ଆର୍ଥର ଜେନ୍‌ସେନ ତାଙ୍କୁ ବିଭିନ୍ନ ଗାଣିତିକ ପ୍ରଶ୍ନର ହିସାବ ସମ୍ବନ୍ଧରେ ପରୀକ୍ଷା କଲେ। ଆଠ ସଂଖ୍ୟା ବିଶିଷ୍ଟ ଓ ନଅ ସଂଖ୍ୟା ବିଶିଷ୍ଟ ଦୁଇଟି ବୃହତ୍ ଅଙ୍କର ଯଥାକ୍ରମେ ତୃତୀୟ ଓ ସପ୍ତମ ବର୍ଗମୂଳର ଉତ୍ତର ସେ କ୍ଷଣିକରେ ଖାତାରେ ସଠିକ୍ ଭାବେ ଗଣନା କରି ଲେଖିଥିଲେ। ୧୯୯୦ରେ ପ୍ରଫେସର ଜେନ୍‌ସେନ 'ଇଣ୍ଟେଲିଜେନ୍ସ' ନାମକ ଏକ ଜର୍ନାଲରେ ଏ ସମ୍ପର୍କରେ ଗୋଟିଏ ଚମକପ୍ରଦ ନିବନ୍ଧ ପ୍ରକାଶ କରିଥିଲେ। ଏଥିପୂର୍ବରୁ ୨୦୧ ଏକକ ବିଶିଷ୍ଟ ଗୋଟିଏ ବୃହତ୍ ସଂଖ୍ୟାର ତେଇଶତମ ବର୍ଗମୂଳ ସଦର୍ନ ମେଥଡେଷ୍ଟ ବିଶ୍ୱବିଦ୍ୟାଳୟରେ ପରୀକ୍ଷକଙ୍କ ସମକ୍ଷରେ ନିର୍ଣ୍ଣୟ କରିଥିଲେ। ଏହି ଉତ୍ତରଟି ୟୁନିଭାକ୍- ୧୧୦୧ କମ୍ପ୍ୟୁଟରର ଉତ୍ତର ସହ ମେଳ ଖାଇଥିଲା। ତେଣୁ ତାଙ୍କୁ ମେଣ୍ଟାଲ କାଲ୍‌କୁଲେଟର କହିବା ଯଥାର୍ଥ। ତାଙ୍କ ଉତ୍ତର ଥିଲା ଅବ୍ୟର୍ଥ।

ଜୁନ୍ ୧୯୮୦ରେ ସେ ଦୁଇଟି ତେର-ଏକକ-ବିଶିଷ୍ଟ ସଂଖ୍ୟାର ଗୁଣନ ମାତ୍ର ଅଠାଇଶ ସେକେଣ୍ଡରେ ଲଣ୍ଡନର ଇମ୍ପିରିଆଲ କଲେଜର ଦର୍ଶକ-ମଣ୍ଡଳୀ ଆଗରେ ସଫଳ ଭାବେ କରିଥିବାରୁ ୧୯୮୨ରେ ଗିନିଜ୍ ୱାର୍ଲ୍ଡ ଅଫ୍ ରେକର୍ଡସ ପାଇଁ ସେ ଯୋଗ୍ୟା ବିବେଚିତ ହୋଇଥିଲେ। ତେବେ ଉକ୍ତ "ଦ୍ରୁତତମ ମାନବ-ଗଣନ" ଭାବେ ପ୍ରମାଣପତ୍ର ଗିନିଜ୍ କର୍ତ୍ତୃପକ୍ଷ ମରଣୋତ୍ତର ଭାବେ ତାଙ୍କୁ ଚାଳିଶ ବର୍ଷ ପରେ ପ୍ରଦାନ କରି ତାଙ୍କୁ ଗୌରବାନ୍ୱିତ କରିଥିଲେ।

ଗତ ଶତାବ୍ଦୀର ପଚାଶ ଦଶକରେ ଆଇନ୍‌ଷ୍ଟାଇନଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ସେତେବେଳେ ଆଇନ୍‌ଷ୍ଟାଇନ ତାଙ୍କୁ ଏକ ବିଶାଳ-ଏକକ-ବିଶିଷ୍ଟ ସଂଖ୍ୟା ସମ୍ବଳିତ ପ୍ରଶ୍ନର ଗାଣିତିକ ଉତ୍ତର ପାଇଁ ଆହ୍ୱାନ କଲେ। କିନ୍ତୁ ଆଇନ୍‌ଷ୍ଟାଇନଙ୍କ ପ୍ରଶ୍ନ ସମାପ୍ତ ହେଉ ହେଉ ଶକୁନ୍ତଳା ତା'ର ଉତ୍ତର ସମ୍ମୁଖସ୍ଥ କଳାପଟାରେ ଲେଖିବା ଆରମ୍ଭ କଲେ। ଉତ୍ତରଟି ଏତେ ଦୀର୍ଘ ଥିଲା ଯେ, ତାହା ସମଗ୍ର କଳାପଟାର ସ୍ଥାନ ମାଡ଼ି ବସିଲା। ସେତେବେଳେ ଆଇନ୍‌ଷ୍ଟାଇନ ଅବାକ୍ ହୋଇ ଘୋଷଣା କଲେ; ଏହି ପ୍ରଶ୍ନର ଉତ୍ତର ପାଇଁ ମୋତେ ତିନିଘଣ୍ଟା ସମୟ ଲାଗିଥା'ନ୍ତା। ପୁଣି ମୋତେ ପ୍ରଚଳିତ ପଦ୍ଧତି ବ୍ୟବହାର ଦ୍ୱାରା ସମାଧାନ କରିବାକୁ ପଡ଼ିଥା'ନ୍ତା। ଏଥିରେ ଗୋଟିଏ ଷ୍ଟେପ ଭୁଲି ଯାଇଥିଲେ ମୋ ଉତ୍ତର ସଂପୂର୍ଣ୍ଣ ଭୁଲ ହୋଇଯାଇଥା'ନ୍ତା। କିନ୍ତୁ ଶକୁନ୍ତଳା ଦେବୀ ଆଖିପିଛୁଳାକେ ଯେମିତି ସଠିକ୍ ଉତ୍ତର ଦେଲେ, ତାହା ଅବିଶ୍ୱସନୀୟ।

ଶକୁନ୍ତଳା ତାଙ୍କର ଏହି ଦକ୍ଷତା ସମ୍ପର୍କରେ କହିଥିଲେ, "ମୁଁ ଜାଣେ ନାହିଁ, ମୁଁ ଏମିତି କିପରି କରିପାରୁଛି। ସରଳ ଭାବେ କହିପାରେ ଯେ, ଏହା ସେମିତି ଘଟିଯାଉଛି। ମୋତେ ପ୍ରଶ୍ନଟିଏ ପଚରାଗଲେ ମୋ ଆଖି ଆଗରେ ୧, ୨, ୩... ଇତ୍ୟାଦି ସଂଖ୍ୟାଗୁଡ଼ିକ ଆପେଆପେ ଦେଖାଯାଆନ୍ତି ଏବଂ ମୁଁ ସେଇ ସବୁ ଲେଖିଚାଲେ।" ଏହି ଘଟଣା ସମ୍ବନ୍ଧରେ ଚାକ୍ଷୁସ ପ୍ରମାଣ ସ୍ୱରୂପ ଶ୍ରୀ ରଜନୀଶ୍ କହନ୍ତି- ଆଇନ୍‌ଷ୍ଟାଇନଙ୍କ ପ୍ରଦତ୍ତ ପ୍ରମାଣପତ୍ର ଶକୁନ୍ତଳା ଦେବୀ ଚେନ୍ନାଇରେ ତାଙ୍କୁ ଥରେ ଦେଖାଇଥିଲେ।

ଆଇନ୍‌ଷ୍ଟାଇନ ନିଜେ ଅତୀନ୍ଦ୍ରିୟ ଚେତନାରେ ଗଭୀର ବିଶ୍ୱାସ ପୋଷଣ କରୁଥିଲେ। ତାଙ୍କ ଭାଷାରେ "ମୁଁ ଇନ୍ଦ୍ରିୟାତୀତ ଭାବନା ଓ ପ୍ରେରଣା (ଇଣ୍ଟୁଇସନ ଆଣ୍ଡ ଇନ୍‌ସ୍ପିରେସନ)କୁ ବିଶ୍ୱାସ କରେ। ବେଳେବେଳେ ମୁଁ ନିଶ୍ଚିତ ହୋଇଯାଏ ଯେ, ମୁଁ ହେଉଛି ଠିକ୍, ନିର୍ଭୁଲ୍। କିନ୍ତୁ ମୁଁ ଏହି ଭାବନା ପଛର କାରଣ ଜାଣିପାରେ ନାହିଁ।" ସେ ଅନ୍ୟତ୍ର କହିଛନ୍ତି, "ଅତୀନ୍ଦ୍ରିୟ ଅନ୍ତର୍ବୋଧ (ଇଣ୍ଟୁଇସନ) ଗୋଟିଏ ପବିତ୍ର ଉପହାର ଏବଂ ଯୁକ୍ତିସିଦ୍ଧ (ରାସନାଲ) ମନ ଆମର ବିଶ୍ୱସ୍ତ ଭୃତ୍ୟ। କିନ୍ତୁ ଆମ ସମାଜରେ ଭୃତ୍ୟକୁ ସମ୍ମାନିତ କରାଯାଉଛି ଏବଂ ଉପହାରଟି ବିସ୍ମୃତ ହୋଇଯାଉଛି।"

ଶକୁନ୍ତଳା ଦେବୀଙ୍କ ପ୍ରସଙ୍ଗରେ ଆଲୋଚନାବେଳେ ଓଶୋ କହିଛନ୍ତି ଯେ, ଆମ ମନକୁ ଯେଉଁ ଚମତ୍କାର ଓ ସୃଜନଶୀଳ ଭାବନା ହଠାତ୍ ଆସିଥାଏ, ତାହା ହେଉଛି ଅତୀନ୍ଦ୍ରିୟ ଭାବନାର ଫଳ। କିନ୍ତୁ ଏହା ଆମ ହାତରେ ନାହିଁ। ଏହା ଥାଏ ବିଶ୍ୱର ଅତି ଚେତନା(ସୁପର କନ୍‌ସିଅସ୍) ମଧ୍ୟରେ। ଆମେ ଏହି ମହାସାଗର ମଧ୍ୟରେ ଗୋଟିଏ କ୍ଷୁଦ୍ର ଭାସମାନ ବରଫଖଣ୍ଡ ପରି । ଏହା ତରଳି ସେଇ ମହାସାଗରରେ ମିଶିବା କ୍ଷମତା ରଖେ। ଓଶୋଙ୍କ ବକ୍ତବ୍ୟରେ ରହିଛି ଦାର୍ଶନିକତାର ପୁଟ।

ତେବେ ଶକୁନ୍ତଳାଙ୍କ ଜୀବନର ବିଶେଷତ୍ୱ ତାଙ୍କ ଆଚାର ବ୍ୟବହାରରେ ସୁସ୍ପଷ୍ଟ। ସାଧାରଣତଃ ଗଣିତଜ୍ଞମାନେ ଗମ୍ଭୀର। କିନ୍ତୁ ଶକୁନ୍ତଳା ହସଖୁସି ମିଜାଜର। ତାଙ୍କର ଏକମାତ୍ର ସନ୍ତାନ ହେଉଛନ୍ତି କନ୍ୟା- ଅନୁପମା ବାନାର୍ଜୀ। ଅନୁପମା ଅଭୟ କୁମାରଙ୍କୁ ବିବାହ କରିଛନ୍ତି। ଏହି ପ୍ରସଙ୍ଗରେ ଶକୁନ୍ତଳା କହନ୍ତି ଯେ, ସେ ଅଭୟଙ୍କୁ ଦେଖିବାମାତ୍ରେ ଜାଣିପାରିଲେ ଯେ, ଅଭୟ ତାଙ୍କ କନ୍ୟାର ପାଣି ଗ୍ରହଣ କରିବେ। ଅନେକ ସମୟରେ ତାଙ୍କୁ ସାକ୍ଷାତ୍ କରିବାକୁ ଲୋକମାନେ ଅପେକ୍ଷା କରିଥା'ନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସେ ଆଗରୁ ଜାଣିପାରିଥା'ନ୍ତି ତାଙ୍କୁ କିଏ କିଏ ଭେଟିବାକୁ ଆସିଛନ୍ତି। ସେ ସେମାନଙ୍କ ଅତୀତ, ଭବିଷ୍ୟତ ଏବଂ ବିଭିନ୍ନ ଗୋପନୀୟ ବିଷୟରେ ପୂର୍ବଧାରଣା କରିପାରିଥା'ନ୍ତି। ତେଣୁ ତାଙ୍କୁ କୁହାଯାଏ ଯେ, 'ମନ-ଗତିବିଜ୍ଞାନ ବା ବିଦ୍ୟା' (ମାଇଣ୍ଡ ଡାଇନାମିକ୍ସ)ର ସେ ପ୍ରଣେତା। ଏଥିରେ ମନର ଗତି ଓ ଏହାକୁ ପ୍ରଭାବିତ କରୁଥିବା କାରକମାନ ଜାଣିହୁଏ।

ଅତୀନ୍ଦ୍ରିୟ ଚେତନା ବଳରେ ଜଣେ ସାଧାରଣ ବ୍ୟକ୍ତି କିପରି ସଫଳତାର ଶିଖରରେ ପହଞ୍ଚିପାରେ, ଶକୁନ୍ତଳା ଦେବୀ ହେଉଛନ୍ତି ତାହାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏହା ସମସ୍ତଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ।

ମୋ: ୯୦୭୮୭୪୩୮୪୩

## ଏଇ ଭାରତରେ

ବହୁ ସମୟରେ ତୃଣମୂଳ ସ୍ତରରେ କେତେକ କୃଷକ ଚାଷରେ କିଛି ଅଭିନବ ପଦ୍ଧତି ଆପଣାଇ ଫସଲ ଉତ୍ପାଦନ କରିଥାଆନ୍ତି; ଯାହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏଭଳି ଜଣେ ଚାଷୀ ହେଉଛନ୍ତି କେରଳର ସି.ଭି. ଭର୍ଗିସ। ୱାୟନାଡ଼ର ଏହି ଚାଷୀ କମ୍ ଜାଗାରେ ଭର୍ଟିକାଲ ମେସ୍ ଟାୱାର ପଦ୍ଧତିରେ କେବଳ ଶୁଖିଲା ପତ୍ର ଉପଯୋଗ କରି ଜୈବିକ ପଦ୍ଧତିରେ ପ୍ରଚୁର ଟମାଟୋ, ଗାଜର, ଆଳୁ ଓ ପରିବା ଉତ୍ପାଦନ କରୁଛନ୍ତି। ଭର୍ଟିକାଲ ମେସ୍ ଟାୱାର ପଦ୍ଧତିରେ ସେ ୫ ଫୁଟ୍ ଉଚ୍ଚ ଓ ୨ ଇଞ୍ଚ ଫାଙ୍କ ଥିବା ଗୋଲାକାର ତା'ର ଜାଲି ଭିତରେ ଶୁଖିଲା ପତ୍ର ସହ ଗୋବର ଖତ, ନିମ କେକ୍ ଆଦି ବ୍ୟବହାର କରିଥାଆନ୍ତି। ଏଥିରେ ଖୁବ୍ କମ୍ ମାଟି ସେ ଦେଉଛନ୍ତି। ଗଛରେ ପାଣି ଦେବା ଲାଗି ଏହା ମଧ୍ୟରେ ଏକ ଛିଦ୍ରଯୁକ୍ତ ପିଭିସି ପାଇପ ରଖାଯାଉଛି। ଏହା ଦ୍ୱାରା ଚାଷରେ କମ୍ ପାଣି ଲାଗୁଛି। ୨୦୨୦ର ଶେଷ ଭାଗରେ ଭର୍ଗିସ ଏଭଳି ୨୦ଟି ଟାୱାରରେ ଚାଷ ଆରମ୍ଭ କରିଥିଲେ। ଏବେ ଏଥିରୁ ସେ ଯାହା ପରିବା ଉତ୍ପାଦନ କରୁଛନ୍ତି ସେଥିରେ ପରିବାରର ଆବଶ୍ୟକତା ପୂରଣ କରିବା ପରେ ବଳକା ପରିବା ବିକ୍ରି କରୁଛନ୍ତି। ତାଙ୍କର ଏହି ପଦ୍ଧତି କମ୍ ଜାଗାରେ ଘର ଅଗଣା ଓ ବାଲ୍‌କୋନିରେ ଚାଷ କରୁଥିବା ଲୋକଙ୍କ ପାଇଁ ଏକ ନୂଆ ବାଟ ଦେଖାଇଛି।

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ ସ୍ନିଗ୍‌ଧ ରୁକ୍ଷ
ସୁନ୍ଦର କୁତ୍ସିତ
ଅତି ଆଦରର ମୋର, ଏ ଜୀବନେ
ଅତି ପରିଚିତ
କେତେ ଆଶା କେତେ ମୋର
ଆକାଙ୍‌କ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର
କଲ୍ୟାଣ ଆଧାର
ଏତେ ପ୍ରାଣ
ଏତେ ଦାନ !

–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭେଜାଲ ଖାଦ୍ୟ ଖାଇ ଅଳ୍ପାୟୁ

ମହାଶୟ,

ଆମ ଠାକୁରବାପା, ଠାକୁମା, ଅଜା, ଆଈମା ଶହେ ବର୍ଷ ବଞ୍ଚୁଥିଲେ। ପୁରାଣରେ ଓ ବୈଜ୍ଞାନିକଙ୍କ ମତରେ ମନୁଷ୍ୟର ପରମାୟୁ ହେଉଛି ଶହେ ବର୍ଷ। ହେଲେ ଏହା ଦିନକୁ ଦିନ କମିବାରେ ଲାଗିଛି। ଆମ ପୂର୍ବପିଢ଼ି ଖାଉଥିଲେ ନିଜ ବାଡିରେ ବିନା ସାର ଓ କୀଟନାଶକରେ ଫଳୁଥିବା ପନିପରିବା , କ୍ଷେତରେ ଚାଷ ହେଉଥିବା ଦେଶୀ ଧାନ। ନିଜ ପୋଖରୀର ମାଛ, ଘରେ ପାଳିଥିବା ଦେଶୀ କୁକୁଡା ଓ ଅଣ୍ଡା। କିନ୍ତୁ ଏବେ ଲୋକମାନେ ଖାଉଛନ୍ତି ସାର ଓ କୀଟନାଶକ ପ୍ରୟୋଗ ହୋଇ ଫଳୁଥିବା ପନିପରିବା, ବ୍ରଏଲର, ଲେୟର କୁକୁଡ଼ା ଓ ଅଣ୍ଡା । ଏଥିପାଇଁ ପଚାଶ ବର୍ଷ ହୋଇଗଲା ପରେ କିଏ ହୃଦ୍‌ଘାତ, ମଧୁମେୟ, ପକ୍ଷାଘାତ ରୋଗରେ ପୀଡିତ ହୋଇ ଅଳ୍ପାୟୁରେ ମୃତ୍ୟୁବରଣ କରୁଛନ୍ତି। କୁକୁଡ଼ାଙ୍କୁ କେମିକାଲ ମିଶ୍ରିତ ଖାଦ୍ୟ ଦେଇ ଦୁଇ ମାସରେ ତିନି କେଜି ଓଜନ କରାଯାଉଛି। ମାଛରେ କେମିକାଲ ଗୋଳାଯାଉଛି ଓ କେମିକାଲ ଖାଦ୍ୟ ଦେଇ ଓଜନିଆ କରାଯାଉଛି। ଏମିତି ଭେଜାଲ ଖାଦ୍ୟ ଆମ ଆୟୁଷ କମାଇ ଦେଉଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହେଉଥିବା ଚିଙ୍ଗୁଡି ଚାଷରେ ଚିଙ୍ଗୁଡି ଖାଇ ଲୋକ ଚର୍ମରୋଗରେ ପୀଡିତ ହେଉଛନ୍ତି।

–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ସାଆନ୍ତା,
ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

सत्यमेव जयते

**Government of India / भारत सरकार**
**Ministry of Environment, Forest & Climate Change / पर्यावरण, वन और जलवायु परिवर्तन मंत्रालय**
**Eastern Regional Office / पूर्वी क्षेत्रीय कार्यालय**
**A/3, Chandrasekharpur / ए/ ३, चन्द्रशेखरपुर**
**Bhubaneswar - 751 023/ भुवनेश्वर-७५१०२३**
**Telephone: 0674 - 2301213, 2301248, 2302452, 2302453**
**Fax: 0674-2302432, E-mail: roez.bsr-mef@nic.in**

Nature Protects if She is Protected

**Stage-I**

**No. 5-ORA313/2017-BHU 12th September, 2017**

To

The Principal Secretary,
Forest & Environment Deptt.,
Govt. of Odisha, Bhubaneswar.

Sub:- Diversion of 67.309 ha (originally 85.104 ha of forest land proposed) of forest land for Rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200 Km to 310.806 Km) (within total stretch of 111.606 Km) of NH-6 in the districts of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode.

Sir,

I am directed to refer to State Govt. letter No 10F(Cons) 123/2016-6910/F&E dated 05.04.2017, No.9923/F&E dated 12.05.2017 and No.16313/F&E dated 03.08.2017 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government and on the basis of decision of Regional Empowered Committee meeting held on 05.09.2017, the Ministry of Environment, Forest & Climate Change hereby conveys 'in-principle' approval for diversion of 67.309 ha (originally 85.104 ha of forest land proposed) of forest land for Rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200 Km to 310.806 Km) (within total stretch of 111.606 Km) of NH-6 in the districts of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode, subject to the fulfillment of the following conditions.

(i) Legal status of forest land proposed for diversion shall remain unchanged.

(ii) The State Govt. shall charge the Net Present Value (NPV) of forest area proposed to be diverted under this proposal from the user agency as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2007-FC dated 05.02.2009 in this regard. While conveying the compliance of this condition, mention be made of the Eco-class and density of forest for which NPV has been charged.

(iii) At the time of payment of the Net Present Value (NPV) at the present rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India.

(iv) Compensatory afforestation over 178.238 ha of degraded forest land identified in four patches i.e. Karada DPF (44.843 ha), Dalimbadihi Revenue Forest (54.407 ha), Barpani RF(55.126 ha) and Jatia RF (23.952 ha) in Rourkela Forest Division against the area of forest land proposed to be diverted shall be raised and maintained by the State Forest Department at the cost of the user agency.

(v) The State Govt. has proposed plantation of 35,666 number of trees over 178.328 ha of degraded forest land. However, 67,309 number of trees @ 1000 trees per ha have to be planted against diversion of 67,309 ha of forest land. Hence, the State Govt. shall identify additional degraded forest land submit the location of area and shape file for plantation of balance 31,643 number trees before issue of Stage-II approval.

(vi) State Govt. shall take up plantation of 10 times the number of trees to be felled from non forest land of the project alignment at the cost of user agency, and the site of planting and locally regenerated trees species proposed for planting, should also be communicated to the Eastern Regional Office.

(vii) State Govt. shall furnish details of trees enumerated over non-forest land of the road alignment before tree felling permission is issued.

(viii) The user agency shall transfer the cost of raising and maintaining the compensatory afforestation for 10 years, at the current wage rate, to the State Forest Department.

(ix) The NTCA has recommended that 7.6 Km. of road in forest area coming under Buffer Zone of Similipal Tiger Reserve should not be widened. However, the NTCA has agreed and the curves can be improved wherever necessary. The State Govt. shall inform the NTCA the total forest area being used and diverted for improvement of the curves.

(x) The widening of road near Khairi Niwas may be shifted at least five meters from the boundary of the Khairi Newas premises.

(xi) During discussion with the user agency the committee enquired that, "how would the user agency prepare underpasses on the uphill portions, which area quite steep"? The NHAI representatives clarified that, "the new alignment at the sites of underpasses, will be elevated by upto 8 meters, so that, the existing portion of the road stays as an under passe for wild life including elephants". Accordingly, NHAI shall certify the given statement and submit the drawings (Plans, Elevations Sections) for easy understanding of the said plan to Eastern Regional Office within next 3 days. In addition the user agency shall execute any habitat improvement in and around all Underpasses as advised by the CWLW of the State.

(xii) The position of the proposed elephant underpasses and required Site Specific Wildlife Management Plan be obtained from PCCF (WL), Odisha.

(xiii) The user agency shall present a report on successful underpasses prepared by NHAI elsewhere in India, that are adapted/used by wild elephants with a critical review for future reference and utility.

(xiv) All the funds received from the user agency under the project shall be transferred online to the Ad-hoc CAMPA in the Saving Bank Account pertaining to the State concerned.

(xv) The royalty of trees need not be demanded from the user agency as per Ministry's letter No.13-20/2015-CAMPA dated 09.06.2016.

(xvi) The user agency shall comply the conditions stipulated by the State Govt. vide letter No.10F (Cons)123/2016-6910/F&E dated 05.04.2017 (except condition of payment of royalty of trees).

(xvii) The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, distance from adjoining pillars etc. As per Ministry's letter No.13-20/2015-CAMPA dated 09.06.2016, the cost of expenditure like boundary walls, stone pillars, demarcation charges, charges for felling of trees and their transportation to depots shall be deposited with DFOs concerned and the work should be undertaken departmentally in order to ensure that the task of erection of boundary walls, stone pillars, demarcation charges etc. are undertaken faithfully and in the best interests of the forests before the diversion and handing over of the forest land takes place. The work on these items should be completed within 6 months from the grant of final approval to diversion of forest land.

(xviii) The State Forest Department/UA shall submit the surveyed sketch of 178.238 ha of degraded forest land identified in four patches i.e. Karada DPF (44.843 ha), Dalimbadihi Revenue Forest (54.407 ha), Barpani (55.126 ha) and Jatia RF (23.952 ha) in Rourkela Forest Division as proposed for CA, giving the forward and backward bearing of each demarcation pillar and distance between them. The State Forest Department/User Agency shall submit the DGPS reading of each demarcated pillar giving the latitude and the longitude.

(xix) The C.A. Scheme submitted, need revision, locally regenerating tree species to be planted and soil moisture conservation measures to be take up one year prior to planting, accordingly the revised C.A. scheme to be produced.

(xx) In case the widening of the road is to be done in areas already having adequate clearance, trees shall not be cut. Any tree felling shall be done only when it is unavoidable under strict supervision of the State Forest Department.

(xxi) The designing of culverts/bridges, if any, over the natural streams/ rivers/canals should be done in such a manner that it does not hamper the natural course of water, does not give rise to water-logging, and also does not hamper movement of wild animals.

(xxii) The user agency shall use fly ash for the road construction and for filling up of void created due to soil borrows which will be followed by compaction and spreading of top soil over it as per Fly Ash Notification No. S.O. 254 (E) dated 25.01.2016.

(xxiii) The user agency shall submit an undertaking to ensure that flanks of roads should be filled by transported soil and not with soil dug from the side of the roads.

(xxiv) No additional or new path will be constructed inside the forest area for any activity related to the project work.

(xxv) No labour camp shall be allowed in the forest area.

(xxvi) The user agency shall provide LPG or alternate fuel, to labourers working at the site to avoid damage/tree felling and ensure no fuelwood use.

(xxvii) The user agency while executing works, shall not fell any tree or damage forest growth in the surrounding forest area in any manner.

(xxviii) The forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change.

(xxix) The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change.

(xxx) The State Government shall complete settlement of rights, in term of the Scheduled Tribes and Traditional Forest Dwellers (Recognition of Forest Rights) Act, 2006, if any, on the forest land to be diverted and submit the documentary evidence as prescribed by this Ministry in its letter No.11-9/1998-FC (pt.) dated 03.08.2009 read with letter No.11-9/1998-FC (pt.) dated 05.02.2013 and 05.07.2013, in support thereof.

(xxxi) Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.

(xxxii) The user agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project.

3. After receipt of the report on compliance to the conditions stipulated above, from the State Government of Odisha, final/ Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. **Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.** However, the State Govt., if it so desires, may allow the user agency for commencement of work as per Ministry guideline issued vide letter No.11-306/2014-FC (pt.) dated 28.08.2015.

**Yours faithfully,**
**Sd/-**
**(S. Mahapatra)**
**Conservator of Forests (Central)**

Copy to:-

1. The Director, ROHQ, Ministry of Environment, Forest & Climate Change, Indira Paryavaran Bhawan, Agni Block, Aliganj, Jor Bagh Road, New Delhi - 110 003.
2. The Principal Chief Conservator of Forests, Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Project Director, National Highway Authority of India, Project Implementation Unit, O.T. Road, Near White House Clinic, Balasore-1, Odisha.
4. Guard file.

**Sd/-**
**Conservator of Forests (Central)**

**Stage-II**

**No. 5-ORA313/2017-BHU 8th December, 2020**

To

The Addl. Chief Secretary, Forest & Environment Deptt. Govt. of Odisha, Bhubaneswar.

Sub:- Diversion of 67.309 ha (originally 85.104 ha of forest land proposed) of forest land for Rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200 Km to 310.806 Km) (within total stretch of 111.606 Km) of NH-6 in the district of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode.

Madam,

I am to refer to State Govt. letter No. 10F(Cons)123/2016-6910/ F&E dated 05.04.2017, No.9923/F&E dated 12.05.2017 and No.16313/F&E dated 03.08.2017, wherein prior approval of the Ministry of Environment, Forest & Climate Change for diversion of 67.309 ha (originally 85.104 ha of forest land proposed) of forest land for Rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200 Km to 310.806 Km) (within total stretch of 111.606 Km) of NH-6 in the districts of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode, was sought in accordance with Section-2 of the Forest (Conservation) Act, 1980. After due consideration of the proposal by the Ministry of Environment, Forest & Climate Change and on the basis of the decision of the Regional Empowered Committee meeting held on 05.09.2017, the in principle approval for diversion of the said forest land was accorded by Ministry vide this office letter of even number dated 12.09.2017, subject to fulfillment of certain conditions. The Nodal Officer of the State Government has furnished compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the PCCF (Nodal), Odisha vide their letter No. 16143/9F(Road)-420330/2016 dated 15.09.2020 and uploading of the Stage-1 compliance report in Parivesh web portal on 26.11.2020, Stage-II/final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 67.309 ha (originally 85.104 ha of forest land proposed) of forest land for Rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200 Km to 310.806 Km) (within total stretch of 111.606 Km) of NH-6 in the districts of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode in Baripada, Karanjia & Rairangpur Forest Divisions coming within the jurisdiction of Mayurbhanj district in the State of Odisha, subject to the fulfillment of the following conditions:-

i) Legal status of the diverted forest land shall remain unchanged.

ii) Forest land will be handed over only after required non-forest land for the project is handed over to the user agency.

iii) Compensatory afforestalion over 178.238 ha of degraded forest land identified in four patch i.e. Karada DPF (44.843 ha), Dalimbadihi Revenue Forest (54.407 ha), Barpani RF(55.126 ha) and Jatia RF (23.952 ha) in Rourkela Forest Division against the area of forest land proposed to be diverted against the area of forest land proposed to be diverted as per approved plan/scheme at the cost of user agency within a period of three years with effect from the date of issue of approval and maintained thereafter in accordance with the approved plan. As far as possible, a mixture of local indigenous species shall be planted and monoculture of any species may be avoided.

iv) The user agency shall restrict the felling of trees to minimum numbers in the diverted forest land and trees shall be felled under the strict supervision of the State Forest Department and cost of felling of trees shall be deposited by the user agency with the State Forest Department.

v) While constructing new and reconstructing/widening the existing culverts, passages etc. the user agency/NHAI authority shall focus on the enhancement of the natural ambience inside and around such passages for adaptability of the structures by the wildlife.

vi) The designing of new culverts/bridges and redesigning the existing ones over the natural streams/rivers/canals should be done in such a manner that it does not hamper the natural course of water, does not give rise to water-logging, so that it does not hamper movement of wild animals including migration of fishes & amphibians.

vii) State Govt. shall take up plantation of locally regenerating fruit and flower bearing trees at least 6 feet height sapling, double the number of trees to be felled from non-forest land of the project alignment at the cost of user agency as proposed by State Govt., on degraded forest land on both sides of this road near site of diversion, if available, otherwise on degraded forest land elsewhere. The details of the same are to be intimated to the Regional Office. The scheme may be recast and cost may also be accordingly revised since it is yet to be implemented.

viii) The State Govt. shall implement the Site Specific Wildlife Conservation Plan duly approved by CWLW, Odisha at the project cost. Additional mitigative measures, as would be required for ensuring smooth movement of wild elephants in the area shall also be included in the SSWLCP. A copy of the Site Specific Wildlife Conservation Plan to be submitted to Eastern Regional Office, MoEF&CC for record .

ix) The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, distance from adjoining pillars etc. The work on these items should be completed within 6 months from the grant of final approval to diversion of forest land.

x) In case the widening of the road is to be done in areas already having adequate clearance, trees shall not be cut. Any tree felling shall be done only when it is unavoidable under strict supervision of the State Forest Department.

xi) The user agency shall use fly ash for the road construction and for filling up of void created due to soil borrows which will be followed by compaction and spreading of top soil over it as per Fly Ash Notification No. S.O. 254 (E) dated 25.01 .2016.

xii) The complete compliance of the FRA, 2006 shall be ensured by way of prescribed certificatcs from the concerned District Collector.

xiii) The user agency shall raise strip plantation on both sides and central verge of the road as per the IRC norms.

xiv) Speed regulating signage will be erected along the road at regular intervals in the Protected Areas/ Forest Areas.

xv) The user agency shall provide suitable under/ over pass in Protected Areal Forest Area as per recommendations of CWLW/ NBWL/FAC/REC.

xvi) The user agency shall obtain the Environment Clearance as per the provisions of the Environment (Protection) Act, 1986, if applicable.

xvii) The layout plan of the proposal shall not be changed without the prior approval of the Central Government.

xviii) No labour camp shall be established on the forest land.

xix) Sufficient firewood, preferably the alternate fuel, shall be provided by the user agency to the labourers after purchasing the same from the State Forest Department or Forest Development Corporation or any other legal source of alternate fuel.

xx) The boundary of the diverted forest land shall be suitably demarcated on ground at the project cost, as per the direction of the concerned DFO.

xxi) No additional or new path will be constructed inside the forest area for transportation of construction materials for execution of the project work.

xxii) The period of diversion under this approval shall be co-terminus with the period of lease to be granted in favour of the user agency or the project life, whichever is less.

xxiii) The forest land shall not be used for any purpose other than that specified in the project proposal.

xxiv) The forest land proposed to be diverted shall under no circumstances be transferred to any other agencies, department or person without prior approval of Govt. of India.

xxv) The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Eastern Regional Office of this Ministry.

xxvi) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT. Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.

xxvii) Any other condition that the Ministry of Environment Forest & Climate Change may stipulate from time to time in the interest of conservation, protection and development of forests & wildlife. The State Govt. shall ensure compliance of all the above conditions.

xxviii) Violation of any of these conditions will be dealt as per Para 1.2 (iii) of Chapter-I of Handbook of Guidelines issued under F.C. Act, 1980 vide Ministry's letter No.5-2/2017- FC dated 28.03.2019.

**Sd/-**

**Yours faithfully,**
**(Subrat Mohapatra)**
**Dy. Director General of Forests (C)**

Copy to:-

1. The Principal Chief Conservator of Forests & Nodal Officer, Forest Department , Govt. of Odisha, Aranya Bhawan, Chandrasekharpur, Bhubaneswar-751023.
2. The Divisional Forest Officer, Baripada/Karanjia/Rairangpur Forest Division, Mayurbhanj, Odisha .
3. The Project Director, National Highway Authority of India, Project Implementation Unit, O.T. Road, Near While House Clinic, Balasore-1, Odisha.
4. Guard file.

**Sd/-**
**Dy. Director General of Forests (C)**

ଓଡ଼ିଶା ସରକାର

# GOVERNMENT OF ODISHA
# FOREST & ENVIRONMET DEPARTMENT

**No. FE-DIV-FLD-0001-2016-07/F&E, Bhubaneswar, dated the 01.01.2021 10F(Cons) 123/16**

## ORDER

**Sub:** Diversion of 67.309 ha (originally 85.104 ha of forest land proposed) of forest land for rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200Km to 310.806 Km) (within total stretch of 111.606Km) of NH-6 in the district of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode.

WHEREAS, the Project Director, National Highway Authority of India, Project Implementation Unit, O.T. Road, Balasore. Odisha had applied for diversion of 85.104 ha of forest land for rehabilitation and up-gradation. (from existing 2 lane to 4 lane) from Baharagora (Jharkhand State) to Singara Section (199.200Km to 310.806Km) (within total stretch of 111.606Km) of NH-6 in the district of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode.

And whereas the Ministry of Environment, Forests and Climate Change (hereinafter referred to as MoEF&CC) Government of India, Eastern Regional Office, Bhubaneswar had accorded 'in principle' approval for diversion of 67.309 ha (originally 85.104 ha of forest land proposed) of forest land for rehabilitation and up-gradation , (from existing 2 lane to 4 lane) from Baharagora (Jharkhand State) to Singara Section (199.200Km to 310.806Km) (within total stretch of 111.606Km) of NH-6 in the district of Mayurbhanj in State of Odisha under NHDP Phase-IV-B on Engineering, Procurement and Construction (EPC) mode vide its letter No.5-ORA313/2017-BHU dtd.12.09.2017 **(Annexure-I).**

And whereas, the MoEF&CC, Government of India, Integrated Regional Office, Bhubaneswar in consideration of the compliance of the conditions of the 'in-principle' approval, has accorded Stage-II/final approval under Section 2 of the Forest (Conservation) Act, 1980 for diversion of 67.309 ha (originally 85.104 ha of forest land proposed) of forest land for rehabilitation and up-gradation, (from existing 2 lane to 4 lane) from Baharagora (Jharkhand State) to Singara Section (199.200Km to 310.806Km) (within total stretch of 111.606K.m) of NH-6 in the district of Mayurbhanj in State of Odisha under HDP Phase IV-B on Engineering. Procurement and Construction (EPC) mode in Baripada, Karanjia & Rairangpur Forest Division coming within the Jurisdiction of Mayurbhanj district in the State of Odisha vide its letter No.5-ORA313/2017-BHU dtd.08.12.2020 **(Annexure-II)** subject to fulfillment of conditions as stipulated therein.

Now therefore, the Government of Odisha do hereby allow diversion of above mentioned 67.309 ha. of forest land in favour of user agency, as per approved land use pattern subject to fulfillment of the conditions of final forest clearance order as stipulated by the MoEF&CC, Government of India, Integrated Regional Office, Bhubaneswar .

The Collector, Mayurbhanj, Divisional Forest Officer Baripada Forest Division, Divisional Forest Officer, Karanjia Forest Division and Divisional Forest Officer, Rairangpur Forest Division are hereby authorized to handover the forest land coming within their jurisdiction as has been finally diverted following due procedure of law. Before handing over the forest land to the user agency, it shall be ensured that Net Present Value of forest land for this project as well as for any other projects, belonging to same user agency is deposited, in full, at applicable rates.

The Divisional Forest Officer, Baripada Forest Division, Divisional Forest Officer, Karanjia Forest Division and Divisional Forest Officer, Rairangpur Forest Division are also directed to monitor compliance to the conditions stipulated for such diversion in the respective forest/Wildlife clearance order and to report violations, if any, to the Nodal Officer. O/o PCCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Acts/Rules for this project deposit of requisite funds and compliance of Court's order, if any.

By order of Governor
**sd/-**
(Lingaraj Otta)
Special Secretary to Government

Memo No.08/F&E, Date: 01.01.2021

Copy along with the copy of Annexure-I and Annexure-II as above forwarded to the Principal Chief Conservator of Forests, Odisha for kind information and necessary follow up action.

Appropriate instruction to the Divisional Forest Officer, Baripada Forest Division, Divisional Forest Officer, Karanjia Forest Division, Divisional Forest Officer, Rairangpur Forest Division and User Agency may be imparted for required follow up action at their end. It may be ensured by the Divisional Forest Officers that Net Present Value of the forest land involved in this project of User Agency as well as for any other projects of the same User Agency, is deposited by them in appropriate head of account in State CAMPA in full at applicable rates. The User Agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer, Baripada Forest Division, Divisional Forest Officer, Karanjia Forest Division and Divisional Forest Officer, Rairangpur Forest Division for facilitating monitoring of compliances.

**Sd/-**
Special Secretary to Government

Memo No. 09/F&E, Date: 01.01.2021

Copy along with the copy of Annexures as above forwarded to the Asst. Inspector General of Forests, Government of India, MoEF&CC (FC Division), Indira Paryavaran Bhawan , Jor Bagh, Aliganj Road, New Delhi, Pin-110003/ Deputy Director General of Forests (Central), MoEF&CC. Government of India, IRO, A/3, Chandrasekharpur, Bhubaneswar for kind information and necessary follow up action in compliance to the order of Hon'ble NGT dtd.07. 11.2012 in Appeal No.7/2012 communicated by the MoEF, Government vide their letter F. No.7-23/2012-FC dtd.24.7.2013.

**Sd/-**
Special Secretary to Government

Memo No.10/F&E, Date: 01.01.2021

Copy along with the copy of Annexures as above forwarded to the Principal Chief Conservator of Forests (WL) & Chief Wildlife Warden, Odisha/Director, Environment, Forest & Environment Department/ Member Secretary, State Pollution Control Board, Odisha for information and necessary action.

**Sd/-**
Special Secretary to Government

Memo No.11/F&E, Date: 01.01.2021

Copy along with the copy of Annexures as above forwarded to the Regional Chief Conservator of Forests, Rourkela Circle/ Regional Chief Conservator of Forests. Baripada Circle/ Collector, Mayurbhanj/ Divisional Forest Officer, Baripada Forest Division/ Divisional Forest Officer, Karanjia Forest Division/ Divisional Forest Officer, Rairangpur Forest Division for information and immediate necessary compliance.

It may be ensured by the Divisional Forest Officers that Net Present Value of the forest land involved in this project of User Agency as well as for any other projects of the same User Agency, shall be deposited by them in full at applicable rates in appropriate head of account in State CAMPA before handing over of the forest land to the user agency. Besides funds, if any, due to be deposited by the user agency in this project shall also be deposited by the project proponent before the forest land is handed over to them. The User Agency may also be instructed to furnish compliance to the conditions of forest/ wildlife clearance pertaining to the project in every quarter to the Divisional Forest Officers concerned for facilitating monitoring of compliances by them.

The Divisional Forest Officer, Baripada Forest Division, Divisional Forest Officer, Karanjia Forest Division and Divisional Forest Officer, Rairangpur Forest Division are also instructed to ensure that the direction given to the user agency are executed immediately.

**Sd/-**
Special Secretary to Government

Memo No.12/F&E, Date: 01.01.2021

Copy along with the copy of Annexures as above forwarded to the Works Department/ Revenue & Disaster Management Department for information and necessary follow up action.

**Sd/-**
Special Secretary to Government

Memo No.13/F&E, Date: 01.01.2021

Copy along with the copy of Annexures as above forwarded to the Private Secretary to Minister of Forest & Environment Department for kind information of Hon'ble Minister.

**Sd/-**
Special Secretary to Government

Memo No.14/F&E, Date: 01.01.2021

Copy along with the copy of the Annexures forwarded to Project Director, National Highway Authority of India, Project Implementation Unit, O.T. Road, Near White House Clinic, Balasore-1, Odisha for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.7/2012 communicated by the MoEF, Government of India vide their letter F. No.7-23/2012-FC dtd. 24.07.2013.

i. They shall publish the entire forest clearance granted in verbatim along with conditions and safeguards imposed by the Central Government in Stage-I/II forest clearance in two widely circulated daily newspaper, one in vernacular language and the other in English language so as to make people aware of the permission granted to the Project for use of forest land/or non-forest purposes.

ii. They shall submit the copies of forest clearance orders granted by the Central Government/State Government to the Heads of local bodies, Panchayats and Municipal bodies in addition to the relevant offices of the Government, who in turn, has to display the same for 30 days from date of receipt.

iii. Detailed action taken in compliance to the above order of State Government shall be intimated to the Divisional Forest Officer, Baripada Forest Division/Divisional Forest Officer, Karanjia Forest Division/Divisional Forest Officer; Rairangpur Forest Division/ Regional Chief Conservator of Forests, Rourkela Circle/ Regional Chief Conservator of Forests, Baripada Circle/ Principal Chief Conservator of Forests, Odisha/ Forest & Environment Department/ for reference.

Besides the above, the user agency is also asked to deposit Net Present Value of forest land for this project and for any other projects belonging to him in full, if not deposited yet, at applicable rates. Also requisite funds due for deposit by the user agency on account of this project shall also be deposited in State CAMPA Account.

The user agency shall furnish compliances to the conditions prescribed in the forest/ wildlife clearance order to the Divisional Forest Officer, Baripada Forest Division/ Divisional Forest Officer, Karanjia Forest Division /Divisional Forest Officer, Rairangpur Forest Division in every quarter, for the purpose of monitoring by them.

**Sd/-**
Special Secretary to Government

Memo No.15/F&E Date: 01.01.2021

Copy with copy of Annexures forwarded to the Head, State Portal , I.T. Centre. Odisha Secretariat, Bhubaneswar for information and necessary action. He is requested to upload this order along with its enclosures in the website of Forest & Environment Department immediately for information of all concerned. This is required in compliance to order of Hon'ble National Green Tribunal dtd.07.11.2012 in Appeal No.7/2012. Hence this may be done unfailingly.

**Sd/-**
Special Secretary to Government

Memo No .16/F&E, Date: 01.01.2021

Copy with copy of Annexures forwarded to the under Secretary to Government, Office Establishment Section, Forest & Environment Department for information and necessary action with reference to their letter No.12939/F&E dtd. 16.07.2016.

**Sd/-**
Special Secretary to Government

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ମାର୍ଚ୍ଚ, ୨୦୨୧

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ**

ମାହାଙ୍ଗା,(ସ୍ୱ.ପ୍ର) : ମାହାଙ୍ଗା ବ୍ଲକ ଓଷଙ୍ଗ ପଞ୍ଚାୟତ କଉଡୁକୋଲା ଠାରେ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଓଡିଶା ଆଦର୍ଶ ବିଦ୍ୟାଳୟକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀଶଙ୍କର ଚଇନି, ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ , ବିଇଓ ଚକ୍ରଧର ବେହେରା, ଉପାଧକ୍ଷା ରସିଦା ବେଗମ, ଜିଲା ପରିଷଦ ସଭ୍ୟ ହରପ୍ରିୟା ପାଣି, ସ୍ଥାନୀୟ ସରପଞ୍ଚ ଧୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏରକଣାସ୍ଥିତ ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ଗୃହକୁ ମନ୍ତ୍ରୀ ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଯୋଗଦେଇଥିଲେ।



## ସଂକ୍ଷେପରେ

### ଯନ୍ତ୍ରୀଙ୍କଠାରୁ ଅର୍ଥ ଆଦାୟ ନିର୍ଦ୍ଦେଶ

କଟକ ସଦର,୮।୩(ଡି.ଏନ.ଏ.): କଟକ ମହାନଗର ନିଗମ ଅଧୀନ ୫୨ନଂ. ୱାର୍ଡର ଏକ ଧାର୍ମିକସ୍ଥଳରେ ଜଣେ ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅର୍ଥରେ ସ୍ଥାୟୀ ନିର୍ମାଣ କରାଯାଇଥିଲା। ହେଲେ ଏଭଳି ନିର୍ମାଣ ବେଆଇନ। ତେଣୁ ଏବାବଦକୁ ଖର୍ଚ୍ଚ ହୋଇଥିବା ୩ ଲକ୍ଷ ଟଙ୍କା କାର୍ଯ୍ୟ ବୁଝାଶୁଝା କରିଥିବା ଯନ୍ତ୍ରୀଙ୍କଠାରୁ ଆଦାୟ ପାଇଁ କଟକ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ, ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ଖର୍ଚ୍ଚ କୌଣସି ଧାର୍ମିକସ୍ଥଳରେ ହୋଇପାରିବ ନାହିଁ। ହେଲେ ଏହି ପାଣ୍ଠି ଅର୍ଥକୁ ୫୨ନଂ. ୱାର୍ଡର ଧାର୍ମିକ ସ୍ଥଳରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କଟକ ଜିଲାପାଳ ପତ୍ରସଂଖ୍ୟା ୧୬୬୭/୨୩।୮।୧୮ରେ ତତ୍କାଳୀନ ବିଡିଓଙ୍କୁ କୈଫିୟତ ମାଗିଥିଲେ। ମାତ୍ର ଏହାର ଯଥାର୍ଥ ଉତ୍ତର ଜିଲାପାଳଙ୍କୁ ଦିଆଯାଇ ନ ଥିଲା। ତେଣୁ ପତ୍ରସଂଖ୍ୟା ୧୧୬୪/୨୧।୮।୨୦ରେ ପୁନର୍ବାର ବିଡିଓଙ୍କୁ ରିମାଇଣ୍ଡର ଦିଆଯାଇଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ଉକ୍ତ ଚିଠିର କପି ପାଇଛି। ଏହି ନିର୍ଦ୍ଦେଶ ଅନୁପାଳନ କରିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି।

### ଉଠାଦୋକାନୀଙ୍କ ଥଇଥାନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

**କଟକ ଅଫିସ, ୮।୩:** ଗୋପଦ ଅଭିଯାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୋମବାର କଟକ ପିଲିଗ୍ରୀମ ରୋଡ, ମାଲଗୋଦାମ ଓ ଛତ୍ରବଜାର ଅଞ୍ଚଳ ପରିଦର୍ଶନ କରିଥିଲେ। ମାଲଗୋଦାମ ଅର୍ବାନ ବ୍ୟାଙ୍କ ପଛପଟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବାସଗୃହ ଓ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଥିବା ଅଞ୍ଚଳ ବୁଲି ଦେଖିଥିଲେ। ଏଥିସହ ସେଠାରେ ଉଠା ଦୋକାନୀଙ୍କ ନିମନ୍ତେ ଶପିଂ କମ୍ପ୍ଲେକ୍ସ, ଭେଣ୍ଡିଂଜୋନ୍ କରାଯାଇ ଥଇଥାନ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଜବରଦଖଲକାରୀଙ୍କୁ ଉଚ୍ଛେଦ ସହ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ଯୋଗୁ ଅବରୋଧ ଥିବା ଜାଗାଗୁଡିକୁ ତୁରନ୍ତ ଖାଲି କରାଯିବା ନେଇ ଜିଲାପାଳ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖାଦ୍ୟର ଗୁଣବତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୮।୩:** କଟକ ମହାନଗର ନିଗମ(ସିଏମ୍‌ସି) ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗର ମିଳିତ ଆନୁକୂଲ୍ୟରେ ଖାଦ୍ୟର ସୁରକ୍ଷା ଓ ଗୁଣବତ୍ତାକୁ ନେଇ ସୋମବାର କଟକ ଟାଉନ୍‌ହଲରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ପରିମଳ ବିଭାଗର ଡେପୁଟି କମିଶନର ସଞ୍ଜୀବିତା ରାଏ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ଭଗବାନ ଲେଙ୍କା, ସତ୍ୟବ୍ରତ ଶତପଥୀ, ତ୍ରୈଲକ୍ୟ ସାହୁ, ସ୍ୱଚ୍ଛାସେବୀ ଅନୁଷ୍ଠାନର ଉତ୍ସର୍ଗର ସଭାପତି ପ୍ରିୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ସର୍ଗ ପକ୍ଷରୁ ୨୫ରୁ ଉର୍ଦ୍ଧ୍ୱ ହୋଟେଲ, ବେକ୍‌ରୀ, କ୍ୟାଟରିଂ ମାଲିକମାନଙ୍କୁ ଖାଦ୍ୟର ସୁରକ୍ଷା ଓ ଗୁଣବତ୍ତା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ହୋଟେଲ ଓ କ୍ୟାଟରିଂ ଦ୍ୱାରା ବାହାରୁ ଥିବା ବର୍ଜ୍ୟବସ୍ତୁକୁ କିପରି ଭାବେ ପରିଚାଳନା କରାଯିବ ସେ ସମ୍ପର୍କରେ ସଞ୍ଜୀବିତା ସଚେତନ କରାଇଥିଲେ। ସେହିପରି ସ୍ୱାସ୍ଥ୍ୟ ଅଧିକାରୀ ଡା. ମହାପାତ୍ର ଖାଦ୍ୟର ସୁରକ୍ଷା, ଗୁଣବତ୍ତା ଓ ପରିଚ୍ଛନ୍ନତା ରକ୍ଷା କରାଯିବା ଉପରେ ଆଲୋକପାତ କରିଥିଲେ।

# ମହିଳା ଥାନା ଅଧିକାରୀ ରୋଲ୍ ମଡେଲ ହୋଇପାରିବେ

କଟକ ଅଫିସ, ୮।୩



ପୋଲିସ ମୁଖ୍ୟାଳୟରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଡିଜିପିଙ୍କ ସମୀକ୍ଷା।

ପୋଲିସ ବିଭାଗରେ ମହିଳାମାନଙ୍କ ନେତୃତ୍ୱ ଏବଂ ସହଯୋଗ ମନୋଭାବ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛି। ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ଥାନାରେ ମହିଳାମାନେ କାର୍ଯ୍ୟ କରୁଛନ୍ତି। ଅନୁଗୋଳ ଏବଂ ମୟୂରଭଞ୍ଜ ଜିଲାରେ ସର୍ବାଧିକ ମହିଳା ଥାନା ଅଧିକାରୀ ଭାବେ ନିୟୋଜିତ ଅଛନ୍ତି। କାର୍ଯ୍ୟଦକ୍ଷତା ନିମନ୍ତେ ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ମହିଳା ଅଧିକାରୀ ଓ କର୍ମଚାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ନିମନ୍ତେ ଥାନା ପରିସରରେ ଏକ ଉତ୍ତମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଡିଜିପି ଅଭୟ କହିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଭିଡିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଡିଜିପି ଅଭୟ ଯୋଗଦେଇ ପୋଲିସର ଦକ୍ଷତା ଏବଂ କାର୍ଯ୍ୟକୁ ଠିକ୍ ଭାବେ ନିର୍ବାହ କରିବାକୁ ମହିଳା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ମହିଳା ଥାନା ଅଧିକାରୀ ଅନ୍ୟମାନଙ୍କ ପାଇଁ ରୋଲ୍ ମଡେଲ ହୋଇପାରିବେ। ଏଥିସହ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ପୋଲିସ ଷ୍ଟେଶନର ଉନ୍ନତୀକରଣ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧକୁ ଦମନ କରିବା, ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଏସ୍‌ପି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ହେଡ୍‌କ୍ୱାର୍ଟର୍ସ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ, ଆଇଜି କ୍ରାଇମବ୍ରାଞ୍ଚ, ଆଇଜି(କାର୍ମିକ), କ୍ରାଇମବ୍ରାଞ୍ଚ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ଦାବି ନେଇ ସୋମବାର ଏଆଇଏମ୍ଏସ୍ଏସ୍ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।

# ଓଟିଏମ୍ ପରିସରରେ ନିଆଁ

ଚୌଦ୍ୱାର,୮।୩(ଡି.ଏନ୍.ଏ.)

କଟକ ଜିଲା ଚୌଦ୍ୱାରଠାରେ ବନ୍ଦ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ୍)ପରିସରରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସେଠାରେ ୧ ଏକରରୁ ଉର୍ଦ୍ଧ୍ୱ ଜାଗାରେ ଥିବା ଅନାବନା ଗଛ ପୋଡିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ଓ ଏଥିରେ ବିଶେଷ କ୍ଷତି ହୋଇ ନ ଥିବା ଅଗ୍ନିଶମ ଅଧିକାରୀ ରଞ୍ଜିତ୍ କୁମାର ବଡୁ କହିଛନ୍ତି। ଓଟିଏମ୍ ପରିସରସ୍ଥିତ ବିଭିନ୍ନ ସ୍ଥାନରେ ଗଛ ଜଳୁଥିବାରୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇପାରିଥାନ୍ତି ବୋଲି ଓଟିଏମ୍ କାରଖାନା ସମ୍ମୁଖରେ ଧାରଣାରେ ବସିଥିବା ଓଟିଏମ୍ ବଞ୍ଚାଓ ସଙ୍ଗଠନର ଦୀପକ କୁମାର ବାରିକ ଓ ବିଭୁପ୍ରସାଦ ରଥ ପ୍ରମୁଖ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଖବରପାଇ ଚୌଦ୍ୱାର ପୋଲିସ ଓ କାରଖାନା ଲିକ୍ୟୁଡେଟର ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ୫୫ ଏକର ପରିମିତ ଜାଗାରେ ଓଟିଏମ୍ କାରଖାନା ଖୋଲାଯାଇଥିଲା। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ୨୦୦୧ରେ ଏହା ବନ୍ଦ ହୋଇଯାଇଥିଲା। ସେବେଠାରୁ କାରଖାନା ପରିସର ଏକରକମର ଜଙ୍ଗଲମୟ ହୋଇପଡିଛି। କାରଖାନା ବନ୍ଦ ରହିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହାର ପରିସରରୁ ଯନ୍ତ୍ରାଂଶ ଚୋରି କରୁଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି।



ଅଗ୍ନିକାଣ୍ଡରେ ଗଛଗୁଡିକ ଜଳିଯାଇଛି।

**ଜଳିଗଲା ଅନାବନା ଗଛ**

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପ୍ରସ୍ତୁତି ସଭା

**ପିଲାଙ୍କ ପାଇଁ ପ୍ରସ୍ତୁତ ହେବ ଚଳଚ୍ଚିତ୍ର**

କଟକ ଅଫିସ, ୮।୩

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ସୋମବାର କଟକ ଗାନ୍ଧୀ ଭବନଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଛୋଟ ପିଲାଙ୍କ ପାଇଁ ଓଡ଼ିଆ ଭାଷାରେ ଗାନ୍ଧିଜୀଙ୍କ ଉପରେ ଆଧାରିତ ଦୁଇଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ ଓ ଜିଲାରେ ୧୦ଟି ଗ୍ରାମ ସ୍ୱରାଜ ଭିତ୍ତିକ ଗାନ୍ଧୀଗ୍ରାମ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା ୨୩ ତାରିଖ ସକାଳେ କଟକ ରେଳ ଷ୍ଟେଶନଠାରୁ ନେତାଜୀ ସେତୁ ନିକଟ ଗାନ୍ଧୀ ମଇଦାନ ପର୍ଯ୍ୟନ୍ତ ହେବାକୁ ଥିବା ଗାନ୍ଧୀ ସ୍ମାରକୀ ପଦଯାତ୍ରାରେ ବହୁସଂଖ୍ୟକ ଜନସାଧାରଣ ଯୋଗଦେବାକୁ ପାଇଁ ଏହି ସଭାରେ ଆମନ୍ତ୍ରଣ କରାଯାଇଛି। ଏହି ସଭାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, କସ୍ତୁରବା ଟ୍ରଷ୍ଟର ଓଡ଼ିଶା ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ, ଲୋହିଆ ଏକାଡ଼େମୀ ସମ୍ପାଦକ ଦେବ ପ୍ରସାଦ ରାୟ, ଖଦୀ ମଣ୍ଡଳର ଅଧ୍ୟକ୍ଷ ବୈଷ୍ଣବ ଦାସ, ଇଂ. ସୂର୍ଯ୍ୟ ନାରାୟଣ ନାଥ, ଆଇନଜୀବୀ କବୀର ଜେନା, ଶଶାଙ୍କ ଶେଖର ଦାଶ, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ମଶାନ, ଖେଳପଡ଼ିଆକୁ ବ୍ୟବହାର ଉପଯୋଗୀ ରଖିବାକୁ ଦାବି

କଟକ ଅଫିସ, ୮।୩

ସହରର ନବୀକରଣ ନିମନ୍ତେ ରାଜ୍ୟ ସରକାର ରାସ୍ତା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଅବରୋଧ ମୁକ୍ତ କରୁଛନ୍ତି। ଏହାଦ୍ୱାରା ଉକ୍ତ ସ୍ଥାନରେ ଦୀର୍ଘବର୍ଷ ଧରି ରହୁଥିବା ବାସିନ୍ଦାମାନେ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ନୂଆପଡ଼ା ମୌଜା ଅନ୍ତର୍ଗତ ବାଲିସାହିଠାରେ ଥଇଥାନ କରିବା ପାଇଁ ସରକାର ଯୋଜନା କରିଛନ୍ତି। ହେଲେ ଉକ୍ତ ସ୍ଥାନକୁ ପୁରୁଷାନୁକ୍ରମେ ଗ୍ରାମବାସୀ ଶ୍ମଶାନ ରୂପେ ବ୍ୟବହାର କରୁଛନ୍ତି। ଏଥିସହ ଉକ୍ତ ସ୍ଥାନ ନିକଟରେ ରମାଦେବୀ ମହିଳା ସମିତି ଗୃହ ଓ ଏକ ଖେଳପଡ଼ିଆ ରହିଛି। ଉକ୍ତ ଗୃହରେ ସମିତି ସଭ୍ୟାମାନଙ୍କ ଦ୍ୱାରା ବିଭିନ୍ନ ସାମୂହିକ କାର୍ଯ୍ୟକ୍ରମ କରାଯାଉଛି। ଏଣୁ ଉକ୍ତ ସ୍ଥାନକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ନ କରି ଶ୍ମଶାନ ଓ ଖେଳପଡ଼ିଆ ଉପଯୋଗୀ କରିବାକୁ ରମାଦେବୀ ମହିଳା ସମିତି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସମିତି ସଭାନେତ୍ରୀ ବୈଜୟନ୍ତୀମାଳା ବ୍ରହ୍ମଚାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଥିଲେ।

# ସମସ୍ୟା ଭିତରେ ସମାଧାନ କରିବାକୁ ଆହ୍ୱାନ

କଟକ ଅଫିସ, ୮।୩



ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇ ମହିଳାମାନେ ଲକ୍ଷ୍ୟପଥରେ ପହଞ୍ଚିବାକୁ ହେଲେ ସମସ୍ୟାଠାରୁ ଦୂରେଇ ନ ଯାଇ, ତାହା ଭିତରେ ସମାଧାନ ବାଟ ଖୋଜି ଆଗେଇଯିବାକୁ ଆହ୍ୱାନ ଦେଇଥିଲେ। ଆଇଏସ୍‌ଡିର ନିର୍ଦ୍ଦେଶକ ଶୁଭଶ୍ରୀ ଦାସ ମହିଳାମାନଙ୍କ ସୁରକ୍ଷା ଓ ପାରିବାରିକ ହିଂସା ସମ୍ପର୍କୀୟ ନିୟମ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି କର୍ମକ୍ଷେତ୍ରରେ ଘଟଉଥିବା ଯୌନ ନିର୍ଯ୍ୟାତନା, ଜିଲା ଶିଶୁ ସୁରକ୍ଷା ଅଧିକାର ଓ ବାଳ ଅପରାଧ ନିୟମ ସମ୍ପର୍କରେ କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ମହିଳାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆଠଗଡ଼ର ଅଭିରାମ ସ୍ୱୟଂ ସହାୟକ ଗୋଷ୍ଠୀ, କଟକ ସଦରର ମା' ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ବାଙ୍କୀର ଶନିଶ୍ଚର ଦେବ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫,୦୦୦ ଟଙ୍କା ସହ ମାନପତ୍ର ଦିଆଯାଇଥିଲା। ସେହିପରି କଣ୍ଟାପଡା ବ୍ଲକର ଅଙ୍ଗନୱାଡି କର୍ମୀ କାବେରୀ ଓଝା, ସୁପରଭାଇଜର ମଞ୍ଜୁଲତା ପାଣିଗ୍ରାହୀ, ନିଆଳିର ଶିଶୁ ବିକାଶ ଯୋଜନା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ମାହାଙ୍ଗା ବ୍ଲକର ଜଣେ କିଶୋରୀ ବାଳିକାଙ୍କୁ ନିଜ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରଯାଇଥିଲା। ଏଥିସହ କେଶରପୁରସ୍ଥିତ ହାଜିଆଲି ଉତ୍ପାଦକ ଗ୍ରୁପ କୋଭିଡ ମହାମାରୀ ସମୟରେ ୪ ଲକ୍ଷ ମାସ୍କ ବିଭିନ୍ନ ଜିଲାକୁ ଯୋଗାଇବା ଏବଂ ସିଲାଇ କାର୍ଯ୍ୟରେ ସହାୟତା କରି ୮୦ ଲକ୍ଷ ଟଙ୍କା ରୋଜଗାର କରିଥିବାରୁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ବିଭାଗ ପକ୍ଷରୁ ୫୦,୦୦୦ ଟଙ୍କାର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା ଅତିଥି ପରିଚୟ, ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମରେ ସହାୟତା କରିଥିବାବେଳେ ପ୍ରୋଗ୍ରାମ ଅଧିକାରୀ ମଞ୍ଜୁଲତା ନାୟକ ଧନ୍ୟବାଦ ଦେଇଥିଲେ।

# ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ମହିଳା

କଟକ ଅଫିସ/ଆଠଗଡ଼/ତିଗିରିଆ ୮।୩ (ଡି.ଏନ୍.ଏ.)(ସ୍ୱ.ପ୍ର.)

କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ମହିଳାମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ମହିଳାମାନେ ଟ୍ରାଫିକ ପୋଷ୍ଟ ପରିଚାଳନାଠାରୁ ଆରମ୍ଭ କରି ଏୟାର ଟ୍ରାଫିକ କଣ୍ଟ୍ରୋଲ, ମାଓବାଦୀ ଦମନ, ଏସ୍‌ଓଜି ଆଦି କ୍ଷେତ୍ରରେ ସଫଳ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗରେ ୨୦ ପ୍ରତିଶତ ମହିଳା ପୋଲିସ ଅଧିକାରୀ ଏବଂ ୪୦ ପ୍ରତିଶତ ମହିଳା ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ୧୦୩ଟି ଥାନାର ଅଧିକାରୀ ଭାବେ ମହିଳା ରହିଛନ୍ତି ବୋଲି ପାଣିଗ୍ରାହୀ କହିଥିଲେ। ଏଥିରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏସ୍‌ପି ଅନୁପମା ଜେମ୍‌ସ, ଇନ୍ସପେକ୍ଟର ମୀନାକ୍ଷୀ ପ୍ରଧାନ ଓ ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଏହା ସହ ... ହୋଇଥିଲା। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ସ୍ମୃତିପ୍ରଭା ଦାସ, ବିଶିଷ୍ଟ ଅତିଥି ଭାବେ ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଲୋକନାଥ ବେହେରା, ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଯୋଗଦେଇଥିଲେ। ସେହିପରି ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ପକ୍ଷରୁ ଜୟଶ୍ରୀ ଅଡିଟୋରିୟମରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ ସଂଗଠନ ପିକକ୍‌ର ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଲୋକସଂପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ସ୍ୱାଗତ ଭାଷଣ ଓ ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାସ ଧନ୍ୟବାଦ ଦେଇଥିଲେ।




ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରୁଛନ୍ତି।

ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବି.କେ.ଆର୍ଟ କଲେଜ ପକ୍ଷରୁ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ହସ୍ପିଟାଲର ଷ୍ଟାଫଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଓଡିଆ ସିନେମା ଅଭିନେତ୍ରୀ ଅନୁ ଚୌଧୁରୀ, ଏସ୍‌ଏଚଜି ସଦସ୍ୟ ଜୟନ୍ତି ଏକା, ସାମାଜିକ କର୍ମୀ ଅନୁରାଧା ଦାସ, ଡ. ମାମି ପରିଜା, ଡ.ସୁମିତା ମହାନ୍ତି ଏବଂ ପ୍ରଫେସର କୃପାସିନ୍ଧୁ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ପ୍ରତ୍ୟେକ ମହିଳା ଏବଂ ବାଳିକାଙ୍କୁ ଉତ୍ସାହିତ କରାଯିବାର ଆବଶ୍ୟକତା ରହିଛି। ଶିକ୍ଷା ମହିଳାଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ସମୟରେ ମହିଳା ମାନେ ଆତ୍ମ ନିର୍ଭରଶୀଳ ହେବା ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି। ହସ୍ପିଟାଲର ପ୍ରତିଷ୍ଠାତା ସଦସ୍ୟ ଡ.ଲିପ୍ସା ପଣ୍ଡା ମହିଳାଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଡ,ରଞ୍ଜୀତ କର, ଆସୋସିଏଟ ଭିପି ଗିରୀଶ ମିଶ୍ର, ବରିଷ୍ଠ କନସଲଟାଣ୍ଟ ପ୍ରମୋଦ ପାତ୍ର ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ପଲିଟେକ୍ ସେମିନାର କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

କଟକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସରେ ଏକ ସଦ୍‌ଭାବନା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଶୁଭେନ୍ଦୁ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ପ୍ରସନ୍ନ କୁମାର ସେନାପତିଙ୍କ ସହିତ ସମସ୍ତ ମହିଳା ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଆଠଗଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବାସନ୍ତୀ ରାଉଳଙ୍କ ଅଧ୍ୟକ୍ଷତାରେ ମହିଳା ମହାବିଦ୍ୟାଳୟ ନିକଟ ମିନି ଷ୍ଟାଡିୟମରେ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିନେତ୍ରୀ ସଙ୍ଗୀତା ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାର ମିଶନ ଶକ୍ତି ଯୋଜନାର ପରୀକ୍ଷାଗାର ଭାବେ ଆଠଗଡକୁ ତିଆରି କରିଥିବା କହିଥିଲେ। କଟକ ଜିଲା ମହିଳା ବିଜେଡି ଉପସଭାନେତ୍ରୀ ଅଶାନ୍ତି ବେହେରା, ମିତାଲି ରାଉତ, ସୁଚିତ୍ରା ସାହୁ, ଜାନକୀ ଲତା ନାୟକ ଓ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ତିଗିରିଆରେ ବିଜେଡି ପକ୍ଷରୁ ଆୟୋଜିତ ଉତ୍ସବରେ ମନସ୍ତତ୍ତ୍ୱବିତ ମଧୁସ୍ମିତା ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାମାନେ ଏବେ ଅବଳା ନୁହେଁ ଶବଳା ବୋଲି କହିଥିଲେ । ସଭାରେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୂପା ଦଳେଇ ସଭାପତିତ୍ୱ କରିଥିଲେ ।

# ଏସ୍‌ଏଚ୍‌ଜିଠାରୁ ୧୦ ହଜାର ମାଟି କପ୍ କିଣିଲା ରେଳ ବିଭାଗ

ବାଙ୍କୀ, ୮।୩(ସ୍ୱ.ପ୍ର.)

**ଟେରାକୋଟା ଶିଳ୍ପକୁ ପ୍ରୋତ୍ସାହନ**



ଟେରାକୋଟା ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଓରମାସ ଜରିଆରେ ରେଳ ବିଭାଗ ପକ୍ଷରୁ କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଠାରୁ ୧୦ହଜାର ମାଟି କପ୍ ପୂର୍ବତଟ ରେଳ ବିଭାଗ ସୋମବାର କିଣିଛି। ଆନ୍ତର୍ଜାତିକ ମହିଳା ଦିବସରେ ରେଳ ବିଭାଗର ଅଧିକାରୀମାନେ ତାଳବସ୍ତ ଗ୍ରାମରେ ପହଞ୍ଚି ଓମ୍ ସାଇ ଉତ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୧.୬୦ ଟଙ୍କା ଦରରେ ଏହାକୁ କିଣିଛି। ପ୍ରତି ସପ୍ତାହରେ ଏହି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ସମ ପରିମାଣର ମାଟି କପ୍ କିଣିବା ପାଇଁ ବିଭାଗ ଲକ୍ଷ୍ୟ ରଖିଛି ବୋଲି ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରୁବାନ୍ ଅଧିକାରୀ ସ୍ୱୟଂପ୍ରଭା ମହାନ୍ତି, ଓରମାସର ଅତିରିକ୍ତ ଅଧିକାରୀ ଶ୍ରୀକାନ୍ତ ପରିଜା, ଡମପଡ଼ା ବ୍ଲକ ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଓମ୍ ସାଇ ଉତ୍ପାଦକ ଗୋଷ୍ଠୀର ସଭାନେତ୍ରୀ ଶକୁନ୍ତଳା ମୁଦୁଲି ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହି ସେମାନଙ୍କୁ ହସ୍ତ ନିର୍ମିତ ମାଟି ଚା କପ୍ ପ୍ରଦର୍ଶିତ କରିବା ସହ ବିକ୍ରି କରିଥିଲେ। ଯାତ୍ରୀମାନଙ୍କୁ ମାଟି ପାତ୍ରରେ ଚା ଯୋଗାଇ ଦେବା ପାଇଁ ପୂର୍ବରୁ ରେଳ ବିଭାଗକୁ ଚିଠି ଲେଖି ମହିଳାମାନେ ଅନୁରୋଧ କରିଥିଲେ। ପ୍ରସ୍ତାବକୁ ରେଳବିଭାଗ ମଞ୍ଜୁରୀ ପ୍ରଦାନ କରିଛି।

## ଗାଡି ଧକ୍କାରେ ଜଣେ ମୃତ

ଭୁବନେଶ୍ୱର,୮।୩(ବ୍ୟୁରୋ): ଭରତପୁର ଥାନା ନୂଆଗାଁ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଗାଡି ଧକ୍କାରେ ଜଣେ ବକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଣେଶ ଚନ୍ଦ୍ର ସୁବୁଦ୍ଧି(୫୦)। ତାଙ୍କ ଘର ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଗ୍ରାମରେ ବୋଲି ଜଣାପଡିଛି। ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଟାଇମ୍‌ପାସ . ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଶତାବ୍ଦୀର କଳାକାର ଅନୁଷ୍ଠାନ ପକ୍ଷରୁ ଶିଶୁ ନାଟକ କର୍ମଶାଳା, ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ଅପରାହ୍ନ ୩ଟା।
- ବିଚାର ଭାରତୀ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ଚନ୍ଦ୍ରଶେଖରପୁର ପାଣିଟାଙ୍କି ବସ୍ତି, ଅପରାହ୍ନ ୩ଟା।
- କଳାଶ୍ରମ ଅନୁଷ୍ଠାନ ପକ୍ଷରୁ ଗୁରୁ ଦକ୍ଷିଣ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ୪୪ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ଦୁଦୁରାବସ୍ଥ, ଶ୍ରୀମହାବୀରଙ୍କ ପୀଠସ୍ଥଳ, ସକାଳ ୮ଟା।

**ଟିଗିରିଆ**

- ଓଡିଶା ଜୀବିକା ମିଶନ ତରଫରୁ ବେକାରୀ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ମେଳା, ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ଧନ୍ୟବାଦ ଦେଲେ ସୁଧାଂଶୁ ଷଡ଼ଙ୍ଗୀ

ଭୁବନେଶ୍ୱର,୮।୩(ବ୍ୟୁରୋ): କଟକ-ଭୁବନେଶ୍ୱର ଟୁଇନ୍‌ସିଟି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସୋମବାର ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଓଡ଼ିଶା ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲୁସି)ର ସିଏମ୍‌ଡି ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଓଡିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେ ଟୁଇଟରରେ ନିଜ ମତ ରଖିଛନ୍ତି। ଦ୍ୱୈତ ନଗରୀ ପୋଲିସ କମିଶନର ଭାବରେ ମୁଁ ଦାୟିତ୍ୱ ହସ୍ତାନ୍ତର କରିଛି। କମିଶନର ଭାବେ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ମୁଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଉଛି। କୋଭିଡ-୧୯ ମୁକାବିଲା ସବୁସମୟ ପାଇଁ ମନେରହିବ ବୋଲି ସେ ଉଲ୍ଲେଖ କରିଛନ୍ତି।

### ୩ ପ୍ରକଳ୍ପର ଉଦ୍‌ଘାଟନ

ବାଲିଅନ୍ତା,୮।୩(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପଞ୍ଚାୟତରେ ସୋମବାର ୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଗୋଟିଏ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଯାଇଛି। ଜୟଦେବ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମାବତୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ସ୍ୱୟଂ ସହାୟତ ଗୋଷ୍ଠୀ ମହାସଂଘ ବହୁ ପଞ୍ଚାୟତର ମୁଖ୍ୟ ତୋରଣ, ରୋଷେଇ ପିଣ୍ଡି ଓ ସାଇକେଲ ଷ୍ଟାଣ୍ଡ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ବିଡିଓ ଆଦିକନ୍ଦ ବେହେରା, ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣିଙ୍କ ସମେତ ବହୁ ଲୋକପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ।

### ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ୮।୩(ବ୍ୟୁରୋ) - ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ଓ କାର୍ମିକ ବିଭାଗ ପକ୍ଷରୁ ସୋମବାର ରେଳବିହାର କମ୍ୟୁନିଟି ହଲ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟର ନିର୍ଦ୍ଦେଶକ ଡ. ରୁପା କପିଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପ୍ରତ୍ୟେକ ମହିଳା ନିଜର ଅନ୍ତର୍ନିହିତ ଶକ୍ତି ଜାଣିବା ସହ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସମସ୍ୟାର ମୁକାବିଲା ନିଜେ କରିବା ଆବଶ୍ୟକ। ସାମାଜିକକର୍ମୀ ଡ. ସ୍ମୃତି ମହାପାତ୍ର, ରେଳପଥର ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଅରୁନ୍ଧତୀ ସେନାପତି ଏବଂ ପ୍ରମୁଖ ସାଙ୍କେତିକ ଓ ଟେଲି ଯୋଗାଯୋଗ ଯନ୍ତ୍ରୀ ଏସ୍. ମାଙ୍ଗ୍‌ଭି ଯୋଗଦେଇ ମହିଳା ଦିବସ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହି ଅବସରରେ କୋଭିଡ୍ ଲଢ଼େଇରେ ନିଷ୍ଠାପର ସେବା ପାଇଁ ରେଳପଥ ସୁରକ୍ଷା ବଳର ମହିଳା ଯବାନଙ୍କ ସମେତ ୧୦ଜଣ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମଞ୍ଚେଶ୍ୱରସ୍ଥିତ ରେଳପଥ ସବାରୀଡବା ମରାମତି କାରଖାନାଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା କର୍ମଚାରୀଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ୬ଜଣ କର୍ମଚାରୀଙ୍କୁ ମେରିଟ୍ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଭିଡ୍‌ର ଲକ୍‌ଡାଉନ୍ ସମୟରେ କର୍ମଚାରୀଙ୍କ ପାଇଁ ମାସ୍କ ପ୍ରସ୍ତୁତ କରୁଥିବା ୫ଜଣ ମହିଳା କର୍ମଚାରୀଙ୍କୁ ସାର୍ଟିଫିକେଟ୍, ନଗଦ ଅର୍ଥରାଶି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲ୍‌ଟିୟର ସହ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ମୁଖ୍ୟାଳୟ ଓ ବିଭିନ୍ନ ରେଳ ଷ୍ଟେଶନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ 'ଷ୍ଟ୍ରିଟ୍ କ୍ରାଇମ୍' ରୋକିବାକୁ ସ୍ପେଶାଲ ସ୍କ୍ୱାଡ୍

- ପ୍ରତି ଥାନାରେ ରହିବ ସ୍ପେଶାଲ ସ୍କ୍ୱାଡ୍ ଟିମ୍
- ଲୁଟ୍, ଛିନ୍‌ତାଇ ଭଳି ଅପରାଧ ଉପରେ ରହିବ କଡ଼ା ନଜର
- ଜେଲ୍ ଫେରନ୍ତାଙ୍କ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୮।୩(ବ୍ୟୁରୋ): ଅପରାଧପ୍ରବଣ ହୋଇପଡୁଛି ରାଜଧାନୀ ଭୁବନେଶ୍ୱର। ଅସୁରକ୍ଷିତ ହୋଇପଡୁଛନ୍ତି ରାଜଧାନୀବାସୀ। ବିଶେଷକରି ଲୁଟେରାଙ୍କ ଉତ୍ପାତ ସହରବାସୀଙ୍କୁ ଅଣନିଃଶ୍ୱାସୀ କରିଦେଉଥିବାବେଳେ ପ୍ରତିଦିନ କେଉଁଠି ନା କେଉଁଠି ଲୁଟ୍‌ର ଶିକାର ହେଉଛନ୍ତି ଲୋକେ। ସହରରେ ଘଟୁଥିବା ଅପରାଧ ମଧ୍ୟରୁ ୮୦ ପ୍ରତିଶତ ରାଜରାସ୍ତାରେ ଘଟୁଛି। ସ୍ପଷ୍ଟ ଦିବାଲୋକରେ, ପୁଣି ଜନଗହଳିପୂର୍ଣ୍ଣ ସ୍ଥାନରେ ଲୁଟେରା ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରି ସୁନା ଗହଣା, ମୋବାଇଲ୍ ଫୋନ୍, ଭ୍ୟାନିଟ୍, ଟଙ୍କା ଓ ଗାଡ଼ି ଲୁଟି ନେଉଛନ୍ତି। ଏହି 'ଷ୍ଟ୍ରିଟ୍ କ୍ରାଇମ୍' ରୋକିବାକୁ କମିଶନରେଟ୍ ପୋଲିସ ନୂଆ ପଦକ୍ଷେପ ଗ୍ରହଣ କରିଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଭଳି ସହରର ୨୨ ଥାନାରେ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ ଜଣେ ଏସ୍‌ଆଇ ଓ ୪ଜଣ କନଷ୍ଟେବଳ ରହିଛନ୍ତି। ଏହି ସ୍କ୍ୱାଡ୍ ଲୁଟେରାଙ୍କୁ ସାବାଡ କରିବା ସହ ସହରର ରାସ୍ତାଘାଟରେ ଘଟୁଥିବା ଛିନ୍‌ତାଇ, ଲୁଟ୍‌ପାଟ୍, ଡକାୟତି ଆଦି ଅପରାଧର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ। ଏମାନଙ୍କୁ ଥାନାର ଅନ୍ୟ କୌଣସି ଦାୟିତ୍ୱ ଦିଆଯିବ ନାହିଁ। କେବଳ ଜରୁରିକାଳୀନ ସ୍ଥିତିରେ ସେମାନଙ୍କୁ ଆଇନଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ବୋଲି ସୋମବାର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିସିପି ଦାଶ କହିଛନ୍ତି, ଗତ ଦେଢ଼ ମାସର ଷ୍ଟ୍ରିଟ୍ କ୍ରାଇମ୍ ସ୍ଥିତିର ୩ଥର ସମୀକ୍ଷା ପରେ ଏହି ସ୍କ୍ୱାଡ୍ ଗଠନ କରାଯାଇଛି। ତେବେ ଯେଉଁ ଥାନାଞ୍ଚଳରେ ମାସକୁ ୨୫ରୁ ଅଧିକ ଲୁଟ୍‌ପାଟ୍ ଭଳି ଅପରାଧ ଘଟୁଛି, ସେଠାରେ ୨ଜଣ ଏସ୍‌ଆଇଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ରେ ସାମିଲ କରାଯିବ। ଜଣେ ଅପରାଧୀ ସହରର ଭିନ୍ନ ଭିନ୍ନ ଅଞ୍ଚଳରେ ଛିନ୍‌ତାଇ, ଲୁଟ୍‌ପାଟ୍ ଭଳି ଅପରାଧ ଘଟାଇଥାନ୍ତି। ତେଣୁ ସେମାନଙ୍କ ଉପରେ ନଜର ରଖିବା ପାଇଁ ସମସ୍ତ ସ୍ପେଶାଲ ଟିମ୍ ନିଜ ନିଜ ମଧ୍ୟରେ ସବୁବେଳେ ଯୋଗାଯୋଗରେ ରହିବେ। ଏନେଇ ଏକ ହ୍ୱାଟସ୍ ଆପ ଗ୍ରୁପ ଗଠନ କରାଯାଇଛି। ଅନ୍ୟପକ୍ଷରେ ଜେଲ୍ ଫେରନ୍ତାଙ୍କ ଉପରେ ନଜର ରହିଛି। ଗତ ୪ରୁ ୫ମାସ ହେବ ସମସ୍ତ ଅପରାଧୀଙ୍କ ଡାଟାବେସ୍ ବନାଇଛି ପୋଲିସ। ସେମାନଙ୍କ ଗତିବିଧି, କାର୍ଯ୍ୟକଳାପ ଓ ଅପରାଧ ସଂକ୍ରାନ୍ତ ଟିକିନିକି ତଥ୍ୟ ସଂଗ୍ରହ କରାଯାଉଛି। ଆଗାମୀ କିଛି ମାସ ମଧ୍ୟରେ ସହରରେ ଷ୍ଟ୍ରିଟ୍ କ୍ରାଇମକୁ ନିୟନ୍ତ୍ରଣକୁ ଅଣାଯାଇପାରିବ ବୋଲି ଡିସିପି ଦାଶ କହିଛନ୍ତି।



ଭୁବନେଶ୍ୱରସ୍ଥିତ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମହିଳା କର୍ମଚାରୀମାନେ।

# ୫୦ମିଟର ପଛକୁ ଘୁଞ୍ଚିଲା ଭଜନ ମଣ୍ଡପ

## ଶ୍ରୀ ଲିଙ୍ଗରାଜଙ୍କ ଜାଗରଯାତ୍ରା

ପୁରୁଣା ଭୁବନେଶ୍ୱର,୮।୩(ଡି.ଏନ୍.ଏ.): ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଜାଗର ଯାତ୍ରାରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଜାତୀୟ ସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହେବ। ଗତ ବର୍ଷ ଚାହାଣି ମଣ୍ଡପ ନିକଟରେ ଅସ୍ଥାୟୀ ଭଜନ ମଣ୍ଡପ ହୋଇଥିଲା। ମାତ୍ର ଚଳିତ ବର୍ଷ କୋଭିଡ୍ କଟକଣା ପାଇଁ ୫୦ମିଟର ପଛକୁ ତଥା ଦେବୀ କାଦହରା ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଅସ୍ଥାୟୀ ଭଜନ ମଣ୍ଡପ ନିର୍ମାଣ ହେଉଛି। ମହାଶିବରାତ୍ରିରେ ଭଜନ ମଣ୍ଡପରେ ଭୋର ୪ଟାରୁ ଶଙ୍ଖଧ୍ୱନୀ, ବେଦପାଠ, ଶିବ ସହସ୍ରନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମଚରିତ୍ର ମାନସ ପାରାୟଣ, ପ୍ରବଚନ ପରେ ସନ୍ଧ୍ୟା ୭ଟାରୁ ଭୋର ୫ଟା ପର୍ଯ୍ୟନ୍ତ ଭଜନ ପରିବେଶଣ କାର୍ଯ୍ୟ ଚାଲିବ ବୋଲି ପ୍ରକାଶନୀ ପକ୍ଷରୁ ନୂଆ ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସରେ ଥିବା ଅନୁଷ୍ଠାନର ଲାଇବ୍ରେରି ହଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ମୁମ୍ବାଇର ଖ୍ୟାତନାମା କଳାକାର ସ୍ୱଦେଶ ଭୋଁସଲେ, ଅନୁ ମଲ୍ଲିକ୍ ଏବଂ ତାଙ୍କ ଟିମ୍, ଅନୁରାଧା ପଡଓ୍ୱାଲ, କବିତା ପଡଓ୍ୱାଲ, ସ୍ମୃତି ମିଶ୍ରଙ୍କ ସହ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଦାବି ପୂରଣ ନ ହେଲେ ନୀତିରେ ଅସହଯୋଗ

ଶ୍ରୀ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣ ପୂଜାପଣ୍ଡା, ବଡୁ ସମର୍ଥା ଆଦି ନିଯୋଗ ପ୍ରମୁଖ ଯୋଗଦେଇ ସେମାନଙ୍କର ପୂର୍ବରୁ ରହିଥିବା ପ୍ରାପ୍ୟ, ଦାବି ସମ୍ପର୍କରେ ଜଣାଇଥିଲେ। ଶିବରାତ୍ରି ପୂର୍ବରୁ ମନ୍ଦିର ପ୍ରଶାସନ ଦାବି ପୂରଣ ନ କଲେ ନୀତିରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଅବନୀ ପଟ୍ଟନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଣାପଞ୍ଜରୀରେ ସିରିଜ୍ ବୋମାମାଡ଼, ୩ ଗୁରୁତର

ଜଟଣୀ,୮।୩(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ କମେଣ୍ଟମରାକୁ ନେଇ ସୋମବାର ଅପରାହ୍ନରେ ଆକ୍ରମଣ ଓ ସିରିଜ୍ ବୋମାମାଡ଼ ହୋଇଛି। ଏଥିରେ ଗୁରୁତର ଆହତ ୩ଜଣଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି। ଗ୍ରାମସ୍ଥିତ ବଡ଼ ମସ୍‌ଜିଦରେ ବିବାହ ଉତ୍ସବ ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା।

## ସିଆର୍‌ପିଏଫ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, ୮।୩ (ବ୍ୟୁରୋ)- ସିଆର୍‌ପିଏଫ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସିଡବ୍ଲ୍ୟୁଡବ୍ଲ୍ୟୁଏ ଓଡ଼ିଶା ସେକ୍ଟରର ମୁଖ୍ୟ ଶର୍ମିଷ୍ଠା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସିଆର୍‌ପିଏଫ୍‌ର ଓଡ଼ିଶା ସେକ୍ଟରର ଆଇଜି ଏସ୍.କେ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ରେଳଧାରଣାରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଭୁବନେଶ୍ୱର,୮।୩(ବ୍ୟୁରୋ): ଲିଙ୍ଗରାଜ ରେଳଷ୍ଟେଶନ ନିକଟରେ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ରେଳ ଧାରଣା ଭିତରେ ଶରୀର ଓ ଏହାର ୫ଫୁଟ ଦୂରରେ ମୁଣ୍ଡ ପଡ଼ି ରହିଥିଲା। ପୋଲିସ ମୃତଦେହକୁ ଜବତ କରିବା ସହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବ୍ୟକ୍ତିଜଣକ ହେଲେ ଭୀମଟାଙ୍ଗୀ ହାଉସିଂବୋର୍ଡ କଲୋନୀରେ ରହୁଥିବା ସୁଶାନ୍ତ ସାହୁ (୪୨)। ଆତ୍ମହତ୍ୟା ନା ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ପୋଲିସ ତଦନ୍ତ ଆରମ୍ଭ କରିଛି।

ସୁଶାନ୍ତ ସ୍ଥାନୀୟ ମଙ୍ଗଳା ମନ୍ଦିର ନିକଟରେ ଫୁଲ ବିକିବା ସହ ସ୍ତ୍ରୀ ଓ ଏକମାତ୍ର ଝିଅ ସହ ରହୁଥିଲେ। ସୋମବାର ଭୋର ୬ଟାରେ ରେଳ ଧାରଣାରେ ଏକ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ମୃତକଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ଏନେଇ ମୃତକଙ୍କ ପରିବାର ଲୋକଙ୍କ କହିବା କଥା, ସୁଶାନ୍ତ ରବିବାର ରାତି ୧୦ଟାରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଘରେ ସେମିତି କିଛି ପାରିବାରିକ କଳହ ହୋଇ ନ ଥିଲା। ତେବେ ସୁଶାନ୍ତ ଜଣେ ଭଲ ପିଲା ଓ ସେ ଆତ୍ମହତ୍ୟା କରି ନ ପାରେ ବୋଲି ତାଙ୍କୁ ଜାଣିଥିବା ଲୋକେ କହିଛନ୍ତି। ସେ ଚାଉଳିମଦ ପିଇବାକୁ କାର୍ଗିଲ ବସ୍ତିକୁ ଯାଇ ଫେରିବାବେଳେ କୌଣସି ଏକ ଟ୍ରେନ୍ ଧକ୍କା ଦେଇଥାଇପାରେ ବୋଲି ସେମାନେ ସନ୍ଦେହ କରୁଛନ୍ତି।

# ପରିବର୍ତ୍ତନ ନିଜ ଘରୁ ହେବା ଆବଶ୍ୟକ

ଭୁବନେଶ୍ୱର, ୮।୩ (ବ୍ୟୁରୋ) ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଭିତରେ ଥିବା ସୁପ୍ତ ଶକ୍ତିକୁ ଜାଗ୍ରତ କରି ଏକ ଶକ୍ତିଶାଳୀ ଓ ବଳିଷ୍ଠ ସମାଜ ଗଠନ କରିବା ପାଇଁ ଆହୁରି ଅଧିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଅଜିତ ମହାନ୍ତି କହିଛନ୍ତି। ସୋମବାର ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଡ. ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ପ୍ରତି କ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇଛନ୍ତି। 'ଚୁଜ୍ ଟୁ ଚ୍ୟାଲେଞ୍ଜ୍'କୁ ପ୍ରମାଣିତ କରିପାରିଛନ୍ତି। ଦୃଢ଼ ପ୍ରତିବଦ୍ଧତା ଓ ଅସାଧାରଣ ସାହସ ଯୋଗୁ କୋଭିଡ୍ ମହାମାରୀର ମୁକାବିଲା କ୍ଷେତ୍ରରେ ମଧ୍ୟ ସେମାନେ ନିଜର ଦକ୍ଷତା ଦେଖାଇଛନ୍ତି। ତେବେ ସମାଜରେ ଯେଉଁ ପରିବର୍ତ୍ତନ ଆମେ ଦେଖିବାକୁ ଚାହୁଁଛୁ ତାହା ପ୍ରଥମେ ନିଜ ଘରୁ ହେବାର ଆବଶ୍ୟକତା ରହିଛି ବୋଲି ଡ. ମହାନ୍ତି କହିଛନ୍ତି।




କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଅଜିତ ମହାନ୍ତି ଓ ଅନ୍ୟ ଅତିଥିମାନେ ।

ରାଜ୍ୟ ରକ୍ତ ସଂଚାରଣ ପରିଷଦ ନିର୍ଦ୍ଦେଶିକା ଡା. ଉର୍ମିଳା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କେବଳ ମହିଳା ଦିବସକୁ ଗୋଟିଏ ଦିନ ମଧ୍ୟରେ ସୀମିତ ନ ରଖି ପ୍ରତ୍ୟେକ ଦିନ ନାରୀକୁ ସମ୍ମାନର ଦିନ ଭାବେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ସଭାପତିତ୍ୱ କରି କହିଲେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସହଯୋଗରେ ମା' ଓ ନବଜାତ ଶିଶୁକୁ ଏଚ୍‌ଆଇଭି ଓ ସିଫିଲିସ୍ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏକ କମ୍ବୋ କିଟ୍ ପ୍ରଚଳିତ କରାଯାଉଛି। ଏହି ପରୀକ୍ଷା ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳ ପୁଷ୍ଟୀକରଣ ଦିବସରେ ଗର୍ଭବତୀ ମା'ଙ୍କ ପାଇଁ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ଏଥିସହ ଏହି କମ୍ବୋ କିଟ୍ ପ୍ରଚଳିତ କରିବା କ୍ଷେତ୍ରରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ବୋଲି ଡା. ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ଏଚ୍‌ଆଇଭି ଓ ସିଫିଲିସ କମ୍ବୋ କିଟ୍‌ର ବାର୍ତ୍ତା ସମ୍ବଳିତ ଏକ ବସ୍ ଟିକେଟ ଏବଂ ଓସାକ୍ସର ନ୍ୟୁଜ୍ ଲେଟର ଉନ୍ମୋଚିତ ହୋଇଥିଲା। ସେହିପରି ବିଭିନ୍ନ କଲେଜରେ ଥିବା ରେଡ୍ ରିବନ କ୍ଲବର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଚ୍‌ଆଇଭି/ ଏଡ୍‌ସ ସମ୍ପର୍କିତ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଓସାକ୍ସର ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ ମହିଳା ଦିବସର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶିକା ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ।

## ଓସାକ୍ସ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

- ଏଚ୍‌ଆଇଭି ଓ ସିଫିଲିସ କମ୍ବୋ କିଟ୍‌ର ବାର୍ତ୍ତା ସମ୍ବଳିତ ବସ୍ ଟିକେଟ ଉନ୍ମୋଚିତ
- ଗର୍ଭବତୀ ମା'ଙ୍କୁ ବିନା ମୂଲ୍ୟରେ ପରୀକ୍ଷଣ ସୁବିଧା

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱ



@ ପ୍ରଶାନ୍ତ



@ ପ୍ରତ୍ୟୁଷ



@ ଦୀପକ



@ ଦିବ୍ୟଲୋଚନ



@ ରାଜେନ୍ଦ୍ର



@ ରଞ୍ଜିତ୍

# ଭୋପାଳ ଭଲିବଲ କୋଚ୍‌ଙ୍କ ମୃତଦେହ ଜବତ

ଭୁବନେଶ୍ୱର,୮।୩(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅଞ୍ଚଳର ଏକ ଘରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଭୋପାଳ ରେଲୱେ ଭଲିବଲ ଟିମ୍‌ର କୋଚ୍ ରାଜେଶ ତିୱାରି (୫୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳରେ କିଛି ଦିନ ହେବ ଅଲ୍ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ ଚାଲିଛି। ଏଥିରେ ଭୋପାଳର ରେଲୱେ ଭଲିବଲ ଟିମ୍ ଭାଗ ନେଇଥିବାରୁ ଟିମ୍‌କୁ ନେଇ ରାଜେଶ ଏଠାକୁ ଖେଳିବାକୁ ଆସିଥିଲେ। ସୋମବାର ରୁମ୍‌ରେ କୋଚ୍ ରାଜେଶ ରୁମ୍‌ରେ ଥିବାବେଳେ କୌଣସି କାର୍ଯ୍ୟରେ ଖେଳାଳିମାନେ ବାହାରକୁ ଯାଇଥିଲେ। ତେବେ ଖେଳାଳିମାନେ ଫେରିବାବେଳେ ରୁମ୍‌ରେ କୋଚ୍‌ଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବରପାଇ ଇନ୍‌ଫୋସିଟି ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ।



ଓଡିଏମ୍ ସ୍କୁଲ୍ ଓ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ହେରିଟେଜ୍ ପକ୍ଷରୁ ସ୍କୁଲ୍ ପରିସରରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟବକ୍ତା ଏସ୍‌ସିବି ମେଡିକାଲ କଲେଜ ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ସୁଜାତା ସ୍ୱାଇଁ (ମଝି) ଯୋଗଦେଇଥିବାବେଳେ ନିକଟରେ (ଡାହାଣରୁ) ଓଡିଏମ୍ ଏଜୁକେଶନାଲ ଗ୍ରୁପ୍‌ର ଚେୟାରମ୍ୟାନ ଡ. ସତ୍ୟବ୍ରତ ମିନକେତନ, ନିର୍ଦ୍ଦେଶକ (ଫାଇନାନ୍ସ ଆଣ୍ଡ ଆକାଉଣ୍ଟ୍ସ) ଇନ୍ଦୁମତୀ ରାୟ, ନିର୍ଦ୍ଦେଶକ (ଏକାଡେମିକ) ଡ. ଏ.ଟି. ମିଶ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଗାଡି ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା, (ଡି.ଏନ.ଏ.) : ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଠାରୁ ୫ କିମି ଦୂର ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଚାଇଁବାଇସି ନିକଟରେ ସୋମବାର ଅପରାହ୍ନରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଆଳିକଟା ଗ୍ରାମର ମୁକୁନ୍ଦରଞ୍ଜନ ତିୟୁ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଠାକୁରମୁଣ୍ଡା ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ସଂକ୍ଷେପରେ

### ବାଟ୍‌ଲା ହାଉସ୍ ଏନ୍‌କାଉଣ୍ଟର ପୋଲିସ ଅଫିସର ହତ୍ୟା ମାମଲାରେ ଅରିଜ୍ ଦୋଷୀ

ନୂଆଦିଲ୍ଲୀ,୮।୩ : ୨୦୦୮ ବାଟ୍‌ଲା ହାଉସ ଏନ୍‌କାଉଣ୍ଟର ସହ ସମ୍ପୃକ୍ତ ଦିଲ୍ଲୀ ପୋଲିସ ଇନ୍‌ସ୍ପେକ୍ଟର ମୋହନ ଚାନ୍ଦ ଶର୍ମା ଓ ଅନ୍ୟ ଅପରାଧୀଙ୍କୁ ହତ୍ୟା ମାମଲାରେ ଇଣ୍ଡିଆନ ମୁଜାହିଦ୍ଦିନ୍ ସଦସ୍ୟ ଅରିଜ୍ ଖାନ୍‌ଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ଦୋଷୀସାବ୍ୟସ୍ତ କରିଛନ୍ତି। ଏନ୍‌କାଉଣ୍ଟରର ୧୦ ବର୍ଷ ପରେ ୨୦୧୮ ଫେବୃୟାରୀ ୧୪ରେ ଦିଲ୍ଲୀ ପୋଲିସ ଅରିଜ୍‌ଙ୍କୁ ଗିରଫ କରିଥିଲା। ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ଇନ୍‌ସ୍ପେକ୍ଟର ଥିବା ମୋହନ ଚାନ୍ଦଙ୍କୁ ଦକ୍ଷିଣ ଦିଲ୍ଲୀର ଜାମିଆ ନଗରରେ ହତ୍ୟା କରାଯାଇଥିଲା। ଅଫିସର ହତ୍ୟାକାଣ୍ଡରେ ଅରିଜ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଥିବାର ପ୍ରମାଣ ମିଳିଯାଇଛି ବୋଲି ଅତିରିକ୍ତ ସେସନ୍ସ ଜଜ୍ ସନ୍ଦୀପ୍ ଯାଦବ କହିଥିଲେ। ୧୫ ତାରିଖରେ ଦଣ୍ଡ ଶୁଣାଣି ହେବ। ଏହି ମାମଲାରେ ତଳକୋର୍ଟ ୨୦୧୩ ଜୁଲାଇରେ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଶାହାଜାଦ ଅହମଦଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଥିଲେ।

### ତେଲଙ୍ଗାନା ହିଂସାରେ ୧୨ ଆହତ: କର୍ଫ୍ୟୁ ଜାରି

ହାଇଦ୍ରାବାଦ,୮।୩: ତେଲଙ୍ଗାନାର ଭଇଁସା ସହରରେ ରବିବାର ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟି ୧୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ପୋଲିସ ଓ ଜଣେ ଖବରଦାତା ଅଛନ୍ତି। ହିଂସାକାରୀମାନେ ଦୁଇଟି ଘର ଓ କେତେକ ଗାଡ଼ି ପୋଡ଼ିଦେଇଛନ୍ତି। ହିଂସାକାଣ୍ଡରେ ସମ୍ପୃକ୍ତ ୧୦୦ ଜଣଙ୍କୁ ପୋଲିସ ଗିରଫ କରିଛି। ହିଂସା ପରେ ଭଇଁସା ସହରରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେବା ପରେ ସେଠାରେ କର୍ଫ୍ୟୁ ଜାରି ହୋଇଛି। ସ୍ଥିତି ନିୟନ୍ତ୍ରଣ ଥିବା ରାଜ୍ୟ ଗୃହମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି। ରବିବାର ରାତିରେ ଏକ ମସ୍‌ଜିଦ ବାହାରେ ଜଣେ ବାଇକ୍ ଆରୋହୀ ଏବଂ ଅନ୍ୟ କେତେଜଣଙ୍କ ମଧ୍ୟରେ ବଚସାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉଭୟ ପକ୍ଷରୁ ପ୍ରାୟ ୫୦ ଜଣ ଗଣ୍ଡଗୋଳରେ ସାମିଲ ହୋଇ ପରସ୍ପରକୁ ଢେଲାମାଡ଼ କରିବା ସହ ପୋଡ଼ାଜଳା କରିଥିଲେ।

### ବଳାତ୍କାରୀଙ୍କୁ ବିବାହ କରିବାକୁ କୁହାଯାଇନାହିଁ: ସିଜେଆଇ

ନୂଆଦିଲ୍ଲୀ,୮।୩ (ପି.ଟି.): ମହିଳାମାନଙ୍କ ପ୍ରତି ସୁପ୍ରିମକୋର୍ଟଙ୍କର ସର୍ବାଧିକ ସମ୍ମାନ ରହିଛି। ବଳାତ୍କାରୀଙ୍କୁ ବିବାହ କରିବା ଲାଗି କଦାପି କାହାକୁ କୁହାଯାଇ ନାହିଁ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ସୋମବାର କହିଛନ୍ତି। ଉଭୟ ପୀଡ଼ିତା ଓ ଅଭିଯୁକ୍ତ ନାବାଳକ ଥିବାବେଳେ ସେମାନଙ୍କ ମଧ୍ୟରେ ଯୌନ ସମ୍ପର୍କ ରହିଥିଲା। ତେଣୁ ପୀଡ଼ିତାଙ୍କୁ ବିବାହ କରିବ କି ବୋଲି ଖଣ୍ଡପୀଠ ଅଭିଯୁକ୍ତଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଖଣ୍ଡପୀଠଙ୍କ ପ୍ରଶ୍ନକୁ ନେଇ ଗତ ସପ୍ତାହରେ କେତେକ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅଯଥା ବିବାଦ ସୃଷ୍ଟି କରିଥିଲା ଏବଂ ସର୍ବୋଚ୍ଚ ଅଦାଲତ ତଥା ବିଚାରପତିମାନଙ୍କ ଭାବମୂର୍ତ୍ତି ଖରାପ କରିଥିଲା। ପୀଡ଼ିତାଙ୍କୁ ବିବାହ କର ବୋଲି ଖଣ୍ଡପୀଠ ଅଭିଯୁକ୍ତଙ୍କୁ କହି ନ ଥିଲେ। ସମ୍ପୂର୍ଣ୍ଣ ଭୁଲ୍ ରିପୋର୍ଟ ପ୍ରକାଶ ପାଇଥିବା ସିଜେଆଇ ବୋବ୍‌ଡେ କହିଛନ୍ତି।

# ଦୁର୍ଘଟଣା ଯୋଗୁ ପ୍ରତିବର୍ଷ ୪ ଲକ୍ଷ କୋଟି କ୍ଷତି

## ସଡ଼କ ନିରାପତ୍ତା ନିୟମ କଡ଼ାକଡ଼ି କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ରାସ୍ତା ଦୁର୍ଘଟଣାରେ ହେଉଥିବା ଜନଜୀବନ ହାନି ରୋକିବା ନିମନ୍ତେ ସଡ଼କ ନିରାପତ୍ତା ନିୟମର କଡ଼ାକଡ଼ି ପ୍ରବର୍ତ୍ତନ ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୋଲିସ ଅଧିକାରୀ ଏବଂ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏକ ଉଚ୍ଚସ୍ତରୀୟ ବୈଠକରେ ସଡ଼କ ନିରାପତ୍ତା ସ୍ଥିତି ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହରେ ଆୟୋଜିତ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ସଡ଼କ ନିରାପତ୍ତା ସମ୍ବନ୍ଧିତ ସଦ୍ୟତମ ତଥ୍ୟ ଓ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ଜିଲାପାଳ ଏବଂ ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସରେ ନିଜ ଜିଲାରେ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ଦୁର୍ଘଟଣାଜନିତ ମୃତ୍ୟୁ ଯୋଗୁ ପ୍ରତିବର୍ଷ ଜିଡିପିର ପ୍ରାୟ ୩.୧୪ ଶତକଡ଼ା କ୍ଷତି ହେଉଛି ; ଯାହା ପ୍ରାୟ ୪ ଲକ୍ଷ କୋଟି ଟଙ୍କା ସହ ସମାନ। ପ୍ରାଣ ହରାଉଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୭୬ ଶତକଡ଼ା ହେଉଛନ୍ତି ୧୮ରୁ ୪୫ ବର୍ଷ ବୟସ୍କ ଉତ୍ପାଦନକ୍ଷମ ବ୍ୟକ୍ତି। ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁର ଶତକଡ଼ା ୪୧ ଭାଗ ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁ ଘଟୁଛି। ଶତକଡ଼ା ୬୯ ଭାଗ ଦୁର୍ଘଟଣା ଦ୍ରୁତ ଗାଡିଚାଳନା ଯୋଗୁ ଘଟୁଛି। ୨୦୧୯ରେ ପ୍ରାୟ ୨୩୯୭ ଜଣ ୨ ଚକିଆ ଯାନ ଚାଳକ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ମସ୍ତିଷ୍କ ଆଘାତରେ ପ୍ରାଣ ହରାଇଛନ୍ତି। ୨୦୧୯ରେ ସମୁଦାୟ ୫୩୩୩ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୨୦୨୦ରେ ଏହା ୧୧ ଶତକଡ଼ାରୁ ଅଧିକ ହ୍ରାସ ପାଇଥିଲା। ଏହି ସମସ୍ତ ତଥ୍ୟର ବିଚାରକରି ଦ୍ରୁତ ଗାଡ଼ିଚାଳନା, ହେଲ୍‌ମେଟ୍ ପିନ୍ଧିବା ଆଦି ନିୟମକୁ କଡ଼ାକଡ଼ି ଲାଗୁ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେବା ସହ ପ୍ରତିବର୍ଷ କ୍ରମାଗତ ଭାବେ ମୃତ୍ୟୁ ସଂଖ୍ୟା କମାଇବା ନିମନ୍ତେ ଜିଲାୱାରି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜାତୀୟ ରାଜପଥ, ପୋଲିସ, ପରିବହନ ଅଧିକାରୀଙ୍କ ସମେତ ସଡ଼କ ନିରାପତ୍ତାରେ ଆଗ୍ରହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ସଂଯୋଗ ସ୍ଥାନ ଠିକ୍ ପୂର୍ବରେ 'ରମ୍ବଲ'ର ସତର୍କ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ଘଟିବା ସ୍ଥାନରେ ଜୀବନ ସହାୟକ ଆମ୍ବୁଲାନ୍ସ ପହଞ୍ଚିବା ସମୟକୁ କମାଇବା ଏବଂ ଆମ୍ବୁଲାନ୍ସଗୁଡ଼ିକର ରିଅଲ ଟାଇମ୍ ପରିଚାଳନାକୁ ଅଧିକ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମଧ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଦୁର୍ଘଟଣା, ଉଦ୍ଧାର ଏବଂ ଏକ ଘଣ୍ଟା ମଧ୍ୟରେ ନିକଟବର୍ତ୍ତୀ ହସ୍ପିଟାଲରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଚିକିତ୍ସା ଆଦି ବିଷୟକୁ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି।

ଏହି ଅବସରରେ ମଧୁସୂଦନ ପାଢ଼ୀ କହିଛନ୍ତି, ୨୦୧୬ରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତା ଆଦିରେ ଚିହ୍ନଟ ହୋଇଥିବା ୨୮୬ଟି ଦୁର୍ଘଟଣାପ୍ରବଣ ସ୍ଥାନ(ବ୍ଲାକ୍‌ସ୍ପଟ୍)ର ଆଶୁ ସଂଶୋଧନ କାର୍ଯ୍ୟ ସରିଛି। ସେହିପରି ୨୦୧୭ରେ ଚିହ୍ନଟ ହୋଇଥିବା ୪୩୫ ଏବଂ ୨୦୧୮ରେ ଚିହ୍ନଟ ୨୭୫ଟି ବ୍ଲାକ୍‌ସ୍ପଟ୍‌ଗୁଡ଼ିକର ମଧ ଆଶୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୦୧୯ରେ ୩୩୫ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ ହୋଇଛି। ଉକ୍ତ ବ୍ଲାକ୍‌ସ୍ପଟ୍‌ଗୁଡ଼ିକର ମରାମତି କାର୍ଯ୍ୟ ତୁରନ୍ତ ସାରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଲଗାତରଭାବେ ବ୍ଲାକ୍‌ସ୍ପଟ୍ ଚିହ୍ନଟ ଏବଂ ସେସବୁର ମରାମତି କାର୍ଯ୍ୟର ତଦାରଖ ଜିଲାସ୍ତରରେ କରିବା ସହ ଅଭିଯାନ ଭିତ୍ତିରେ ପ୍ରବର୍ତ୍ତନ ଏବଂ ସଚେତନତା କାର୍ଯ୍ୟକ୍ରମ ଚାଲୁରଖି ପ୍ରତିବର୍ଷ ଦୁର୍ଘଟଣା ହାର କମାଇବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀ।

## ରୋଗୀଙ୍କ ଉପରେ ଖସି ପଡ଼ିଲା ଫ୍ୟାନ୍

### ଏସ୍‌ସିବି ସର୍ଜରୀ ବିଭାଗ

କଟକ ଅଫିସ, ୮।୩

କଟକ ଏସ୍‌ସିବି ମେଡିକାଲର ସର୍ଜରି ବିଭାଗ ଛାତରେ ଲାଗିଥିବା ଏକ ଫ୍ୟାନ୍ ସୋମବାର ସକାଳେ ଖସିପଡିବାରୁ ଜଣେ ରୋଗୀ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ ଅଧୀନ କୃଷ୍ଣନଗର ଗ୍ରାମର ପାର୍ବତୀ ଦାସ(୭୮)ଙ୍କ ଶରୀରର ୮୦ ପ୍ରତିଶତ ନିଆଁରେ ପୋଡିହୋଇଯାଇଥିଲା। ଚିକିତ୍ସାଲାଗି ତାଙ୍କୁ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଗତ ୫ ତାରିଖରେ ତାଙ୍କୁ ଏସ୍‌ସିବି ମେଡିକାଲ ସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶଯ୍ୟା ନ ମିଳିବାରୁ ସେ ବେଡ ନଂ. ୧୮୮ ଓ ୧୮୯ର ମଝି ଚଟାଣରେ ଶୋଇଥିଲେ। ରବିବାର ରାତିରେ ଫ୍ୟାନ୍ ବୁଲିବା ସମୟରେ ଅତ୍ୟଧିକ ଶବ୍ଦ ହେବାରୁ ସେ ଉପସ୍ଥିତ କର୍ମଚାରୀଙ୍କୁ ବନ୍ଦ କରିବାକୁ ନିବେଦନ କରିଥିଲେ। ହେଲେ ତାହାକୁ ବନ୍ଦ କରାଯାଇ ନ ଥିଲା। ସୋମବାର ସକାଳ ସାଢେ ୮ଟାରେ ଫ୍ୟାନ୍‌ଟି ହଠାତ୍ ତାଙ୍କ ଛାତି ଉପରେ ଖସି ପଡିଥିଲା। ଫଳରେ ପାର୍ବତୀ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା।

# ୩୦ ଜିଲାରେ ଗଠନ ହେବ ଦୀପା

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଜିଲାସ୍ତରରେ ପୁଞ୍ଜିନିବେଶକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଏକ ଉତ୍ସର୍ଗୀକୃତ ଜିଲା ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା (ଦୀପା) ଗଠନ ନିମନ୍ତେ ଘୋଷଣା କରିଛନ୍ତି । ଏହା ରାଜ୍ୟର ୩୦ ଜିଲାରେ ପ୍ରତିଷ୍ଠା ହେବ । ଏହି ସଂସ୍ଥା ଜିଲାପାଳଙ୍କ ନେତୃତ୍ୱରେ ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ ଏବଂ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଭଳି ବରିଷ୍ଠ ପଦାଧିକାରୀଙ୍କୁ ନେଇ ଗଠିତ ହେବ । ଜିଲାରେ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି କରିବା, ପ୍ରକଳ୍ପ ତଦାରଖ ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟରେ ଜିଲାପାଳଙ୍କୁ ସହଯୋଗ କରିବାକୁ ଏକ ବୃତ୍ତିଗତ ଦଳ ରହିବେ । ଏହି ସଂସ୍ଥା ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିବ, ଯାହାର କାର୍ଯ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଉଦ୍ୟୋଗଗୁଡ଼ିକୁ ସହଯୋଗର ହାତ ବଢ଼ାଇବା, ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ବହୁମାତ୍ରାରେ ନିଯୁକ୍ତି ସୃଷ୍ଟି କରିବା, ଜିଲାଗୁଡ଼ିକର କ୍ଷମତାନୁଯାୟୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା, ନିବେଶକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବା, ସଡ଼କ ଯୋଗାଯୋଗ, ବିଦ୍ୟୁତ ସେବା ଯୋଗାଣ ଏବଂ ଜଳ ଯୋଗାଣ ପରି କାର୍ଯ୍ୟକରିବ। ଯାହା ଶିଳ୍ପାୟନ ଓ ଆର୍ଥିକ ଅଭି ବୃଦ୍ଧିରେ ସାହାଯ୍ୟ କରିଥାଏ। ଗତ ଦୁଇ ଦଶନ୍ଧିରେ ରାଜ୍ୟ ଶିଳ୍ପ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ସେ ଦୃଷ୍ଟିରୁ ବହୁଳ ମାତ୍ରାରେ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇବାର ଆବଶ୍ୟକତା ମନେ ହେଉଛି। ଜିଲାସ୍ତରରେ ସୁହାଇଲା ଭଳି ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ଦରକାରୀ ଭିତ୍ତିଭୂମିର ତ୍ୱରିତ ବିକାଶର ଆବଶ୍ୟକତା ରହିଛି । ଶିଳ୍ପ ବିକାଶ ଯୁବ ବର୍ଗଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ଜିଲାପାଳଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ଭୂମିକା ଶିଳ୍ପ ଅଭିବୃଦ୍ଧି ଏବଂ ଭିତ୍ତିଭୂମିର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲା ପଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା (ଦୀପା) ଇପିକଲର ଏକ ସମ୍ପ୍ରସାରିତ ବାହୁଭଳି କାର୍ଯ୍ୟକରିବ ଏବଂ ଏହା ପର୍ଯ୍ୟାୟକ୍ରମେ ଅପ୍ରେଲ ୨୦୨୧ରୁ ଡିସେମ୍ବର ୨୦୨୧ ମଧ୍ୟରେ ପ୍ରତିଷ୍ଠା ହେବ ।



ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିଭିନ୍ନ ଦାବି ମାଧ୍ୟମରେ ଅଭିନବ ଉପାୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି।

## ୫ ଶିଶୁ ଶ୍ରମିକ ଉଦ୍ଧାର

ଚୌଦ୍ୱାର,୮।୩(ଡି.ଏନ.ଏ)

ଚୌଦ୍ୱାରରେ ଥିବା ବିଭିନ୍ନ ହୋଟେଲ, କମାରଶାଳ, ଦୋକାନ ଓ ଢାବା ଉପରେ ସୋମବାର ସ୍ଥାନୀୟ ପୋଲିସ ଓ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ ଚଢାଉ କରାଯାଇ ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ପରେ ସମସ୍ତଙ୍କୁ କଟକସ୍ଥିତ ବସୁନ୍ଧରାକୁ ପଠାଇ ଦିଆଯାଇଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି। ଉଦ୍ଧାର ଶିଶୁଶ୍ରମିକଙ୍କ ଘର ସ୍ଥାନୀୟ ଅଞ୍ଚଳରେ ବୋଲି ଜଣାପଡିଛି। ଏହି ଚଢାଉରେ ଏଏସ୍‌ଆଇ ପୁଷ୍ପାଞ୍ଜଳି ବେହେରା ଓ ଉଦ୍ଧାର ଫାଉଣ୍ଡେଶନର ସଭାପତି ନରୋତ୍ତମ ଦାସ ସାମିଲ ହୋଇଥିଲେ।

# ଭୁବନେଶ୍ୱରରେ ଏନ୍‌ଆଇଭି ପ୍ରତିଷ୍ଠା କରିବାକୁ ଅନୁରୋଧ

ଭୁବନେଶ୍ୱର,୮।୩(ବ୍ୟୁରୋ)

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର



ଦେଶରେ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ(ଏନ୍‌ଆଇଭି) ପ୍ରତିଷ୍ଠା କରିବା ପାଇଁ ଚଳିତ ସାଧାରଣ ବଜେଟରେ ଘୋଷଣା କରାଯାଇଛି। ଏଥିମଧ୍ୟରୁ ଗୋଟିଏ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଦେଶର ଆୟୁର୍ବିଜ୍ଞାନ ଏବଂ ବିକାଶ ସଂସ୍ଥାନ ଯଥା ପୁଣେ ସ୍ଥିତ ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ କରୋନା ମହାମାରୀ ସହ ଲଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମାନବ ସମାଜକୁ ପ୍ରଭାବିତ କରୁଥିବା କରୋନା ମହାମାରୀ ଭଳି ଭୂତାଣୁଗୁଡିକ ସହ ଲଢିବା ପାଇଁ ପଦକ୍ଷେପ ସ୍ୱରୂପ ଚଳିତ ସାଧାରଣ ବଜେଟରେ ଦେଶରେ ଅତିରିକ୍ତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଆୟୁର୍ବିଜ୍ଞାନ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବରେ ଉଭା ହୋଇଛି । ଭୁବନେଶ୍ୱରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଜୀବବିଜ୍ଞାନ ସଂସ୍ଥାନ(ଆଇଏଲ୍‌ଏସ୍), ଆଇସିଏମ୍‌ଆର୍-ଆଞ୍ଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍(ଆଇସିଏଆର୍-ଆଇସିଏଫ୍‌ଏମ୍‌ଡି) ଭଳି ବିଶ୍ୱସ୍ତରୀୟ କେନ୍ଦ୍ରଗୁଡିକ ରହିଛି । ତେଣୁ ଭୌଗୋଳିକ ଅବସ୍ଥିତି ଏବଂ ଦକ୍ଷତାପୂର୍ଣ୍ଣ ମାନବ ସମ୍ବଳ ଦୃଷ୍ଟିକୋଣରୁ ଭୁବନେଶ୍ୱର ପ୍ରସ୍ତାବିତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା ହେବାର କ୍ଷମତା ରଖିଛି। ଭୁବନେଶ୍ୱରରେ ଏହି ସଂସ୍ଥାନ ପ୍ରତିଷ୍ଠା ହେଲେ ଗବେଷଣା ଓ ବିକାଶ କେନ୍ଦ୍ରକୁ ସହଯୋଗୀ ହେବ ଏବଂ ମିଳିତ ଭାବେ ଗବେଷଣା କରାଯାଇପାରିବ । ଏହାସହ ଏହି ସଂସ୍ଥାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ ପରିକଳ୍ପନାର ଅଂଶବିଶେଷ ହେବାସହ ପୂର୍ବ, ଦକ୍ଷିଣ-ପୂର୍ବ ଏବଂ ଭାରତର କେନ୍ଦ୍ରାଞ୍ଚଳ ରାଜ୍ୟଗୁଡିକର ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି କରୋନା ଭାଇରସ୍ ବିରୋଧୀ ମୁକାବିଲାରେ ଭାରତର ସଫଳ ପରିଚାଳନା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ଉନ୍ନତ ମାନର ଦ୍ରବ୍ୟ ଉତ୍ପାଦନ ଆବଶ୍ୟକ: ମନ୍ତ୍ରୀ

ଭୁବନେଶ୍ୱର, ୮।୩(ବ୍ୟୁରୋ)

## ଭାରତୀୟ ମାନକ ବ୍ୟୁରୋ ବୈଠକ

ଉପଭୋକ୍ତାମାନେ ଯେପରି ଉନ୍ନତ ମାନର ଦ୍ରବ୍ୟ ଓ ସେବା ପାଇବେ ସେଥିଲାଗି ଯୋଗାଣ ମାନରେ ଉନ୍ନତି ଆଣିବାକୁ ପଡ଼ିବ। ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଧାର୍ଯ୍ୟ ମାନ ଅନୁଯାୟୀ ଉନ୍ନତ ମାନର ଦ୍ରବ୍ୟ ଉତ୍ପାଦନ ଓ ବ୍ୟବହାର କରିବା ଦିଗରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ସମ୍ପ୍ରତି ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ହେଉଥିବା ପରିପ୍ରେକ୍ଷୀରେ ଉତ୍ପାଦିତ ଦ୍ରବ୍ୟର ଦେଶ ଓ ବିଦେଶରେ ଚାହିଦା ବୃଦ୍ଧି ନିମନ୍ତେ ନିର୍ଦ୍ଧାରିତ ମାନକକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପଡ଼ିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ସୋମବାର ଭାରତୀୟ ମାନକ ବ୍ୟୁରୋ( ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ), ଭୁବନେଶ୍ୱର ଆନୁକୂଲ୍ୟରେ ମାନକୀକରଣ ଏବଂ ଗୁଣବତ୍ତା ପ୍ରଣାଳୀ ସମ୍ବନ୍ଧୀୟ ଦଶମ ରାଜ୍ୟସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷତାକରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ବ୍ୟୁରୋର କାର୍ଯ୍ୟକୁ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ କିପରି ଅଧିକ କ୍ରିୟାଶୀଳ କରାଯାଇପାରିବ ସେଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ସେହିପରି ୨୦୨୧ ଜୁନ ପହିଲାରୁ ହଲ୍‌ମାର୍କ ସୁନାଗହଣା ବିକ୍ରିକୁ ବାଧ୍ୟତାମୂଳକ କରାଯାଇଛି। ବିକ୍ରି ହେଉଥିବା ପିଇବା ପାଣିର ମାନ ନିର୍ଦ୍ଧାରଣ କରିବା ଜରୁରୀ। ଏଥି ସହିତ ବିଦେଶକୁ ରପ୍ତାନୀ ହେଉଥିବା, ସରକାରଙ୍କୁ ଯୋଗାଣ ହେଉଥିବା ଦ୍ରବ୍ୟ ଏବଂ ସାଧାରଣ ଖାଉଟି ବ୍ୟବହାର କରୁଥିବା ଦ୍ରବ୍ୟ ଗୋଟିଏ ମାନର ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି ।

# ପଶ୍ଚିମବଙ୍ଗରେ ଟିଏମ୍‌ସି ସରକାର ଗଢ଼ିବ

ନୂଆଦିଲ୍ଲୀ,୮।୩

## ଜନମତ ସର୍ଭେ ରିପୋର୍ଟ

- କେରଳରେ କ୍ଷମତା ବଜାୟ ରଖିବ ଏଲ୍‌ଡିଏଫ୍
- ତାମିଲନାଡୁରେ କ୍ଷମତାକୁ ଫେରିବ ଡିଏମ୍‌କେ

ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପା ସହ ଜୋର୍‌ଦାର ଲଢ଼େଇ ସତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କ୍ଷମତା ବଜାୟ ରଖିବ। ସେହିପରି କେରଳରେ ଶାସକ ଏଲ୍‌ଡିଏଫ୍ ପୁଣିଥରେ କ୍ଷମତା ବଜାୟ ରଖିବାକୁ ଥିବାବେଳେ ତାମିଲନାଡୁରେ ଶାସକ ଏଆଇଏଡିଏମ୍‌କେକୁ ପରାଜିତ କରି ଡିଏମ୍‌କେ-କଂଗ୍ରେସ ମେଣ୍ଟ କ୍ଷମତାକୁ ଆସିବ। ଟାଇମ୍ସ ନାଓ-ସିଭୋଟର ଜନମତ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି। ନିର୍ବାଚନ ହେବାକୁ ଥିବା ୪ ରାଜ୍ୟ ଓ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ଜନମତ ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେ ଅନୁଯାୟୀ ଏନ୍‌ଡିଏ ଆସାମ ଓ ପୁଡୁଚେରୀରେ ବିଜୟ ହାସଲ କରିବ ବୋଲି କୁହାଯାଇଛି।

୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ୧୫୪ ଆସନରେ ବିଜୟୀ ହେବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୧୬ ନିର୍ବାଚନରେ ଉକ୍ତ ଦଳକୁ ୨୧୧ ଆସନ ମିଳିଥିଲା। ସେଠାରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିବା ଭାଜପା ୧୦୭ ଆସନରେ ଜିତିବା ସମ୍ଭାବନା ରହିଛି। ଗତ ବିଧାନସଭା ନିର୍ବାଚନରେ ଏହି ଦଳକୁ ମାତ୍ର ୩ଟି ଆସନ ମିଳିଥିଲା। ଜନମତ ସର୍ଭେ ଅନୁଯାୟୀ କଂଗ୍ରେସ-ବାମଦଳ ମେଣ୍ଟକୁ ୩୩ ଆସନ ମିଳିବ।

ସର୍ଭେ ଅନୁଯାୟୀ ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ଏନ୍‌ଡିଏକୁ ୬୭ ଆସନ ମିଳିବାକୁ ଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ଉପାକୁ ୫୭ ଆସନ ମିଳିବ। ୨୦୧୬ ନିର୍ବାଚନରେ ଏନ୍‌ଡିଏ ୮୬ ଆସନରେ ଜିତି ସରକାର ଗଢ଼ିଥିଲା। ଅନ୍ୟପକ୍ଷରେ ତାମିଲନାଡୁରେ ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନ୍‌ଡିଏକୁ ପରାଜିତ କରି ଡିଏମ୍‌କେ ମେଣ୍ଟ କ୍ଷମତା ଦଖଲ କରିବାକୁ ଯାଉଛି। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଡିଏମ୍‌କେ-କଂଗ୍ରେସ ମେଣ୍ଟକୁ ୧୫୮ ଆସନ ମିଳିବ ବୋଲଇ ପୂର୍ବାନୁମାନ କରାଯାଇଛି। ସେଠାରେ ଶାସକ ଏଆଇଏଡିଏମ୍‌କେ ମାତ୍ର ୬୫ ଆସନରେ ସୀମିତ ରହିବ ବୋଲି ସର୍ଭେରେ କୁହାଯାଇଛି। କେରଳରେ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର କ୍ଷମତା ବଜାୟ ରଖିବ। ୧୪୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଏଲ୍‌ଡିଏଫ୍‌କୁ ୮୨ ଆସନ ଏବଂ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ୫୬ ଆସନ ମିଳିବ ବୋଲି ଅନୁମାନ କରାଯାଉଛି। ଗତଥର ଭଳି ଭାଜପା ଏଥର ଗୋଟିଏ ଆସନରେ ସୀମିତ ରହିବ। ୩୦ ଆସନ ବିଶିଷ୍ଟ ପୁଡୁଚେରୀ ବିଧାନସଭାରେ ଏନ୍‌ଡିଏ ୧୮ ଆସନ ଜିତି ସରକାର ଗଢ଼ିବା ସମ୍ଭାବନା ରହିଛି ବୋଲି ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ସେଠାରେ କଂଗ୍ରେସ-ଡିଏମ୍‌କେ ମେଣ୍ଟକୁ ୧୨ ଆସନ ମିଳିପାରେ।

# 'ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି'

ମାହାଙ୍ଗା,୮।୩(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସୋମବାର ଭାଜପା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ପ୍ରଭାରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ ଯୋଗଦେଇ ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି ବୋଲି କହିଥିଲେ। ବିଶେଷକରି ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଦେଶ ଓ ରାଜ୍ୟର ସର୍ବବିଧ ପ୍ରଗତି କେବଳ ଭାଜପା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ ରାଜ୍ୟରେ ୭୪ ହଜାର ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି। ଉଜ୍ଜ୍ୱଳା ଯୋଜନାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ମାଗଣା ଗ୍ୟାସ୍ ସଂଯୋଗ, ସୁକନ୍ୟା ଯୋଜନା ଏବଂ କରୋନା ସମୟରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ସହାୟତା ସମ୍ପର୍କରେ ପୁରନ୍ଦେଶ୍ୱରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ଭାଜପା ନେତା ଶାରଦା ପ୍ରଧାନ ସଭାପତିତ୍ୱ କରି ଡବଲ ମର୍ଡର ଘଟଣାରେ ମାହାଙ୍ଗା ପୋଲିସର ଅପାରଗତାକୁ ସମାଲେଚନା କରିଥିଲେ। ଆଗାମୀ ଦିନରେ କିଭଳି ସଂଗଠନ ଅଧିକ ମଜଭୁତ୍ କରିହେବ ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାନେତ୍ରୀ ଅମ୍ରିତା ପ୍ରିୟଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, କଟକ ଜିଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନସ୍ମିତା ଖଟୁଆ, ସାଲେପୁର ବ୍ଲକ ଅଧକ୍ଷା ମମତା ରାଉତ, ନିଶ୍ଚିନ୍ତକୋଇଲି ପୂର୍ବତନ ଅଧକ୍ଷା କମଳା ବସ୍ତିଆ, ଘୁମୁସରା ବ୍ଲକ ସଭାପତି ଗୋକୁଳାନନ୍ଦ ମଲିକ ପ୍ରମୁଖ ଯୋଗଦେଇ ବିଶ୍ୱ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସବୁ କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ଭାଜପାର ମୂଳ ଲକ୍ଷ୍ୟ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର ରାଉତ, ସମିତି ସଭ୍ୟ ରଞ୍ଜିତ ସାହୁ, ବରିଷ୍ଠ ଭାଜପା ନେତା ବିଶ୍ୱନାଥ ଜେନା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ନାୟକ ଓ ନିଗମାନନ୍ଦ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।


ମହିଳା ସମାବେଶରେ ଯୋଗଦେଇଥିବା ଭାଜପାର ନେତୃମଣ୍ଡଳୀ।

## ଅନ୍ତର୍ଜାତୀୟ ମହିଳା ଦିବସରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ

**ଜନଧନରେ ମହିଳାଙ୍କ ଆକାଉଣ୍ଟ ୫୦%ରୁ ଊର୍ଦ୍ଧ୍ୱ**

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ)ର ମୋଟ ଆକାଉଣ୍ଟ ମଧ୍ୟରୁ ପ୍ରାୟ ୫୫% ମହିଳାଙ୍କ ନାମରେ ରହିଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ଏକ ଯୋଜନା ଆରମ୍ଭ କରିଥିଲେ। ସରକାରଙ୍କ ଏଭଳି ବିଭିନ୍ନ ଯୋଜନା ମହିଳାଙ୍କୁ ଆର୍ଥିକ ଭାବେ ଶସକ୍ତ କରାଇବା, ସେମାନଙ୍କ ସ୍ୱପ୍ନକୁ ପୂରଣ କରିବା ଏବଂ ଉଦ୍ୟୋଗୀ ହେବା ଦିଗରେ ସହାୟତା କରୁଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୭ ବର୍ଷରେ ଏଲ୍‌ପିଜି ଦର ୨ ଗୁଣ।



ନୂଆଦିଲ୍ଲୀ,୮।୩

ଗତ ୭ ବର୍ଷରେ ରନ୍ଧନ ଗ୍ୟାସ ବା ଏଲ୍‌ପିଜି ଦର ୨ ଗୁଣ ବୃଦ୍ଧି ପାଇଛି। ସେହିଭଳି ପେଟ୍ରୋଲ ଏବଂ ଡିଜେଲରୁ ଟିକସ ସଂଗ୍ରହ ୪୫୯% ବଢ଼ିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସୂଚନା ଦେଇଛନ୍ତି। ଲୋକସଭାକୁ ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ୨୦୧୪ ମାର୍ଚ୍ଚ ପହିଲାରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ଦର ୪୧୦.୫ ଟଙ୍କା ଥିଲା। ଚଳିତ ମାସରେ ସମାନ ସିଲିଣ୍ଡରର ମୂଲ୍ୟ ୮୧୯ ଟଙ୍କା ରହିଛି। ରନ୍ଧନ ଗ୍ୟାସ ଏବଂ ପିଡିଏସ୍ କିରୋସିନ ଉପରେ ସବସିଡି ହଟାଇବା ଲାଗି କିଛି ମାତ୍ରାରେ ମୂଲ୍ୟ ବୃଦ୍ଧି କରାଯାଉଛି। ସେ ପୁଣି କହିଛନ୍ତି, ଗତ କିଛି ମାସ ଧରି ଏଲ୍‌ପିଜି ଦର ବଢ଼ିଛି। ୨୦୨୦ ଡିସେମ୍ବରରେ ସିଲିଣ୍ଡର ପିଛା ଏହା ୫୯୪ ଟଙ୍କା ରହିଥିଲା। ବର୍ତ୍ତମାନ ଦର ୮୧୯ ଟଙ୍କା ରହିଛି।

ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପଲବ୍ଧ ହେଉଥିବା କିରୋସିନ ମାର୍ଚ୍ଚ ୨୦୧୪ରେ ୧୪.୯୬ ଟଙ୍କାରେ ବିକ୍ରି ହେଉଥିଲା। ଏହା ଚଳିତ ମାସ ସୁଦ୍ଧା ୩୫.୩୫ ଟଙ୍କା ଛୁଇଁଛି। ସୂଚନାଯୋଗ୍ୟ, ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଉତ୍ପାଦ ଟିକସ ଏବଂ ଭାଟ ଯୋଗୁ ଇନ୍ଧନ ଦର ଆକାଶ ଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ମୂଲ୍ୟ, ଏକ୍ସଚେଞ୍ଜ ରେଟ, ଟିକସ, ପରିବହନ ଭଡା ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚକୁ ବିଚାରକୁ ନେଇ ତେଲ କମ୍ପାନୀ ଦର ନିର୍ଦ୍ଧାରଣ କରୁଥିବା ପ୍ରଧାନ ମତ ପ୍ରକାଶ କରିଛନ୍ତି। ସେହିଭଳି ତେଲ ଟିକସ କଥା ବିଚାରକୁ ନେଲେ ୨୦୧୩ରେ ଏହି ବାବଦ ଟିକସ ୫୨,୫୩୭ କୋଟି ଟଙ୍କା ରହିଥିଲା। ୨୦୧୯-୨୦ରେ ପେଟ୍ରୋଲ ଏବଂ ଡିଜେଲ ଉପରୁ ସରକାର ୨.୧୩ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରୁଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ ମହିଳା ଦିବସ

**ଭୁବନେଶ୍ୱର,୮।୩:** ହ୍ୟୁଣ୍ଡାଇ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କମ୍ପାନୀ ଏହାର ଡିଲରଶିପଗୁଡ଼ିକରେ ରହିଥିବା ୱାର୍କଶପରେ ଏହି କାର୍ଯ୍ୟକ୍ରମ ପାଳନ କରିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ମହିଳା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସ୍ୱେଶାଲ ୱେବିନାର ମଧ୍ୟ ଆୟୋଜନ କରାଯାଇଥିଲା। ଏହାବାଦ ସ୍ୱେଶାଲ ଡୁ ଇଟ୍ ୟୋରସେଲ୍ଫ ସେସନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ କମ୍ପାନୀ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛି। ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନକୁ ପାଳନ କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ମଧ୍ୟସ୍ଥତା ନିଷ୍ପତ୍ତିକୁ ଠିକ୍ ଦର୍ଶାଇଲେ ୫ ଦେଶର କୋର୍ଟ

**କେୟର୍ନ ମାମଲା**

**ନୂଆଦିଲ୍ଲୀ,୮।୩:** କେୟର୍ନ ଏନର୍ଜି ପିଏଲ୍‌ସି ଏବଂ ଭାରତ ସରକାରଙ୍କ ମଧ୍ୟରେ ରେଟ୍ରୋସ୍ପେକ୍ଟିଭ ଟିକସ ମାମଲା ଜାରି ରହିଛି। ମଧ୍ୟସ୍ଥତାରେ କେୟର୍ନ ଏନର୍ଜି ସମକ୍ଷରେ ରାୟ ଶୁଣାଯାଇଥିଲା। ପ୍ରାୟ ୧.୪ ବିଲିୟନ ଡଲାର ଅର୍ଥ ଭାରତ ସରକାର ଉକ୍ତ କମ୍ପାନୀକୁ ଫେରାଇବା ନେଇ ନିଷ୍ପତ୍ତିରେ କୁହାଯାଇଥିଲା। ଆମେରିକା, ଇଂଲଣ୍ଡ ସହ ଅନ୍ୟ ୩ ଦେଶର କୋର୍ଟ ଏହି ମଧ୍ୟସ୍ଥତାରେ ହୋଇଥିବା ନିଷ୍ପତ୍ତି ଠିକ୍ ବୋଲି କହିଛନ୍ତି। ୨୦୨୦ରେ ସିଙ୍ଗାପୁରର ମଧ୍ୟସ୍ଥତା ଅଦାଲତ ଭାରତ ସରକାରଙ୍କ ବିରୋଧରେ ନିଷ୍ପତ୍ତି ଶୁଣାଇଥିଲେ। ଯଦି ଭାରତ ସରକାର ଏହି ଅର୍ଥ କେୟର୍ନକୁ ନ ଫେରାଏ ତେବେ ଉକ୍ତ କମ୍ପାନୀ ସମ୍ପତ୍ତି ଜବତ କରିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଅରୁନ୍ଧତୀ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ଭୁବନେଶ୍ୱର,୮।୩:** ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୋମବାର ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ସତ୍ୟନଗର ସ୍ଥିତ ସଂସ୍ଥାର ଫ୍ଲାଗସିପ ଶୋ'ରୁମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଦୌଡ଼ରାଣୀ ଦୁତୀ ଚାନ୍ଦ, ଯୁବ ପ୍ରତିଭା ଅନୁଷ୍କା ଅନ୍ୟନ୍ୟା ଏବଂ ଅରୁନ୍ଧତୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଦୁତୀ ଚାନ୍ଦ ନିଜର ସଂଘର୍ଷ କାହାଣୀ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେହିପରି ଯୁବ ପ୍ରତିଭା ଅନୁଷ୍କା ଅନ୍ୟନ୍ୟା ମଧ୍ୟ ନିଜ ଅନୁଭୂତି ବଖାଣିଥିଲେ। ଏହି ପବିତ୍ର ଦିବସ ଉପଲକ୍ଷେ ଉପସ୍ଥିତ ସମସ୍ତ ମହିଳା ଗ୍ରାହକ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉବା ସହ ମହିଳା ଦିବସ ସ୍ୱତନ୍ତ୍ର କେକ୍ କାଟି ଅନ୍ତର୍ଜାତୀୟ ମହିଳା ଦିବସକୁ ପାଳନ କରିଥିଲେ। ନାରୀ ହେଉଛନ୍ତି ଈଶ୍ୱର ସୃଷ୍ଟିର ଏକ ଅନନ୍ୟ ଉପହାର। ନାରୀ ସର୍ବଶକ୍ତି ଓ ଶ୍ରେଷ୍ଠ ସହନଶୀଳତାର ଜଳନ୍ତ ଉଦାହରଣ। ଜନ୍ମରୁ ମୃତ୍ୟୁ ମଧ୍ୟରେ ନାରୀର ଅନେକ ରୂପ ଓ ବ୍ୟକ୍ତିତ୍ୱ ରହିଛି ବୋଲି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ମତବ୍ୟକ୍ତ କରିଛନ୍ତି।

**ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍**
(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା - 800007
ଦୂରଭାଷ- 0612-2311200, 9896424800

**ନାମଲେଖା ବିଜ୍ଞପ୍ତି**
''ରେସିଡେନ୍ସିଆଲ୍ କୋର୍ସ''
(10ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)
ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ୍ କୋର୍ସ

| | |
|---|---|
| ଯୋଗ୍ୟତା | : 10ମ ଉତ୍ତୀର୍ଣ୍ଣ |
| ବୟସ ସୀମା | : 18.03.2021 ସୁଦ୍ଧା 17½ ବର୍ଷରୁ 25 ବର୍ଷ (ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ) |
| ଶାରୀରିକ ମାନ | : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ । ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ । |
| ପାଠ୍ୟକ୍ରମ ଅବଧି | : ଛଅ ମାସ |
| ପାଠ୍ୟକ୍ରମ ଦେୟ | : ₹13,000/- (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ) |

**ସିଟ୍ ସଂରକ୍ଷଣ: ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%**

ବାୟୋ-ଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି **18.03.2021** । **21.03.2021**ରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ। ବଛାବଛା ପ୍ରାର୍ଥୀମାନଙ୍କ ସାକ୍ଷାତ୍କାର ସେହିଦିନ ଅନୁଷ୍ଠିତ ହେବ । ପରୀକ୍ଷାଫଳ ତାରିଖ **24.03.2021** ଓ ପାଠ୍ୟକ୍ରମ ଆରମ୍ଭ ତାରିଖ ଏପ୍ରିଲ 1ମ ସପ୍ତାହ । ନମୁନା ଦରଖାସ୍ତ ଫର୍ମ www.niniedu.inରୁ ଡାଉନଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋ-ଡାଟା/ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କଶିଟ୍, 2ଟି ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା **''ଦି ପ୍ରିନ୍ସିପାଲ, ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା-800007''**ରେ ପଠାଇପାରିବେ କିମ୍ବା ତାହାକୁ info@niniedu.inରେ ଇମେଲ୍ କରିପାରିବେ । ପାଠ୍ୟକ୍ରମ ଏବଂ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ ।

**ଅଧ୍ୟକ୍ଷ**
ଏନ୍‌ଆଇଏନ୍‌ଆଇ, ପାଟନା

ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକୀୟ କ୍ୟାରିୟର

**TENDER CALL NOTICE**

Tender Call Notice No.:- 1006/CDM&PHO/NPD Dates: 03.03.2021

**No. E-613:-** Sealed Tenders are invited from Registered Manufacturers/ Authorized Distributors/ Suppliers through Speed Post/ Registered Post for supply of **"HBNC KIT AND REPLENISHED OF DEFUNCT ITEMS FOR ASHA"** for the year 2020-21. The willing reputed supplier/wholesalers/manufacturers are requested to submit sealed tenders to the office of the undersigned on or before 16.03.2021 till 5 P.M. and the Tender will be opened on dated 17.03.2021 at **11.30 AM.** The bidders or their representatives are requested to remain present in the scheduled date and time. Separate Tender documents can be downloaded/ obtained from the district website **www.nuapada.nic.in**. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Chief District Medical & Public Health Officer, Nuapada**
OIPR-10055/11/0026/2021

DSPL - 243

**ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ**
୭ -୧୩ ମାର୍ଚ୍ଚ,୨୦୨୧

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

''ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ''

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡ଼ିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୂର୍ଦ୍ଧ୍ୱ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ଉଚ୍ଚ ରକ୍ତଚାପ ଆଦି ରୋଗରେ ପୀଡ଼ିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୂର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ହେଉଅଛି ।

OIPR-10003/13/0064/2021

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

**ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ZILLA SWASTHYA SAMITI, BARGARH**
**Dept. of Health & Family Welfare, Govt. of Odisha**
**District Head Quarter Hospital, Bargarh - 768028**
**Phone/Fax: 06646-231763**
**Corrigendum Notice No. 29/2021 Date: 08.03.2021**

**CORRIGENDUM NOTICE**

Corrigendum to the Tender Call Notice No. 28/NHM, Bargarh published on Dt.02.03.2021 for **"Pest Control Measures and Supply of materials for Installation of DG Sets for different Health Institutions under CDM & PHO, Bargarh"**. Some of the terms & conditions of tender have been modified. For details please log on to the website: **www.bargarh.nic.in**.

**Sd./- CDM & PHO, Bargarh**

**ZILLA SWASTHYA SAMITI, KEONJHAR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(NCD CELL)**

**TENDER CALL NOTICE**

Advt. No. 1058 Date: 08.03.2021

No. E-619:- Sealed tender is invited from the registered supplier/firm for **"Proposal for Supply of IEC/BCC materials for Health Wellness Centre (HWC) under NHM"** for the year 2020-21. The interested supplier/firm having valid GST may apply. The term & condition along with lists of the items of the tender may be downloaded from the web site **www.kendujhar.nic.in**. The tender should reach to the office of the undersigned by **18.03.2021 at 04.00 P.M** through Speed Post/Regd. Post/Courier and which will be opened on the same day at **04.30 P.M.** DTU Conference Hall NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0042/2021

**ODISHA RENEWABLE ENERGY DEVELOPMENT AGENCY**
**S-3/59, Mancheswar Industrial Estate, Bhubaneswar - 751010**
**Phone: (0674) 2588260, 2586398, 2580554, Fax: 2586368**
**Website: www.oredaorissa.com**
**Email: ceoreda@oredaorissa.com**

**e-TENDER CALL NOTICE**

**Notice No. 1009 Date: 04.03.2021**

No. CAD-1473: Tender is invited through e-tender portal from eligible bidders for the selection of an EPC contractor for design, engineering, supply, installation, testing, commissioning and acceptance of Rooftop Solar PV System (RSPS) along with comprehensive maintenance for five (5) years at selected buildings across 6 districts in Odisha.

Details can be seen from the website: **www.tenderwizard.com/OREDA or www.oredaorissa.com**. Further Corrigendum, if any, will be uploaded in these websites only.

**Sd./- Chief Executive**
OIPR-28005/11/0002/2021

**OFFICE OF THE NOTIFIED AREA COUNCIL, BOUDHGARH**
**e-mail: boudhgarhnac@yahoo.co.in, Ph. No.: 06841-222024**
**Letter No. 1043 Date the 4 March 2021**

**EXPRESSION OF INTEREST NOTICE**

No. C-602: Expression of Interest is invited from Interested Agencies involved in purchase of Recyclable Dry Waste collected from Door to Door of NAC, Boudhgarh. The EOI should reach before the undersigned by Dt.15.03.2021 11 A.M. and the Quotation will be opened on 15.03.2021 5 P.M. at 11.00 A.M. The rate should be quoted in word and Figure clearly. The EOI can be sent through Speed Post/Registered Post/Courier/ General Post or by Person. The details list of Recyclable materials are in NAC Office website **www.boudhgarhnac.in** and District website **www.boudh.nic.in**.

The any other details can be obtained from the office website **www.boudhgarhnac.in** & district website **www.boudh.nic.in**. The authority reserves the right to accept or reject any or all quotation without assigning any reason thereof.

**Sd./- Executive Officer, Boudhgarh NAC**
OIPR-13143/11/0001/2021

No. C-599

**OFFICE OF THE NOTIFIED AREA COUNCIL, PIPILI**

**"e" Procurement Notice**

**BID REFERENCE NO (PIPILI-NAC-05/2020-21)**
**TENDER CALL NOTICE No. 650 / Dt.04.03.2021**

1. Name of the Work : Civil Works as mentioned in website.
2. No. of works : 34 (Thirty four)
3. Bid Value : As per DTCN.
4. Period of Completion : 30 to 90 days
5. Date & time of availability of bid documents in the portal : From 11 A.M. on 08.03.2021 to 5 P.M. on 17.03.2021.
6. Last date of submission of online bid document : 17.02.2021 upto 5.00 P.M.
7. Online received bid will be opened on 19.03.2021 at 2.00 P.M. onwards
8. Name and address of the Officer Inviting Bid : Executive Officer, Pipili, NAC.

Further details can be seen from the e-procurement portal: **www.tendersodisha.gov.in**.

**Sd./- Executive Officer, Pipili NAC**
OIPR-13107/11/0005/2021

**ZILLA SWASTHYA SAMITI, KANDHAMAL**
**OFFICE OF THE CDM&PHO-cum-District Mission Director, NHM, Kandhamal, Odisha, 762001**

**Advt. No. 2869/NHM/2021 Dt.08.03.2021**

**TENDER CALL NOTICE**

No. E-615:- Sealed tenders are invited from the interested eligible bidders for supply & installation of Equipment & Instrument and other chemicals & reagents under NHM, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 PM of 22.03.2021** through Regd/Speed post/ Courier and the same will be opened on **22.03.2021 at 04.00 PM.** The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District Mission Director Kandhamal**
OIPR-10015/11/0015/2021

**OFFICE OF THE COLLECTOR, BALASORE**
**(ST & SC DEVELOPMENT SECTION)**
**ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟ, ବାଲେଶ୍ୱର**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)**

**ADVERTISEMENT**

**No. 26/DW Date: 08.03.2021**

**(ADVERTISEMENT FOR DIFFERENT TEACHING & NON-TEACHING POSTS FOR KMRS, MAHULBENI, NILGIRI, BALASORE)**

Applications in prescribed format are invited from deserving candidates of Balasore District for engagement in the different category of teaching & Non-teaching posts on contractual basis for the **Kalinga Model Residential School, Mahulbeni, Balasore** which is to be functional during the academic year 2021-22 in Balasore district under ST & SC Development Department. Application form along with details regarding educational qualification, eligibility criteria, selection procedure can be obtained from the district website i.e. **www.baleswar.nic.in** or from the Office of the District Welfare Officer, Balasore in the working days from 10 A.M. to 5 P.M. The last date of submission of application to District Welfare Officer, Balasore by Registered Post/Speed Post only is 22.03.2021 till 5 P.M.

**By Order of Collector**
**Sd./- District Welfare Officer, Balasore**

No. C-600

**OFFICE OF THE NOTIFIED AREA COUNCIL, ODAGAON**
At/P.O.- Odagaon, Dist.- Nayagarh, PIN - 752081
Phone: 06753-260062, Email: nacodagaon@gmail.com / nac-odagaon@gov.in

**REQUEST FOR PROPOSAL (RFP)**

No. 377 Date: 06.03.21

**CONSULTANCY SERVICES FOR PREPARATION OF ARCHITECTURAL DRAWING AND DPR FOR CONSTRUCTION OF VARIOUS BUILDINGS AND STRUCTURES, SMART PARK, ROAD SIDE BEAUTIFICATION, MODEL CREMATORIUM ETC. FOR NAC ODAGAON**

1. Executive Officer, NAC Odagaon invites Request for Proposal (RFP) in **Double Cover System** from reputed Architectural consultants registered with Council of Architecture having minimum 5 (Five) years experience in planning and designing of Multi Storied Buildings, Smart Parks, Road side Beautification, Model Crematorium etc. for qualification for preparation of architecutral drawing and DPR for construction of various items as above for **NAC, Odagaon** for a period of 1 (One) complete year.
2. Interested consultancy/architectural firms shall submit the bid in the prescribed format, which may be obtained from the Office of the NAC, Odagaon, Dist. Nayagarh on any working day from **10.03.2021 to 19.03.2021** on payment of **Rs.2,000.00** towards cost of Bid document (Non-refundable) in shape of Cash Deposit Receipt of NAC, Odagaon/Bank Draft and payment of **Rs.10,000.00** towards cost of EMD in shape of Cash Deposit Receipt of NAC, Odagaon/Bank Draft/TDR/Pay Order, drawn on any Nationalized Bank in favour of Executive Officer, NAC, Odagaon, payable at Odagaon.
3. The Technical Bid and Financial Bid may be sent in two separate sealed cover to the Executive Officer, NAC, Odagaon in OFFLINE during working hours on or before **5.00 P.M. of Dt.19.03.2021** by Registered Post/Speed Post/by Hand dropping at Drop Box available at NAC Office. The authority will not be held responsible for the postal delay if any, in the delivery of the documents or non-receipt of the same. The bid documents received after due date and time will not be considered.
4. The Technical Bid shall be opened at **11.00 A.M.** on **Dt.20.03.2021** in presence of the consultant or their nominated representative who wish to attend.
5. The technically qualified architectural firms will have to give a presentation before the tender committee of NAC, Odagaon.
6. The other details and terms & conditions can be seen from the bidding documents.
7. The authority reserves the right to cancel the RFP without assigning any reason thereof.

**Sd./- Executive Officer, NAC, Odagaon**
OIPR-13142/11/0001/2021

Annexure - II

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)**
**Phone: 94382-00060, District Website: sundergarh.nic.in**
**Tender No. 879/880/881 Dt.07.03.2021**

District Manager, Odisha State Civil Supplies Corporation Ltd., Sundargarh (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I, Transport Contractor for transportation of foodgrains from FSD, FCI to RRCs (ii) Level-II Transport Contractor for transportation of foodgrains from RRCs to Retail Centers (FPS) (iii) Handling Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha |
| 2 | Availability of bid document in the portal | From 08.03.2021 (Date) |
| 3 | Last Date/time for receipt of bids in the portal | Dt.19.03.2021 upto 05.00 (P.M.) |
| 4 | Date/Time of Opening of Technical Bid | Dt.22.03.2021 at 10.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Sundargarh**


ପଞ୍ଜାବ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ଭଲିବଲ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ୨୬ ବର୍ଷ ପରେ ନକ୍‌ଆଉଟରେ ଓଡ଼ିଶା

**ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର,୮।୩ (କ୍ରୀଡ଼ା ପ୍ରତିନିଧି)

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗରେ ଓଡ଼ିଶା ସୋମବାର ୩-୦ ସେଟ୍ (୨୫-୧୫, ୨୫-୧୮, ୨୫-୧୯)ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ଛତିଶଗଡ଼, ଲଦାଖ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶକୁ ହରାଇବାପରେ ଓଡ଼ିଶା ପୁରୁଷ ଦଳ ନିଜ ପୁଲ୍‌ରେ ଶୀର୍ଷସ୍ଥାନରେ ରହି ନକ୍‌ଆଉଟରେ ପ୍ରବେଶ କରିଛି। ଶେଷଥରପାଇଁ ଓଡ଼ିଶା ୧୯୯୫ରେ ନକ୍‌ଆଉଟରେ ପ୍ରବେଶ କରିଥିଲା। ଅର୍ଥାତ୍ ଦୀର୍ଘ ୨୬ ବର୍ଷ ବ୍ୟବଧାନରେ ଓଡ଼ିଶା ପୁରୁଷ ଦଳକୁ ଏହି ସଫଳତା ମିଳିଛି। ଓଡ଼ିଶା ଦଳର ଏହି ସଫଳତାର ଶ୍ରେୟ ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିକଟକୁ ଯାଉଛି ବୋଲି ଓଡ଼ିଶା ଦଳର କୋଚ୍ ଲୋତକ ବିନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଅଭ୍ୟାସ ପାଇଁ ଭିତ୍ତିଭୂମୀ ଯୋଗାଇ ଦିଆଯିବାଠାରୁ ଆରମ୍ଭ କରି ରାଜ୍ୟରେ ଭଲିବଲ୍‌ର ବିକାଶ ପାଇଁ ପଦକ୍ଷେପ ଏବଂ ଖେଳାଳିଙ୍କୁ ସେ ସର୍ବଦା ଉତ୍ସାହିତ କରିବାର ଫଳ ମିଳିଛି ବୋଲି ଲୋତକ ବିନ୍ଦୁ ପ୍ରକାଶ କରିଛନ୍ତି। ଅନ୍ୟ ପୁରୁଷ ମ୍ୟାଚ ଗୁଡ଼ିକ ମଧ୍ୟରେ ତେଲେଙ୍ଗାନା ୩-୦ରେ ମିଜୋରାମ, ମହାରାଷ୍ଟ୍ର ୩-୦ରେ ପଶ୍ଚିମବଙ୍ଗ, ପଞ୍ଜାବ ୩-୦ରେ ଦିଲ୍ଲୀ, ଚଣ୍ଡିଗଡ଼ ୩-୦ରେ ଛତିଶଗଡ଼, ଗୁଜରାଟ ୩-୦ରେ ବିହାର, ଆନ୍ଧ୍ର ପ୍ରଦେଶ ୩-୦ରେ ତ୍ରିପୁରା ଏବଂ ଉତ୍ତର ପ୍ରଦେଶ ୩-୦ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି।


ନକ୍‌ଆଉଟ୍‌ରେ ପ୍ରବେଶ କରିଥିବା ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

**ପୁରସ୍କାର ଘୋଷଣା**

ଓଡ଼ିଶା ପୁରୁଷ ଭଲିବଲ ଦଳପାଇଁ ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଦଳ ସେମିଫାଇନାଲରେ ପ୍ରବେଶ କଲେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ମହିଳା ଦଳର ୩ୟ ବିଜୟ

ଓଡ଼ିଶା ମହିଳା ଦଳ କ୍ରମାଗତ ୩ ମ୍ୟାଚ ଜିତିବାର ସୌଭାଗ୍ୟଲାଭ କରିଛି। ପ୍ରଥମ ମ୍ୟାଚରେ ରାଜସ୍ଥାନଠାରୁ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ମଣିପୁର ଓ ଛତିଶଗଡ଼କୁ ପରାସ୍ତ କରିଥିବାବେଳେ ସୋମବାର ଆସାମକୁ ହରାଇ ବିଜୟରେ ହ୍ୟାଟ୍ରିକ କରିଛି। ଗ୍ରୁପ୍ 'ସି' ମ୍ୟାଚରେ ଓଡ଼ିଶା ୨୫-୧୫, ୨୫-୧୪, ୨୫-୦୭ ପଏଣ୍ଟରେ ବିଜୟୀ ହୋଇଥିଲା।

# ରେଲଓ୍ୱେ, ରାଇଜିଂ ଷ୍ଟୁଡେଣ୍ଟ, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ**

ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ସୋମବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ଓ୍ୱେ, ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ ଦଳ ବିଜୟ ହାସଲ କରିଛି।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସୁପ୍ରିୟା ରାଉତରାୟଙ୍କ ଡବଲ ଗୋଲ ବଳରେ ରେଲ୍‌ଓ୍ୱେ ୪-୧ ଗୋଲରେ ସାଇ-ଏସ୍‌ଟିସିକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ରେଲ୍‌ଓ୍ୱେ ପକ୍ଷରୁ ସୁପ୍ରିୟା ୫୨ ଓ ୮୫ତମ ମିନିଟରେ ୨ଟି, ତାରା ଖାତୁନ ୫୭ ଏବଂ ସୋନାଲି ବେହେରା ୭୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସାଇ-ଏସ୍‌ଟିସି ପକ୍ଷରୁ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୧ ମିନିଟରେ ଦୀପା ନାୟକ ଗୋଟିଏ ଗୋଲ ପରିଶୋଧ କରିଥିଲେ। ରେଫରି ଦୁର୍ଗା ମାଧବ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ ବାରିକ, ଦିଗ୍‌ବିଜୟ ଦାସ ଓ ଲକ୍ଷ୍ମୀପ୍ରସାଦ ନାଇଡୁ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ।

### ସତ୍ୟବତୀଙ୍କ ହ୍ୟାଟ୍ରିକ

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଦିବସର ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ଅଧିନାୟିକା ସତ୍ୟବତୀ ଖାଡ଼ିଆ ଏକାକୀ ୩ ଗୋଲ ଦେଇ ହ୍ୟାଟ୍ରିକ କରିଛନ୍ତି। ତାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ସତ୍ୟବତୀ ମ୍ୟାଚର ୩୬, ୮୦ ଓ ୯୦+୫ ମିନିଟରେ ୩ଟି ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ପକ୍ଷରୁ କରିସ୍ମା ଓରାମ ୪୫+୨ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ସତ୍ୟବତୀଙ୍କ ଗୋଲ ମ୍ୟାଚ ଫଳାଫଳରେ ପ୍ରଭେଦ ଆଣିଥିଲା। ରେଫରି ଚନ୍ଦ୍ରକାନ୍ତ, ବିଚିତ୍ରା ପ୍ରଧାନ, ସୁଲତାନା ପରବିନ, ଦୁର୍ଗା ମାଧବ ଆଚାର୍ଯ୍ୟ ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ରେଫରି ଆସେସର ଦାୟିତ୍ୱରେ ଥିଲେ।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୫-୧ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମନୀଷା ନାୟକ ୧୮ ଓ ୭୬ତମ ମିନିଟରେ ୨ଟି ଏବଂ ସୁମିତା ହେମ୍ବ୍ରମ ୨୦, ଅଧିନାୟିକା ବନ୍ୟା କବିରାଜ ୪୨, ସୁସ୍ମିତା ତନ୍ତି ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଜିପି କ୍ଲବର ଅନିମି କୀର୍ତ୍ତିକା କୁମାରୀ ୨୧ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ରେଫରି ବିଷ୍ଣୁପ୍ରିୟା ଦାସ, ସୁଲତାନା, ଚନ୍ଦ୍ରକାନ୍ତ, ଚିତ୍ରାମ୍ବଦା ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।


ସାଇ-ଏସ୍‌ଟିସି ଓ ଇଷ୍ଟକୋଷ୍ଟ ରେଲ୍‌ଓ୍ୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଓ୍ୱେଷ୍ଟଇଣ୍ଡିଜ ସିରିଜ ବିଜୟୀ

ଓସ୍‌ବୋର୍ନ, ୮।୩ (ଏପି)

ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଓ୍ୱେଷ୍ଟଇଣ୍ଡିଜ ୩ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚବିଶିଷ୍ଟ ସିରିଜ ୨-୧ରେ ଜିତିନେଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୩୧ ରନ କରିଥିଲା। ଜବାବରେ ଶ୍ରୀଲଙ୍କାର ସ୍ପିନ୍ ଆକ୍ରମଣର ଉପଯୁକ୍ତ ମୁକାବିଲା କରି ନ ପାରି ଓ୍ୱେଷ୍ଟଇଣ୍ଡିଜ ଏକଦା ୧୮ତମ ଓଭରରେ ୭ ଉଇକେଟ ବିନିମୟରେ ୧୦୫ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ଦଳ ଶେଷ ଦୁଇ ଓଭରରୁ ୨୦ରନ ଆବଶ୍ୟକ କରୁଥିଲା। ୧୯ତମ ଓଭରର ଅକିଲା ଦନଞ୍ଜୟଙ୍କ ବୋଲିଂରେ ପ୍ରଥମ, ତୃତୀୟ ଓ ଶେଷ ବଲ୍‌ରେ ଫାବିଏନ୍ ଆଲେନ୍ ୩ଟି ବିଶାଳ ଛକା ମାରି ବିଜୟ ପଥ ସୁଗମ କରିଥିଲେ। ଆଲେନ୍ ୬ଟି ବଲ୍‌ରୁ ୨୧ ରନ କରି ଅପରାଜିତ ରହିବା ସହ ତାଙ୍କ ୪ ଓଭର ବୋଲିଂରେ ୧୩ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୨୦ ଓଭରରେ ୧୩୧/୪ (ଦୀନେଶ ଚାଣ୍ଡିମଲ-୫୪*, ଆଶେନ ବନ୍ଦରା-୪୪*; ଫାବିଏନ ଆଲେନ୍-୧/୧୩, କେଭିନ ସିନ୍‌କ୍ଲେୟାର-୧/୧୯)।

**ଓ୍ୱେଷ୍ଟଇଣ୍ଡିଜ ଇନିଂସ:** ୧୯ ଓଭରରେ ୧୩୪/୭ (ଲେଣ୍ଡଲ ସିମନ୍ସ-୨୬, ନିକୋଲାସ ପୁରନ-୨୩, ଏଭିନ୍ ଲିଓ୍ୱିସ-୨୧, ଫାବିଏନ୍ ଆଲେନ୍-୨୧*; ଲକ୍ଷ୍ମଣ ସଣ୍ଡାକନ-୩/୨୯, ଓ୍ୱାନିଣ୍ଡୁ ହସରଙ୍ଗା-୨/୧୩, ଦୁଷ୍ମନ୍ତ ଚାମିରା-୨/୨୩)।

# ହମ୍ପି ଜିତିଲେ ବିବିସି ପୁରସ୍କାର

ନୂଆଦିଲ୍ଲୀ, ୮।୩ (ପି.ଟି.)

ବିବିସି ଇଣ୍ଡିଆନ ସ୍ପୋର୍ଟ୍ସଓମ୍ୟାନ ଅଫ୍ ଦି ଇୟର ପୁରସ୍କାରର ଦ୍ୱିତୀୟ ସଂସ୍କରଣ ଫଳାଫଳ ସୋମବାର ପ୍ରକାଶ ପାଇଛନ୍ତି। ବର୍ତ୍ତମାନ ରାପିଡ୍ ଫର୍ମାଟରେ ରହିଥିବା ବିଶ୍ୱ ଚାମ୍ପିୟନ କୋନେରୁ ହମ୍ପି ଏହି ପୁରସ୍କାର ଜିତିଛନ୍ତି। ମାତ୍ର ୧୫ବର୍ଷ ବୟସରେ ସର୍ବ କନିଷ୍ଠ ଖେଳାଳି ଭାବେ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଥିବା ହମ୍ପି ତାଙ୍କ ସମର୍ଥକଙ୍କଠାରୁ ସବୁଠାରୁ ଅଧିକ ଭୋଟ ପାଇଥିଲେ। ଏହି ସମ୍ମାନଜନକ ପୁରସ୍କାର ପାଇଁ ୪୦ଜଣିଆ ବିଚାରକମଣ୍ଡଳୀ ଗତ ମାସରେ ରେସ୍‌ଲର ଭିନେଶ ଫୋଗତ, ସ୍ପ୍ରିଣ୍ଟର ଓଡ଼ିଶାର ଦୂତୀ ଚାନ୍ଦ, ଶୁଟର ମନୁ ଭାକର ଏବଂ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲଙ୍କ ନାମ ସୁପାରିସ କରିଥିଲେ। ପୁରସ୍କାର ଜିତିବା ପରେ ହମ୍ପି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ପୁରସ୍କାର କେବଳ ତାଙ୍କ ପାଇଁ ନୁହେଁ ଚେସ୍ ସମୁଦାୟ ପାଇଁ ବହୁ ମୂଲ୍ୟବାନ। ଚେସ୍ ଏକ ଇନ୍‌ଡୋର ଗେମ୍। ଭାରତରେ କ୍ରିକେଟ ତୁଳନାରେ ଏହାର ଲୋକପ୍ରିୟତା ଅତ୍ୟନ୍ତ ନଗଣ୍ୟ। ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ସେ ଚେସ୍‌ରେ ବହୁ ବାଟ ଆଗେଇ ପାରିଛନ୍ତି। ଜଣେ ମହିଳା ଖେଳାଳି ହିସାବରେ ସେ ବର୍ତ୍ତମାନ ଖେଳ ଛାଡ଼ିବା କଥା ଚିନ୍ତା କରିନାହାନ୍ତି। ବିବାହ ଓ ମାତୃତ୍ୱ ଲାଭ କରିବା ଜୀବନକାଳର ଏକ ଅଂଶବିଶେଷ। ଏହା ଜୀବନର ଗତିପଥ ବଦଳାଇ ଦେବ ବୋଲି ମନେ କରିବା ଉଚିତ ନୁହେଁ ବୋଲି ୪ବର୍ଷୀୟା ଶିଶୁକନ୍ୟାର ମା' ୩୩ ବର୍ଷୀୟା ହମ୍ପି ପ୍ରକାଶ କରିଛନ୍ତି। ବିବିସି ମହାନିର୍ଦ୍ଦେଶକ ଟିମ୍ ଡେଭି ଭର୍ଚୁଆଲ ପୁରସ୍କାର ଉତ୍ସବରେ ଅଧ୍ୟକ୍ଷତା କରିବା ସହ ବିଜେତାଙ୍କ ନାମ ଘୋଷଣା କରିଥିଲେ। ଚଳିତ ବର୍ଷର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଭେଟେରାନ ଆଥଲେଟ ଅଞ୍ଜୁ ବବି ଜର୍ଜଙ୍କୁ ମିଳିଥିଲା। ସେ ହେଉଛନ୍ତି ଭାରତର ଏକମାତ୍ର ଆଥାଲେଟ୍, ଯିଏକି ୨୦୦୩ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ ଜମ୍ପରେ ଏକ ପଦକ ଲାଭ କରିଥିଲେ। ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଯୁବ ଶୁଟର ମନୁ ଭାକରଙ୍କୁ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରିଥିଲେ। ଚଳିତବର୍ଷ ବିବିସି ପୁରସ୍କାରରେ ପ୍ରଥମ ଥର ଏହି କାଟେଗୋରିକୁ ସାମିଲ କରାଯାଇଛି।


କୋନେରୁ ହମ୍ପି

# ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

**ଆଣ୍ଟୱେର୍ପ (ବେଲଜିୟମ), ୮।୩ (ପି.ଟି.):** ଷ୍ଟ୍ରାଇକର ମନଦୀପ ସିଂଙ୍କ ଡବଲ ଗୋଲ ସହାୟତାରେ ଭାରତୀୟ ପୁରୁଷ ହକି ଦଳ ସୋମବାର ୩-୨ ଗୋଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଛି। ହରମନପ୍ରୀତ ସିଂ ପ୍ରଥମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମନଦୀପ ଅନ୍ୟ ଗୋଲ ଦୁଇଟିକୁ ୨୮ତମ ଓ ୫୯ତମ ମିନିଟ୍‌ରେ ସ୍କୋର କରିଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ଜେମ୍ସ ଗଲ୍ (୨୦ତମ) ଓ ଷ୍ଟ୍ରାଇକର ଆଡାମ ଫୋରିଷ୍ଟ (୫୫ତମ) ଗୋଲ ଦେଇଥିଲେ। ଫଳରେ ଅପରାଜେୟ ରହି ଭାରତ ଏହାର ୟୁରୋପ୍ ଟୁର୍ ଶେଷ କରିଛି। ପୂର୍ବରୁ ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ ସିମରନଜିତ୍ ସିଂଙ୍କ ଏକ ବିଳମ୍ବିତ ଗୋଲ ବଳରେ ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ଜର୍ମାନୀ ବିପକ୍ଷରେ ପି.ଆର. ଶ୍ରୀଜେସ୍‌ଙ୍କ ନେତୃତ୍ୱାଧୀନ ଦଳ ଯଥାକ୍ରମେ ୬-୧ରେ ବିଜୟ ଏବଂ ୧-୧ରେ ଡ୍ର ରଖିଥିଲା।

# ବଲାଙ୍ଗୀରରେ ୧୩ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

ବଲାଙ୍ଗୀର ଅଫିସ, ୮।୩

ବଲାଙ୍ଗୀର ଜିଲା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଡେଭଲପମେଣ୍ଟ କମିଟି ବୈଠକ ସ୍ଥାନୀୟ ପାରାଡାଇଜ ପ୍ୟାଲେସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ଉଦ୍ୟୋଗପତି ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଭାରତୀୟ ସିନିୟର ଦଳ ବ୍ୟାଡମିଣ୍ଟନ କୋଚ ସଚିନ ରାଣା ଓ ଲଣ୍ଡନ ଅଲମ୍ପିକ ପ୍ୟାନେଲ କୋଚ ଏମ୍.ଭି. ମୁରଲୀ କ୍ରିଷ୍ଣନ ତଥା ରାଜ୍ୟ ସଂଘ ସମ୍ପାଦକ ନିଳିନ କୁମାର ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ସମରେନ୍ଦ୍ର ମିଶ୍ର ବଲାଙ୍ଗୀରରେ ୧୩ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରାଯିବା ସମ୍ପର୍କରେ ଘୋଷଣା କରିଥିଲେ। ଏଥିପାଇଁ ସେ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ (ବାଇ) ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘକୁ ଧନ୍ୟବାଦ ଜଣାଇଥିଲେ । ଏହି ଚାମ୍ପିୟନଶିପ ଆଗାମୀ ନଭେମ୍ବର ୧୭ରୁ ୨୧ ପର୍ଯ୍ୟନ୍ତ ହେବ ବୋଲି ସ୍ଥିର ହୋଇଛି।

ଭାରତୀୟ ଦଳ କୋଚ୍ ସଚିନ ରାଣା ଛୋଟ ସହରରୁ ହିଁ ଅନ୍ତର୍ଜାତୀୟ ପ୍ରତିଭା ବାହାରିବା ଅନେକ ଉଦାହରଣ ରହିଛି ଏବଂ ବଲାଙ୍ଗୀରରେ ତା'ର ଭିତ୍ତିଭୂମି ପଡିସାରିଛି ବୋଲି କହିଥିଲେ। ଆଗାମୀ ଦିନରେ ବଲାଙ୍ଗୀରରେ ହେବାକୁ ଥିବା ଏହି ଚାମ୍ପିୟନଶିପ ଓଡ଼ିଶାରୁ ଆନ୍ତର୍ଜାତିକ ଖେଳାଳି ସମ୍ଭାବନା ସୃଷ୍ଟି କରିବ ବୋଲି କହିଥିଲେ। କୋଚ୍ ଏମ୍. ଭି. ମୁରଲୀକ୍ରିଷ୍ଣନ୍ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରରେ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ ଜାତୀୟ ସ୍ତରର ଏବଂ ଏହା ଆଗାମୀ ଦିନରେ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଟିପିର ପ୍ରଦୀପ ପିଲ୍ଲେ, ସଂଘର କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ସହସମ୍ପାଦକ ସନ୍ଦୀପ ମିଶ୍ର ମଞ୍ଚାସୀନ ଥିଲେ ।



ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ।

# ପ୍ରଥମଥର ଭାଗନେବ ଓଡ଼ିଶା ମହିଳା ଦଳ

**ଜାତୀୟ ସିନିୟର ଟେନିସ କ୍ରିକେଟ ୯ରୁ**

ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଚଳିତମାସ ୯ରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ୧୪ ତାରିଖରେ ଶେଷ ହେବ। ୧୦ ତାରିଖରେ ଉଦ୍‌ଘାଟନୀ ସମାରୋହ ପରେ ପ୍ରଥମ ରାଉଣ୍ଡ ମ୍ୟାଚ ଆରମ୍ଭ ହେବ। ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ୨୫ଟି ରାଜ୍ୟ/ୟୁନିଟରୁ ପାଖାପାଖି ୪୦୦ ଖେଳାଳି ଓ ୧୦୦ ଅଫିସିଆଲ, କୋଚ୍, ମ୍ୟାନେଜର ଯୋଗଦେବେ। ଆୟୋଜକ ଓଡ଼ିଶା ବ୍ୟତୀତ ଯେଉଁ ୟୁନିଟ ଏବଂ ରାଜ୍ୟ ଦଳ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ଜଣାଇଛନ୍ତି ସେଗୁଡ଼ିକ ହେଲେ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ବିହାର, ଆନ୍ଧ୍ର ପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ଲାକ୍ଷାଦୀପ, ତାମିଲନାଡୁ, ମହାରାଷ୍ଟ୍ର, ଦାଦ୍ରା ନଗର ଆଣ୍ଡ ହାଭେଲି, ଡାମନ ଆଣ୍ଡ ଡିଉ, ରାଜସ୍ଥାନ, ବିଦର୍ଭ, ମୁମ୍ବାଇ, ଜମ୍ମୁ-କଶ୍ମୀର, କର୍ନାଟକ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଗୁଜରାଟ, ପୁଡୁଚେରୀ, ପଞ୍ଜାବ, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ଦିଲ୍ଲୀ ଓ ଗୋଆ। ମହିଳା ବିଭାଗ ମ୍ୟାଚଗୁଡ଼ିକ ନହରକଣ୍ଟାର ଶ୍ରୀ ଜୟଦେବ କଲେଜ ଏବଂ ପୁରୁଷ ବିଭାଗ ମ୍ୟାଚ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଶୈବାଳ କୁମାର ମିତ୍ର (ରିଣ୍ଟୁ)ପ୍ରକାଶ କରିଛନ୍ତି। ଅଂଶଗ୍ରହଣକାରୀ ପ୍ରତି ଦଳରେ ୧୬ ଖେଳାଳି ଏବଂ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜର ରହିବେ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ନିୟମ ଅନୁସାରେ ମ୍ୟାଚଗୁଡ଼ିକ ୧୫ ଓଭରବିଶିଷ୍ଟ ହେବ। ୨୦୧୬ରୁ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପୂର୍ବ ୪ ସଂସ୍କରଣର ରେକର୍ଡ ଦେଖିଲେ କେବଳ ୨୦୧୯କୁ ବାଦ୍ ଦେଲେ ଅନ୍ୟ ୩ ସଂସ୍କରଣରେ ଓଡ଼ିଶା ପୁରୁଷ ଦଳ ଫାଇନାଲ ଖେଳିଛି। ତେଣୁ ଓଡ଼ିଶା ଦଳ ଅତୀତରେ ଭଲ ପ୍ରଦର୍ଶନ କରିଆସିଛି ଏବଂ ଆଗାମୀ ପ୍ରତିଯୋଗିତାରେ ମଧ୍ୟ ଭଲ ଖେଳିବା ଆଶା ରହିଛି ବୋଲି ରିଣ୍ଟୁ କହିଛନ୍ତି। ଓଡ଼ିଶା ପୂର୍ବରୁ ୨୦୧୬ରେ ଫେଡେରେଶନ କପ୍, ୨୦୧୭ରେ ପୂର୍ବାଞ୍ଚଳ ଚାମ୍ପିୟନଶିପ୍, ୨୦୧୮ରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିଛି। ତେଣୁ ଏଥର ମଧ୍ୟ ସଫଳତାର ସହ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଗୋଆରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ବାଳିକାରେ ହିମାଚଳ ପ୍ରଦେଶ ଏବଂ ବାଳକରେ କର୍ନାଟକ ଚାମ୍ପିୟନ ହୋଇଥିଲା। ଓଡ଼ିଶା ପୁରୁଷ ଦଳ ପୂର୍ବରୁ ଭାଗନେଇ ଆସୁଥିଲେ ହେଁ ମହିଳା ଦଳ ଏଥର ପ୍ରଥମଥରପାଇଁ ଅଂଶଗ୍ରହଣ କରିବ ବୋଲି ଆୟୋଜକ କମିଟି ସମ୍ପାଦକ (ମହିଳା) ରାଗିଣି ମିତ୍ର ପ୍ରକାଶ କରିଛନ୍ତି। ପ୍ରଥମଥରପାଇଁ ଭାଗ ନେଉଥିଲେ ହେଁ ଓଡ଼ିଶା ଏଥର ମହିଳା ବିଭାଗରେ କଡ଼ା ଟକ୍କର ଦେବ ବୋଲି ସେ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟେନିସ କ୍ରିକେଟ ଆସୋସିଏଶନ ଅଫ ଇଣ୍ଡିଆର କୋଷାଧ୍ୟକ୍ଷ ବିଜୟ ରତ୍ନାକର, ଆୟୋଜକ କମିଟି ସମ୍ପାଦକ (ପୁରୁଷ) ବାସୁଦେବ ଓଝା, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ (ପୂର୍ବାଞ୍ଚଳ) ସାଜନ ସିଂ, ଗୁଜରାଟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ଶର୍ମା ଏବଂ ରାଜ୍ୟ ଆସୋସିଏଶନ ପରାମର୍ଶଦାତା ଅଖିଲେଶ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମକର୍ତ୍ତାମାନେ ଜର୍ସି ଏବଂ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ରିଣ୍ଟୁ ଓଡ଼ିଶା ଦଳ ଖେଳାଳି ତାଲିକା ଘୋଷଣା କରିଥିଲେ।

**ଓଡ଼ିଶା ମହିଳା ଦଳ:** ବିଦ୍ୟୁତ୍‌ପ୍ରଭା ସିଂ, ଜ୍ୟୋତିସ୍ମିତା ପଣ୍ଡା, ଝିଲିମଣୀ ମହନ୍ତ, ମାମାଲି ତରେଇ, ପ୍ରଜ୍ଞା ଜାନି, ସଞ୍ଜିତା ଦାସ, ଲକ୍ଷ୍ମୀ ମାରାଣ୍ଡି, ଅଞ୍ଜନା ମୁଖି, ଦମୟନ୍ତୀ ବେହେରା, ପ୍ରୀତିଲତା ନାୟକ, ନିକିତା ଘୋଷ, ଅଞ୍ଜୁଲତା ସାହୁ, ରଶ୍ମିତା ବେହେରା, ଛନ୍ଦାରାଣୀ ମାଝି, ପ୍ରୀତି ଯାଦବ, ବାସନ୍ତୀ ତିର୍କୀ, ବାସନ୍ତୀ ପଣ୍ଡା, ଦୀପ୍ତିମୟୀ ଭୂୟାଁ।

**ଓଡ଼ିଶା ପୁରୁଷ ଦଳ:** ଦୀପକ କୁମାର ମଲିକ (ଅଧିନାୟକ), ଅମରେନ୍ଦ୍ର ଦାସ, ପ୍ରବୀଣ ଆଚାର୍ଯ୍ୟ, ସୁଧାଂଶୁ କୁମାର ଜେନା, ହିତେଶ କୁମାର ରାଉତ, ସ୍ୱାଗତ ଚକ୍ର, ବଦ୍ରିନାରାୟଣ ନାଥ, ରମାକାନ୍ତ ସିଂ, ପି. ସୁଦର୍ଶନ ରେଡ୍ଡୀ, ଜନସନ କୁମାର, ସୌମ୍ୟ ମହାନ୍ତି, ନିହାର ରଞ୍ଜନ ନାଏକ, ସୁଧାଂଶୁ ଶେଖର ଦାଶ, ସନ୍ତୋଷ ପ୍ରଧାନ, ଧର୍ମେନ୍ଦ୍ର ସାମଲ, ସମୀର ବାରିକ, କୈଳାସ ସିଂ, ସତ୍ୟନାରାୟଣ ମଲିକ।



ଟୁର୍ନାମେଣ୍ଟ ଜର୍ସି ଓ ଟ୍ରଫି ଉନ୍ମୋଚନ ଅବସରରେ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ମହିଳା ଓ ପୁରୁଷ ଦଳ।

**ଅମ୍ବାନୀଙ୍କ ଘର ନିକଟରେ ବିସ୍ଫୋରକ ଘଟଣା: ତଦନ୍ତ କରିବ ଏନ୍ଆଇଏ**

ନୂଆଦିଲ୍ଲୀ: ବିଜ୍‌ନେସ ଟାଇକୁନ ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ଘର ନିକଟରେ ଏକ ଗାଡ଼ିରୁ ବିସ୍ଫୋରକ ମିଳିବା ଘଟଣାର ତଦନ୍ତ କରିବ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ)। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ସୋମବାର ଏନ୍ଆଇଏକୁ ଏହି ଦାୟିତ୍ୱ ଦିଆଯାଇଛି। କେସ୍‌ର ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ଫେବୃୟାରୀ ୨୫ରେ ପ୍ରାୟ ୨୦ ଜିଲାଟିନ୍ ଷ୍ଟିକ୍ ଥିବା ଏକ ସ୍କର୍ପିଓ ଅମ୍ବାନୀଙ୍କ ଘର ନିକଟରେ ରଖାଯାଇଥିଲା। ଗାଡ଼ିଟିକୁ ଫେବୃୟାରୀ ୧୮ରେ ଚୋରି କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଗାଡ଼ି ଜବତ ହେବା ପରେ ଏହାର ମାଲିକ ହିରେନ ମାନସୁଖଙ୍କ ମୃତଦେହ ମିଳିଥିଲା।

## ସଂକ୍ଷେପରେ

### ୧୨ରେ ରାଜ୍ୟସ୍ତରୀୟ ପେନ୍‌ସନ ଅଦାଲତ

ଭୁବନେଶ୍ୱର, ୮।୩(ବ୍ୟୁରୋ): ପ୍ରଧାନ ମହାଲେଖାକାର ପକ୍ଷରୁ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପେନସନ ଅଦାଲତ ମାର୍ଚ୍ଚ ୧୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଅଦାଲତ ପୂର୍ବାହ୍ନ ୧୧ଟାରେ ଏଜି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଯେଉଁ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ଠିକ୍ ସମୟରେ ପାଇ ପାରିନାହାନ୍ତି, ସେମାନେ ସେହିଦିନ ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିପାରିବେ। ଏଥିସହ ସେମାନଙ୍କୁ ଅବସରକାଳୀନ ପ୍ରାପ୍ୟର ଆଦେଶ ପତ୍ର ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନ ମହାଲେଖାକାର ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।

### ରୋଗୀ ମୃତ୍ୟୁ ପରେ ହସ୍ପିଟାଲ ରଣକ୍ଷେତ୍ର

ବଲାଙ୍ଗୀର ଅଫିସ, ୮।୩: ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସୋମବାର ରଣକ୍ଷେତ୍ର ପାଲଟିଥିଲା। ଚିକିତ୍ସା ଅବହେଳା ଅଭିଯୋଗ କରି ମୃତ ରୋଗୀଙ୍କ ପରିଜନମାନେ ହସ୍ପିଟାଲର ପୁରୁଷ ଭେଷଜ ୱାର୍ଡର ନର୍ସ ଡ୍ୟୁଟି ରୁମ୍‌ରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏଥିସହ ଡାକ୍ତର ଓ ନର୍ସଙ୍କୁ ସେମାନେ ମାରପିଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଆକ୍ରମଣକାରୀ ଦର୍ଶାଇ ରୋଗୀ ପରିଜନଙ୍କୁ ପୋଲିସ ନିସ୍ତୁକ ମାଡ ମାରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ୯ ଜଣଙ୍କୁ ଅଟକ ରଖିଛି।

# ମସ୍କୋରେ ଭାରତର ଉର୍ଜା କାର୍ଯ୍ୟାଳୟ

ଭୁବନେଶ୍ୱର, ୮।୩(ବ୍ୟୁରୋ)



ମସ୍କୋରେ ଭାରତର ଉର୍ଜା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଥମ କଳ୍ପନା ଓ ପ୍ରଚେଷ୍ଟାରେ ମସ୍କୋଠାରେ ଭାରତର ପ୍ରଥମ ଉର୍ଜା କାର୍ଯ୍ୟାଳୟ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ଏବଂ ରୁଷିଆର ଡେପୁଟି ଉର୍ଜା ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଇଣ୍ଡିଆନ ଅଏଲ, ଓଏନ୍‌ଜିସି ବିଦେଶ, ଗେଲ୍, ଅଏଲ ଇଣ୍ଡିଆ ଏବଂ ନବରତ୍ନ କମ୍ପାନୀ ଇଆଇଏଲର ମିଳିତ ସହଯୋଗରେ ଏହି ଉର୍ଜା କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ୟବସାୟିକ ସୁଯୋଗ ପାଇବା ନିମନ୍ତେ କାର୍ଯ୍ୟ କରିବା ପାଇଁ ମସ୍କୋରେ ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଧର୍ମେନ୍ଦ୍ର ମସ୍କୋରେ ଉର୍ଜା କାର୍ଯ୍ୟାଳୟ ସ୍ଥାପନା କରିବା ଦିଗରେ ପ୍ରଥମେ ଗୁରୁତ୍ୱାରୋପ କରିଥିଲେ। ରୁଷିଆର ବିଶାଳ ଉର୍ଜା କ୍ଷେତ୍ରରେ ଅଧିକ ସୁଯୋଗର ଅନ୍ୱେଷଣ ଯଥା ଭାରତୀୟ ପ୍ରକଳ୍ପରେ ପୁଞ୍ଜିନିବେଶ ମିଳିବା, ପ୍ରଯୁକ୍ତିବିଦ୍ୟାରେ ସହଯୋଗୀ ହେବା, ଦେଶର ଦକ୍ଷତାପୂର୍ଣ୍ଣ ମାନବ ସମ୍ବଳ ସେଠାରେ କାମ କରିବାର ସୁଯୋଗ ପାଇପାରିବାର କଳ୍ପନାରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଥିଲା। ମଙ୍ଗୋଲିଆରେ ଏକ ବିଶୋଧନାଗାର ନିର୍ମାଣ କରୁଥିବା ନବରତ୍ନ କମ୍ପାନୀ ଇଆଇଏଲ୍ ମଧ୍ୟ ରୁଷିଆରେ ଅନୁରୂପ ଭାବେ ପ୍ରକଳ୍ପ ପାଇବାର ସୁଯୋଗ ଲକ୍ଷ୍ୟରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୁଷିଆର ଭାରତୀୟ ରାଷ୍ଟ୍ରଦୂତ ଭାରତ ଏବଂ ରୁଷିଆ ମଧ୍ୟରେ ଦ୍ୱିପାକ୍ଷିକ ଉର୍ଜା ସମ୍ପର୍କକୁ ମଜଭୁତ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେପ୍ଟେମ୍ବରରେ ଭ୍ଲାଡିଭୋଷ୍ଟୋକ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶାନୁସାରେ ରୋଡ୍‌ମ୍ୟାପ ତିଆରି ହେବା ଉପରେ ନିଜର ମତ ରଖିଛନ୍ତି। ରୁଷିଆର ଏହି ଭାରତୀୟ ରାଷ୍ଟ୍ରଦୂତ ରୁଷିଆସହିତ ଉର୍ଜା ସହଯୋଗକୁ ପରିଚାଳନା କରିବା, ଉର୍ଜା କାର୍ଯ୍ୟାଳୟ ସ୍ଥାପନା କରିବାର ଆଇଡିଆ ଏବଂ ରେକର୍ଡ ସଂଖ୍ୟକ ସମୟରେ କାର୍ଯ୍ୟାଳୟ ଖୋଲିବାକୁ ଦୃଢ଼ ସହଯୋଗ ଦେଇଥିବାରୁ ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଭାରତର ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରୁଷିଆର ତୈଳ କ୍ଷେତ୍ରରେ ଆମେରିକୀୟ ଡଲାରରେ ୫.୫ ବିଲିୟନ ଡଲାର ପୁଞ୍ଜିନିବେଶ କରିଥିବା ବେଳେ ରୁଷୀୟ କମ୍ପାନୀ ରୋଜନେଫ୍ଟ ଭାରତରେ ୧୩ ବିଲିୟନ ଡଲାର ପୁଞ୍ଜିନିବେଶ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ଦାଣ୍ଡ ଆଡୁ**
**ବୁଝିଲା ଖମ୍ବ ଆଲୁ**

କିଛି ବ୍ୟକ୍ତି କଥାର ମୂଳକୁ ନ ଯାଇ ନିଜର ମତାମତ ଶୁଣାଇଥାନ୍ତି। ତେବେ କଥାର ପୂର୍ବାପର ବିଷୟରେ ଭଲ ଭାବେ ଅବଗତ ନ ଥାଇ ଏପରି କହିବା ଶୋଭନୀୟ ହୋଇ ନ ଥାଏ। କିଛି ନ ବୁଝି ନ ସୁଝି କୌଣସି ସିଦ୍ଧାନ୍ତ ଗ୍ରହଣ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଖାଇ ନାନୀ ସରୁ କାଟେଣୀ**
**ବସିଥାଏ ଚୁଲି ମୁଣ୍ଡେ**
**କେହି ପଚାରିଲେ ରାଗରେ କହେ**
**ମୁଁ କିଛି ଦେଇନାହିଁ ତୁଣ୍ଡେ।**

ଚୁଲି ମୁଣ୍ଡରେ ବସିଛି ଅଥଚ ପାଟିରେ କିଛି ବି ଖାଇନାହିଁ। କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇ ନ ଥିବାର ତୁଚ୍ଛା ବାହାନା କରୁଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଓପିଟିସିଏଲ୍‌ରେ ବିଶ୍ୱ ମହିଳା ଦିବସ

ଭୁବନେଶ୍ୱର, ୮।୩: ସ୍ଥାନୀୟ କୃଷି ଭବନରେ ଓପିଟିସିଏଲ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଏବଂ ଓପିଟିସିଏଲ୍ ତଥା ଗ୍ରୀଡକୋର ଅଧ୍ୟକ୍ଷ ଡ. ସୌରଭ ଗର୍ଗ ଉପସ୍ଥିତ ଥିଲେ। ଗତ ଫନି ବାତ୍ୟା ମୁକାବିଲାରେ ଓପିଟିସିଏଲ୍‌ର ମହିଳା କର୍ମଚାରୀ ଯେଉଁ ପାରଦର୍ଶିତା ଦେଖାଇଥିଲେ ତାହା ବାସ୍ତବିକ ପ୍ରଶଂସନୀୟ ବୋଲି କହିଥିଲେ ଗର୍ଗ। ବାଗ୍‌ଚୀଙ୍କ ସହ ଖୋଲାକଥା କାର୍ଯ୍ୟକ୍ରମର ବିଭିନ୍ନ ପ୍ରଶ୍ନର ଉତ୍ତରରେ ବାଗ୍‌ଚୀ ମହିଳାଙ୍କୁ ଘରର ଦାୟିତ୍ୱ ପାଇଁ ସେମାନଙ୍କ କର୍ମକ୍ଷେତ୍ରର ଭବିଷ୍ୟତକୁ ଜଳାଞ୍ଜଳି ନ ଦେବା ପାଇଁ କହିଥିଲେ। ତେବେଯାଇ ମହିଳାମାନେ ବିଭିନ୍ନ ସଂସ୍ଥାର ନେତୃତ୍ୱ ନେଇପାରିବେ। ଏହି ଅବସରରେ କମ୍ପାନୀର ୧୦ ଜଣ ଶ୍ରେଷ୍ଠ ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ମିଃ, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ମାନବ ସମ୍ବଳ ନିର୍ଦ୍ଦେଶକ ରଘୁନାଥ ପ୍ରତିହାରୀ, ଅର୍ଥନିର୍ଦ୍ଦେଶକ ସମୀର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବଲୋଚନ ପଣ୍ଡା, ଗ୍ରୀଡ୍‌କୋ ବାଣିଜ୍ୟ ନିର୍ଦ୍ଦେଶକ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ପ୍ରଦୀପ, ଅଭୟକାନ୍ତଙ୍କ ଜାମିନ ଖାରଜ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

ବ୍ରହ୍ମପୁର ଅଫିସ,୮।୩



ପ୍ରଦୀପ ପାଣିଗ୍ରାହୀ



ଅଭୟକାନ୍ତ ପାଠକ

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଜାମିନ ସୋମବାର ଖାରଜ ହୋଇଛି। ଗଞ୍ଜାମ ଜିଲା ଦୌରାଜଜ୍ ରାମଶଙ୍କର ହୋତା ପ୍ରଦୀପଙ୍କ ନାମରେ ଥିବା ୩ ମାମଲା ଓ ଅଭୟକାନ୍ତଙ୍କ ବିରୋଧରେ ରୁଜୁ ହୋଇଥିବା ଗୋଟିଏ ମାମଲାର ଜାମିନ ଆବେଦନ ଖାରଜ କରିଛନ୍ତି। ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯିବ ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ନେଇ ପ୍ରଦୀପଙ୍କ ନାମରେ କଟକ କ୍ରାଇମବ୍ରାଞ୍ଚ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଗତ ଡିସେମ୍ବରରେ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ଜାନୁୟାରୀରେ ମଧ୍ୟ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏହି ୩ ମାମଲାରେ ମୋଟ ୧୪ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗକାରୀ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଗୋଳନ୍ଥରା ଥାନା ପୋଲିସ ପ୍ରଦୀପଙ୍କୁ ଭୁବନେଶ୍ୱର ଖାରପଡ଼ା ଜେଲରୁ ରିମାଣ୍ଡରେ ଆଣି ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ଜଡ଼ିତ କରିଥିଲେ। ପରେ ପାଠକ ବାପ-ପୁଅଙ୍କୁ ମଧ୍ୟ ବ୍ରହ୍ମପୁର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ବାପା- ପୁଅଙ୍କୁ ଏହି ମାମଲାରେ ଜଡ଼ିତ କରାଯାଇଥିଲା। ଆଇଏଫ୍ଏସ୍ ଅଭୟକାନ୍ତ ପାଠକଙ୍କ ନାମରେ ଗୋଟିଏ ମାମଲା ଯୋଡ଼ା ଯାଇଥିବା ବେଳେ ପୁଅ ଆକାଶଙ୍କ ନାମରେ ଦୁଇଟି ମାମଲା ଯୋଡ଼ିଥିଲା ପୋଲିସ। ଏହି ମାମଲାରେ ଜାମିନ ପାଇଁ ପ୍ରଦୀପ ଓ ଅଭୟକାନ୍ତଙ୍କ ଓକିଲ ଜିଲାଜଜ୍ କୋର୍ଟରେ ଆବେଦନ କରିଥିଲେ।

# ୧୦ରେ କୋଟିଆ ଗସ୍ତ କରିବେ ପିସିସି ସଭାପତି

ଭୁବନେଶ୍ୱର,୮।୩(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୧୦ ତାରିଖରେ କୋଟିଆ ଅଞ୍ଚଳ ଗସ୍ତ କରିବେ। ଗତ ମାସ ୧୩ ତାରିଖରେ କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ସରକାର ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ପଞ୍ଚାୟତ ନିର୍ବାଚନ କରିଛନ୍ତି। ଏହା ଆମ ରାଜ୍ୟ ପାଇଁ ଏକ ନିନ୍ଦନୀୟ ଓ ଲଜ୍ଜାକର ଘଟଣା। ଏହି ଘଟଣାକୁ ଓଡ଼ିଶା ପିସିସି ସଭାପତିଅତ୍ୟନ୍ତ ଗୁରୁତ୍ୱର ସହ ନେଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ବିଶ୍ୱ ଆନ୍ଦୋଳନରେ...

ପାଇଁ ୫ ହଜାର କୋଟି ଟଙ୍କାର କାମ ଘୋଷଣା କରାଯାଇଛି। ସେମାନେ ଦକ୍ଷତାର ସହ କାମ କରି ସରକାରଙ୍କ ବିଶ୍ୱାସକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ଦେଶରେ ମା'ମାନେ ଯେତେ ଆଗୁଆ, ସେ ଦେଶ ସେତେ ଉନ୍ନତ। ସେମାନଙ୍କ ସମୃଦ୍ଧି ଓ ଅଧିକାର ପାଇଁ ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସଚିବାଳୟରେ ଉପସ୍ଥିତ ଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମହିଳାମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ଦକ୍ଷତାକୁ ଉପଯୋଗ କରି ବିକାଶକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ମହିଳା ବିକାଶ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିପାରିଛି। ମିଶନ ଶକ୍ତିର ମା'ମାନଙ୍କୁ ନୂଆ ପରିଚୟ ଦେଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ରାଜ୍ୟ ସରକାର ମହିଳାମାନଙ୍କୁ ହିତାଧିକାରୀ ନୁହେଁ ବରଂ ବିକାଶର ସହଭାଗୀଦାର ବୋଲି ମନେକରନ୍ତି। ମହିଳାମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କେବଳ ଗୋଟିଏ ଦିନ ନୁହେଁ, ପୂରା ୩୬୫ ଦିନ ସମର୍ପିତ ହୋଇ କାମ କରୁଛନ୍ତି ବୋଲି ସେ କହିଛନ୍ତି।

ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ଧନ୍ୟବାଦ ଦେଇ କହିଛନ୍ତି, ୨୦୦୧ରେ ମିଶନ ଶକ୍ତି ଏକ ଯୋଜନା ହୋଇ ଆରମ୍ଭ ହୋଇଥିଲା। ଆଜି ଏହା ଏକ ସ୍ୱତନ୍ତ୍ର ବିଭାଗ ହୋଇଛି। ମୁଖ୍ୟମନ୍ତ୍ରୀ ମିଶନ ଶକ୍ତିର ମା'ମାନଙ୍କ ପାଇଁ ଯେଉଁ ୫ ହଜାର କୋଟି ଟଙ୍କା ଘୋଷଣା କରିଥିଲେ ସେଥିରୁ ସେମାନେ ୨୫୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟବସାୟ ଆରମ୍ଭ କରିସାରିଛନ୍ତି। ଏପରିକି ସେମାନଙ୍କ ପାଇଁ ୩୨୦୦ କୋଟି ଟଙ୍କାର ଋଣ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ ହଜାର କୋଟି ଟଙ୍କାରୁ ଅଧିକ ଋଣ ମିଳିପାରିଛି।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଝାରସୁଗୁଡା, ଯାଜପୁର ଓ ଭୁବନେଶ୍ୱରରେ ୩ଟି କର୍ମଜୀବୀ ମହିଳା ହଷ୍ଟେଲ ଉଦ୍‌ଘାଟିତ ହୋଇଥିଲା। ହଷ୍ଟେଲ ପରିଚାଳନା, ସ୍ୱଧାର ଓ ଉଜ୍ଜ୍ୱଳ ଆଦି ଯୋଜନା ପାଇଁ ନୂଆ ପୋର୍ଟାଲ, ମିଶନ ଶକ୍ତି ୱେବ୍‌ସାଇଟ, ମୋବାଇଲ ଆପ୍ ଓ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ସମ୍ପର୍କରେ ଏକ ସ୍ୱତନ୍ତ୍ର ପୋର୍ଟାଲ ଉନ୍ମୋଚିତ ହୋଇଥିଲା। ଡାଆଣୀ କୁପ୍ରଥାର ବିଲୋପ ପାଇଁ ଆଇଇସି ପ୍ୟାକେଜ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତିର ଉପଦେଷ୍ଟା, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା, ରାଜ୍ୟ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷା, ଓଡ଼ିଶା ଶିଶୁ କଲ୍ୟାଣ ପରିଷଦର ସଦସ୍ୟା ସଚିବ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଧିକାରୀ ଓ ବ୍ୟାଙ୍କଗୁଡିକୁ ପୁରସ୍କୃତ କରାଯାଇଥିଲା। ଉତ୍ତମ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନାଇଟେଡ କମର୍ସିଆଲ ବ୍ୟାଙ୍କକୁ ପୁରସ୍କୃତ କରାଯାଇଛି। ସେହିପରି କୋଭିଡ୍ ଚାମ୍ପିୟନ ଉତ୍ତମ ଏସ୍ଏଚ୍‌ଜି ଭାବେ ମାସ୍କ ତିଆରି ପାଇଁ କଟକର ହାଜି ଅଲି ପ୍ରଡ୍ୟୁସର ଗ୍ରୁପ, ମାଗଣା ରନ୍ଧା ଖାଦ୍ୟ ପାଇଁ କେନ୍ଦ୍ରାପଡାର ରାମଚନ୍ଦ୍ର ଏସ୍ଏଚ୍‌ଜି, ଟିଏମ୍‌ସି ପରିଚାଳନା ପାଇଁ ମାଲକାନଗିରିର ନାରୀ ଜାଗୃତି ଏସ୍ଏଚ୍‌ଜିକୁ ୫୦ ହଜାର ଲେଖାଏ ଟଙ୍କା, ଟ୍ରଫି ଓ ସାର୍ଟିଫିକେଟ ଦିଆଯାଇଥିଲା। ମିଶନ ଶକ୍ତି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ପୁରୀ, ଦେବଗଡ଼ ଓ ନବରଙ୍ଗପୁର ଜିଲାକୁ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍ତମ ପ୍ରଦର୍ଶନ ପାଇଁ କନ୍ଧମାଳ ସିଏସ୍‌ଡବ୍ଲ୍ୟୁଓ ମନସ୍ୱିନୀ ମିଶ୍ର ଏବଂ ମୟୂରଭଞ୍ଜ ଡିସିପିଓ ମମତାମୟୀ ବିଶ୍ୱାଳଙ୍କୁ ୧୦ ହଜାର ଟଙ୍କା ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଛି।

# ଏକତରଫା ପ୍ରେମକୁ ନେଇ ହତ୍ୟା

କେସିଙ୍ଗା, ୮।୩ (ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ କର୍ଲାଖୁଣ୍ଟା ଗ୍ରାମରେ ସୋମବାର ସକାଳେ ଏକତରଫା ପ୍ରେମକୁ ନେଇ ହତ୍ୟାକାଣ୍ଡ ଘଟିଛି। ପ୍ରେମିକାଙ୍କୁ ପ୍ରେମିକ ଏକ ଛୁରିରେ ଆକ୍ରମଣ କରୁଥିବା ବେଳେ ତାଙ୍କ ମା' ଝିଅକୁ ବଞ୍ଚାଇବାକୁ ଯାଇ ନିଜେ ହତ୍ୟାର ଶିକାର ହୋଇଛନ୍ତି। ମୃତକ ହେଲେ ପ୍ରେମିକାଙ୍କ ମା' ସିନ୍ଧୁ ବାଗ (୪୮)। ଏହି ଘଟଣାରେ ପୋଲିସ ପ୍ରେମିକ ତିଲକର ନାଏକ (୩୫)ଙ୍କୁ ଗିରଫ କରିଛି।


GOVERNMENT OF ODISHA
DEPARTMENT OF WATER RESOURCES
O/O THE CHIEF CONSTRUCTION ENGINEER
RENGALI RIGHT IRRIGATION PROJECT, DHENKANAL
Email Id - ccerrip@gmail.com

'e' Procurement Notice

No. A-670:- The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** in double cover system for construction of the works as detailed below:
**1.** Name of the work: **Construction of Foot Bridge at RD 41.588 km and VRB at RD 41.865 km of Darpani Branch Canal of Rengali Right Irrigation Project. 2.** Tender Cost : **Rs. 133.32 lakh. 3.** Bid Document Cost : **Rs. 10,000.00 (on line), 4.** Bid Security : **Rs. 1, 33,400.00 (on line), 5.** Class of Contractor : **'B' Class & 'A' Class, 6.** Period of Completion : **09 calendar months including monsoon**
**7.** Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-03/2020-21 | 12.03.2021 10.00 AM | 30.03.2021 5.30 PM | 31.03.2021 11.00 AM |

**8.** For further details and on line bidding, visit Govt. website www.tendersodisha.gov.in
OIPR-32351/11/0003/2021 Sd./- Chief Construction Engineer, Rengali Right Irrigation Project, Dhenkanal



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, BOLANGIR

No. O-1219 e-Procurement Notice

| | | | |
|---|---|---|---|
| 1. | Type of Work | : | Completion of incomplete road & bridges for the year 2020-21 |
| 2. | Name of work | : | Improvement to RD road to Patnagarh Border via Kubrimahul Barghati road in the district of Bolangir under State Plan for the year 2020-21 |
| 3. | Time for Completion | : | 9 (Nine) Calendar Months |
| 4. | Approxmiate estimated cost varies from | : | Rs.345.00 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in**. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Circle, Bolangir | BLGR-Online - 16/2020-21 | 10.03.2021 at 11.00 A.M. | 18.03.2021 upto 5.00 P.M. | 17.03.2021 upto 1.00 P.M. | 19.03.2021 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the abvoe e-tender website only.

**Sd./- Superintending Engineer, R.W. Circle, Bolangir**
**OIPR-25118/11/0015/2021**



ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ
ନିଲାମ ବିଜ୍ଞାପନ ସଂଖ୍ୟା: ୨୯୦ ତା୦୪।୦୩।୨୦୨୧ (ଫଳ ନିଲାମ ସମ୍ବନ୍ଧେ)

No. L-80: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉଦ୍ୟାନ କୃଷି ବଗିଚା, ଏକାମ୍ରକାନନ ଓ ଖଣ୍ଡଗିରି ପ୍ରଜେନୀ ବଗିଚାର ମାଆ ଗଛର ଫଳ ନିଲାମ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ଆହ୍ୱାନ କରାଯାଉଅଛି। ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୦୬।୦୩।୨୦୨୧ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଟ୨୦୦ଙ୍କା (ଦୁଇଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ।

| ଗଛର ନାମ | ଉଦ୍ୟାନକୃଷି ବଗିଚାର ନାମ | | | | ଜଉମୁଦ ଦିଆ ନିଲାମ ଆବେଦନ ପହଞ୍ଚିବା ଶେଷ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ |
|---|---|---|---|---|---|---|
| | ଏକାମ୍ରକାନନ ବଗିଚା | | ଖଣ୍ଡଗିରି ପ୍ରଜେନୀ ବଗିଚା | | | |
| | ଗଛର ବୟସ | ବଉଳା ଗଛ ସଂଖ୍ୟା | ଗଛର ବୟସ | ବଉଳା ଗଛ ସଂଖ୍ୟା | | |
| ଆମ୍ବ | ୭ - ୧୫ ବର୍ଷ | ୨୨୭ | ୨୦ - ୪୦ | ୨୫୮ | ତା୨୫।୦୩।୨୦୨୧ରିଖ ଅପରାହ୍ନ ୩ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ | ତା୨୫।୦୩।୨୦୨୧ରିଖ ଅପରାହ୍ନ ୪ଘଟିକାରେ ଜଉମୁଦା ଲଫାପା ଗୁଡ଼ିକ ଖୋଲାଯିବ |
| ସପେଟା | ୧୦ - ୨୦ ବର୍ଷ | ୪୦ | ୨୦ | ୭୦ | | |
| ପଣସ | ୧୦ ବର୍ଷ | ୬ | ୨୦ | ୩ | | |
| ସପୁରୀ | ୧ ବର୍ଷ | ୧୦୦ | ୧ | ୬୦୦ | | |
| କାଜୁ | ୧୫ - ୨୦ ବର୍ଷ | ୨୪ | ୦ | ୦ | | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ। ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମ କିଣା ରସିଦ୍ ଓ ଅମାନତରାଶି ଜଉମୁଦ ଦିଆ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠିକଣା: ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ ଫାର୍ମ, ଭୁବନେଶ୍ୱର, ଖୋର୍ଦ୍ଧା - ୭୫୧୦୧୫ରେ ଉପର ଲିଖିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ।

ସ୍ୱା./- ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ, ଭୁବନେଶ୍ୱର
OIPR-01054/11/0002/2021



DIRECTORATE GENERAL
FIRE SERVICES, HOME GUARDS & CIVIL DEFENCE, ODISHA
SHORT RE-TENDER CALL NOTICE NO.- 9/2020-21.

No. D-188:-
1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of equipment during 2020-21. The details of equipments with requirement are as follows.

| Sl No. | Name of the item | Approximate Quantity |
|---|---|---|
| 1 | Quick Deployment Antenna | 05 Nos. |

2. Sale of tender document w. e. f. dt.08.03.2021.
3. Last date for sale of tender document dt.22.03.2021, 5.30 P.M.
4. Last date for receipt of tender document dt.22.03.2021, 5.30 P.M.
5. Date for opening of tenders/Technical Bids dt.23.03.2021, 11.30 AM. onwards.
6. Date of Technical Committe for evaluation of samples **dt.23.03.2021, 12.30 P.M.** onwards at Directorate General of Fire Services, Odisha, Cuttack.
7. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing ₹300/- (Rupees three hundred) only between 11.00 A.M. to 5.30 P.M. on each working day from 08.03.2021 to 22.03.2021.
8. Address:
Directorate General of F.S, H.Gs & C.D,
At-3rd Floor of Vigilance Directorate,
Nuapatna, Cuttack, Pin-753001
FAX-0671-2300201/ 2303387.

Sd./- I.G. of Police, Fire Service, Home Guards & Civil Defence, Odisha, Cuttack
OIPR-12006/11/0012/2021



ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର
ନୋଟିସ୍ ନଂ. ୯୮୪ ତା. ୦୮.୦୩.୨୦୨୧
ସର୍ବସାଧାରଣ ନୋଟିସ୍

No. C-604:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା୧୮.୦୩.୨୦୨୧ ଅପରାହ୍ନ ଘ.୩.୦୦ ସୁଦ୍ଧା ଜଉମୁଦ ଲଫାପାରେ ଟେଣ୍ଡର ପକାଇପାରିବେ। ଟେଣ୍ଡରରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୧୦୦/-ଙ୍କା ଦାଖଲ କରି ତା.୧୮.୦୩.୨୦୨୧ ଦିବା ଘ.୧.୦୦ ପର୍ଯ୍ୟନ୍ତ ପାଇପାରିବେ। ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟର ୩୦ ପ୍ରତିଶତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Sonepur Municipalityଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇଦିଆଗଲା। ଜଉମୁଦ ଟେଣ୍ଡର ଆସନ୍ତା ତା୧୮.୦୩.୨୦୨୧ ଅପରାହ୍ନ ଘ.୪.୦୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ। ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ। ଟେଣ୍ଡର ପାଇଥିବା ବ୍ୟକ୍ତି ୭ ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ। କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନ କଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

| କ୍ର. ନଂ. | ସଇରାତର ନାମ | ଟେଣ୍ଡରର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧. | ସାପ୍ତାହିକ ବଜାର ଖମ୍ବେଶ୍ୱରୀ ମନ୍ଦିର (କେବଳ ମଙ୍ଗଳବାର ଦିନ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୭,୭୫,୭୭୫/- | ୨,୩୨,୭୩୨/- |
| ୨. | ଦୈନନ୍ଦିନ ବଜାର ଖମ୍ବେଶ୍ୱରୀ ମନ୍ଦିର ପାଖ (ମଙ୍ଗଳବାର ଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନ ଫି ଆଦାୟ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୭,୨୦,୬୧୦/- | ୨,୧୬,୧୮୩/- |
| ୩. | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୯୦,୨୦୦/- | ୨୭,୦୬୦/- |
| ୪. | କଂସେଇ ଖାନା | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୩୦,୦୦୦/- | ୯,୦୦୦/- |
| ୫. | ବସଷ୍ଟାଣ୍ଡ ପାର୍କିଂ (ବିଜୁ ପଟ୍ଟନାୟକ ଛକଠାରୁ ନଳିନୀ ଛକ ପର୍ଯ୍ୟନ୍ତ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୨,୫୪,୩୨୦/- | ୭୬,୨୯୬/- |
| ୬. | ଅସ୍ଥାୟୀ ଦୋକାନ ଫି | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୧,୪୧,୧୧୩ | ୪୨,୩୩୪/- |
| ୭. | ପଥୁରୀ ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୧,୭୨୧/- | ୫୧୬/- |
| ୮. | ପାତ୍ର ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୨,୦୦୦/- | ୬୦୦/- |
| ୯. | ଲେଣ୍ଡି ବନ୍ଧ | ୦୧.୦୪.୨୦୨୧ରୁ ୩୧.୦୩.୨୦୨୪ | ୨,୧୦୦/- | ୬୩୦/- |
| ୧୦. | ଶିଶୁ ଉଦ୍ୟାନ (ସୁରେଶ୍ୱରୀ ମନ୍ଦିର ପାଖ) | ୦୧.୦୪.୨୦୨୧ରୁ ୩୧.୦୩.୨୦୨୨ | ୪୪,୦୦୦/- | ୧୩,୨୦୦/- |

OIPR-13098/11/0004/2021 ସ୍ୱା./- ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ପୌର ପରିଷଦ



ନିଲାମ ଇସ୍ତାହାର

No. L-83: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଦେବଗଡ଼ ଜିଲ୍ଲା ଉଦ୍ୟାନ ବିଭାଗ ଅଧୀନସ୍ଥ ସରକାରୀ ଫଳ ବଗିଚାଗୁଡ଼ିକର ଚଳିତ ଋତୁରେ ଫଳ ସବୁକୁ ୨୦୨୧ ମସିହା ଜୁନ ମାସ ପର୍ଯ୍ୟନ୍ତ ନିଲାମ ଦିଆଯିବ। ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିମ୍ନ ବିବରଣୀ ଅନୁସାରେ ଜଉମୁଦଦିଆ ଟେଣ୍ଡର ସହିତ ଅଗ୍ରିମ ଅମାନତ ରାଶି (ନିମ୍ନ ମତେ) ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼ଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କରାଇ ଆଣି ରେଜିଷ୍ଟ୍ରି ଡାକ ଅଥବା ପଞ୍ଜୀକୃତ କୋରିଅର ସର୍ଭିସ ଯୋଗେ ତଳ ଲିଖିତ ତାରିଖ ସମୟ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ତଳ ସୂଚିତ ତାରିଖ ଓ ସମୟରେ ଟେଣ୍ଡର ପ୍ରଦାନକାରୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର ଖୋଲାଯିବ। ଟେଣ୍ଡର ପେପର ଓ ତତ୍ ସମ୍ବନ୍ଧୀୟ ତଥ୍ୟ ସହକାରୀ ଉଦ୍ୟାନ ଅଧିକାରୀ/ବାରକୋଟ/ତିଳେଇବଣି/ଫାର୍ମ ଅଧିକାରୀଙ୍କର କାର୍ଯ୍ୟାଳୟରୁ ମାତ୍ର ଟ.୫୦.୦୦ (ପଚାଶ ଟଙ୍କା) ବିନିମୟରେ ମିଳିପାରିବ। ଆଗ୍ରହୀ ବ୍ୟକ୍ତିମାନେ ଫଳ ବଗିଚାଗୁଡ଼ିକର ଫଳ ସବୁକୁ ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧୧ଟା ଯାଏଁ (କେବଳ ସରକାରୀ ଛୁଟିଦିନ ବ୍ୟତୀତ) ଦେଖିପାରିବେ। ଆବଶ୍ୟକସ୍ଥଳେ ଏକ ଅଥବା ସମସ୍ତ ଟେଣ୍ଡର ନଥିପତ୍ରକୁ କୌଣସି କାରଣ ନ ଦର୍ଶାଇ ନାକଚ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ସଂରକ୍ଷିତ ଅଛି। ଟେଣ୍ଡର ବହନ କରୁଥିବା ଲଫାପା ଉପରେ ନିଜ ନାମ ଓ ଠିକଣା ସହିତ କେଉଁ ଫଳ ବଗିଚାର କେଉଁ ଫଳ ପାଇଁ ଟେଣ୍ଡର ଦାଖଲ କରୁଛନ୍ତି ତାହା ଉଲ୍ଲେଖ ରହିବା ନିହାତି ଦରକାର।
ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼ଙ୍କ ଅଧୀନସ୍ଥ ସରକାରୀ ଫଳ ବଗିଚା ଗୁଡ଼ିକର ଚଳିତ ଋତୁରେ ଫଳ ବିକ୍ରୟ ପାଇଁ ନିଲାମ ଇସ୍ତାହାର ତଦନ୍ତ ବିବରଣୀ ନିମନ୍ତେ।

| କ୍ର.ସଂ. | ଫଳ ବଗିଚାର ନାମ | ସମ୍ପୃକ୍ତ ଉଦ୍ୟାନ ଅଧିକାରୀ | ଫଳନ୍ତ ଗଛର ନାମ | ଅମାନତ ଜମାରାଶିର ପରିମାଣ (ଟଙ୍କାରେ) | ଟେଣ୍ଡର ଗ୍ରହଣର ଶେଷ ତାରିଖ (ସମୟ ଅପରାହ୍ନ ୧ଟା) | ଟେଣ୍ଡର ଖୋଲିବା ସମୟ ଅପରାହ୍ନ ୩ଟା ୩୦ମି. |
|---|---|---|---|---|---|---|
| ୧ | ଦେବଗଡ଼ ଫାର୍ମ, ଦେବଗଡ଼ | ସହକାରୀ ଉଦ୍ୟାନ ଅଧିକାରୀ, ତିଳେଇବଣି | ଆମ୍ବ - ୧୩୬୫ ଲିଚୁ - ୦୩ | ଟ.୫୦୦୦.୦୦ | ୨୫।୦୩।୨୦୨୧ | ୨୫।୦୩।୨୦୨୧ |
| ୨ | ବାରକୋଟ ଫାର୍ମ, ବାରକୋଟ | ସହକାରୀ ଉଦ୍ୟାନ ଅଧିକାରୀ, ବାରକୋଟ | ଆମ୍ବ - ୧୬୯ ଲିଚୁ - ୧୦ | ଟ.୫୦୦୦.୦୦ ଟ.୫୦୦୦.୦୦ | ୨୫।୦୩।୨୦୨୧ | ୨୫।୦୩।୨୦୨୧ |

ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଦେବଗଡ଼
OIPR-01003/11/0003/2021



ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲାନ ଅନେକ ସ୍ମରଣୀୟ ଚରିତ୍ରରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ 'ଦ ଡାର୍ଟି ପିକ୍ଚର୍ସ'ରେ ସିଲ୍କ ସ୍ମିତାଙ୍କ ଚରିତ୍ର ଅନ୍ୟତମ। ଏହି ଫିଲ୍ମ ପାଇଁ ବିଦ୍ୟା ଓଜନ ବଢ଼ାଇଥିଲେ। ମୋଟା ପଣ ଯୋଗୁ ସେ ଅନେକ ଥର ଟ୍ରୋଲ ବି ହୋଇଛନ୍ତି। ଶରୀରର ଓଜନ ବୃଦ୍ଧିକୁ ନେଇ ବିଦ୍ୟା କହିଛନ୍ତି, ଏପରି ଏକ ସମୟ ଥିଲା ଯେତେବେଳେ ସେ ନିଜ ଶରୀରକୁ ଘୃଣା କରିବା ଆରମ୍ଭ କରିଥିଲେ। ତାଙ୍କ ବର୍ଦ୍ଧିତ ଓଜନ ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ଏହା ସହିତ ଖାପଖୁଆଇ ପାରିଛନ୍ତି। ଲୋକମାନଙ୍କ କଥାକୁ ସେ ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ବେଳେବେଳେ ଏହା ମନକୁ ଆଘାତ ଦିଏ।

# ଅନାବଶ୍ୟକ ଅଙ୍ଗପ୍ରତ୍ୟଙ୍ଗ

**ଜୀବମଣ୍ଡଳରେ ଅଦ୍ୟାବଧି ଠାବ ହୋଇଥିବା ପ୍ରାଣୀଙ୍କ ଭିତରେ ସବୁଠାରୁ ବିକଶିତ ହେଉଛି ମଣିଷ। ପ୍ରତିକୂଳ ପରିବେଶ ସହିତ ଖାପଖୁଆଇବା ଏବଂ କ୍ରମବିବର୍ତ୍ତନର ଆହ୍ୱାନକୁ ଗ୍ରହଣ କରିବା ପରେ ମଣିଷ ଭିତରେ ବୌଦ୍ଧିକ, ଶାରୀରିକ ବିକାଶରେ ଏଭଳି ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ଜଙ୍ଗଲୀ ପ୍ରବୃତ୍ତି ହ୍ରାସ ପାଇବା ସହିତ ମାନବର ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅଙ୍ଗରେ ଅନେକ ପରିବର୍ତ୍ତନ ଆସିଛି। ତେବେ ଆଧୁନିକ ମଣିଷ ଶରୀରରେ ଏଭଳି କେତେକ ଅଙ୍ଗପ୍ରତ୍ୟଙ୍ଗ ରହିଛି, ଯାହା କୌଣସି କାମକୁ ଯୋଗ୍ୟ ନୁହେଁ ଅର୍ଥାତ୍ ଏହାକୁ ହଟାଇଦେଲେ ବି କୌଣସି ପ୍ରଭାବ ସ୍ୱାସ୍ଥ୍ୟାବସ୍ଥା ଉପରେ ପଡ଼ିବ ନାହିଁ।**



**ନୂଆଦିଲ୍ଲୀ:** ପୂର୍ବଜଙ୍କ ତୁଳନାରେ ଆଧୁନିକ ମଣିଷର ସମ୍ବେଦୀ ଅଙ୍ଗ ସଂଖ୍ୟା କମିଯାଇଛି ଅବା ଏହା ଆଉ ସେତେଟା ସକ୍ରିୟ ହୋଇ ବ୍ୟବହାରରେ ଆସୁନାହିଁ। ପୁରାତନ ମଣିଷ ଶିକାର କରୁଥିଲା। ପ୍ରତିକୂଳ ପରିବେଶରେ ରହୁଥିଲା। ତଦନୁଯାୟୀ ଶରୀରର ପ୍ରତ୍ୟେକ ଅଙ୍ଗ କାମରେ ଲାଗୁଥିଲା। ହେଲେ ବିକାଶ ଧାରାରେ ସାମିଲ ହେବା, ନିଆଁର ବ୍ୟବହାର, ସଭ୍ୟତା ଗଢ଼ି ଉଠିବା ପରେ ମଣିଷ ଧୀରେ ଧୀରେ ଜୀବନ ବଞ୍ଚିବା ଲାଗି ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବାକୁ ଆରମ୍ଭ କଲା। ଦୀର୍ଘଦିନର କ୍ରମବିକାଶ ଫଳରେ ଅନେକ ଅଙ୍ଗ ଗାଏବ ହୋଇଯାଇଛି। କେତେକ ଆଉ କାମରେ ଲାଗୁନାହିଁ।

**ଆପେଣ୍ଡିକ୍ସ:** ବୃହଦନ୍ତ୍ର ଏବଂ କ୍ଷୁଦ୍ରାନ୍ତ୍ର ମଝିରେ ଅବସ୍ଥିତ ଏହି ଛୋଟିଆ ଅଙ୍ଗଟି ମଣିଷ ଶରୀର ପାଇଁ ଅନାବଶ୍ୟକ। ଓଲଟି କୌଣସି କାରଣରୁ ସଂକ୍ରମଣ ହେଲେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଏହାକୁ ତତ୍କାଳ ଅସ୍ତ୍ରୋପଚାର କରି ବାହାର କରିବାକୁ ପଡ଼ିଥାଏ। ଏପରି କି ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଛି। ତେବେ କେତେକ ସ୍ୱାସ୍ଥ୍ୟବିଜ୍ଞାନୀ ଏହାକୁ ଖଣ୍ଡନ କରିଛନ୍ତି।

**ଟନ୍‌ସିଲ:** ମୁହଁର ଆଭ୍ୟନ୍ତରୀଣ ଅଂଶ ଏବଂ ଦୁଇ ପାର୍ଶ୍ୱର ଜ୍ଞାନଦାନ୍ତ ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବା ମାଂସ ହେଉଛି ଟନ୍‌ସିଲ। କଥା କହିବା, ଶୁଣିବା ଏବଂ ପାଟିର କାର୍ଯ୍ୟକଳାପରେ ଏହାର ଯୋଗଦାନ ନାହିଁ। ଓଲଟି ଥଣ୍ଡା, ସର୍ଦ୍ଦିରେ ସଂକ୍ରମଣ ହେଲେ ମଣିଷ ଯନ୍ତ୍ରଣା ଭୋଗିଥାଏ। ଖାଇବା ପିଇବାରେ ରୋଗୀଙ୍କୁ କଷ୍ଟ ଭୋଗିବାକୁ ପଡ଼େ। ଲଗାତର ଟନ୍‌ସିଲ ବଢ଼ିଲେ ଡାକ୍ତରମାନେ ଅପରେଶନ କରି ଏହାକୁ ବାହାର କରିଦେବାକୁ ପରାମର୍ଶ ଦେଇଥାନ୍ତି।

**ଜ୍ଞାନଦାନ୍ତ:** ଜ୍ଞାନଦନ୍ତ ବା ୱିଜ୍‌ଡମ ଟିଥ୍‌କୁ ମଣିଷର ଅନାବଶ୍ୟକ ଅଙ୍ଗ ତାଲିକାଭୁକ୍ତ କରାଯାଇଛି। ପୂର୍ବଜମାନେ କଞ୍ଚା ମାଂସ ଖାଉଥିବାବେଳେ ଏହା ବହୁତ କାମରେ ଆସୁଥିଲା। ଆଧୁନିକ ଯୁଗରେ ଖାଦ୍ୟକୁ ସିଝାଇ ଖିଆଯିବା ପରେ ଏହାର ଆବଶ୍ୟକତା ଅନୁଭବ ହେଉନାହିଁ। ପରିବର୍ତ୍ତିତ ସମୟରେ ଏବେ ଜ୍ଞାନଦାନ୍ତ ଉଠିବା ଦେଖାଯାଉନାହିଁ। ତଥାପି ଅନେକ ସମୟରେ ଖାଦ୍ୟ ଖାଇବା ବେଳେ କଳପାଟିରେ ଥିବା ଜ୍ଞାନଦାନ୍ତରେ ଅଟକିଯାଇ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ, ଯାହାକୁ ସାଧାରଣତଃ ଦାନ୍ତ ପୋକ ଖାଇଯିବା କୁହାଯାଏ। ଏପରି ହେଲେ ରୋଗୀ ଅକଥନୀୟ ଯନ୍ତ୍ରଣା ଭୋଗିଥାଏ। ସ୍ଥଳ ବିଶେଷରେ ଦାନ୍ତକୁ ଉପାଡ଼ିବାକୁ ପଡ଼ିଥାଏ।

**ପାରାନାସାଲ ସାଇନସ୍:** ନାକର ଚତୁଃପାର୍ଶ୍ୱରେ ପାରାନାସାଲ ସାଇନସ୍ ଅବସ୍ଥିତ। ଶୀତଦିନେ ଏହି ଆଭ୍ୟନ୍ତରୀଣ ଅଙ୍ଗରେ ସଂକ୍ରମଣ ହେବା ଭୟ ଲାଗି ରହିଥାଏ। ଏହି ଅଙ୍ଗକୁ ନେଇ ବୈଜ୍ଞାନିକଙ୍କ ମଧ୍ୟରେ ଦ୍ୱିମତ ରହିଛି। କେତେଜଣ ଏହାକୁ ଅନାବଶ୍ୟକ କହୁଥିବାବେଳେ ଆଉ କେତେକ ଏହାକୁ ଜରୁରୀ ବୋଲି କହୁଛନ୍ତି। ସେମାନଙ୍କ ମତରେ ମୁହଁର ମାଂସପେଶୀଗୁଡ଼ିକର ସନ୍ତୁଳନ ରକ୍ଷା ଏବଂ ସ୍ପଷ୍ଟ ସ୍ୱର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ଦାବି କରିଛନ୍ତି।

**ଟେଲବୋନ୍:** ମେରୁଦଣ୍ଡର ନିମ୍ନଭାଗରେ ଅବସ୍ଥିତ ଟେଲବୋନ୍। ଏହାର କାର୍ଯ୍ୟ ଏକପ୍ରକାର ଶେଷ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଆଦି ମାନବମାନଙ୍କ ମାଙ୍କଡ଼ ଭଳି ଲାଞ୍ଜ ରହିଥିଲା। ଏହା ସହାୟତାରେ ସେମାନେ ଗଛ ଚଢ଼ିବା ବେଳେ ସନ୍ତୁଳନ ବଜାୟ ରଖୁଥିଲେ। କ୍ରମବିକାଶ ପରେ ମଣିଷର ଲାଞ୍ଜ ବିଖଣ୍ଡିତ ହୋଇଯାଇଛି। ହେଲେ ଏହାର ଏକ ଅଂଶ ଟେଲବୋନ୍ ଭାବେ ଏବେ ବି ଶରୀର ମଧ୍ୟରେ ରହିଛି।

**ଅରିକ୍ୟୁଲର ମାଂସପେଶୀ:** କାନ ଚାରିପାଖରେ ରହିଛି ଅରିକ୍ୟୁଲର ମାଂସପେଶୀ। ସାଧାରଣତଃ ଜୀବଜନ୍ତୁଙ୍କ କାନରେ ଏହା ଏବେ ବି ଦେଖିବାକୁ ମିଳେ। ସେମାନେ ଏହାର ସହାୟତାରେ କାନକୁ ହଲାଇଥାଆନ୍ତି, ଯାହା ସେମାନଙ୍କୁ ଦୂରବର୍ତ୍ତୀ ଇଲାକାର ଶବ୍ଦ ଶୁଣିବା ସହ ଆସନ୍ନ ବିପଦରୁ ରକ୍ଷା କରିବାରେ ସହାୟତା କରିଥାଏ। ହେଲେ ମଣିଷ ପାଇଁ ଏହା କୌଣସି କାମରେ ଆସୁନାହିଁ।

# ବିଲେଇ ନେଉଛି ସ୍ପା



**ନୂଆଦିଲ୍ଲୀ:** କେହି କେହି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ତ କେହି ନିଜକୁ ସୁସ୍ଥ ରଖିବା ଲାଗି ସ୍ପା ସେଣ୍ଟରକୁ ଯାଇଥାନ୍ତି। ଯୋଗ କିମ୍ବା ଏକ ଥେରାପି ଭଳି ଏବେ ଲୋକେ ସ୍ପା କରିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଲୋକଙ୍କ ଭଳି ବିଲେଇ ସ୍ପା ସେଣ୍ଟରରେ ଟ୍ରିଟମେଣ୍ଟ ନେଉଥିବା କେବେ ଶୁଣିଛନ୍ତି! ବୋଧହୁଏ ଏପରି କଥା କେହି କେବେ ଶୁଣି ନ ଥିବେ। କିନ୍ତୁ ସୋସିଆଲ ମିଡିଆରେ ଏବେ ଏଭଳି ଏକ ଭିଜୁଆଲ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମଣିଷ ସହିତ ସମାନ ଢଙ୍ଗରେ ବିଲେଇ ମଧ୍ୟ ସ୍ପା ନେଉଛି। ଇନଷ୍ଟାଗ୍ରାମର 'ଡୋଣ୍ଟ ଷ୍ଟପ ମିଉଁଇଂ' ନାମକ ଏକ ପ୍ରୋଫାଇଲରେ ଏଭଳି ଏକ ଭିଜୁଆଲ ପ୍ରଥମେ ଶେୟାର କରାଯାଇଥିଲା। ଭିଜୁଆଲରେ ପ୍ରଥମେ ଜଣେ ବ୍ୟକ୍ତି ରୁମ୍ ଭିତରେ ସ୍ପା ନେଉଛି ଏବଂ ତାଙ୍କ ପାଖରେ ଏକ ବିଲେଇ ମଧ୍ୟ ସମାନ ଢଙ୍ଗରେ ସ୍ପା ନେଉଥିବାର ଦେଖିବାକୁ ମିଳୁଛି। ଏମିତି କି ମଣିଷଙ୍କ ଭଳି ପ୍ରତି ଷ୍ଟେପରେ ବିଲେଇର ଟ୍ରିଟ୍‌ମେଣ୍ଟ କରାଯାଉଛି। ସ୍ପା ଟ୍ରିଟ୍‌ମେଣ୍ଟ ଅନୁସାରେ କିଛି ସମୟ ପରେ ବିଲେଇଟି ଉଠି ଆସୁଥିବା ସମୟରେ ତା'ର ଦୁଇ ଆଖିରେ କାକୁଡି ଦିଆଯାଉଛି। ଏହାପରେ ବିଲେଇଟି ପୁଣି ପାଖରେ ଥିବା ବ୍ୟକ୍ତିଙ୍କ ଭଳି ଶୋଇ ରହୁଛି। ବିଲେଇଟିର ଏଭଳି ଢଙ୍ଗରେ ସ୍ପା ଟ୍ରିଟ୍‌ମେଣ୍ଟକୁ ନେଇ ହୋଇଥିବା ଏହି ଭିଜୁଆଲଟିକୁ ଦେଖିଲେ ଯେ କେହି ବି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯିବ। ଏଥିପାଇଁ ଭିଜୁଆଲଟି ଶେୟାର ହେବା ପରେ ଏବେ ଏହାକୁ ଏକ ଲକ୍ଷରୁ ଅଧିକ ଲୋକ ଲାଇକ୍ କରି ସାରିଛନ୍ତି ଏବଂ ହଜାର ହଜାର ସଂଖ୍ୟାରେ କମେଣ୍ଟ ମିଳି ସାରିଛି।




# ଏଲିଙ୍କ ସହ ରୋମାନ୍ସ କରିବେ ଆମିର

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଏଲି ଆବ୍ରମଙ୍କ ଭାଗ୍ୟ ଫିଟିଯାଇଛି। କାରଣ ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ୍ ଏଲିଙ୍କ ସହ ସ୍କ୍ରିନ ଶେୟାର କରିବେ। ସେଥିପାଇଁ ଏଲି ବହୁତ ଖୁସି। ଶନିବାର ହଠାତ୍ ଆମିରଙ୍କ ଏକ ପୋଷ୍ଟର ସାମ୍ନାକୁ ଆସିବା ପରେ ଏବେ ଚର୍ଚ୍ଚା ଯୋର ଧରିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏଲିଙ୍କ ପୋଷ୍ଟରରୁ ଜଣାପଡିଛି ଯେ ଆମିର ଏଥର ଏଲି ଆବ୍ରମଙ୍କ ସହ ରୋମାନ୍ସ କରିବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥିବା ଏହି ପୋଷ୍ଟରକୁ ଟି-ସିରିଜ ଏହାର ଇନଷ୍ଟାଗ୍ରାମ ୱାଲରେ ଶେୟାର କରିଛି। ଏହି ପୋଷ୍ଟରକୁ ଦେଖିବା ପରେ ସୋସିଆଲ ମିଡିଆ ଭ୍ୟୁୟର୍ସ ଖୁବ କମେଣ୍ଟ କରୁଛନ୍ତି। ଏହାସହ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା ରଖିଛନ୍ତି କେବେ ଏହା ରିଲଜ ହେବ। ଟି-ସିରିଜ ଏହାକୁ ଶେୟାର କରିବା ପରେ କ୍ୟାପଶନରେ ଲେଖିଛି 'ତାରୋ ତରଫ ଫନ ହେ' ଏହା ମାର୍ଚ୍ଚ ୧୦ରେ ରିଲିଜ ହେବ। ଏଥିରେ ଆମିରଙ୍କ ବନ୍ଧୁ ଅମିନ ହାଜି ଡାଇରେକ୍ଟର ଭାବେ ଡେବ୍ୟୁ କରୁଛନ୍ତି। ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି। କୁହାଯାଉଛି କି ଏହା ଏକ ସାଇକୋଥ୍ରୀଲର ଫିଲ୍ମ।

# ଦୁର୍ଲ୍ଲଭ ବତକ

**ଇଟାନଗର:** ଅରୁଣାଚଳ ପ୍ରଦେଶରେ ପଶ୍ଚିମ ୟୁରୋପ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମାଣ୍ଡାରିନ ବତକ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଏକ ଭିଡିଓ ଶେୟାର କରି ସୂଚନା ଦେଇଛନ୍ତି। ନିଜେ ଏହି ବତକକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିବା କହିଛନ୍ତି। ମାଣ୍ଡାରିନ ବତକ ମୂଳ ପରିଚିଙ୍ଗ ପ୍ରଜାତିର। ଯାହା ଏହି ସପ୍ତାହରେ ଅରୁଣାଚଳ ପ୍ରଦେଶରେ ଦେଖିବାକୁ ମିଳିଛି। ଭିଡିଓଟିକୁ ମିନିଷ୍ଟ୍ରି ଅଫ ଏନ୍‌ଭାଏରନ୍ମେଣ୍ଟ, ଫରେଷ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ'ଟୁଇଟର ପେଜ୍ରେ ଶେୟାର କରାଯାଇଛି। ଏହା ପରେ ମୁଖ୍ୟମନ୍ତ୍ରୀ ଏହି ଭିଡିଓକୁ ପୋଷ୍ଟ କରି ଲେଖିଛନ୍ତି, ସେ ବହୁତ ଖୁସି। ବନବିଭାଗ ଏବଂ ସ୍ଥାନୀୟ ଲୋକ ଏମାନଙ୍କର ସଂରକ୍ଷଣ ପାଇଁ ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ବତଖର ଫଟୋ ଶେୟାର କରି କ୍ୟାପଶନ ଲେଖିଛନ୍ତି, ଏହା ଖୁବ ଭଲ ଏବଂ ଦେଖି ବହୁତ ଖୁସି ଅନୁଭବ କରୁଛି।



# ଗରିବଙ୍କ ଦେବଦୂତ ଭାଗ୍ୟଶ୍ରୀ



**ଭୋପାଳ:** ନାରୀମାନେ ସାହସିକତା ଦେଖାଇ ସମାଜରେ ଭିନ୍ନତା ପ୍ରତିପାଦନ କରିପାରନ୍ତି। ଆଉ ସେମାନେ ସକ୍ଷମ ହେବା ସହିତ ଏକ ବିରାଟ ପରିବର୍ତ୍ତନର ସୂତ୍ରଧର ହୋଇପାରନ୍ତି। ଠିକ୍ ଏମିତି ଜଣେ ମହିଳା ହେଉଛନ୍ତି ଭାଗ୍ୟଶ୍ରୀ। ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେ ଏବେ ନିଜକୁ ବାଜି ଲଗାଇ ଦେଉଛନ୍ତି।

ଇନ୍ଦୋର ସହରର ରୁହନ୍ତି ସାମାଜିକ କର୍ମୀ ଭାଗ୍ୟଶ୍ରୀ ଖର୍ଖାଡିଆ। ବାସହରା ଗରିବ ଓ ଅସହାୟ ମଣିଷଙ୍କ ପାଇଁ ସେ ଦେବଦୂତ ଭଳି କାମ କରୁଛନ୍ତି। ଅସହାୟ ଲୋକଙ୍କୁ ପୁନଃ ଥଇଥାନ କରିବା ସହ ସେମାନଙ୍କ ଭଲମନ୍ଦ ବୁଝି ବଞ୍ଚିବାର ଭିନ୍ନ ମାର୍ଗ ଦେଖାଇ ପାରୁଛନ୍ତି। ଖାଲି ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଥିବା ପରିତ୍ୟକ୍ତ ମୃତଦେହ ମଧ୍ୟ ସେ ସଂସ୍କାର କରିବା ପାଇଁ ଆଗେଇ ଆସୁଛନ୍ତି। ଜଣେ ମହିଳା ହୋଇ ଏଭଳି ମହନୀୟ କାମ କରି ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ଭାଗ୍ୟଶ୍ରୀ ଏବେ ଆର୍କିଓଲୋଜିରେ ପିଏଚ.ଡି ଡିଗ୍ରୀ କରୁଛନ୍ତି। ତା' ସହିତ ସମାଜସେବାରେ ନିଜକୁ ନିୟୋଜିତ କରି ଉଦାର ହୃଦୟର ପରିଚୟ ଦେଇପାରିଛନ୍ତି। ଭାଗ୍ୟଶ୍ରୀ କୁହନ୍ତି, ଏଭଳି କାମ କରିବା ପାଇଁ ସେ ଇନ୍ଦୋରର ଫାଦର ଟେରେସା କୁହାଯାଉଥିବା ଅମରଜିତ୍ ସିଂହଙ୍କଠାରୁ ପ୍ରଥମେ ପ୍ରେରଣା ପାଇଥିଲେ। ଏବେ ସେ ନାହାନ୍ତି ସତ, କିନ୍ତୁ ତାଙ୍କ ଆଦର୍ଶପଥରେ ସେ ଚାଲୁଛନ୍ତି। ଗରିବ ଓ ଅସହାୟ ଲୋକଙ୍କୁ ଥଇଥାନ କରିବା, ସେମାନଙ୍କ ଚିକିତ୍ସା ଏପରିକି ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମରଶରୀରକୁ ଦାହ ସଂସ୍କାର ମଧ୍ୟ କରୁଛନ୍ତି। ଏଭଳି କାମ କରିବା ପାଇଁ ବାପା ବ୍ରଜମୋହନ ଲୋଡେଡ୍ରିୟା ଏବଂ ସ୍ୱାମୀ ନବୀନ ଖର୍ଖାଡିଆ ସବୁବେଳେ ସହଯୋଗ କରୁଛନ୍ତି। ଫଳରେ କରୋନା ଜନିତ ଲକ୍‌ଡାଉନ୍ ସମୟରେ ସେ ବହୁ ଲୋକଙ୍କର ସେବା କରିପାରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳାଙ୍କୁ ଉପହାର ଦେଲେ ନୀତା

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ଚେୟାରମ୍ୟାନ ନୀତା ଅମ୍ବାନୀ ମହିଳାମାନଙ୍କ ପାଇଁ ଏକ ଡିଜିଟାଲ ପ୍ଲାଟଫର୍ମ 'ହର୍ ସର୍କଲ' ଆରମ୍ଭ କରିଛନ୍ତି। ଏଥିରେ ମହିଳାଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେବ। ଏହି ଡିଜିଟାଲ ପ୍ଲାଟଫର୍ମକୁ ଉନ୍ମୋଚନ କରି ନୀତା କହିଛନ୍ତି, ଯେତେବେଳେ ମହିଳାମାନେ ନିଜର ଯତ୍ନ ନିଅନ୍ତି ସେତେବେଳେ ଏହା ଅବିଶ୍ୱସନୀୟ ଲାଗେ। ସେ ନିଜେ ଶକ୍ତିଶାଳୀ ମହିଳାମାନଙ୍କ ମଧ୍ୟରେ ରହିଆସିଛି। ଏହାଦ୍ୱାରା ଅନେକ ସକାରାତ୍ମକ କଥା ଶିଖିଛନ୍ତି ଅନ୍ୟମାନଙ୍କୁ ପ୍ରେରଣା ଦେବାକୁ ଚେଷ୍ଟା କରୁଛନ୍ତି। ୨୪ ଘଣ୍ଟିଆ ଗ୍ଲୋବାଲ ନେଟୱାର୍କିଂ, ଡିଜିଟାଲ ବିପ୍ଳବ ଏବଂ ସମସ୍ତଙ୍କ ସାହାଯ୍ୟରେ, 'ହର୍ ସର୍କଲ' ସମସ୍ତ ସଂସ୍କୃତି, ସମ୍ପ୍ରଦାୟ, ଦେଶର ମହିଳାଙ୍କ ଧାରଣା ଏବଂ ପଦକ୍ଷେପକୁ ସ୍ୱାଗତ କରିବ। ପ୍ଲାଟଫର୍ମରେ ରିଲାଏନ୍ସର ବିଶେଷଜ୍ଞ ପ୍ୟାନେଲ ମହିଳାମାନଙ୍କୁ ସ୍ୱାସ୍ଥ୍ୟ, କଲ୍ୟାଣ, ଶିକ୍ଷା, ଉଦ୍ୟୋଗୀତା, ଅର୍ଥ, ଏବଂ ନେତୃତ୍ୱ ଉପରେ ମାଗଣା ପରାମର୍ଶ ପ୍ରଦାନ କରିବେ। ଫିଟନେସ, ଗର୍ଭଧାରଣ ଏବଂ ପିତାମାତା ସମ୍ବନ୍ଧୀୟ ସୂଚନା ମଧ୍ୟ ଏହି ପ୍ଲାଟଫର୍ମରେ ଉପଲବ୍ଧ ହେବ। ମହିଳାମାନଙ୍କୁ ସେମାନଙ୍କ ସଫଳତା-ସଂଗ୍ରାମର କାହାଣୀ ବାଣ୍ଟିବାକୁ ଗୁରୁତ୍ୱ ଦେବ।



# ବୁର୍ଖା ଉପରେ କଟକଣା

**ଜୁରିଚ:** ସ୍ୱିଜରଲାଣ୍ଡରେ ବୁର୍ଖା ପିନ୍ଧିବା ନେଇ କଟକଣା ଲଗାଯିବାକୁ ହୋଇଥିବା ଜନମତ ସଂଗ୍ରହରେ ୫୧ ପ୍ରତିଶତ ସହମତି ମିଳିଛି। ସର୍ବସାଧାରଣ ସ୍ଥଳରେ ବୁର୍ଖା ପିନ୍ଧିବା କିମ୍ବା ମୁହଁକୁ ଢାଙ୍କିବା ବିରୋଧରେ ରବିବାର ଜନମତ ସଂଗ୍ରହ କରାଯାଇଥିଲା। ଏହି ଆଧାରରେ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। କିଛି ଦିନ ତଳେ ଫ୍ରାନ୍ସରେ ବୁର୍ଖା ପିନ୍ଧିବା ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା। ପୂର୍ବରୁ ବେଲଜିୟମ ଏବଂ ଅଷ୍ଟ୍ରିଆରେ ମଧ୍ୟ ଏଭଳି କଟକଣା ଜାରି ହୋଇଛି। ସ୍ୱିଜରଲାଣ୍ଡରେ ହୋଇଥିବା ଜନମତରେ ୫୦.୮ ପ୍ରତିଶତ ଲୋକ ଅଂଶଗ୍ରହଣ କରିଥିଲେ। ୧,୪୨୬,୯୯୨ ଜଣ କଟକଣା ସପକ୍ଷରେ ଏବଂ ୧,୩୫୯,୬୨୧ ଜଣ ଏହାର ବିରୋଧରେ ମତ ଦେଇଥିଲେ।

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁଇଂ. ରମେଶ ଚନ୍ଦ୍ର ମହାପାତ୍ର
ପୂର୍ବତନ ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ
କାନନବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୨୦୧୮୨



କେତେକ ମହିଳା ଅଛନ୍ତି ଦିନବେଳେ ତ୍ୱଚାର ଯତ୍ନ ନିଅନ୍ତି କିନ୍ତୁ ରାତିରେ ତ୍ୱଚା ପ୍ରତି ଧ୍ୟାନ ଦିଅନ୍ତି ନାହିଁ କିନ୍ତୁ ପ୍ରତିଦିନ ଶୋଇବା ପୂର୍ବରୁ ତ୍ୱଚା ପାଇଁ କିଛି ସମୟ ନିଶ୍ଚୟ ବାହାର କରନ୍ତୁ...

# ନାଇଟ୍ କେୟାର ରୁଟିନ୍

ସୌନ୍ଦର୍ଯ୍ୟ

- ➤ଦିନସାରାର ମେକଅପ୍ ପରେ ଶରୀର ଭଳି ତ୍ୱଚା ବି ରାତି ବେଳକୁ ଥକି ଯାଇଥାଏ। ତେଣୁ ରାତିରେ ଶୋଇବା ପୂର୍ବରୁ ତ୍ୱଚାର ଯତ୍ନ ନେବା ନିହାତି ଦରକାର। ଫଳରେ ତ୍ୱଚା ଅଧିକ ଗ୍ଲୋ କରିବ।
- ➤ନାଇଟ୍ କେୟାର ରୁଟିନ୍ ଅନୁସାରେ ସର୍ବପ୍ରଥମେ ତ୍ୱଚାରେ ଥିବା ମେକଅପ୍‌କୁ ଛଡାନ୍ତୁ। ଏହାପରେ ତ୍ୱଚାକୁ ଭଲଭାବେ ଧୋଇ ଦିଅନ୍ତୁ।
- ➤ତ୍ୱଚାରୁ ମେକଅପ୍ ଛଡାଇବା ପରେ ନିଜ ପସନ୍ଦର ଟୋନର ଲଗାନ୍ତୁ। ଯଦି କେମିକାଲ୍ ଥିବା ଟୋନର ଲଗାଇବାକୁ ଚାହୁଁ ନାହାନ୍ତି ତେବେ ଗୋଲାପ ଜଳ ଲଗାନ୍ତୁ।
- ➤ତ୍ୱଚା ବିଶେଷଜ୍ଞଙ୍କ ଅନୁସାରେ ରାତିରେ ବ୍ୟୁଟି କ୍ରିମ୍ ନିଶ୍ଚୟ ଲଗାନ୍ତୁ। ଏହାଫଳରେ ତ୍ୱଚାର ଥକ୍କାପଣ ଦୂର ହୋଇଯାଇଥାଏ ଏବଂ ସକାଳୁ ଉଠିବା ବେଳକୁ ଫ୍ରେଶ୍ ଲାଗିବ।
- ➤ଶୋଇବା ପୂର୍ବରୁ ନିଜ ହାତରେ କିଛି ସମୟ ତ୍ୱଚାର ମସାଜ୍ କରନ୍ତୁ। ଫଳରେ ରକ୍ତ ସଞ୍ଚାଳନ ଠିକ୍ ରହିବ ଏବଂ ତ୍ୱଚାର ଚମକ ବୃଦ୍ଧି ହେବ।



# ବିବାହ ପରେ କ୍ୟାରିୟର

ବିବାହ ପରେ ନାରୀ ଜୀବନରେ ଆସିଥାଏ ଅନେକ କିଛି ପରିବର୍ତ୍ତନ। ପରିବର୍ତ୍ତିତ ସମୟ ସହ କେତେଜଣ ସାଲିସ କରି ନିଅନ୍ତି ତ ଆଉ କେତେଜଣ ନିଜେ ଗଢ଼ିଥିବା କ୍ୟାରିୟରକୁ ବାଛନ୍ତି କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ଜୀବନସାଥୀଙ୍କ ପ୍ରେରଣାରେ ନୂଆ କରି ଆରମ୍ଭ କରନ୍ତି କ୍ୟାରିୟର...







ଗୋଟିଏ ପଟେ ଶୈଶବରୁ ଯୌବନ ମଧ୍ୟରେ ଭବିଷ୍ୟତର ଯୋଜନା ତ ଅନ୍ୟ ପଟେ ଭାଗ୍ୟକୁ ଅପେକ୍ଷା। ଅର୍ଥାତ ବିବାହର ପୂର୍ବ ପର ଦୁଇ ଅବସ୍ଥାରେ ବହୁତ କିଛି ପରିବର୍ତ୍ତନ ଆସେ ନାରୀ ଜୀବନରେ। ହେଲେ ଆଧୁନିକ ନାରୀ ଆଜି ବିବାହ ଆଗରୁ ପ୍ରଥମେ ନିଜ ଗୋଡରେ ଛିଡା ହେବାକୁ ପସନ୍ଦ କରୁଛି। କିନ୍ତୁ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ପରିବର୍ତ୍ତନକୁ ସ୍ୱୀକାର କରି ତା'ପରେ ଆରମ୍ଭ କରନ୍ତି କ୍ୟାରିୟର।

ଏକ ବିଚିତ୍ର ଲକ୍ଷ୍ୟ ନେଇ ଜୀବନ ଆରମ୍ଭ କରେ ନାରୀଟିଏ। ପ୍ରଥମେ ସମସ୍ତଙ୍କ ଭଳି ଧୂଳିଖେଳରୁ ଆରମ୍ଭ କରି ପାଠ ପଢି ନିଜକୁ ଯୋଗ୍ୟ କରି ଗଢି ତୋଳିବାକୁ ଭରପୂର ପ୍ରୟାସ କରେ। ଆଉ ପରିବାରର ସହଯୋଗରେ ସେ ଢେର୍ ବାଟ ଆଗେଇ ଯାଏ। କିନ୍ତୁ ଝିଅଟିଏ ଯେ ଦିନେ ବିବାହ କରି ଅନ୍ୟ ଏକ ପରିବାରର ସଦସ୍ୟ ହେବ ଏକଥାକୁ ବାରମ୍ବାର ତାକୁ ମନେ ପକେଇବାକୁ ହୁଏ। ଯୌବନ ଅବସ୍ଥା ଆସିଲେ କ୍ୟାରିୟର ଗଢା ହୋଇଥାଉ କି ନାହିଁ ବିବାହ ଖୋଜା ଆରମ୍ଭ ହୁଏ।

**କ୍ୟାରିୟର ପ୍ରାଥମିକତା:**ଆଜିକାଲିର ଉଚ୍ଚଶିକ୍ଷିତା ଝିଅମାନେ ପ୍ରଥମେ ଚାକିରି କରି ନିଜ ଗୋଡରେ ନିଜେ ଛିଡା ହେବା ପାଇଁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଚାକିରି ଲକ୍ଷ୍ୟରେ ହିଁ ବିଭିନ୍ନ ପ୍ରକାରର ପାଠ ପଢୁଛନ୍ତି। ବିବାହ ହେଉ କି ନ ହେଉ କିନ୍ତୁ କ୍ୟାରିୟର କରି ଚାକିରି କରିବା ସବୁ ଝିଅଙ୍କ ପ୍ରାଥମିକତା ହେଉଛି। ଅବଶ୍ୟ କେତେଜଣ ବିଭିନ୍ନ କାରଣରୁ ବିବାହ ପୂର୍ବରୁ ଚାକିରି କରି ପାରି ନ ଥାନ୍ତି କିନ୍ତୁ ଚାକିରି କରିବା ନିମନ୍ତେ ଯୋଗ୍ୟତା ନିଶ୍ଚୟ ହାସଲ କରିଥାନ୍ତି।

## ଏମାନେ କ'ଣ କହନ୍ତି

### ଘରେ ମନା କରିଥିଲେ



ଇକୋନୋମିକ୍ସରେ ପିଜି ସରିବା ପରେ ମତେ ଚାକିରି କରିବାର ବହୁତ ସୁଯୋଗ ମିଳିଥିଲା। କିନ୍ତୁ ସେତେବେଳେ ବିବାହ ହୋଇ ନ ଥିବାରୁ ଘରେ ଚାକିରି କରିବାକୁ ମନା କରିଥିଲେ। ଆଉ ବାପାଙ୍କ କଥା ଅନୁସାରେ ସେତେବେଳେ ମୁଁ ଏମ୍. ଫିଲ୍ କରିବା ପରେ ବି ଚାକିରି କରି ନ ଥିଲି। କିନ୍ତୁ ବିବାହ ପରେ ଚାକିରି କରିବା ପାଇଁ ମୋ ସ୍ୱାମୀ ହିଁ ମତେ ପ୍ରଥମେ ପ୍ରେରଣା ଦେଇଥିଲେ। ତା'ପରେ ସେ ମତେ ଭୁବନେଶ୍ୱରରେ ପିଏଚ.ଡି କରିବାର ସୁଯୋଗ ଦେବା ସହିତ ବିଭିନ୍ନ ଇଣ୍ଟରଭ୍ୟୁ ଦେବା ପାଇଁ ସହଯୋଗ କରିଥିଲେ। ତାଙ୍କ ସମର୍ଥନ ଆଉ ସହଯୋଗରେ ଏବେ ମୁଁ ପିଏଚ୍.ଡି ଶେଷ କରିବା ସହ ଅଧ୍ୟାପିକା ହୋଇପାରିଛି।

**–ଡକ୍ଟର ଦୀପ୍ତିରେଖା ନାୟକ**

*ସହକାରୀ ଅଧ୍ୟାପିକା, ବିପିୟୁଟି ଅଧୀନସ୍ଥ ଏନ୍ଏମ୍ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର*

### କ୍ୟାରିୟର ଗଢ଼ିପାରିଛି



ଚାକିରି କରିବା ଉଦ୍ଦେଶ୍ୟରେ ମତେ ଘରେ ପାଠ ପଢ଼ିବା ପାଇଁ ସବୁ ପ୍ରକାରର ସୁଯୋଗ ଦେଇଥିଲେ। କିନ୍ତୁ ଶାଶୁଘର ଲୋକେ ଅନୁମତି ଦେଲେ ଚାକିରି କରିବୁ କହି ବିବାହ ଆଗରୁ ଚାକିରି କରିବାକୁ ଦେଇ ନ ଥିଲେ। ଅବଶ୍ୟ ମୋର ଭାଗ୍ୟ ବହୁତ ଭଲ ଯେ ଶାଶୁ ଘରେ ମତେ ଚାକିରି କରିବାକୁ କେହି ବି ବାରଣ କରି ନ ଥିଲେ। ସ୍ୱାମୀ ତଥା ଶାଶୁ ଶ୍ୱଶୁରଙ୍କ ସମର୍ଥନରେ ମୁଁ ଏବେ ମୋ କ୍ୟାରିୟର ଗଢ଼ିବାର ସ୍ୱପ୍ନ ପୂରଣ କରିପାରିଛି।

***–ସାଇପଦ୍ମା ପରିଜା**, ଅଧ୍ୟାପିକା, କୋରୁଆ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା*

### ସମସ୍ତଙ୍କର ସହଯୋଗ ମିଳିଲା



ପାଠ ପଢା ସରିବା ପରେ ପରେ ମୋର ବିବାହ ହୋଇ ଯାଇଥିଲା। ତେଣୁ ଚାକିରି କରିବାର ସୁଯୋଗ ପାଇ ପାରି ନ ଥିଲି। କିନ୍ତୁ ବିବାହ ପରେ ମତେ ଶାଶୁଘରର ସମସ୍ତେ ଚାକିରି କରିବା ପାଇଁ ଉତ୍ସାହିତ କରିଥିଲେ। ମୋର ଶିକ୍ଷାଗତ ଯୋଗ୍ୟତା ଥିବାରୁ ମୋ ସ୍ୱାମୀ ମତେ ଚାକିରି କରିବା ପାଇଁ ସମସ୍ତ ପ୍ରକାରର ସହଯୋଗ କରିଥିଲେ। ସେଥିପାଇଁ ମୁଁ ଆଜି ଆତ୍ମନିର୍ଭରଶୀଳ ହେବା ସହିତ ନିଜର ଏକ ପରିଚୟ ସୃଷ୍ଟି କରିପାରିଛି।

***–ରାଜଶ୍ରୀ ଧଳ**,ସେଲ୍ସ କନ୍‌ସଲଟାଣ୍ଟ, ଟାଟା ମୋଟର୍ସ*

**ସବୁବେଳେ ସମ୍ମତି ମିଳେନି:** ଝିଅମାନେ ଏବେ ସବୁକ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରୁଛନ୍ତି। ତେଣୁ କେତେଜଣ ଏମିତି କିଛି କ୍ୟାରିୟର ବାଛୁଛନ୍ତି ଯେଉଁଥିପାଇଁ ସେମାନଙ୍କୁ ଘର ଛାଡି ଦୂରକୁ ଯିବାକୁ ପଡୁଛି। ତେଣୁ ଅନେକ ସମୟରେ ପରିବାର ଲୋକେ ଝିଅମାନଙ୍କୁ ଘର ଠାରୁ ଦୂରକୁ ଛାଡିବା ପାଇଁ ରାଜି ହୁଅନ୍ତି ନାହିଁ। ସେହି କାରଣରୁ କିଛି ଯୁବତୀ ବିବାହ ପୂର୍ବରୁ ଚାକିରି ବି କରି ପାରି ନ ଥାନ୍ତି।

**ଊଣା ହୁଏ ସମ୍ମାନ:**ବେଳେବେଳେ ଝିଅକୁ ପାଠ ପଢାଇ ସମ୍ପୂର୍ଣ୍ଣ ଯୋଗ୍ୟ କରିବାକୁ ସବୁ ପ୍ରକାରର ସହଯୋଗ କରିଥାନ୍ତି ପରିବାର ଲୋକେ। କିନ୍ତୁ ଚାକିରି କରିବା ସମୟ ଆସିଲେ ସେମାନେ ପ୍ରତିବନ୍ଧକ ସାଜିଥାନ୍ତି। ଝିଅମାନେ ଚାକିରି କରି ରୋଜଗାର କରିବାକୁ ଅନେକେ ସମ୍ମାନରେ ଆଞ୍ଚ ଆସିବା ଭଳି ମନେ କରିଥାନ୍ତି। ଏହି କାରଣରୁ ବି ବିବାହ ପୂର୍ବରୁ ଚାକିରି କରିବାର ସୁଯୋଗ ପାଆନ୍ତି ନାହିଁ କିଛି ଯୁବତୀ।

**ଶାଶୁଘର କେଉଁଠି:**ବିବାହ ପରେ ଝିଅ ଶାଶୁଘର କେଉଁଠି ହେବ ସେକଥା ଅନେକଙ୍କୁ ଜଣା ନ ଥାଏ। ତେଣୁ ବିବାହ ପରେ ଅନେକ ସମୟରେ ଝିଅମାନଙ୍କୁ ଚାକିରି ଛାଡିବାକୁ ପଡିଥାଏ। କିନ୍ତୁ ବେଳେବେଳେ ଭଲ ଚାକିରି ଛାଡି ହୁଏନି କି ଭଲ ବିବାହ ପ୍ରସ୍ତାବକୁ ବି ଛାଡିହୁଏନି। ତେଣୁ ଏଭଳି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କେତେକ ପରିବାରରେ ଝିଅମାନଙ୍କୁ ବିବାହ ପୂର୍ବରୁ ଚାକିରି କରିବା ପାଇଁ ପ୍ରାୟତଃ ମନା କରିଥାନ୍ତି।

# ଫ୍ୟାଶନ ଟିପ୍ସ

ଋତୁ ଅନୁସାରେ ସବୁବେଳେ ଫ୍ୟାଶନ ଟ୍ରେଣ୍ଡ ବି ବଦଳିଥାଏ। ଏବେ ଖରାଦିନ ଆସିଯାଇଥିବାରୁ ଫ୍ୟାଶନ ଟ୍ରେଣ୍ଡରେ ଅପଡେଟ୍ ରହିବା ପାଇଁ ଜାଣି ରଖନ୍ତୁ କିଛି ଟିପ୍ସ..





- ➡ସମର ଫ୍ୟାଶନରେ ଫ୍ଲୋରାଲ ପ୍ରିଣ୍ଟର ଚାହିଦା ବହୁତ ରହିଥାଏ। ତେଣୁ ବାହାରକୁ ଯାଉଥିଲେ କିମ୍ବା କୌଣସି ଟ୍ରିପରେ ଯାଉଥିଲେ ଆଖି ବନ୍ଦ କରି ଯେକୌଣସି ପ୍ରକାରର ଫ୍ଲୋରାଲ ପ୍ରିଣ୍ଟ ପିନ୍ଧନ୍ତୁ, ଷ୍ଟାଇଲିସ୍ ଦେଖାଯିବେ।
- ➡ଫ୍ଲୋରାଲ ପ୍ରିଣ୍ଟ ସହିତ ନାଚୁରାଲ ବେବି ହେୟାର ଷ୍ଟାଇଲ୍ କରନ୍ତୁ ଭଲ ଲାଗିବ।
- ➡ସ୍କର୍ଟ ଏବଂ ପ୍ଲାଜୋ ମଧ୍ୟ ଏହି ସିଜନରେ ବେଶ୍ ଭଲ ମାନିବ। ତେଣୁ ଯେକୌଣସି ପ୍ରକାରର ଟପ୍ ସହିତ ସ୍କର୍ଟ କିମ୍ବା ପ୍ଲାଜୋ ପିନ୍ଧନ୍ତୁ।
- ➡ଯେକୌଣସି ଡ୍ରେସରେ ଷ୍ଟାଇଲିସ୍ ଦେଖାଯିବା ପାଇଁ ହେଲେ ଡ୍ରେସ ଉପରେ ଛୋଟ ଜ୍ୟାକେଟ୍ ପିନ୍ଧନ୍ତୁ। ଷ୍ଟାଇଲିସ୍ ଲାଗିବେ।
- ➡ଟ୍ରାଡିଶନାଲ ଫଙ୍କ୍‌ସନ୍ ହେଉ କି ଇଭେଣ୍ଟ ହେଉ ଫ୍ୟାଶନ ଟ୍ରେଣ୍ଡରେ ଶାଢି ସବୁଠୁ ଭଲ ଅପସନ୍। ଏହି ଫ୍ୟାଶନ କେବେ ପୁରୁଣା ହୁଏନି। ତେଣୁ କେବେକେବେ ଶାଢି ସହିତ ହେଭି ଜୁଏଲେରି ମେକଅପ୍ ନିଅନ୍ତୁ, ପରଫେକ୍ଟ ଲୁକ୍ ମିଳିବ।
- ➡ଯଦି ସିମ୍ପଲ ଡିଜାଇନ୍ ଡ୍ରେସ ପିନ୍ଧୁଛନ୍ତି ତେବେ ସେହିଭଳି ଟ୍ରାଡିଶନାଲ ହେୟାର ଷ୍ଟାଇଲ୍ କରନ୍ତୁ।

## ଖାଦ୍ୟ ରୁଚି

# ପନିର ପକୋଡ଼ା



**ଆବଶ୍ୟକ ସାମଗ୍ରୀ–**

ପନିର– ୨୦୦ ଗ୍ରାମ୍, ଧଳା ରାଶି– ୪ ବଡ଼ ଚାମଚ, ମଇଦା– ୪ ବଡ଼ ଚାମଚ, ରସୁଣ– ୫–୬ଟି, ଅଦା– ଛୋଟ ଖଣ୍ଡ, କଞ୍ଚାଲଙ୍କା– ୨ଟି, ଗରମ ମସଲା ଗୁଣ୍ଡ– ୧ ଚାମଚ, ଚାଟ ମସଲା ଗୁଣ୍ଡ– ୧ ଚାମଚ, ବ୍ରେଡ ଖଣ୍ଡ– ୧ କପ୍, ଚାଉଳ ଗୁଣ୍ଡ– ୨ ବଡ଼ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ଲଙ୍କାଗୁଣ୍ଡ, ଆବଶ୍ୟକ ଅନୁସାରେ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ପନିରକୁ ବଡ଼ ବଡ଼ ଖଣ୍ଡ କରି କାଟି ଦିଅନ୍ତୁ। ରସୁଣ ଓ ଅଦାକୁ ମଧ୍ୟ ଛୋଟ ଛୋଟ କରି କାଟି ରଖନ୍ତୁ। ମଇଦାରେ ଲୁଣ ଏବଂ ଅନ୍ୟ ସମସ୍ତ ପ୍ରକାରର ମସଲା ଗୁଣ୍ଡକୁ ମିଶାଇ ଏକ ଘୋଳ ତିଆରି କରି ଦିଅନ୍ତୁ। ଘୋଳକୁ ବେଶି ପତଳା କରନ୍ତୁ ନାହିଁ। ପନିର ଖଣ୍ଡଗୁଡ଼ିକୁ ଏହି ଘୋଳରେ ପକାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଚାଉଳ ଗୁଣ୍ଡ, ବ୍ରେଡ ଖଣ୍ଡ ଏବଂ ଲୁଣକୁ ମିଶାଇ ରଖନ୍ତୁ। ଏବେ ପନିର ଖଣ୍ଡଗୁଡିକୁ ସେହି ଘୋଳରୁ ବାହାର କରି ଏହି ଶୁଖିଲା ମିଶ୍ରଣରେ ଗଡାଇ ତେଲରେ ଛାଣି ନିଅନ୍ତୁ। ବାଦାମୀ ରଙ୍ଗ ହେଲା ପରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପନିର ପକୋଡା। ଏହାକୁ ଗରମ ଗରମ ସସ୍ ସହିତ ଖାଆନ୍ତୁ।

# ଗାର୍ଡେନିଂ କରୁଥିଲେ...

ଗାର୍ଡେନିଂ କରିବା ପାଇଁ ଅଧିକାଂଶ ମହିଳାଙ୍କୁ ଭଲ ଲାଗିଥାଏ। ସେଥିପାଇଁ କିଏ କିଚେନ୍ ଗାର୍ଡେନ କରନ୍ତି ତ କିଏ ବିଭିନ୍ନ ପ୍ରକାରର ଫୁଲ ଗଛ ସବୁ ଲଗାଇଥାନ୍ତି। ତେବେ ବାଡିବଗିଚା କିମ୍ବା କୁଣ୍ଡରେ ଗଛ ଲଗାଇଥିଲେ ସେସବୁର କିଭଳି ଯତ୍ନ ନେବେ ସେନେଇ ଜାଣି ରଖନ୍ତୁ...



- ➔ଘରେ ଯେକୌଣସି ଗଛ ଲଗାନ୍ତୁ ସେଥିରେ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରନ୍ତୁ।
- ➔ଘରେ ତିଆରି ହୋଇ ସାରିବା ପରେ ଫିଙ୍ଗା ହେଉଥିବା ଚା' ପତି ଏକ ଭଲ ଜୈବିକ ସାରଭାବେ କାମ ଦେଇଥାଏ। ତେଣୁ ଚା' ସରିବା ପରେ ଚା'ପତିକୁ ଶୁଖାଇ ତାକୁ ଗଛ ମୂଳରେ ଦିଅନ୍ତୁ।
- ➔ବିଭିନ୍ନ ପ୍ରକାରର ପରିବା ଚୋପାକୁ ମଧ୍ୟ ସାର ତିଆରି କରି ଗଛ ମୂଳରେ ଦେଇପାରିବେ।
- ➔ପିଆଜ ଚୋପାକୁ ଆପଣ କୀଟନାଶକଭାବେ ବ୍ୟବହାର କରିପାରିବେ। ଏଥିପାଇଁ ଏକ ବୋତଲରେ ପାଣି ସହିତ ପିଆଜ ଚୋପାକୁ ପକାଇ ତିନି ଦିନ ରଖି ଦିଅନ୍ତୁ। ଏହାପରେ ଏହି ପାଣିକୁ ବାହାର କରି ଗଛରେ ସ୍ପ୍ରେ କରନ୍ତୁ। ଗଛରେ ପୋକ ଲାଗିବେ ନାହିଁ।
- ➔ଗଛର ବୃଦ୍ଧି ଅନୁସାରେ ସେସବୁକୁ ଉପଯୁକ୍ତ ସ୍ଥାନରେ ଲଗାନ୍ତୁ। ଯଦି ବଡ ଗଛକୁ ଛୋଟ କୁଣ୍ଡରେ ଲଗାଇବେ ତେବେ ତାହା ଠିକ୍ ଭାବେ ବଢି ପାରିବ ନାହିଁ। ତେଣୁ ଗଛକୁ ଏକ ସ୍ପେଶ୍ ଦିଅନ୍ତୁ।
- ➔ବେଳେବେଳେ ଭିଟାମିନ୍ କିମ୍ବା କ୍ୟାଲସିୟମ୍ ଭଳି ଔଷଧ ଅଧିକ ଦିନ ରହିବା ଫଳରେ ତାହା ଏକ୍ସପାୟାର ହୋଇଯାଏ। ଏହି ସବୁ ଔଷଧକୁ ଡଷ୍ଟବିନରେ ଫିଙ୍ଗନ୍ତୁ ନାହିଁ, ବରଂ ଏହାକୁ ସିଧାସଳଖ ଗଛ ଲଗାଇଥିବା କୁଣ୍ଡରେ ପକାଇ ଦିଅନ୍ତୁ। ଏହା ଫଳରେ ଗଛର ଭଲ ଗ୍ରୋଥ ହେବା ସହିତ ଗଛରେ ପୋକ ଲାଗିବେ ନାହିଁ।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୯/୨୦୨୧ Bhubaneswar, Tuesday, March 9/ 2021

# ସ୍ୱସ୍ତି ସିଂଙ୍କୁ ସ୍ୱର୍ଣ୍ଣପଦକ

ଭୁବନେଶ୍ୱର, ୮।୩ (କ୍ରୀଡ଼ା ପ୍ରତିନିଧି)



ପୋଡିୟମରେ ସ୍ୱର୍ଣ୍ଣପଦକ ଗ୍ରହଣ ଅବସରରେ ସ୍ୱସ୍ତି ସିଂ (ମଝି)।

**ଜାତୀୟ ସିନିୟର ରୋଡ୍ ରେସ୍ ସାଇକ୍ଲିଂ ଚାମ୍ପିୟନଶିପ୍**

ଅନ୍ତର୍ଜାତୀୟ ମହିଳା ଦିବସରେ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି ସାଇକ୍ଲିଂ ପ୍ରତିଭା ସ୍ୱସ୍ତି ସିଂ। ନବିମୁମ୍ବାଇରେ ୫ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ୨୫ତମ ଜାତୀୟ ସିନିୟର, ଏଲିଟ୍, ଜୁନିୟର ଓ ୟୁଥ୍ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ର ମହିଳା ୬୦ କିଲୋମିଟର ରେସ୍ରେ ସେ ଏହି ସଫଳତା ପାଇଛନ୍ତି। ସ୍ୱସ୍ତି ୧୯ ବର୍ଷରୁ କମ୍ ହୋଇଥିଲେ ହେଁ ସିନିୟର ବିଭାଗରେ ରେସ୍ କରି ଚମତ୍କାରିତା ଦେଖାଇଛନ୍ତି। ସେ ୦୨:୦୦:୨୫.୪୬୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କର୍ନାଟକର ଦନାମ୍ମା ଚିଚାଖଣ୍ଡି ରୌପ୍ୟ ଏବଂ ଆରଏସ୍ପିବିର କୋମଲ ଦେଶମୁଖ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରେସ୍ ପ୍ରକୃତରେ ୧୦୦ କିଲୋମିଟର ବିଶିଷ୍ଟ ଥିଲା। ମାତ୍ର ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାକୁ ୬୦ କିମି ବିଶିଷ୍ଟ କରାଯାଇଥିଲା। ସ୍ୱସ୍ତିଙ୍କ ରକ୍ତଚାପ ବହୁତ ବଢ଼ି ଯାଇଥିଲା। ଏହା ସତ୍ତ୍ୱେ ସେ ସାହସର ସହ ରେସ୍ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ ବୋଲି ସ୍ୱସ୍ତିଙ୍କ କୋଚ୍ ସୁଶୀଲ କୁମାର ଦାସ ପ୍ରକାଶ କରିଛନ୍ତି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ କ୍ୟାଡେଟ ସ୍ୱସ୍ତିଙ୍କର ସାଇକେଲ ଚାଳନା ବେଗ ଘଣ୍ଟାପ୍ରତି ୨୯.୮୯ କିମିଥିଲା। ସ୍ୱସ୍ତି ଚଳିତ ମାସରେ ହାଇଦ୍ରାବାଦରେ ହେବାକୁଥିବା ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍ରେ ଭାଗନେବେ। ଏହା ବ୍ୟତୀତ ନଭେମ୍ବରରେ ହେବାକୁଥିବା ଖେଲୋ ଇଣ୍ଡିଆ ଜାତୀୟ କ୍ରୀଡ଼ାରେ ମଧ୍ୟ ସେ ଅଂଶଗ୍ରହଣ କରିବେ।

ଉମା ଦେବୀ ଓ ଅମର ସିଂଙ୍କ କନ୍ୟା ସ୍ୱସ୍ତି ସୁଶୀଲ କୁମାର ଦାସଙ୍କଠାରୁ କୋଚିଂ ନେଇ କ୍ୟାରିୟର ଆଗକୁ ବଢ଼ାଇଛନ୍ତି। ୨୦୧୫ରେ ସାଇକ୍ଲିଂ କ୍ୟାରିୟର ଆରମ୍ଭ କରିଥିବା ଏହି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ଇତିମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ କିଛି ସଫଳତା ମଧ୍ୟ ଅର୍ଜନ କରିସାରିଛନ୍ତି। ୨୦୨୦ ଜାନୁୟାରୀରେ ଗୁଆହାଟୀରେ ଅନୁଷ୍ଠିତ ୩ୟ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା କାଟେଗୋରିରେ ସେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ପାଇଥିଲେ। ଏହାପୂର୍ବରୁ ୨୦୧୮ରେ ହରିୟାଣାରେ ଅନୁଷ୍ଠିତ ୨୩ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପ୍ର ୧୫ କିମି ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଏସିଆନ୍ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିମି ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଅନ୍ତର୍ଜାତୀୟ କ୍ୟାରିୟରକୁ ରୁଦ୍ଧିମନ୍ତ କରିଥିଲେ ସ୍ୱସ୍ତି। ୨୦୧୯ରେ ନୂଆଦିଲ୍ଲୀରେ ଆୟୋଜିତ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍ର ୨ କିମି ବ୍ୟକ୍ତିଗତ ପର୍ଶ୍ୟୁଟ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଅବସରରେ ସେ ୨:୩୫.୧୬୧ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୧୯ରେ ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ୧୩ତମ ଦକ୍ଷିଣ ଏସୀୟ କ୍ରୀଡ଼ାର ମହିଳା ବ୍ୟକ୍ତିଗତ ରୋଡ୍ରେସ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ସ୍ତରରୁ ପ୍ରଦର୍ଶନର ଛାପ ଛାଡ଼ି ସ୍ୱସ୍ତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି।



ସ୍ୱସ୍ତି ସିଂ

# ଲର୍ଡ୍ସ ନୁହେଁ, ସାଉଥାମ୍ପଟନ

**ନୂଆଦିଲ୍ଲୀ,୮।୩ (ପି.ଟି.):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସାଉଥାମ୍ପଟନର ଏଜାସ୍ ବାଓଲ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସୋମବାର ସ୍ପଷ୍ଟ କରିଛନ୍ତି। ଫାଇନାଲ ମ୍ୟାଚ ପ୍ରକୃତରେ ଲର୍ଡ୍ସଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସାଉଥାମ୍ପଟନରେ ଷ୍ଟାଡିୟମ ଭିତରେ ୫ତାରକା ହୋଟେଲର ସମସ୍ତ ସୁବିଧା ଉପଲବ୍ଧ। ତେଣୁ ଦୁଇଟି ଦଳ ପାଇଁ ବାୟୋ-ବବଲ ପ୍ରସ୍ତୁତ କରିବା ପାଇଁ ଉଭୟ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଇସିସି ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷେ ସହଜ ହେବ। ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୩-୧ରେ ଜିତିବା ପରେ ଭାରତ ଫାଇନାଲରେ ପ୍ରବେଶ କରିଛି। ବାଇପାସ୍ ସର୍ଜରି ପରେ ବିସିସିଆଇ ସଭାପତି ଏବେ ମେଡିକାଲ ବ୍ରେକ୍ରେ ଅଛନ୍ତି। ଫାଇନାଲ ମ୍ୟାଚ ଦେଖିବା ଲାଗି ସେ ୟୁନାଇଟେଡ୍ କିଂଡମ୍ (ୟୁକେ) ଯାଇପାରନ୍ତି ବୋଲି ଆଶା କରାଯାଉଛି। ସାଉଥାମ୍ପଟନ ଏକ ସ୍ଲୋ ଟ୍ରାକ୍ ହୋଇଥିବାରୁ ସ୍ପିନରମାନଙ୍କ ଭୂମିକା ରହିବ। ନ୍ୟୁଜିଲାଣ୍ଡକୁ ହରାଇ ଆମେ ଚାମ୍ପିୟନ ହୋଇପାରିବା ବୋଲି ଗାଙ୍ଗୁଲି ଆଶା ପ୍ରକାଶ କରି କହିଛନ୍ତି। ଅବଶ୍ୟ ଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ଇଂଲଣ୍ଡରେ ପହଞ୍ଚି ସାରିଥିବ। ସେଠାରେ ଘରୋଇ ଦଳ ସହ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ସାରିଥିବ। ବିଦେଶରେ ଅଷ୍ଟ୍ରେଲିଆ ଏବଂ ସ୍ୱଦେଶରେ ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଗାଙ୍ଗୁଲି ଭାରତୀୟ ଦଳର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି। ରିଷଭ ପନ୍ତଙ୍କୁ ଜଣେ ମ୍ୟାଚ ବିଜୟୀ ଖେଳାଳି ମାନ୍ୟତା ପ୍ରଦାନ କରିଛନ୍ତି। ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଏକାକୀ ମ୍ୟାଚ ଜିତାଇବାର ସାମର୍ଥ୍ୟ ଏହି ଖେଳାଳିଙ୍କ ନିକଟରେ ରହିଛି। ପନ୍ତ ମୋଟେରାଠାରେ ଚାପରେ ଥାଇ ଶତକ ହାସଲ କରିଥିଲେ। ଏହା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା।

**ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**






# ବଜରଙ୍ଗଙ୍କୁ ସ୍ୱର୍ଣ୍ଣ ସହ ନମ୍ବର ୱାନ୍ ର୍ୟାଙ୍କିଙ୍ଗ୍



ଭାରତୀୟ ରେସ୍‌ଲର ବଜରଙ୍ଗ ପୁନିଆ।

ରୋମ୍, ୮।୩ (ପି.ଟି.)

ଆସନ୍ତା ଅଲିମ୍ପିକ୍ସରେ ଭାଗ ନେବାକୁଥିବା ଭାରତୀୟ ରେସ୍‌ଲର ବଜରଙ୍ଗ ପୁନିଆ ଏଠାରେ ଚାଲିଥିବା ମାଟେଓ ପେଲିକୋନ୍ ର୍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ସହ ତାଙ୍କ ଟାଇଟଲ ବଜାୟ ରଖିଛନ୍ତି। ୬୫ କେଜି ଶ୍ରେଣୀ ଫାଇନାଲରେ ସେ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓଚିରଙ୍କୁ ହରାଇ ଦେଇଛନ୍ତି। ତାଙ୍କର ଏହି ପ୍ରଦର୍ଶନ ପାଇଁ ସେ ବିଶ୍ୱର ର୍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। କରୋନା ମହାମାରୀ ଯୋଗୁ ୧ବର୍ଷ ବ୍ରେକ୍ ପରେ ପ୍ରତିଯୋଗିତାକୁ ଫେରିଥିବା ୨୭ ବର୍ଷୀୟ ବଜରଙ୍ଗଙ୍କ ଲେଗ୍ ଡିଫେନ୍ସରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏକ୍ଷେତ୍ରରେ ତାଙ୍କୁ ଆହୁରି ଉନ୍ନତି ଆଣିବାକୁ ପଡ଼ିବ ବୋଲି ଟୋକିଓ ଗେମ୍ସରେ ଏକ ପଦକ ଲକ୍ଷ୍ୟରେ ଥିବା ଭାରତୀୟ ରେସ୍‌ଲର କହିଛନ୍ତି। ୬୫ କେଜି କାଟେଗୋରିରେ ପ୍ରତିଯୋଗିତା ଜୋର୍‌ଦାର ହୋଇଥାଏ। ମଙ୍ଗୋଲିଆର ଓଚିର ମଧ୍ୟ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବଜରଙ୍ଗ ବର୍ତ୍ତମାନ ଜାତୀୟ କ୍ୟାମ୍ପକୁ ଫେରିବେ। କିନ୍ତୁ ଏପ୍ରିଲ ୯ରୁ ୧୧ ପର୍ଯ୍ୟନ୍ତ କାଜାଖସ୍ତାନରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପୂର୍ବରୁ ସେ ବିଦେଶରେ ଟ୍ରେନିଂ ନେବାକୁ ଚାହାନ୍ତି। ଇଭେଣ୍ଟରେ ଭାଗ ନେବା ପୂର୍ବରୁ ବଜରଙ୍ଗ ର୍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ମାତ୍ର ବର୍ତ୍ତମାନ ୧୪ ପଏଣ୍ଟ ସହ ସେ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛନ୍ତି।

# ଆଇଏସ୍ଏଲ୍: ମୁମ୍ବାଇ ସିଟି ଏଫ୍‌ସି ଫାଇନାଲରେ

**ବାମ୍ବୋଲିମ୍, ୮।୩:** ମୁମ୍ବାଇ ସିଟି ଏଫ୍‌ସି ପ୍ରଥମ ଥର ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ସୋମବାର ଏଫ୍‌ସି ଗୋଆ ଏବଂ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ଦ୍ୱିତୀୟ ଲେଗ୍ ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଏବଂ ପରେ ଅତିରିକ୍ତ ସମୟ ଖେଳ ଗୋଲଶୂନ୍ୟ ଡ୍ର ରହିଥିଲା। ଫଳରେ ଶୁଟ୍‌ଆଉଟ୍ ପରେ ସଡନ୍‌ଡେଥ୍‌ର ସହାୟତା ନିଆଯାଇଥିଲା। ଏଥିରେ ମୁମ୍ବାଇ ସିଟି ଏଫ୍‌ସି ୬-୫ ଗୋଲରେ ବିଜୟ ଲାଭ କରିଥିଲା। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ ମ୍ୟାଚ ୨-୨ରେ ଡ୍ର ରହିଥିଲା। ମୁମ୍ବାଇ ସିଟି ଏଫ୍‌ସି ପ୍ରଥମେ ଲିଗ୍ ଚାମ୍ପିୟନ ହେବା ପରେ ଏବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଏଟିକେ ମୋହନବାଗାନ ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଦ୍ୱିତୀୟ ଲେଗ୍ ସେମିଫାଇନାଲ ହେବ। ମୁମ୍ବାଇ ସିଟି ଏହି ମ୍ୟାଚର ବିଜେତା ସହ ଫାଇନାଲ ଖେଳିବ।

# ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ମ୍ୟାଚ ଖେଳିବ ଭାରତୀୟ ମହିଳା ଦଳ

**ମୁମ୍ବାଇ, ୮।୩ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଇଂଲଣ୍ଡ ବିପକ୍ଷରେ ଭାରତ ଏକ ମାତ୍ର ଟେଷ୍ଟ ମ୍ୟାଚ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ସୋମବାର ଏହା ଘୋଷଣା କରିଛନ୍ତି। ଏହାପୂର୍ବରୁ ୨୦୧୪ ଡିସେମ୍ବରରେ ମହୀଶୂରରେ ମିଥାଲି ରାଜ ଏବଂ ତାଙ୍କ ଦଳ ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ଖେଳିଥିଲେ। ୬ ବର୍ଷ ବ୍ୟବଧାନରେ ଆଉ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଯାଉଛି। କୋଭିଡ୍ ଯୋଗୁ ୧୨ ମାସ ବ୍ରେକ୍ ପରେ 'ଓମେନ୍ ଇନ୍ ବ୍ଲୁ' ବର୍ତ୍ତମାନ ଲକ୍ଷ୍ନୌରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳୁଛି। ଏହାପରେ ଟି୨୦ ସିରିଜ ଖେଳାଯିବ।






40

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ମହିଳା ଚାଷୀଙ୍କୁ ଚାଷ ଉପକରଣ ବଣ୍ଟନ**

କଣାସ, (ସ୍ୱ.ପ୍ର.): ଲୋକପାଳ ଗ୍ରାମରେ ସୋମବାର ମହିଳା ଚାଷୀମାନଙ୍କୁ ଚାଷ ଉପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କୃପାସିନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାନାଥ ବରାଳ ଯୋଗଦେଇଥିଲେ। ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର ୱିମେନ୍ ଏଗ୍ରିକଲଚର ଓ ବିଶ୍ୱଜୀବନ ସେବା ସଂସ୍ଥା ପକ୍ଷରୁ ସମାବେଶ ଆୟୋଜନ ହୋଇଥିଲା। ରାଧାଶ୍ୟାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଫଳ ସୁଲୋଚନା ମଲ୍ଲିକ, କାବେରୀ ଭୋଇ ଓ କୁମା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ବ୍ରାଉନସୁଗାର, କୋରେକ୍ସ ଜବତ: ୧୨ ଗିରଫ

**ପୁରୀ ଅଫିସ, ୮।୩:** ପୁରୀ ପୋଲିସ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ୍‌ରେ କୋରେକ୍ସ, ବ୍ରାଉନ ସୁଗାର ସେବନ ଓ ବିକ୍ରି ଅଭିଯୋଗରେ ୧୨ଜଣଙ୍କୁ ଗିରଫ କରାଯାଇଛି। ସମୁଦ୍ରକୂଳ ଥାନା ପୋଲିସ ୪ଜଣଙ୍କଠାରୁ ୧୬୦ ବୋତଲ୍, ବଳିଆପଣ୍ଡା ଥାନା ପୋଲିସ ୨ଜଣଙ୍କଠାରୁ ୨୪ ବୋତଲ୍, ବାସେଳୀ ସାହି ଥାନା ପୋଲିସ ୩ ଜଣଙ୍କଠାରୁ ୮୪ ବୋତଲ୍, ଟାଉନ୍ ଥାନା ପୋଲିସ ଜଣଙ୍କଠାରୁ ୧୫ ବୋତଲ କୋରେକ୍ସ ଜବତ କରିଛି। ସେହିପରି କୁମ୍ଭାରପଡ଼ା ଥାନା ପୋଲିସ ଜଣଙ୍କଠାରୁ ୧୦ ଗ୍ରାମ ଓ ତାଳବଣିଆ ଥାନା ପୋଲିସ ଜଣଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ୧୨ ଜଣଙ୍କଠାରୁ ମୋଟ ୨୦ ଗ୍ରାମ ବ୍ରାଉନସୁଗାର ଓ ୨୬୫ ବୋତଲ କୋରେକ୍ସ ଜବତ ହୋଇଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମହିଳା ବିକାଶ ସମାବେଶ

**କୋଣାର୍କ,୮।୩(ଡି.ଏନ୍.ଏ.):** ସ୍ଥାନୀୟ ଯାତ୍ରୀନିବାସ ପରିସରରେ ମହିଳା ବିକାଶ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅର୍କକ୍ଷେତ୍ର ବହୁମୁଖୀ କୋଅପରେଟିଭ ସୋସାଇଟି ପକ୍ଷରୁ ଆୟୋଜିତ ଉତ୍ସବରେ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଧାପିକା ପ୍ରତିଭା ମହାରଥୀ, ବିଜୟଲକ୍ଷ୍ମୀ ସାହୁ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ଗୋପ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପରିଡ଼ା ପ୍ରମୁଖ ଯୋଗଦେଇ ମହିଳାଙ୍କ ଅଧିକାର ସମ୍ବନ୍ଧରେ ମତପ୍ରକାଶ କରିଥିଲେ। ସୋସାଇଟି ସମ୍ପାଦିକା ମିନର୍ଭା ରଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ଗୋପ ଓ ଅସ୍ତରଙ୍ଗ ବ୍ଲକର ସରପଞ୍ଚ, କୋଣାର୍କ ଅଞ୍ଚଳର ଖବରଦାତା ଓ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ସଞ୍ଚାଳନ କରିଥିବାବେଳେ ସୋସାଇଟିର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ମାଟି ପାଇଁ ଆକ୍ରମଣ

**ବ୍ରହ୍ମଗିରି,୮।୩(ଡି.ଏନ୍.ଏ.):** ବ୍ରହ୍ମଗିରି ଅଞ୍ଚଳରେ ମାଟି ଓ ବାଲି ଚାଲାଣ ବେଳେ ବାରଣ କରିବାରୁ ଜଣେ ଯୁବକ ଆକ୍ରମଣର ଶିକାର ହୋଇଛନ୍ତି। ବ୍ରହ୍ମଗିରି ଥାନା ଅନ୍ତର୍ଗତ କୁଶୁପୁର ଗ୍ରାମରେ ଥିବା ଏକ ଗ୍ରାମ୍ୟ ଜଙ୍ଗଲରୁ ଜଣେ ବ୍ୟକ୍ତି ବେଆଇନ ଭାବେ ମାଟି ଉଠାଇ ବିକ୍ରି କରୁଥିଲେ। ଏ ନେଇ ରବିବାର ଉକ୍ତ ଗ୍ରାମର ସୁଦର୍ଶନ ବେହେରା ଏହାକୁ ବାରଣ କରିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ସୁଦର୍ଶନ ଗୁରୁତର ହୋଇ ଥାନାରେ ଅଭିଯୋଗ କରିବା ସହ ଏହି ଘଟଣାର ତଦନ୍ତ କରିବା ପାଇଁ ବ୍ରହ୍ମଗିରି ତହସିଲଦାରଙ୍କୁ ଏକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁଶୁପୁର ରାଜସ୍ୱ ନିରୀକ୍ଷକ ଗୌରୀପ୍ରସାଦ ମହାପାତ୍ର କୁହନ୍ତି, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବାଦୀପାଲା ଆରମ୍ଭ

**ବ୍ରହ୍ମଗିରି,୮।୩(ଡି.ଏନ୍.ଏ.):** ବ୍ରହ୍ମଗିରିସ୍ଥିତ ଐଶାନେଶ୍ୱର ଦେବଙ୍କ ନିକଟରେ ବାଦିପାଲା ଉତ୍ସବ ଓ ଜାଗର ଯାତ୍ରା ରବିବାରରୁ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୫ଦିନ ଧରି ଚାଲିବ। ଓଡ଼ିଶାର ଲୋକକଳା ପାଲା ଅନେକ ମଞ୍ଚରୁ କ୍ରମଶଃ ଲୁଚି ଲୁଚି ଯାଉଥିବା ସମୟରେ ଏହି ଅନୁଷ୍ଠାନ ଅନେକ ବର୍ଷ ଧରି ଏହାକୁ ଚଳାଇ ଆସୁଛି। ଚଳିତ ବର୍ଷ ଏହି ପୀଠରେ ପାଲା ପରିବେଷଣ କରାଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି କଟକଣା ମଧ୍ୟରେ ଏହି ପାଲା ପରିବେଷଣ କରାଯାଉଛି। ମହା ଶିବରାତ୍ରି ଦିନ ଏହାର ଉଦ୍‌ଯାପନ ହେବ।

### ଦକ୍ଷିଣପାର୍ଶ୍ୱ ମଠ ମହନ୍ତଙ୍କ ପରଲୋକ

**ପୁରୀ ଅଫିସ, ୮।୩:** ଦକ୍ଷିଣପାର୍ଶ୍ୱ ମଠ ମହନ୍ତ ଶ୍ରୀନିବାସ ରାମାନୁଜ ଦାସଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ବର୍ଷ ହୋଇଥିଲା। ଶ୍ରୀରାମାନୁଜ ସମ୍ପ୍ରଦାୟର ସେ ସବୁଠାରୁ ବୟୋଜ୍ୟେଷ୍ଠ ମହନ୍ତ ଥିଲେ। ବୟସାଧିକ ଅସୁସ୍ଥତା କାରଣରୁ ସେ ଗତ କିଛିଦିନ ଧରି ଭୁବନେଶ୍ୱର ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ବିୟୋଗ ଘଟିଛି। ତାଙ୍କ ମୃତଦେହକୁ ପୁରୀ ଅଣାଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଅବସରରେ ଏମାର ମଠ, ଉତ୍ତରପାର୍ଶ୍ୱ ମଠ ଓ କଟକୀ ମଠର ମହନ୍ତ ଉପସ୍ଥିତ ଥିଲେ।

# ପୁରୀ ସହରରେ କ୍ରିକେଟ ଗ୍ରାଉଣ୍ଡ ନାହିଁ

- ଖେଳିବାକୁ ଅନୁମତି ଦେଉନି ଏସ୍‌ସିଏସ୍ କଲେଜ୍
- ନିମାପଡ଼ାରେ ହେଉଛି ଜିଲାସ୍ତରୀୟ ଚୟନ ପ୍ରକ୍ରିୟା

**ପୁରୀ ଅଫିସ,୮।୩**

ପୁରୀ ସହରସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟର ଖେଳପଡ଼ିଆରେ ଦୀର୍ଘଦିନ ଧରି କ୍ରିକେଟ୍ ଖେଳିଆସୁଥିବା କ୍ଲବ୍ ପିଲାଙ୍କୁ ସୋମବାର ଖେଳିବା ପାଇଁ ଅନୁମତି ନ ମିଳିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ କ୍ଲବ୍ ଖେଳାଳିମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ପାଇନର୍, ସୋବର୍ସ ଓ ମହାବୀର ପ୍ରଭୃତି ବିଭିନ୍ନ କ୍ରିକେଟ୍ କ୍ଲବ୍‌ର ଖେଳାଳିମାନେ ଏସ୍‌ସିଏସ୍ କଲେଜ ଖେଳପଡ଼ିଆରେ ପ୍ରତିଦିନ ଅଭ୍ୟାସ କରିଥାନ୍ତି। ମାତ୍ର ଏବେ କଲେଜ କର୍ତ୍ତୃପକ୍ଷ ଏଥିଲାଗି ଅନୁମତି ଦେଉନାହାନ୍ତି। କ୍ରିକେଟ୍ ଅଭ୍ୟାସ ପାଇଁ ପୁରୀ ସହରରେ ଅନ୍ୟ ବିକଳ୍ପ ସ୍ଥାନ ନ ଥିବାରୁ ଖେଳାଳିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସମ୍ପ୍ରତି ଜିଲାସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟା ଚାଲିଛି। ଏସ୍‌ସିଏସ୍ କଲେଜ ଏକମାତ୍ର ପଡ଼ିଆ, ଯେଉଁଠାରେ ଏହି ଚୟନ ପ୍ରକ୍ରିୟା ହୋଇଥାଏ। କଲେଜ କର୍ତ୍ତୃପକ୍ଷ ଅନୁମତି ନ ଦେବାରୁ ଚୟନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ। ତେବେ ଅତିରିକ୍ତ ଜିଲାପାଳ ଅଭିଯୋଗ ଶୁଣିବା ପରେ ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଅଣଛାତ୍ରଙ୍କୁ କଲେଜ କ୍ୟାମ୍ପସ ଓ ପଡ଼ିଆରେ ପ୍ରବେଶ କଟକଣା ଦାବିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କଲେଜ ଉପାଧ୍ୟକ୍ଷ ଶଙ୍କର୍ଷଣ ଦାସ କହିଛନ୍ତି, ଖେଳିବାକୁ ଆସୁଥିବା ପିଲାମାନେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଓ ଖରାପ ମନ୍ତବ୍ୟ ରଖୁଛନ୍ତି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରୁଛନ୍ତି। ଏଣୁ ସର୍ବସମ୍ମତି କ୍ରମେ କଲେଜ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ମାତ୍ର ଏଭଳି ଅଭିଯୋଗକୁ ଖେଳାଳିମାନେ ଖଣ୍ଡନ କରିଛନ୍ତି। କଲେଜ ପଡ଼ିଆରେ ସେମାନଙ୍କୁ ଖେଳାଇ ନ ଦିଆଯିବା ପାଇଁ ଏଭଳି ମିଥ୍ୟା ଅଭିଯୋଗ ଅଣାଯାଉଛି ବୋଲି ଖେଳାଳିମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରରେ କ୍ରିକେଟ ଖେଳିବା ପାଇଁ ଭଲ ପଡ଼ିଆଟିଏ ନାହିଁ। ଚଳିତ ବର୍ଷର ୧୬ ବର୍ଷରୁ କମ୍ କ୍ରିକେଟ ମ୍ୟାଚ୍ ନିମାପଡ଼ା କ୍ରିକେଟ ଗ୍ରାଉଣ୍ଡରେ ହୋଇଛି। ସିନିୟର ଓ ୧୯ ବର୍ଷରୁ କମ୍ ପିଲାଙ୍କ ମ୍ୟାଚ୍ ମଧ୍ୟ ନିମାପଡ଼ାରେ କରାଯିବ। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବିଶଙ୍କର ପ୍ରତିହାରୀ କହିଛନ୍ତି, ପ୍ରଥମେ ଜିଲାସ୍କୁଲ ଓ ଏବେ ଏସ୍‌ସିଏସ୍ କଲେଜ କର୍ତ୍ତୃପକ୍ଷ ଖେଳିବାକୁ ମନା କରିବା ପରେ ଆମେ ନିରାଶ ହୋଇପଡ଼ିଛୁ। ଏବେ ୧୬ବର୍ଷରୁ କମ୍ ପିଲାଙ୍କ ଖେଳ ନିମାପଡ଼ାରେ ଚାଲିଛି। ପ୍ରତିଦିନ ବସ୍ ଯୋଗେ ପିଲାଙ୍କୁ ସେଠାକୁ ନେଉଛୁ। ସେହିଭଳି ୧୯ ବର୍ଷରୁ କମ୍ ଓ ସିନିୟର ବିଭାଗ ପିଲାଙ୍କ ପାଇଁ ମଧ୍ୟ ଏଭଳି ବ୍ୟବସ୍ଥା କରିବାକୁ ପଡ଼ିବ। ନିମାପଡ଼ା ହିଁ ଆମ ପାଖରେ ଏକମାତ୍ର ବିକଳ୍ପ। ଏ ନେଇ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ କହିଛନ୍ତି, ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏକ ପଡ଼ିଆ ତିଆରି ଚାଲିଛି। ଏହା ସରିବାକୁ ୧ ବର୍ଷ ଲାଗିବ। ଏହା ପ୍ରସ୍ତୁତ ସରିଲେ ସେଠାରେ ଖେଳାଳିମାନେ କ୍ରିକେଟ ଖେଳିପାରିବେ।



ମହିଳା ଦିବସରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବାଳିକାମାନେ ପିରାମିଡ୍ ପ୍ରଦର୍ଶନ କରୁଛନ୍ତି।



ଭୁବନେଶ୍ୱରସ୍ଥିତ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମହିଳା କର୍ମଚାରୀମାନେ।

## ପାଇଖାନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

**ଗୋପ,୮।୩(ଡି.ଏନ୍.ଏ.)**

ଗୋପ ବ୍ଲକର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଏ ନେଇ ସୋମବାର ଭୁବନେଶ୍ୱରରୁ ଏକ ୩ଜଣିଆ ଭିଜିଲାନ୍ସ ଦଳ ଏହି ପଞ୍ଚାୟତର ତରଡ଼ାପଡ଼ା ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ଅଭିଯୋଗ ଥିବା ୨୬ଟି ପାଇଖାନାରୁ ୨୨ଟି ନିର୍ମାଣ ହୋଇ ହିତାଧିକାରୀଙ୍କୁ ଟଙ୍କା ମିଳିଥିବାବେଳେ ବାକି ୪ଜଣଙ୍କ ପାଇଖାନା ନିର୍ମାଣ ସରିଥିବାବେଳେ ଟଙ୍କା ପାଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବ୍ଲକରେ ପାଇଖାନା ନିର୍ମାଣରେ ଦୁର୍ନୀତି ହେବା ନେଇ ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ଆସିଥିବା ବେଳେ ପୁରୀ ଭିଜିଲାନ୍ସ ବିଭାଗ ପକ୍ଷରୁ ୨ମାସ ତଳେ ନାଗପୁର ପଞ୍ଚାୟତର ୬ଶହ ହିତାଧିକାରୀଙ୍କ କାଗଜପତ୍ର ବିଡିଓ ଦୀପ୍ତିରାଣୀ ଦାସଙ୍କୁ ମଗାଯାଇଥିଲା। ବିଡିଓ ଦାସଙ୍କ ନିର୍ଦ୍ଦେଶରେ ଜଳପରିମଳ ବିଭାଗ ପକ୍ଷରୁ ଏହି ପାଇଖାନାର ସମସ୍ତ ଫାଇଲ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପରେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ମଧ୍ୟ ପାଇଖାନା ନିର୍ମାଣ ନ କରାଯାଇ ଅର୍ଥ ହଡ଼ପ ହୋଇଥିବା ପୁଣି ଅଭିଯୋଗ ହୋଇଥିଲା। ଫଳରେ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଅଧିକାରୀ ମମିତା ପ୍ରଧାନଙ୍କ ନେତୃତ୍ୱରେ ୩ଜଣିଆ ଟିମ ଉକ୍ତ ପଞ୍ଚାୟତର ତରଡ଼ାପଡ଼ା ଗାଁରେ ପହଞ୍ଚି ପାଇଖାନା ନିର୍ମାଣ ସମ୍ପର୍କରେ ତଦନ୍ତ କରିଥିଲେ। ପରେ ଏହି ଟିମ ଆଉ କେତେକ ଗାଁ ମଧ୍ୟ ବୁଲିଥିଲେ। ତଦନ୍ତ ବେଳେ ଗୋପର କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ କାଳୁଚରଣ ନାୟକଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତେରହଲ ଏମ୍ଏମ୍‌ୱାଇ ଟିମ୍ ଚାମ୍ପିୟନ

**ସାକ୍ଷୀଗୋପାଳ,୮।୩(ଡି.ଏନ୍.ଏ.)**

ବଳରାମପୁର ଗଡ଼ ପଞ୍ଚାୟତର ଜୟମହାବୀର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଇଲେଭେନ କମାଣ୍ଡୋକୁ ହରାଇ ତେରହଲ ଗ୍ରାମର ଏମ୍ଏମ୍‌ୱାଇ ଟିମ୍ ଚାମ୍ପିୟନ ହୋଇଛି। ଟସ୍ ଜିଣି ତେରହଲ ଟିମ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୯ ଉଇକେଟ ହରାଇ ୧୭୩ ରନ କରିଥିଲା। ଜବାବରେ ଇଲେଭେନ ଟିମ୍ ୫ ଉଇକେଟ ହରାଇ ୧୦୨ ରନ କରି ପରାଜିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମ୍ମାନିତ ଅତିଥି ରାଜ୍ୟ ଯୁବ ବିଜେଡି ମହାସଚିବ ଏଲିନା ଦାଶ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶ, ସରପଞ୍ଚ ପବିତ୍ରମୋହନ ସ୍ୱାଇଁ, ଗ୍ରାମ ମୁରବୀ କୃପାସିନ୍ଧୁ ପାତ୍ର ଓ ଅରବିନ୍ଦ ପାତ୍ର ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ୨୨ ହଜାର ଟଙ୍କାର ଚେକ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୬ ହଜାର ଟଙ୍କାର ଚେକ ପ୍ରଦାନ କରି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୀଳକଣ୍ଠ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଲାଣ୍ଡୁପଡ଼ା ଗ୍ରାମରେ ମା' ମହାମାୟା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ମ୍ୟାଚର ଅତିଥିଭାବରେ ମାନବିକ ଅଧିକାର ସଂଘ ଜିଲା ସଭାପତି କୈଳାସ ଚନ୍ଦ୍ର ବରାଳ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ୨ଶହ ମିଟର ଯାନବାହନ ନିଷିଦ୍ଧାଞ୍ଚଳ

- ପଙ୍କୋଦ୍ଧାର ଏକାଦଶୀ, ଜାଗର ପାଇଁ ପ୍ରସ୍ତୁତି ଶେଷ
- ଦାୟିତ୍ୱରେ ୩୦ ଅଫିସର, ୧୫ ପ୍ଲାଟୁନ୍ ଫୋର୍ସ

**ପୁରୀ ଅଫିସ, ୮।୩**

ଏଥର କଟକଣା ମଧ୍ୟରେ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଲୋକନାଥ ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରା ହେବାକୁ ଯାଉଛି। ଏନେଇ ପୁରୀ ଜିଲା ପ୍ରଶାସନ ପୂର୍ବରୁ ସବୁଜ ସଙ୍କେତ ଦେଇସାରିଥିବା ବେଳେ ସୋମବାର କାର୍ଯ୍ୟସୂଚୀ ଜାରି କରିଛି। ଉପଜିଲାପାଳ ଭବତାରଣ ସାହୁଙ୍କ ଦସ୍ତଖତରେ ଜାରି ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ, ମଙ୍ଗଳବାର ପଙ୍କୋଦ୍ଧାର ଏକାଦଶୀ ପାଇଁ ରାତ୍ର ୨ଟାରେ ପହୁଡ଼ ଦ୍ୱାର ଖୋଲିବ। ରାତ୍ର ୩ଟାରେ ମଙ୍ଗଳଆଳତି ଓ ଅବକାଶ ନୀତି, ସକାଳ ୬ଟା ମଧ୍ୟରେ ସକାଳ ଧୂପ ହେବ। ସକାଳ ୬ରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘସ୍ନାନ ହେବ। ମାଘସ୍ନାନ ଶେଷ ପରେ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଚାଲିବ। ରାତି ୧୦ରୁ ୧ଟା ମଧ୍ୟରେ ସନ୍ଧ୍ୟା ଧୂପ, ଅନ୍ୟାନ୍ୟ ନୀତି ଓ ବଡସିଂହାର ବେଶ ଅନୁଷ୍ଠିତ ହେବ। ସେହିଭଳି ୧୧ ତାରିଖ ଅର୍ଥାତ୍ ଜାଗର ଯାତ୍ରା ଦିନ ରାତି ୧୨ଟା ୩୦ରେ ଦ୍ୱାର ଖୋଲିବ। ରାତ୍ର ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ପୂଜା ଓ ସୂର୍ଯ୍ୟ ପୂଜା କରାଯିବ। ଭୋର୍ ୪ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି ଓ ଶେଷରେ ୨ରୁ ୩ଟା ମଧ୍ୟରେ ହରିହର ପୂଜା ଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ଭୋଗ ଓ ମହାଦୀପ ପ୍ରଜ୍ଜ୍ୱଳନ କରାଯିବ। ଶ୍ରୀଲୋକନାଥ ଦେବଙ୍କର ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ଖାଇ ରାତ୍ର ୧୧ଟା ୩୦ରେ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ପହଞ୍ଚିବେ। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ଏ ନେଇ ସବୁ ପ୍ରକାର ପ୍ରସ୍ତୁତି ଶେଷ କରିଥିବା ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ଏସ୍‌ପି କହିଛନ୍ତି ଯେ, କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଶୃଙ୍ଖଳିତ ଦର୍ଶନ ପାଇଁ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ। ୩୦ ଅଫିସର, ଜଣେ ଅତିରିକ୍ତ ଏସ୍‌ପି ଏବଂ ଡିଏସ୍‌ପିଙ୍କୁ ଦାୟିତ୍ୱରେ ରଖାଯାଇଛି। ଲୋକନାଥ ମନ୍ଦିର ପାଖାପାଖି ୨ଶହ ମିଟର ଅଞ୍ଚଳକୁ ଯାନବାହନ ନିଷେଧାଞ୍ଚଳ ଘୋଷଣା କରାଯାଇଛି। ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଫଳରେ ଶ୍ରଦ୍ଧାଳୁମାନେ ଚାଲିଚାଲି ମନ୍ଦିର ପର୍ଯ୍ୟନ୍ତ ଯିବେ।

## ମହିଳାଙ୍କ ଶିକ୍ଷା, ସଚେତନତା ଉପରେ ଗୁରୁତ୍ୱ

**ପୁରୀ ଅଫିସ,୮।୩**

ପୁରୀ ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ମହିଳାଙ୍କ ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ଉପସ୍ଥିତ ଥିଲେ।

ପୁରୀ ଜିଲା ବିଜେଡି ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ଏହାକୁ ଜିଲା ସଭାପତି ମହେଶ୍ୱର ମହାନ୍ତି ଉଦଘାଟନ କରିଥିଲେ। ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିନୋଦିନି ଦାସ, ଅରୁଣିମା ନନ୍ଦ, ରଞ୍ଜିତା ମହାନ୍ତି, ସରସ୍ୱତୀ ସାହୁ, ଦିବାକର ପାତ୍ର, ଭକ୍ତଚରଣ ଦାସ, ସବ୍ୟସାଚୀ ମହାପାତ୍ର, ନାରାୟଣ ପଟ୍ଟନାୟକ ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ପିଙ୍କି ପ୍ରଧାନ, ଶଙ୍କର ପରିଡା, ପ୍ରଭଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ଦାଦାଙ୍କୁ ହତ୍ୟା ମାମଲା: ପୁତୁରାକୁ ଆଜୀବନ କାରାଦଣ୍ଡ

**ନିମାପଡ଼ା,୮।୩(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳରେ ଜମିବିବାଦକୁ ନେଇ ଦାଦାକୁ ଛୁରିଭୁସି ପୁତୁରା ହତ୍ୟା କରିବା ମାମଲାର ବିଚାର କରି ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ ସୋମବାର ରାୟ ଶୁଣାଇଛନ୍ତି। ଦୌରାଜଜ ପ୍ରଦୀପ କୁମାର ସାହୁ ଅଭିଯୁକ୍ତ ପୁତୁରା ସୌମ୍ୟରଞ୍ଜନ ମହାନ୍ତି(ଜିତୁ)ଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ୧ବର୍ଷ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ା ଜଇନାବାଦ ଗ୍ରାମର ଗୌରୀପ୍ରସାଦ ମହାନ୍ତିଙ୍କୁ ୨୦୧୫ ସେପ୍ଟେମ୍ବର ୨୦ରେ ଜମି ବିବାଦକୁ ନେଇ ପୁତୁରା ସୌମ୍ୟରଞ୍ଜନ ହତ୍ୟା କରିଥିବା ନେଇ ମୃତକଙ୍କ ସ୍ତ୍ରୀ ରଞ୍ଜିତା ଥାନାରେ ଅଭିଯୋଗ କରିଥିଲେ। ମାମଲା(ନଂ.୨୧୫/୧୫) ରୁଜୁ କରି ପୁତୁରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସୌମ୍ୟରଞ୍ଜନଙ୍କ ବାପା ଅଜୟ ମହାନ୍ତି ମଧ୍ୟ ଗିରଫ ହୋଇଥିଲେ। ଅଜୟଙ୍କ ବିରୋଧରେ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଏହି ମାମଲାକୁ ଅତିରିକ୍ତ ପିପି ସୀତାକାନ୍ତ ଦାସ ପରିଚାଳନା କରୁଥିଲେ।

## ଶ୍ରୀମନ୍ଦିର ଅଫିସରୁ ବଡଦେଉଳକୁ ଗଲା ଅଳଙ୍କାର

**ପୁରୀ ଅଫିସ, ୮।୩**

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଜଣେ ଦାତା ଦାନ ଦେଇଥିବା ଅଳଙ୍କାରଗୁଡ଼ିକୁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବଡଦେଉଳକୁ ନିଆଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଥିବା ଏହି ଅଳଙ୍କାରଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ଅଳଙ୍କାରଗୁଡ଼ିକ ମଧ୍ୟରେ ୪ କେଜି ୮୫୮ ଗ୍ରାମ ସୁନା ଏବଂ ୩ କେଜି ୮୭୬ ଗ୍ରାମ ରୁପା ରହିଛି। ଏଥିରେ ଶ୍ରୀବଳଭଦ୍ରଙ୍କର ୪୦ଟି ଶ୍ରୀମୁଖ ପଦ୍ମ ଓ ୨ ଝୋବା, ଶ୍ରୀଜଗନ୍ନାଥଙ୍କର ୫୩ଟି ଶ୍ରୀମୁଖ ପଦ୍ମ ସମେତ ୨ଟି ଝୋବା ଏବଂ ଦେବୀ ସୁଭଦ୍ରାଙ୍କର ୨ ତଡ଼କୀ ସହ ୨ଟି ଝୋବା ରହିଛି। ଅଳଙ୍କାର କମିଟି ଏସବୁକୁ ଭଣ୍ଡାର ମେକାପ ସେବାୟତଙ୍କୁ ମଣତି କରି ଦେବେ। ସମସ୍ତ ଅଳଙ୍କାର ମହାପ୍ରଭୁଙ୍କର ଦୈନନ୍ଦିନ ନୀତିକାନ୍ତି ଅନୁସାରେ ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ପୁରୀ ଅଫିସ,୮।୩**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସୋମବାର ପୁରୀ ସର୍କିଟ ହାଉସରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାସବର୍ମା ବ୍ରହ୍ମଗିରି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାଶିଝରିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୁଆପଦା ସେତୁ, ତିନିକୁଦି ସେତୁ, ଚାଷପଡ଼ା ସେତୁ, ସଦର ବ୍ଲକ୍ ଲୁଣାନଦୀ ଉପରେ ଗୋବିନ୍ଦପୁର ସେତୁ ଓ ମୋଟସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷାନୁଷ୍ଠାନରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯନ୍ତ୍ରୀ ରମେଶ ଚନ୍ଦ୍ର ବେହେରା, ନିର୍ବାହୀ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସୋମବାର ସୁଶ୍ରୀ ନାରୀ ଶକ୍ତି ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ମହିଳାଙ୍କ ବିକାଶରେ ଦେଶର ଉନ୍ନତି

**ନିମାପଡ଼ା/ପିପିଲି/କଣାସ/ଗୋପ/କାକଟପୁର/କୋଣାର୍କ/ସାକ୍ଷୀଗୋପାଳ/ବ୍ରହ୍ମଗିରି, ୮।୩(ଡି.ଏନ୍.ଏ./ ସ୍ୱ.ପ୍ର.)**

ପୁରୀ ଜିଲାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନିମାପଡ଼ା ଭାଜପା ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମହିଳାଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ଉନ୍ନତି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପିଙ୍କି ପ୍ରଧାନ, ମୀନଲତା ମହାନ୍ତି, ତପସ୍ୱିନୀ ବେହେରା, ପ୍ରଣୟିନୀ ମିଶ୍ର, ସୌଦାମିନୀ ସେନାପତି ପ୍ରମୁଖ ଯୋଗଦେଇଥିଲେ। ୩୩ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘ ପକ୍ଷରୁ ମହିଳା ଦିବସ ପାଳନ ହୋଇଛି।

ପିପିଲି ଥାନା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ଅତିଥି ଭାବେ ଶାରଦାଲକ୍ଷ୍ମୀ ପୃଷ୍ଟି ଯୋଗଦେଇ ବିଭିନ୍ନ ଚାରା ଲଗାଇଥିଲେ। ଏସ୍‌ଆଇ ସଂଘମିତ୍ରା ଚାନ୍ଦ, ସୁରମା ସାଇଁ, କନଷ୍ଟେବଳ ସୁଚିତ୍ରା ସ୍ୱାଇଁ ସାମିଲ ଥିଲେ। ହୋମଗାର୍ଡ ଗୌରୀ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ବିଭିନ୍ନ ମହିଳା ସଙ୍ଗଠନ ଓ ସେଚ୍ଛାସେବୀମାନେ ମୁକୁନ୍ଦପୁରସ୍ଥିତ ତାଙ୍କ ଘରକୁ ଯାଇ ସମ୍ବର୍ଦ୍ଧିତ କରିଥିଲେ। କରୋନା ସମୟରେ ଗୌରୀଙ୍କ ଝିଅର ମୃତ୍ୟୁ ହୋଇଥିଲେ ମଧ୍ୟ ସେ ଡ୍ୟୁଟି କରିଥିଲେ। କଣାସ କୁଶେଶ୍ୱରୀ ସାଂସ୍କୃତିକ ସଂସଦର ରେଡିଓ ଅଭିନନ୍ଦନ ଏବଂ ପି.ଏସ୍ କ୍ୟାରିୟର ପକ୍ଷରୁ ମହିଳା ଦିବସ ପାଳିତ ହୋଇଛି। ବନବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅଜୟ ପେଣ୍ଡୋଇ, ପ୍ରେମାନନ୍ଦ ଜାଲି, ମହେଶ୍ୱର ପରିଡ଼ା, ରଜନୀରାଣୀ ମାର୍ଥା ଯୋଗଦେଇଥିଲେ। ଗୋପ ବ୍ଲକରେ ମହିଳା ମହାସଂଘ ସଭାପତି ମିନାକ୍ଷୀ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପରିଡ଼ା, ଗୋପ ସ୍ୱାସ୍ଥ୍ୟ ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ, ଏମ୍‌ପି ପ୍ରତିନିଧି ସୁକାନ୍ତ ମହାନ୍ତି, ସମିତିସଭ୍ୟ କରୁଣାକର ସାହୁ ଉପସ୍ଥିତ ଥିଲେ। କାକଟପୁର ସରପଞ୍ଚ ସୌଦାମିନୀ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଲକ୍ଷ୍ମୀଧର ଖୁଣ୍ଟିଆ, ମୁଖ୍ୟବକ୍ତା ଅକ୍ଷୟ ରାଉତ, ପ୍ରିୟମ୍ୱଦା ମିଶ୍ର, ଅସ୍ମିତା ଦୀକ୍ଷିତ ଓ ସନ୍ଧ୍ୟାରାଣୀ ଜେନା ଉପସ୍ଥିତ ଥିଲେ। କୋଣାର୍କ ଅର୍କଶ୍ରୀ ଅନୁଷ୍ଠାନ ଆନୁକୂଲ୍ୟରେ ମହିଳା ଆତ୍ମ ନିର୍ଭର ମହାସଂଘ ଉଦ୍‌ଘାଟିତ ହୋଇଛି। ଉମେଶ ଚନ୍ଦ୍ର ସାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଯୋଗଦେଇଥିଲେ। ବନଜାକାନ୍ତ ମାହାରୀ, ରଞ୍ଜନ ଦାଶ, ଆଶୁତୋଷ ଦାଶ, ସଂଯୁକ୍ତା ତ୍ରିପାଠୀ, ଭରତକାନ୍ତ ଦ୍ୱିବେଦୀ, ଦିଲୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସଂଯୁକ୍ତା ତ୍ରିପାଠୀ ଓ ଲିଜା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାକ୍ଷୀଗୋପାଳ ପାନ୍ଥଶାଳାରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ମହିଳା ମହାସଂଘ ସଭାପତି ଲକ୍ଷ୍ମୀପ୍ରିୟା ଦାଶ, କନକଲତା ପଣ୍ଡା, ୩୨ ନଂ ଜୋନ ସଭାପତି ଦୀପା ବେହେରା, ସମିତିସଭ୍ୟ ବିନତି ପରିଡ଼ା, କଣାସର ଉଲ୍ଲାସ ସାମନ୍ତରାୟ ଓ ପ୍ରଭାସିନୀ ମିଶ୍ର ଯୋଗଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ମଧ୍ୟ ମହିଳା ଦିବସ ପାଳନ ହୋଇଥିଲା। ବ୍ରହ୍ମଗିରି ବ୍ଲକ ରାୟବିଧାରରେ ମହିଳା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଯୋଗଦେଇ ପ୍ରତି ଓଏଲଏମକୁ ଏକ ଘର ଏବଂ ପ୍ରତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ ବୋଲି କହିଥିଲେ। ବିରଞ୍ଚି ନାରାୟଣ ଦାସ, କୈଳାସଚନ୍ଦ୍ର ପରିଡା, ସରପଞ୍ଚ ରିତାରାଣୀ ଜେନା ଉପସ୍ଥିତ ଥିଲେ।

## ଠିକା କର୍ମଚାରୀଙ୍କ ବିକ୍ଷୋଭ

**ପୁରୀ ଅଫିସ:** ସ୍ଥାୟୀ ନିଯୁକ୍ତି ଦାବିରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଠିକା କର୍ମଚାରୀ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଠିକା କର୍ମଚାରୀଙ୍କୁ ନିୟମିତ ଭାବେ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ, ସେମାନଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରି ସୁବିଧା ଯୋଗାଇବା, ବୀମାଭୁକ୍ତ କରିବା ଆଦି ଦାବି ହୋଇଛି। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ୩୯୧ ଛାତ୍ରୀଛାତ୍ର ଦେଲେ ପ୍ରବେଶିକା ପରୀକ୍ଷା

ବୋଲଗଡ,୮।୩(ଡି.ଏନ୍.ଏ.): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ସୋମବାର ବୋଲଗଡ଼ ବ୍ଲକ ଅଞ୍ଚଳର ଦୁଇଟି କେନ୍ଦ୍ରରେ ୩୯୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ମାଗୁଣି ଚରଣ ପ୍ରଧାନ କହିଛନ୍ତି, ଏହି କେନ୍ଦ୍ରରେ ୨୦୦ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ୧୯୯ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ସେହିପରି ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ରାୟଗୁରୁ କହିଛନ୍ତି, କେନ୍ଦ୍ରରେ ୧୯୩ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ୧୯୨ଜଣ ପରୀକ୍ଷା ଦେଇଥିଲେ। ଗଣଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ରାଧାମୋହନ ପଣ୍ଡା, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦିତା ଦାସ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

ଝାଁଲା,୮।୩(ଡି.ଏନ୍.ଏ.): ଭରତପୁର ଥାନା ଅଧୀନ ନୂଆଗାଁ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅଧୀନ ଝାଁଲା ଗ୍ରାମର ଗଣେଶ ଚନ୍ଦ୍ର ସୁବୁଦ୍ଧି(୫୦)। ରବିବାର ରାତିରେ ଗଣେଶ ଘରକୁ ଫେରୁଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଗଣେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଫୁଟ୍‌ବଲ: ସେମିରେ ପପୁଲାର କ୍ଲବ

ବେଗୁନିଆ,୮।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଖେଳପଡ଼ିଆରେ ଆଥଲେଟିକ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଭାତ ପ୍ରହରାଜ ମୁଖ୍ୟ ଅତିଥିଭାବେ ଯୋଗଦଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ସମସୁର ଖାନ୍, ରମେଶ ଚନ୍ଦ୍ର ସାହୁ, ପୁଲକ କୁମାର ସାହୁ, ହଜରତ ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଯାଜପୁର ଧର୍ମଶାଳା ଡିଏଫ୍‌ଏ କ୍ଲବକୁ ହରାଇ ଢେଙ୍କାନାଳର ପପୁଲାର କ୍ଲବ ବିଜୟୀ ହେବା ସହ ସେମିଫାଇନାଲକୁ ପ୍ରବେଶ କରିଛି। ସକାବତ୍ ଅଲ୍ଲୀଖାନ୍ ମ୍ୟାଚ ପରିଚାଳନା କରିଥିବାବେଳେ ବିଦେଶୀ ନାୟକ, ପବିତ୍ର ବାହିନୀପତି, ପ୍ରଫୁଲ୍ଲ କୁମାର ବେହେରା, ଦୟାନ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଗବତ ପ୍ରତିଯୋଗିତା: ଖଇରପଙ୍ଗା ମଣ୍ଡଳୀ ଚାମ୍ପିୟନ

ବୋଲଗଡ଼,୮।୩(ଡି.ଏନ୍.ଏ.):ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ମା’ କାଳିକା ଭାଗବତ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖଇରପଙ୍ଗା ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଥିବା ବେଳେ ସାନସହରା ଭାଗବତ ମଣ୍ଡଳୀ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ଯୋଗଦେଇ ଚାମ୍ପିୟନ ମଣ୍ଡଳୀକୁ ସିଲ୍ ଏବଂ ଅତିଥିଭାବେ ସରପଞ୍ଚ ଫକୀର ଚରଣ ସ୍ୱାଇଁ ଓ ସୁବଳ ଜେନା ଯୋଗଦେଇ ସାନସହରା ଭାଗବତ ମଣ୍ଡଳୀକୁ ରନର୍ସ କପ ପ୍ରଦାନ କରିଥିଲେ। ଏହି ଭାଗବତ ପ୍ରତିଯୋଗିତା ଦେଖିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମାଗମ ହୋଇଥିଲା।

### ଅନ୍ତର୍ଜାତୀୟ ମହିଳା ଦିବସ

ଖୋର୍ଦ୍ଧା ଅଫିସ,୮।୩: ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବାସନ୍ତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାଙ୍କ ଉନ୍ନତିରେ ସମାଜର ଉନ୍ନତି ହେବ ବୋଲି କହିଥିଲେ। ପ୍ରଫୁଲ୍ଲ ଦଳେଇ, ବିଜୟ ଜେନା, ଗୀତାଞ୍ଜଳି ପାଟ୍ଟଶାଣୀ, ଲିଲି ନାୟକ, ଦିଲ୍ଲୀପ ହୋତା, ତିଳୋତ୍ତମା ବେହେରା, ବିଭୂ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କମେଣ୍ଟମରାରୁ ସିରିଜ୍ ବୋମାମାଡ଼

- ୩ ଗୁରୁତର, ଜଣେ ଅଟକ
- ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମରେ ପୋଲିସ ମୁତୟନ

ଜଟଣୀ,୮।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ କମେଣ୍ଟମରାକୁ ନେଇ ସୋମବାର ଅପରାହ୍ନରେ ଆକ୍ରମଣ ଏବଂ ସିରିଜ୍ ବୋମାମାଡ଼ ହୋଇଛି। ଗୋଟିଏ କି ଦୁଇଟି ନୁହେଁ ୧୦ରୁ ୧୨ଟି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଏଥିରେ ଆହତ ୩ ଜଣଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ବେଳେ ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି।

ସୂଚନା ମୁତାବକ, ବେଣାପଞ୍ଜରୀ ଗ୍ରାମରେ ଥିବା ବଡ଼ ମସ୍‌ଜିଦରେ ସୋମବାର ବିବାହ ହେଉଥିଲା। ଉକ୍ତ ଗ୍ରାମର କେତେଜଣ ଯୁବତୀ ବିବାହ ଉତ୍ସବରେ ଯୋଗଦେବା



ଗ୍ରାମରେ ମୁତୟନ ହୋଇଥିବା ପୋଲିସ।

ପାଇଁ ଆସୁଥିବା ବେଳେ ଏହି ଗ୍ରାମର କେତେଜଣ ଯୁବକ ସେମାନଙ୍କୁ କମେଣ୍ଟ କରିଥିଲେ। ଗ୍ରାମର ମହମ୍ମଦ ସାଜିଦ୍ ସମ୍ପୃକ୍ତ ଯୁବକମାନଙ୍କୁ କମେଣ୍ଟ ନ କରିବା ପାଇଁ ତାଗିଦ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ହଠାତ୍ ଜଣେ ଯୁବକ ସାଜିଦ୍‌ଙ୍କୁ ଠେଙ୍ଗାରେ ପିଟିଥିଲେ। ଖବରପାଇ ସାଜିଦ୍‌ଙ୍କ ପୁଅ ମହମ୍ମଦ ସଲମାନ ଖାଁ ବାପାଙ୍କୁ ରକ୍ଷା କରିବାକୁ ଯାଇଥିଲେ। ଏହି ସମୟରେ ଅନ୍ୟ ଜଣେ ଯୁବକ ସଲମାନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ପରେ ସଲମାନଙ୍କ ମା’ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ଏବଂ ପୁଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଆଣୁଥିବା ବେଳେ ହଠାତ୍ ସମ୍ପୃକ୍ତ ଯୁବକମାନେ ସେମାନଙ୍କ ଉପରକୁ ୧୦ରୁ ୧୨ଟି ବୋମା ଫିଙ୍ଗିଥିଲେ। ତେବେ ୩ଟି ବୋମା ସେମାନଙ୍କ ଉପରେ ପଡ଼ିବାରୁ ସାଜିଦ ଓ ତାଙ୍କ ସ୍ତ୍ରୀ ଏବଂ ପୁଅ ଗୁରୁତର ହୋଇଥିଲେ। କେତେଜଣ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି। ଅନ୍ୟପଟେ ଏନେଇ ଆହତ ସାଜିଦ୍‌ଙ୍କ ସାନଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଯୋଗାଣ ବିଭାଗ, ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ

ଖୋର୍ଦ୍ଧା ଅଫିସ,୮।୩

ଖୋର୍ଦ୍ଧା ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗିରହିଛି। ଚାଷୀମାନେ ଟୋକନ ପାଇଛନ୍ତି, ହେଲେ ପାଳିରେ ଧାନ ଉଠୁନି। ଟାର୍ଗେଟ ନାହିଁ କହି ଫେରାଇ ଦିଆଯାଉଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ନିରାଶ ହେବା ପରେ ଚାଷୀମାନେ ଜିଲାପାଳ ଏବଂ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବା ସହ ବିକ୍ଷୋଭ କରିଥିଲେ। ସୋମବାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ସେବା ସମବାୟ ସମିତିର ଚାଷୀ କମିଟି ଏବଂ ଚାଷୀମାନେ ଧାନ ବିକ୍ରି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ କରିଥିଲେ। ଧାନ କିଣା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଚଳିତ ବର୍ଷ ସମିତିକୁ ଆସିଥିବା ୪୬୮୦ କୁଇଣ୍ଟାଲ ଧାନ କ୍ରୟ ଲାଗି ଆସିଥିବା ଟାର୍ଗେଟ ଶେଷ ହୋଇଛି। ତେବେ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ତୁରନ୍ତ ବଳକା ଚାଷୀଙ୍କ ଧାନ କିଣାଯିବା ନେଇ



ଜିଲାପାଳଙ୍କ ଅଫିସରେ ଧାରଣା ଦେଇଥିବା ଚାଷୀମାନେ।

ବ୍ୟବସ୍ଥା ଲାଗି ଦାବି କରିଛନ୍ତି। ସମିତିର ସାଗର ସାହୁ, ଲୋକନାଥ ଶବର, ମଙ୍ଗୁଳି ମହାଙ୍କୁଡ, ପ୍ରଦୀପ ଜାନି, ଜୟ ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସେହିପରି ଜଟଣୀ ବ୍ଲକ ଅଙ୍ଗରାପଡ଼ା, ଖୋର୍ଦ୍ଧା ବ୍ଲକ କଁପୁର, ବେଗୁନିଆ ବ୍ଲକର ଗଡ଼ମାଣିତ୍ରୀ, ଟାଙ୍ଗୀ ବ୍ଲକର ବଡ଼କୁଳ ମଣ୍ଡିର ଚାଷୀମାନେ ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦୀର୍ଘ ସମୟ ଧରି ଯୋଗାଣ ନିରୀକ୍ଷକ ଅଧିକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଚାଷୀମାନେ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସହ ମଣ୍ଡିରେ ଧାନ ପଡ଼ି ରହିଥିବା କହିଥିଲେ। ଏନେଇ ଯୋଗାଣ ବିଭାଗ ଅଧିକାରୀ ଅନାଥ ଚରଣ ସ୍ୱାଇଁ କହିଛନ୍ତି, ଚାଷୀଙ୍କ ସହ ଆଲୋଚନା କରାଯାଇଛି। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

# ବେଆଇନ ଖଣିରେ ଚଢ଼ାଉ, ପାୱାରଟିଲର ଜବତ

ବେଗୁନିଆ,୮।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଜାଲଭାର ଗ୍ରାମରେ ଥିବା ଏକ ବେଆଇନ ଖଣିରେ ସୋମବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଗୋଟିଏ ପାୱାରଟିଲର ଜବତ କରାଯାଇଛି। ତେବେ ପାୱାରଟିଲର ମାଲିକଙ୍କ ଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ଖଣିରେ ପଥର ଚାଲାଣ ହେଉଥିବା ନେଇ ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ସୂଚନା ପାଇଥିଲେ। ପରେ ତାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ମାଫିଆମାନେ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ତେବେ ଏକ ପାୱାରଟିଲର ଚାଳକ ଯାଉଥିବା ବେଳେ ଗାଡ଼ି ଖରାପ ହୋଇଯାଇଥିଲା। ତହସିଲ କର୍ମଚାରୀମାନେ ପାୱାରଟିଲରକୁ ଜବତ କରିଥିଲେ। ପରେ ଜରିମାନା ଆଦାୟ କରାଯାଇ ପାୱାରଟିଲରକୁ ମାଲିକଙ୍କ ହସ୍ତାନ୍ତର କରାଯାଇଛି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

# ମହିଳାଙ୍କ ଉନ୍ନତିରେ ଦେଶର ପ୍ରଗତି

ଖୋର୍ଦ୍ଧା ଅଫିସ,୮।୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାସ୍ତରୀୟ ମହିଳା ଦିବସ ସମାରୋହ ପିଏନ୍ କଲେଜ ମୈତ୍ରୀଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତି ସମାରୋହରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ସମୟରେ ମହିଳାଙ୍କ କାର୍ଯ୍ୟ ପ୍ରଶଂସନୀୟ। ମହିଳାଙ୍କ ଉନ୍ନତିରେ ଦେଶର ପ୍ରଗତି। ଗ୍ରାମାଞ୍ଚଳସ୍ତରରେ ମହିଳାଙ୍କୁ ସ୍ୱାବଲମ୍ବୀ




କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଅନ୍ୟ ଅତିଥି।

ପାଇଁ ସରକାର ମିଶନ ଶକ୍ତି ଯୋଜନାରେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ଏବଂ ସ୍ୱରୋଜଗାରକ୍ଷମ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ମମତା ଦେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇ, ଅଧ୍ୟକ୍ଷା ରଞ୍ଜିତା ସେଠୀ, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଦିଲୀପ ଭୂୟାଁ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଣପୁର ସିଡିପିଓ ବିଧୁପ୍ରଭା ରଥ, ଜଟଣୀ ଆଇସିଡିଏସ୍ ସୁପରଭାଇଜର ଲକ୍ଷ୍ମୀପ୍ରିୟା ସାହୁ, ବେଗୁନିଆ ବ୍ଲକ ଅଙ୍ଗନୱାଡି କର୍ମୀ ଉଷାରାଣୀ ପାଇକରାୟଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ତନିମା ମିଶ୍ର ସ୍ୱାଗତ ଭାଷଣ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଜୟନ୍ତୀ ରାୟ, ବିଧୁପ୍ରଭା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଜଳକ୍ଲିଷ୍ଟ ଗାଁକୁ ଟ୍ୟାଙ୍କରରେ ପାଣି ଯୋଗାଯିବ’

## ଅଂଶୁଘାତ ପ୍ରତିକାର, ଜଳକଷ୍ଟ ନିରାକରଣ ବୈଠକ

ଖୋର୍ଦ୍ଧା ଅଫିସ,୮।୩

ମାର୍ଚ୍ଚ ପହିଲାରୁ ଗ୍ରୀଷ୍ମ ପ୍ରଭାବ ବଢ଼ିବାରେ ଲାଗିଛି। ସମ୍ଭାବ୍ୟ ଅଂଶୁଘାତର ପ୍ରତିକାର ଏବଂ ଜଳକଷ୍ଟ ନିରାକରଣ ନିମନ୍ତେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜଳକଷ୍ଟ ଜନିତ ସମସ୍ୟା ଏବଂ ଅଂଶୁଘାତ ମୁକାବିଲା ଉପରେ ଜିଲାପାଳ ମହାନ୍ତି ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ କହିଥିଲେ, ଚଳିତ ବର୍ଷ ଏପ୍ରିଲ, ମେ’ ଓ ଜୁନରେ ତାପମାତ୍ରା ଅଧିକ ରହିବ। ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା ରହିବ। ଯଥେଷ୍ଟ ପରିମାଣର ଔଷଧ, ସାଲାଇନ, ଓଆରଏସ ପ୍ୟାକେଟ, ବରଫ ଆଦି ମହଜୁଦ ରହିବ। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଜିଲାରେ ଜଳକ୍ଲିଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ। ଜିଲାରେ ୧୫୬୮୯ ଟ୍ୟୁବୱେଲ ରହିଛି। ୪୪୭ ଗ୍ରାମକୁ ପାଇପ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି ବୋଲି ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀଯନ୍ତ୍ରୀ କହିଥିଲେ। ଅଚଳ ନଳକୂପଗୁଡ଼ିକ ତୁରନ୍ତ ମରାମତି ଲାଗି ଜିଲାପାଳ କହିଥିଲେ। ପ୍ରତି ବ୍ଲକରେ ୨ଟି ମୋବାଇଲ ଭ୍ୟାନ ରହିବ। ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ସେସୁ ନିର୍ବାହୀ ଯନ୍ତ୍ରୀ କହିଥିଲେ। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜଳଛତ୍ର ବ୍ୟବସ୍ଥା କରାଯିବ। ଗୋରୁଙ୍କ ପିଇବା ପାଣି, ଖାଦ୍ୟ ଏବଂ ଚିକିତ୍ସା ବ୍ୟବସ୍ଥା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ କରିବେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲରୁ ଜୁନ ମାସ



ବୈଠକରେ ଜିଲାପାଳ ସନତ କୁମାର ମହାନ୍ତି ଓ ଅନ୍ୟ ଅଧିକାରୀ।

ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟା ପରଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କ କାମ ବନ୍ଦ ରହିବ। ଏଥିପ୍ରତି ଜିଲା ଶ୍ରମ ଧିକାରୀ ବିଭିନ୍ନ ସଂସ୍ଥାକୁ ଅବଗତ କରିବେ। ଖରାର ପ୍ରଖରତାକୁ ଦେଖି ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟ ପାଠପଢ଼ାରେ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିପାରିବେ। ସମସ୍ତ ବସ୍‌ରେ ପାନୀୟଜଳ ବ୍ୟବସ୍ଥା ରହିବ। ବସ୍ ଚଳାଚଳ ସମୟ ନିର୍ଦ୍ଧାରଣ ଲାଗି ପରିବହନ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅଂଶୁଘାତରେ ପୀଡିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ରୁତିତ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେବା ଲାଗି ଜିଲାପାଳ ସିଡିଏମ୍‌ଓଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଖୋର୍ଦ୍ଧାର ଅଶୋକ ବେହୁରିଆ, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ପୌର ଓ ଏନ୍‌ଏସି ନିର୍ବାହୀ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱ



@ ପ୍ରଶାନ୍ତ



@ ପ୍ରତ୍ୟୁଷ



@ ଦୀପକ



@ ଦିବ୍ୟଲୋଚନ



@ ରାଜେନ୍ଦ୍ର



@ ରଞ୍ଜିତ୍

# ସମାଜ ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବୋଲଗଡ଼/ନିରାକାରପୁର/କୃଷ୍ଣପ୍ରସାଦ/ଜଟଣୀ,୮।୩(ଡି.ଏନ୍.ଏ.)

ପରମାନନ୍ଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ମହିଳା ବର୍ଗ) ଆନୁକୂଲ୍ୟରେ ସୋମବାର କଲେଜ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଅପର୍ଣ୍ଣା ନାୟକ ଓ ବାସନ୍ତୀ ଆଚାର୍ଯ୍ୟ, ପ୍ରାଧ୍ୟାପିକା ସୁଧାଂଶୁବାଳା ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜର ବିକାଶ କ୍ଷେତ୍ରରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପିକା ରୁପେଲି ସାହୁ ଅତିଥି ପରିଚୟ, ସୁନୀଲ ରଥ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେମନ୍ତ ମହାପାତ୍ର, ଜୟନ୍ତ ବିଶ୍ୱାଳ, ଡ.ଗୀତାଞ୍ଜଳି ତ୍ରିପାଠି, ଡ.ଅନସୂୟା ପୃଷ୍ଟି, ରଙ୍ଗନାଥ ମହାରଣା, ପ୍ରଦୀପ ମିଶ୍ର, ଅଜୟ ସାହୁ, ଗାନ୍ଧୀ ସାହୁ, ଡ. ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୁକ୍ତା ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଶରତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ.ପ୍ରତିଭାମୟୀ ମିତ୍ର ଯୋଗଦେଇ ମହିଳାଙ୍କୁ ଶକ୍ତିମୟୀ ଓ ପ୍ରେରଣାଦାୟୀ ବୋଲି କହିଥିଲେ। ନମିତା ମହାନ୍ତି, ଡ.ଜୟନ୍ତ ବାନାର୍ଜୀ, ଡ. ପ୍ରଭାତ ଦାସ, ମାନସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାରିକୁଦଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହିଳା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀ ଯୋଗଦେଇଥିଲେ। ଅଶୋକ ପଣ୍ଡା, ସୁଶାନ୍ତ ପଣ୍ଡା, ମିନାରାଣୀ ପଣ୍ଡା, ପ୍ରଜ୍ଞା ସୁଆର, କବିତା ପାତ୍ର, ଶୁଭଶ୍ରୀ ତ୍ରିପାଠୀ, ବିଶ୍ୱରେଖା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧାରୋଡ ରେଳମଣ୍ଡଳ(ଜଟଣୀ) ପକ୍ଷରୁ ମହିଳା ଦିବସ ପାଳିତ ହୋଇଛି। ରେଳମଣ୍ଡଳ ପ୍ରବନ୍ଧକ ଶଶିକାନ୍ତ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୧୯ଜଣ ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। କଲ୍ୟାଣ ପଟ୍ଟନାୟକ, ଅଶୋକ କୁମାର, ଡା.ବି.ଜି.ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।